# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୪/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 4/2023 Page 20 ₹ 7.00

୪୯ଶ ଭାଗ ୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 72 ମୂଲ୍ୟ₹୭/-




**କ୍ରିକେଟରୁ ଯୋଗୀନ୍ଦର ଶର୍ମାଙ୍କ ଅବସର**

ପୂର୍ବତନ ମିଡିୟମ ପେସ୍ ବୋଲର ଯୋଗୀନ୍ଦର ଶର୍ମା କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି।

୨୦

୦୨

**'ମୁଁ ଜଣେ ଉପଯୁକ୍ତ ସ୍ୱାମୀ ନୁହେଁ'**

ନିକଟରେ ବଲିଉଡ୍ ଅଭିନେତା ଭିକି କୌଶଲ ଏକ ସାକ୍ଷାତକାରରେ କ୍ୟାଟ୍ରିନାଙ୍କ ପାଇଁ ସେ ଉପଯୁକ୍ତ ସ୍ୱାମୀ ନୁହଁନ୍ତି ବୋଲି କହିଛନ୍ତି।



# ଓଡ଼ିଶାକୁ ୧୦,୦୧୨ କୋଟିର ଅନୁଦାନ

**ରେଳ ବଜେଟ : ୨୦୨୩-୨୪**

- **ଲିଙ୍ଗରାଜ ରୋଡ୍ ଷ୍ଟେଶନରୁ ପୁରୀ ପର୍ଯ୍ୟନ୍ତ ଚାଲିବ ବନ୍ଦେ ମେଟ୍ରୋ ଟ୍ରେନ୍**
- **ନୂତନ ଜନ ଜାତୀୟ ଗୌରବ କରିଡରରେ ଖର୍ଚ୍ଚ ହେବ ୨୮୪ କୋଟି**
- **ନୂତନ ଶକ୍ତି କରିଡର ପାଇଁ ୨୮୪ କୋଟି ଟଙ୍କା ବ୍ୟୟବରାଦ**
- **ନିର୍ମାଣ ହେବ ୨୮୦ କି.ମି. ରେଳ ଲାଇନ୍**

ଭୁବନେଶ୍ୱର,୩।୨(ବ୍ୟୁରୋ)

କେନ୍ଦ୍ର ବଜେଟ ୨୦୨୩-୨୪ରେ ଓଡ଼ିଶାକୁ ୧୦,୦୧୨ କୋଟି ଟଙ୍କାର ରେଳ ଅନୁଦାନ ଆବଣ୍ଟିତ ହୋଇଛି। ଏନେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ଘୋଷଣା କରିଛନ୍ତି। ରାଜ୍ୟକୁ ମିଳିଥିବା ରେଳ ଅନୁଦାନ ମଧ୍ୟରେ ଏହା ସବୁଠୁ ଅଧିକ। ଏପରି କି କେନ୍ଦ୍ର ସରକାର ପୁଣି ଥରେ ରାଜ୍ୟ ମାଗିଥିବା ପରିମାଣଠାରୁ ଅଧିକ ଅନୁଦାନ ଦେଇଛନ୍ତି। ଏହି ଅନୁଦାନ ମଧ୍ୟରେ ୩୭ଟି ନୂଆ ରେଳ ଲାଇନ୍ ପ୍ରକଳ୍ପ ପାଇଁ ୨,୫୬୪ କୋଟି ଏବଂ ୪,୬୪୩ କି.ମି. ରେଳ ଲାଇନର ଦୋହରୀକରଣ ଲାଗି ୩,୮୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୮୯ କିଲୋମିଟର ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସର୍ବାଧିକ ୧,୫୯୯ କୋଟି ମଞ୍ଜୁର କରାଯାଇଥିବାବେଳେ ତାଳଚେର-ବିମଳାଗଡ଼ ରେଳ ଲାଇନ ପାଇଁ ୩୦୦ କୋଟି ଏବଂ ଅନୁଗୋଳ- ସୁକିନ୍ଦା ରୋଡ୍ ପାଇଁ ୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାସହିତ କେତେକ ଘୋଷଣା ମଧ୍ୟ କରାଯାଇଛି। ତଦନୁଯାୟୀ ଭୁବନେଶ୍ୱରର ଲିଙ୍ଗରାଜ ରୋଡ୍ ଷ୍ଟେଶନରୁ ପୁରୀ ପର୍ଯ୍ୟନ୍ତ ବନ୍ଦେ ମେଟ୍ରୋ ଟ୍ରେନର ଚଳାଚଳ କରାଯିବ। ରାଜ୍ୟର ୫୭ଟି ଷ୍ଟେଶନକୁ ନବୀକରଣ କରାଯିବ। ନୂତନ ଭାବେ ଜନ ଜାତୀୟ ଗୌରବ କରିଡର ଏବଂ ଶକ୍ତି କରିଡର ବ୍ୟବସ୍ଥା ହୋଇଛି। ଏଥିନିମନ୍ତେ ୨୮୪ କୋଟି ଟଙ୍କା ଲେଖାଏ ବ୍ୟୟବରାଦ କରାଯାଇଛି। ନୂତନ ପୋର୍ଟ ସଂଯୋଗୀକରଣ ପାଇଁ ୫୭ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ରାଜ୍ୟରେ ୨୮୦ କିଲୋମିଟର ନୂଆ ରେଳ ଲାଇନ୍ ନିର୍ମାଣ କରାଯିବାକୁ ଘୋଷଣା ହୋଇଛି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ୧ ତାରିଖରେ ଲୋକ ସଭାରେ ୨୦୨୩-୨୪ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ। ସେଥିରେ ଭାରତୀୟ ରେଳର ☞ପୃଷ୍ଠା-୪




### ବିମାନବନ୍ଦରରୁ ଲିଙ୍ଗରାଜ ରୋଡ୍ ଷ୍ଟେଶନକୁ ଗଡ଼ିବ ବ୍ୟାଟେରିଚାଳିତ ବସ୍

ଭୁବନେଶ୍ୱର ବିମାନବନ୍ଦରରୁ ପର୍ଯ୍ୟଟକ ଏବଂ ଭକ୍ତମାନଙ୍କୁ ପୁରୀ ଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ଲିଙ୍ଗରାଜ ରୋଡ୍ ଷ୍ଟେଶନର ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। ଯାତ୍ରୀମାନେ ବିମାନରୁ ଓହ୍ଲାଇବା ପରେ ବ୍ୟାଟେରିଚାଳିତ ବସ୍‌ରେ ଲିଙ୍ଗରାଜ ରୋଡ୍ ଷ୍ଟେଶନରେ ପହଞ୍ଚିବେ। ସେଠାରୁ ବିଶ୍ୱସ୍ତରୀୟ ଟ୍ରେନରେ ପୁରୀ ଯାଇପାରିବେ।

### ବିକଶିତ ହେବ ୫୭ ଷ୍ଟେଶନ

ଅମୃତ ଭାରତ ଷ୍ଟେଶନ ଯୋଜନାରେ ଓଡ଼ିଶାର ୫୭ଟି ରେଳଷ୍ଟେଶନକୁ ବିକଶିତ କରାଯିବ। ସେଗୁଡ଼ିକ ହେଲା ଅନୁଗୋଳ, ବାଦାମପାହାଡ଼, ବଲାଙ୍ଗୀର, ବାଲେଶର, ବାଲୁଗାଁ, ବରଗଡ଼ ରୋଡ୍, ବାରିପଦା, ବରପାଲି, ବେଲପାହାଡ଼, ବେତନଟୀ, ଭଦ୍ରକ, ଭବାନୀପାଟନା, ଭୁବନେଶ୍ୱର, ବିମଳାଗଡ଼, ବ୍ରହ୍ମପୁର, ବ୍ରଜରାଜନଗର, ଛତ୍ରପୁର, କଟକ, ଦାମନଯୋଡ଼ି, ଢେଙ୍କାନାଳ, ଗୁଣୁପୁର, ହରିଶଙ୍କରରୋଡ୍, ହୀରାକୁଦ, ଯାଜପୁର କେନ୍ଦୁଝର ରୋଡ୍, ଜଳେଶ୍ୱର, ଜରୋଲି, ଜୟପୁର, ଝାରସୁଗୁଡ଼ା, ଝାରସୁଗୁଡ଼ା ରୋଡ୍, କଣ୍ଟାବାଞ୍ଜି, କେନ୍ଦୁଝରଗଡ଼, କେଶିଙ୍ଗା, ଖରିଆର ରୋଡ୍, ଖୋର୍ଦ୍ଧା ରୋଡ୍, କୋରାପୁଟ, ଲିଙ୍ଗରାଜ ଟେମ୍ପୁଲ ରୋଡ୍, ମଞ୍ଚେଶ୍ୱର, ମେରମଣ୍ଡଳୀ, ମୁନିଗୁଡା, ନୂଆ ଭୁବନେଶ୍ୱର, ପାନପୋଷ, ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଢ଼ାଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟଗଡ଼ା, ରାଉରକେଲା, ସାକ୍ଷୀଗୋପାଳ, ସମ୍ବଲପୁର, ସମ୍ବଲପୁର ସିଟି, ତାଳଚେର, ତାଳଚେର ରୋଡ୍ ଓ ଟିଟିଲାଗଡ଼।

### 'ୱାନ୍ ଷ୍ଟେଶନ ୱାନ୍ ପ୍ରଡକ୍ଟ'

ସ୍ଥାନୀୟ ଏବଂ ସ୍ୱଦେଶୀ ଉତ୍ପାଦକୁ ବଜାର ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର 'ୱାନ୍ ଷ୍ଟେଶନ ୱାନ୍ ପ୍ରଡକ୍ଟ' (ଓଏସ୍‌ଓପି) ଯୋଜନା କରିଛନ୍ତି। ଏଥିନିମନ୍ତେ ୫୩୫ଟି ରେଳ ଷ୍ଟେଶନ ଚିହ୍ନଟ ହୋଇଥିବାବେଳେ ସେଥିରେ ୫୭୨ଟି ଓଏସ୍‌ଓପି ଆଉଟ୍‌ଲେଟ୍ ଖୋଲାଯିବ। ଓଡ଼ିଶାର ୨୮ ଷ୍ଟେଶନ ମଧ୍ୟ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଓଏସ୍‌ଓପି ଆଉଟ୍‌ଲେଟ୍ ହେବାକୁ ଥିବା କେତେକ ଷ୍ଟେଶନ ଓ ସେଥିରେ ବିକ୍ରି ହେବାକୁ ଥିବା ସ୍ଥାନୀୟ ସାମଗ୍ରୀ ସମ୍ପର୍କରେ ତଥ୍ୟ ହସ୍ତଗତ ହୋଇଛି।

- **ପୁରୀ:** ପଟ୍ଟଚିତ୍ର ଏବଂ ପିପିଲି ଆପ୍ଲିକ, ମିଠା
- **କଟକ:** ରୂପା କାରୁକାର୍ଯ୍ୟ, ବୟନଶିଳ୍ପ, ହସ୍ତଶିଳ୍ପ
- **ରାଉରକେଲା:** ଜନଜାତିୟ ଉତ୍ପାଦ ଏବଂ ଭର୍ମୀ କମ୍ପୋଷ୍ଟ
- **କୋରାପୁଟ:** କୋଟପାଡ଼ ଶାଢ଼ି, ଖେଳଣା
- **ଢେଙ୍କାନାଳ:** ଡୋକ୍ରା କାଷ୍ଟିଙ୍ଗ, ଜନଜାତୀୟ ଗହଣା
- **ସମ୍ବଲପୁର:** ସମ୍ବଲପୁରୀ ଶାଢି ଓ ପୋଷାକ, ଟେରାକୋଟା
- **ଟିଟିଲାଗଡ:** ବାଉଁଶ କାରୁକାର୍ଯ୍ୟ ଓ କାରିଗରି






**ଆଜିର ସମ୍ପାଦକୀୟ**

**ନୀରବତାରୁ ଅସନ୍ତୋଷ**

**ଆଜିର ମନ୍ତବ୍ୟ**

"ବିରୋଧୀ ଦଳ ଆଣୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେଲେ ଲଜ୍ଜିତ ହେବାକୁ ପଡ଼ିବ। କେନ୍ଦ୍ର ସରକାର ଏପରି ଅନୁଭବ କରି ବିତର୍କକୁ ଏଡ଼ାଇ ଯାଉଛନ୍ତି।

**-ଶଶୀ ଥରୁର, କଂଗ୍ରେସ ନେତା**

# ପୋଲିସ ଉପରେ ଭରସା ନାହିଁ: ଜୟନାରାୟଣ

- **ପିଏସ୍‌ଓ ଫେରାଇ ଦେଲେ**
- **ମନ୍ତବ୍ୟକୁ ପୋଲିସ କର୍ମଚାରୀଙ୍କ ବିରୋଧ**

ଭୁବନେଶ୍ୱର,୩।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କର ପୋଲିସ ଗୁଳିରେ ମୃତ୍ୟୁ ହେବା ପରେ ବିଧାୟକ ଓ ମନ୍ତ୍ରୀମାନେ ସତର୍କ ହୋଇ ପଡ଼ିଛନ୍ତି। ପୋଲିସ ଉପରେ ସେମାନଙ୍କର ଭରସା ପାଉନାହିଁ। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଶୁକ୍ରବାର ନିଜର ପିଏସ୍‌ଓ ବା ବ୍ୟକ୍ତିଗତ ସୁରକ୍ଷାକର୍ମୀ ଫେରାଇ ଦେଇଛନ୍ତି। ଏନେଇ ପ୍ରତିକ୍ରିୟାରେ ସେ କହିଛନ୍ତି, ଓଡ଼ିଶା ପୋଲିସ ଉପରେ ତାଙ୍କର ଭରସା ନାହିଁ। ତେଣୁ ସେ ସରକାର ଦେଇଥିବା ପିଏସଓ ଫେରାଇ ଦେଉଛନ୍ତି। ସେ କୌଣସି ସୁରକ୍ଷା ଓଡ଼ିଶା ପୋଲିସଠାରୁ ନେବେନାହିଁ। ସେ ଆହୁରି କହିଛନ୍ତି, ସରକାରଙ୍କ ପାଖରେ ଥିବା ପୋଲିସ ଅଧିକାରୀ ଏବେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ। ତେଣୁ ଓଡ଼ିଶା ପୋଲିସ ଉପରେ ତାଙ୍କର ଆଉ ଆସ୍ଥା ଓ ଭରସା ନାହିଁ।



ଜୟନାରାୟଣ ମିଶ୍ର

ରାଜ୍ୟ ପୋଲିସକୁ ଜୟନାରାୟଣଙ୍କ ନିନ୍ଦାକୁ ଓଡ଼ିଶା ପୋଲିସ ଅଫିସର ଆସୋସିଏଶନ ଏବଂ ଓଡ଼ିଶା ହାବିଲଦାର, କନ୍‌ଷ୍ଟେବଲ, ସିପାହି ମହାସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଓଡ଼ିଶା ହାବିଲଦାର, କନ୍‌ଷ୍ଟେବଲ, ସିପାହି ମହାସଂଘ ସାଧାରଣ ସମ୍ପାଦକ ପଞ୍ଚାନନ ବେହେରା କହିଛନ୍ତି, ଜଣେ ଉଚ୍ଚପଦସ୍ଥ ନେତାଙ୍କ ଏଭଳି ବୟାନ ଅତ୍ୟନ୍ତ ନିନ୍ଦନୀୟ। ଏହି ମନ୍ତବ୍ୟ ଦ୍ୱାରା ୯୦ ହଜାର ପୋଲିସ କର୍ମଚାରୀଙ୍କ ମନୋବଳ ଦୁର୍ବଳ ହେବ। ଓଡ଼ିଶା ପୋଲିସ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ୨୪ ଘଣ୍ଟା କାର୍ଯ୍ୟ କରୁଛି। ବିରୋଧୀ ଦଳ ନେତା ଏଭଳି ବୟାନ ଦେବା ଅନୁଚିତ। ଜୟନାରାୟଣ ତାଙ୍କ ବୟାନକୁ ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଜୟନାରାୟଣଙ୍କ ମନ୍ତବ୍ୟକୁ ବରିଷ୍ଠ ପୋଲିସ ଅଧିକାରୀ ନାପସନ୍ଦ କରିଛନ୍ତି। ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କ ଯୋଗୁ ଅନେକ ରାଜନେତାଙ୍କ ଜୀବନ ରକ୍ଷା ହୋଇପାରିଛି। ଜଣେ ପୋଲିସ ଅଧିକାରୀଙ୍କ ଭୁଲ ଯୋଗୁ ରାଜ୍ୟର ସମସ୍ତ ପୋଲିସଙ୍କୁ ଦୋଷୀ କହିବା ଓ ଅପରାଧପ୍ରବଣ କହିବା କେତେଦୂର ଠିକ୍। ଜୟନାରାୟଣ ବିରୋଧୀ ଦଳ ନେତା ଅଛନ୍ତି, ତାଙ୍କ ମୁହଁରୁ ଏଭଳି କଥା ସଭ୍ୟ ସମାଜଙ୍କୁ ଭୁଲ୍ ବାର୍ତ୍ତା ଦେଉଛି। ତାଙ୍କ ମନ୍ତବ୍ୟ ପୋଲିସର ମନୋବଳକୁ ଦୁର୍ବଳ କରିବା ଆଶଙ୍କା ରହିଛି। ବାରମ୍ବାର ପୋଲିସକୁ ସମାଲୋଚନା କରିବାରୁ ଜୟନାରାୟଣ କ୍ଷାନ୍ତ ରହିବାକୁ ବରିଷ୍ଠ ପୋଲିସ ଅଧିକାରୀମାନେ କହିଛନ୍ତି।

# କୋଟିଏ ଟଙ୍କାର ଅଳଙ୍କାର, ନଗଦ ୫ ଲକ୍ଷ ଲୁଟ୍




- **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ସଶସ୍ତ୍ର ଡକାୟତି**
- **୧୫ ମିନିଟ୍ ଧରି ଆତଙ୍କ ସୃଷ୍ଟି କଲେ ୫ ଦୁର୍ବୃତ୍ତ**
- **ଫାଙ୍କା ଗୁଳି ଚଳାଇ ଉଠାଇନେଲେ ଗହଣା ଭର୍ତ୍ତି ୪ ଟ୍ରଙ୍କ୍**

ଢେଙ୍କାନାଳ ଅଫିସ/ପରଜଙ୍ଗ (ଡି.ଏନ୍.ଏ.), ୩।୨

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମହାବିରୋଡ୍ ଥାନା ଅନ୍ତର୍ଗତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଶୁକ୍ରବାର ଅପରାହ୍ନରେ ସଶସ୍ତ୍ର ଡକାୟତି ହୋଇଛି। ସ୍ପଷ୍ଟ ଦିବାଲୋକରେ ୫ ଦୁର୍ବୃତ୍ତ ଶାଖା ପରିଚାଳକଙ୍କୁ ମୁଣ୍ଡ ଜାମିନ ରଖି ମାତ୍ର ୧୫ ମିନିଟ୍ ମଧ୍ୟରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା ଏବଂ ନଗଦ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଚମ୍ପଟ ☞ପୃଷ୍ଠା-୧୭

# ଉପଜିଲାପାଳଙ୍କୁ ଆକ୍ରମଣ

- **ବାଲି ଚୋରା ଚାଲାଣ ରୋକିବାକୁ ଯାଇଥିଲେ**
- **ଟେକା ପଥର ମାଡ଼ରେ ଗାଡ଼ି ଭାଙ୍ଗିଲା, ଡ୍ରାଇଭର ଗୁରୁତର**

ବାଲେଶ୍ୱର ଅଫିସ,୩।୨

ବେଆଇନ ବାଲି ଉତ୍ତୋଳନ ଏବଂ ଚୋରା ଚାଲାଣ ରୋକିବାକୁ ଯାଇ ବାଲେଶ୍ୱର ଉପ ଜିଲାପାଳ କୁନାଲ ମୋତିରାମ ଚଭନ ଶୁକ୍ରବାର ଆକ୍ରମଣର ଶିକାର ହୋଇଛନ୍ତି। ବାଲି ଚୋରାଚାଲାଣକାରୀଙ୍କ ଟେକା ପଥର ମାଡ଼ରେ ତାଙ୍କ ଗାଡ଼ି ଭାଙ୍ଗିରୁଜି ଯାଇଥିବା ବେଳେ ଡ୍ରାଇଭର ଗଗନ ବିହାରୀ ସାହୁ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରେମୁଣା ବ୍ଲକ ମନ୍ଦାରପୁର ଓ ଦହପଡ଼ା ଅଞ୍ଚଳରେ ଏହି ଘଟଣା ଘଟିଛି। ଖବର ପାଇ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଏସ୍‌ପି ସାଗରିକା ନାଥ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ବାଲିଘାଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାସ୍ଥଳରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି ଓ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନା ଅନୁଯାୟୀ, ମନ୍ଦାରପୁର ଓ ଦହପଡ଼ା ଅଞ୍ଚଳବାସୀ ସୋନ ଓ ବୁଢ଼ାବଳଙ୍ଗ ନଦୀରୁ ମେସିନ ଯୋଗେ ବେଆଇନ ବାଲି ଉତ୍ତୋଳନ ଏବଂ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଉପ ଜିଲାପାଳ ☞ପୃଷ୍ଠା-୪



ଆକ୍ରମଣକାରୀଙ୍କ ଦ୍ୱାରା ଭାଙ୍ଗା ଯାଇଥିବା ଉପଜିଲାପାଳଙ୍କ ଗାଡ଼ି।

# ଆମେରିକାରେ ଚାଇନାର ଗୁପ୍ତଚର ବେଲୁନ୍

**ବେଲୁନ ହେଉଛି ଗୁପ୍ତଚରଗିରିର ଅନ୍ୟତମ ପୁରୁଣା କୌଶଳ। ଅନ୍ୟ ସର୍ଭିଲାନ୍ସ ଉପକରଣ ତୁଳନାରେ ଏହି ମାନବରହିତ ଟେକ୍ନୋଲୋଜିରେ କମ୍ ଖର୍ଚ୍ଚ ହୋଇଥାଏ। ପୃଥିବୀର ନିମ୍ନ କକ୍ଷପଥରେ ଚାଇନାର ଗୁପ୍ତଚର ଉପଗ୍ରହଗୁଡ଼ିକ ଗୋଇନ୍ଦା ତଥ୍ୟ ହାସଲ କରିବାରେ ସକ୍ଷମ ବୋଲି ୱାଶିଂଟନ ସନ୍ଦେହ କରୁଥିବାବେଳେ ଆମେରିକା ଆକାଶରେ ଉଡୁଥିବା ଏକ ସନ୍ଦିଗ୍ଧ ବେଲୁନ୍ ମୁଣ୍ଡବ୍ୟଥାର କାରଣ ସାଜିଛି।**



- **ଆକାର ୩ଟି ବସ୍ ସହ ସମାନ**
- **ବାଇଡେନ୍‌ଙ୍କୁ ଅବଗତ କଲା ପେଣ୍ଟାଗନ୍**
- **ବ୍ଲିଙ୍କେନ୍‌ଙ୍କ ବେଜିଂ ଗସ୍ତ ସ୍ଥଗିତ**

ୱାଶିଂଟନ/ବେଜିଂ,୩।୨

ଆମେରିକା ଆକାଶରେ କିଛିଦିନ ହେଲା ଏକ ଗୁପ୍ତଚର ବେଲୁନ୍ ଉଡୁଛି। ଚାଇନା ପକ୍ଷରୁ ପଠାଯାଇଥିବା ଏହି ବେଲୁନ୍‌ର ଆକାର ୩ଟି ବସ୍ ସହ ସମାନ ହେବ ବୋଲି ପେଣ୍ଟାଗନ କହିଛି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଆସନ୍ତା ସପ୍ତାହରେ ବେଜିଂ ଗସ୍ତକରି ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଆଲୋଚନା କରିବା କାର୍ଯ୍ୟକ୍ରମ ଥିଲା। ତେବେ ଏହି ବେଲୁନ୍ ପାଇଁ ବ୍ଲିଙ୍କେନ୍ ନିଜ ଗସ୍ତ ବାତିଲ କରିଦେଇଛନ୍ତି। ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ମୁଖପାତ୍ର ବ୍ରିଗେଡିୟର ଜେନେରାଲ ପାଟ୍ରିକ୍ ରାଇଡର ଗଣମାଧ୍ୟମକୁ କହିଛନ୍ତି, ନର୍ଦ୍ଦନ ଆମେରିକା ଦେଇ ସମ୍ବେଦନଶୀଳ ପ୍ରତିଷ୍ଠାନଗୁଡ଼ିକ ଉପରେ ଉଡୁଥିବା ଉକ୍ତ ବେଲୁନ୍‌ର ସନ୍ଦିଗ୍ଧ ଗତିବିଧିକୁ ସରକାର ଅନେକ ଦିନ ଧରି ଟ୍ରାକ୍ କରୁଛନ୍ତି। ବେଲୁନଟି କମର୍ସିଆଲ ଏୟାର ଟ୍ରାଫିକ୍‌ର ବହୁ ଉଚ୍ଚରେ ଘୂରି ବୁଲୁଛି। ଏଥିରୁ ଦେଶବାସୀଙ୍କ ଉପରେ ସାମରିକ କିମ୍ବା ଶାରୀରିକ ବିପଦ ନାହିଁ। ନର୍ଥ ଆମେରିକାନ ଏରୋସ୍ପେସ୍ ଡିଫେନ୍ସ କମାଣ୍ଡ (ଏନ୍‌ଓଆର୍‌ଡି) ଏହାକୁ ଗୁରୁବାର ମୋଣ୍ଟାନା ଆକାଶରେ ଠାବ କରିଥିଲା। ବେଲୁନର ଆକାର ☞ପୃଷ୍ଠା-୪

# ମନ୍ତ୍ରୀଙ୍କ ଗସ୍ତରେ ବନ୍ଧୁକ ହଟାଗଲା

## ବିଶ୍ୱାସ ହରାଉଛି ପୋଲିସ

କେନ୍ଦ୍ରାପଡ଼ା ଅଫିସ, ୩।୨

ପୋଲିସକୁ ମନ୍ତ୍ରୀମାନେ ଏବେ ଭୟ କଲେଣି। ପୋଲିସ ଗୁଳିରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଜୀବନ ଯିବା ପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ାରେ। ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ନିରାପତ୍ତା ଦାୟିତ୍ୱରେ ଥିବା ଜିଲା ପୋଲିସ କେତେଜଣ ଅଧିକାରୀଙ୍କ ନିକଟରୁ ଶୁକ୍ରବାର ବନ୍ଧୁକ ହଟାଇ ନିଆଯାଇଥିବା ଦେଖିବାକୁ ମିଳିଛି। ଏପରି କି ଇନ୍ସପେକ୍ଟର ର୍‍ୟାଙ୍କର ଅଧିକାରୀଙ୍କ ପାଖରେ ବନ୍ଧୁକ ନ ରହିବା ଆଲୋଚନାର ବିଷୟ ହୋଇଛି। ପୂର୍ବାହ୍ନରେ ଶିଳ୍ପମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ କରିଡ଼ର ପ୍ରତିଷ୍ଠା ପାଇଁ ଗସ୍ତ କରିଥିଲେ। ଡେରାବିଶ ବ୍ଲକର ରାଜନଗର, ବଳଭଦ୍ରପୁର ଓ ରଘୁଦେଇପୁରକୁ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀ ଯାଇଥିଲେ। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଶିଳ୍ପମନ୍ତ୍ରୀଙ୍କ ଗସ୍ତ ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ତେବେ ଇନ୍ସପେକ୍ଟର କିମ୍ବା ଅଧସ୍ତନ ପଦାଧିକାରୀଙ୍କ ନିକଟରେ ବନ୍ଧୁକ ଦେଖିବାକୁ ମିଳି ନ ଥିଲା। ଏ ସମ୍ପର୍କରେ ଶିଳ୍ପମନ୍ତ୍ରୀଙ୍କୁ ପଚାରିବାରେ ପୋଲିସ ତାଙ୍କ କାମ କରନ୍ତୁ ବୋଲି କହି ପ୍ରଶ୍ନ ଏଡ଼ାଇ ଯାଇଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ଟାଉନ ଥାନା ଇନ୍ସପେକ୍ଟର ତପନ କୁମାର ନାୟକ ଓ ମହାକାଳପଡ଼ା ଥାନା ଇନ୍ସପେକ୍ଟର ମହେଶ୍ୱର ସେଠୀଙ୍କ ପାଖରେ ବନ୍ଧୁକ ନ ଥିବା ସମ୍ପର୍କରେ ପଚାରିବାରୁ ଉଭୟେ ଏହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର କୁହନ୍ତି, ମନ୍ତ୍ରୀଙ୍କ ନିରାପତ୍ତା ନେଇ କୌଣସି ତ୍ରୁଟି ହୋଇନାହିଁ। ପାଇଲଟ ଗାଡ଼ି ଓ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ରାଇଫଲ ରଖିଥିଲେ।

## ନେପାଳୀ ଗୋର୍ଖାଙ୍କୁ ସୁରକ୍ଷା ଦାୟିତ୍ୱ ଦେବେ ବ୍ୟବସାୟୀ

ରାୟଗଡ଼ା,୩।୨(ସ୍ୱ.ପ୍ର.)

ରାୟଗଡ଼ାରେ ଚୋରି ଓ ଲୁଟତରାଜ ବଢ଼ୁଛି। ଏବେ ବ୍ୟବସାୟୀ ପୋଲିସ ଉପରୁ ମଧ୍ୟ ଭରସା ତୁଟାଇଛନ୍ତି। ନିଜର ବ୍ୟବସାୟିକ ପ୍ରତିଷ୍ଠାନ, ଗୋଦାମ ଓ ଅନ୍ୟ କାରବାର ସ୍ଥାନରେ ନେପାଳୀ ଗୋର୍ଖାଙ୍କୁ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ରାୟଗଡ଼ା ସହରରେ ବାରମ୍ବାର ଚୋରି ଏବଂ ଲୁଟ୍ ହେଉଥିବାବେଳେ ଦିନରେ ମଧ୍ୟ ଅପରାଧୀ ଅପରାଧ ଘଟାଉଛନ୍ତି। ପୋଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଫଳରେ ବ୍ୟବସାୟୀ ସଂଘ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି।

ପ୍ରଥମ ପର୍ଯ୍ୟାୟରେ ୨୫ ଗୋର୍ଖା ସୁରକ୍ଷା କର୍ମୀଙ୍କୁ ସୁରକ୍ଷା ଦାୟିତ୍ୱରେ ରଖାଯିବ। ସୁରକ୍ଷା ବ୍ୟବସ୍ଥା ଠିକ୍ ରହିଲେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ ଜଣଙ୍କୁ ନିୟୋଜିତ କରାଯିବ ବୋଲି ସଂଘ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଗୋର୍ଖା ସୁରକ୍ଷା କର୍ମୀଙ୍କ ସମସ୍ତ ଖର୍ଚ୍ଚ ମଧ୍ୟ ବ୍ୟବସାୟୀ ସଂଘ ବହନ କରିବ। ହେଲେ ବ୍ୟବସାୟୀ ସଂଘର ଏଭଳି ନିଷ୍ପତ୍ତି ପୋଲିସର ଅପାରଗତାକୁ ପଦାରେ ପକାଇଛି। ଅପରାଧଙ୍କୁ ନିୟନ୍ତ୍ରଣ କରି ନ ପାରିବାରୁ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛୁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚୋରି ଓ ଲୁଟ୍‌କୁ ନିୟନ୍ତ୍ରଣ କରିବା ପାଇଁ ବଣିକ ସଂଘ, ସୁନା ଦୋକାନୀ ସଂଘ, ମିଲର୍ସ ସଂଘ ପକ୍ଷରୁ ଅନେକ ଥର ପୋଲିସ ନିକଟରେ ଦାବି କରାଯାଇଛି। ହେଲେ ଏଥିରୁ କୌଣସି ସୁଫଳ ମିଳନାହିଁ। ମାତ୍ର ୩୦ କନଷ୍ଟେବଲଙ୍କୁ ନେଇ କାମ ଚାଲିଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସଫେଇ ଦେଇଛନ୍ତି। ଅପରପକ୍ଷେ ରାୟଗଡ଼ା ସହରରେ ଚୋରି ଏବ ଲୁଟ୍‌କୁ ନେଇ ବ୍ୟବସାୟୀ, ଜନସାଧାରଣ ଏବଂ ବିଶେଷକରି ବରିଷ୍ଠ ନାଗରିକ ଭୟଭୀତ ଅବସ୍ଥାରେ ଥିବା ବ୍ୟବସାୟୀ ସଂଘର ସଭାପତି କହିଛନ୍ତି।

## ଆଜି ଓଡ଼ିଶା ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା

**ଭୁବନେଶ୍ୱର, ୩।୨(ବ୍ୟୁରୋ):** କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ର ବଜେଟ୍ ପାର୍ଲାମେଣ୍ଟରେ ଆଗତ କରିଛନ୍ତି। ଏହି ବଜେଟ୍‌କୁ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଶନିବାର କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଅର୍ଜୁନ ମୁଣ୍ଡା ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗ ଦେବେ। ପରେ ଅପରାହ୍ନ ୪ ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲଠାରେ ଆୟୋଜିତ ହେବାକୁ ଥିବା 'ବଜେଟ୍ ଆଲୋଚନା ଚକ୍ର' କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅର୍ଥନୀତିଜ୍ଞ, ବ୍ୟବସାୟୀ ପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ରହିବେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
9583494854

OPPORTUNITY FOR MARKETING EXECUTIVES
Required Marketing Executives for reputed company dealing in Furniture Hardware Fittings in Bhubaneswar.
Contact: M.- 9090098989
e-mail: aurogroup.abhishek@hotmail.com

REQUIRED
Experienced Therapist & Receptionist for Saikrupa Panchakarma Spa, Bhubaneswar.
Attractive Salary. Interested Candidates Please Contact.
7328880289, 8984068077

ଘରୋଇ କାମ କରିବା ନିମନ୍ତେ ଅବିବାହିତ ମହିଳା/ଦମ୍ପତି ଅବଶ୍ୟକ
ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ
CALL : 9132933333

WANTED
Urgently wanted a SALESMAN and MARKETING PERSON for a Paint and Hardware Shop at Bhubaneswar.
Contact: 6371440992

See Career Appointment on every Wednesday & Saturday

FLUENTGRID seamless digital transformation
WALK-IN FOR DATA CENTER IT INFRA PROFESSIONALS (L1, L2, L3)
Fluentgrid is the first CMMI Level 5 company from AP, also compliant with ISO 9001, 20001, 27001, 14001 and 45001.
Hiring for...
Linux/Wintel/Windows/Network/Exchange Administrator
HPE Storage/Server, IT Security/Cloud Administrator
EMS & NMS Administration
04th & 05th FEBRUARY 2023 10:30 AM - 4:00 PM
Swosti Premium, P-1, Jaydev Vihar, Nandankanan Rd, Bhubaneswar, Odisha, India - 751013
+91 891 2500000 | careers@fluentgrid.com | www.fluentgrid.com



କେୟାର ହସ୍ପିଟାଲର ଷଷ୍ଠ ବାର୍ଷିକ ଉତ୍ସବ ପାଳନ ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ହସ୍ପିଟାଲର ମୁଖ୍ୟ ଅଧିକାରୀ କିସ୍‌ଲେ ଆନନ୍ଦ, ଏଭିପି-ବିଡି ଡ. ଲୋକନାଥ ଦାଶଙ୍କ ସହ ଡାକ୍ତର ଓ ପୁରସ୍କୃତ କର୍ମଚାରୀ।

# 'ଉତ୍ତମ ଚିକିତ୍ସା, ଆତ୍ମୀୟ ବ୍ୟବହାର ରୋଗ ଭଲ କରେ'

## କେୟାର ହସ୍ପିଟାଲର ଷଷ୍ଠ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩।୨ (ବ୍ୟୁରୋ)

କେୟାର ହସ୍ପିଟାଲ ଭୁବନେଶ୍ୱରର ଷଷ୍ଠ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହସ୍ପିଟାଲର ଉନ୍ନତ ସ୍ୱାସ୍ଥ୍ୟସେବା ଓ ରୋଗୀଙ୍କ ସହ କର୍ମଚାରୀଙ୍କ ଆତ୍ମୀୟତାକୁ ପ୍ରଶଂସା କରିଥିଲେ। ଏଥିସହ ସେ ଏଠାରେ ନିଜ ମା' ଚିକିତ୍ସା ହେଉଥିବା ସମୟର ଅନୁଭୂତି ବାଣ୍ଟିଥିଲେ। ସେ କହିଲେ, କେୟାର ହସ୍ପିଟାଲ ରୋଗ ଠିକ୍ କରିବା ସହ ରୋଗୀଙ୍କ ସହିତ ଭାବାତ୍ମକ ସମ୍ପର୍କ ସୃଷ୍ଟି କରି ମାନସିକ ସ୍ତରରେ ସେମାନଙ୍କୁ ଦୃଢ଼ କରିଥାଏ। ଉତ୍ତମ ସେବା ସାଙ୍ଗକୁ ହସ୍ପିଟାଲର ସମସ୍ତ କର୍ମଚାରୀ ଓ ଡାକ୍ତରଙ୍କ ମିଷ୍ଟ ବ୍ୟବହାର ରୋଗ ଭଲ କରିବାରେ ବିଶେଷ ସହାୟକ ହୋଇଥାଏ। ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିବାରୁ ସେ ହସ୍ପିଟାଲର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ହସ୍ପିଟାଲ ଇତି ମଧ୍ୟରେ ଚିକିତ୍ସା ସେବାରେ ୬ବର୍ଷ ପୂରଣ କରିଥିବାରୁ ସତପଥୀ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ ଓ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହସ୍ପିଟାଲର ମୁଖ୍ୟ ଅଧିକାରୀ କିସ୍‌ଲେ ଆନନ୍ଦ ଏବଂ ଏଭିପି-ବିଡି ଲୋକନାଥ ଦାଶ ଉପସ୍ଥିତ ଥିଲେ।

MADHUSUDAN LAW UNIVERSITY
STATION ROAD, CUTTACK- 753 003, ODISHA
Ref.MLU/ 391/ 2023 Date: 02.02.2023
WALK-IN-INTERVIEW
No.CAD:- 4707:- Interested retired Librarians of Government / State University services may apply for re-engagement as **Librarian** in Madhusudan Law University, Cuttack. For details visit our website www.mlu.ac.in.
Sd./- Registrar
OIPR-11051/11/0016/2223

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Advt. No. 01/2023 Date:16/01/2023
Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible candidates for the following posts:

| Sl. | Post | Vacancy | Maximum Age as on 08/02/2023 |
| --- | --- | --- | --- |
| 01 | MT (Admin)-PR | 01 | 28 Years |
| 02 | MT (Admin)–Law | 01 | 28 Years |

For full details of the advertisement regarding qualification, experience, reservation & relaxation, application & processing fee etc. please visit Company's website www.sail.co.in at the link "Careers" or www.sailcareers.com.
• Closing Date for submitting online applications through Company's website is 08/02/2023.
DGM (PL) Rectt. & Gen.
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ଫୁର୍‌ସତ୍

## 'ମୁଁ ଜଣେ ଉପଯୁକ୍ତ ସ୍ୱାମୀ ନୁହେଁ'



ବିକି କୌଶଳ

ମୁମ୍ବାଇ: ବିକି କୌଶଳ ଏବଂ କ୍ୟାଟ୍ରିନା କୈଫ୍ ବଲିଉଡ୍‌ର ସୁପରହିଟ୍ ଯୋଡ଼ି ଭାବେ ପରିଚିତ। ଅନେକ ଦର୍ଶକ ତାଙ୍କ ଯୋଡିକୁ ପସନ୍ଦ କରିଥାନ୍ତି। ତେବେ ନିକଟରେ ବିକି ଏକ ସାକ୍ଷାତ୍କାରରେ କହିଛନ୍ତି, ସେ କ୍ୟାଟ୍ରିନାଙ୍କ ପାଇଁ ଉପଯୁକ୍ତ ସ୍ୱାମୀ ନୁହନ୍ତି। କିନ୍ତୁ ସେ ପ୍ରତିଦିନ ନିଜକୁ ଭଲ ସ୍ୱାମୀ ଭାବେ ପ୍ରମାଣିତ କରିବାକୁ ଚେଷ୍ଟା ଚଳାଇଛନ୍ତି। ବିକିଙ୍କ ଏପରି ଟିପ୍ପଣୀକୁ ନେଇ ଚର୍ଚ୍ଚା ଲାଗିରହିଛି। କ୍ୟାଟ୍ରିନାଙ୍କୁ ବିବାହ ପରେ ତାଙ୍କ ଜୀବନରେ ବହୁ ପରିବର୍ତ୍ତନ ଆସିଥିବା ଅନେକଥର ସେ ଖୋଲାଖୋଲି ଭାବେ କହିଛନ୍ତି। ବିବାହ ପୂର୍ବରୁ ମଣିଷ ଏକା ଥାଏ, ହେଲେ ବିବାହ ପରେ ଅନ୍ୟ ଜଣକ ଆଗମନରେ ଜୀବନରେ ଅନେକ ପରିବର୍ତ୍ତନ ଆସିଥାଏ। ଦୁହେଁ ଦୁହିଁଙ୍କୁ ସବୁ ଦୃଷ୍ଟିକୋଣରୁ ବୁଝିପାରିଲେ ଜୀବନ ସହଜ ହୋଇଥାଏ। ବିବାହ ପରେ ବିକିଙ୍କ ଜୀବନର ସମସ୍ତ ନକାରାତ୍ମକ ସମସ୍ୟା ସକାରାତ୍ମକ ହୋଇଯାଉଛି ବୋଲି ସେ କହିଛନ୍ତି। ୨୦୨୧ ଡିସେମ୍ବରରେ ବିକି ଏବଂ କ୍ୟାଟ୍ରିନା ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିକିଙ୍କୁ ଶେଷଥର ପାଇଁ ୨୦୨୨ରେ 'ଗୋବିନ୍ଦ ନାମ ମେରା' ଫିଲ୍ମରେ ଦେଖିବାକୁ ମିଳିଥିଲା। ତେବେ ଆଗକୁ ତାଙ୍କର ଅନେକ ଫିଲ୍ମ ମୁକ୍ତିଲାଭ ହେବାକୁ ଯାଉଛି।

## ୧୩୧.୧୫ କେଜିର ବିବାହ ଡ୍ରେସ୍ କେକ୍



ବର୍ନ

ସ୍ୱିଜରଲାଣ୍ଡର ଜଣେ ମହିଳା କେକ୍ ଡ୍ରେସ୍ ତିଆରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଗତ ମାସ ୧୫ ତାରିଖରେ ଆୟୋଜିତ ସ୍ୱିସ୍ ୱାର୍ଲ୍ଡ ୱେଡିଂ ମେଳାରେ ନତାଶା କୋଲିନ୍ କିମ୍ ଫେହଲି ଫେକାସ୍ ଏହି କେକ୍ ଡ୍ରେସ୍ ତିଆରି କରିଥିଲେ। ସେହି କେକ୍‌ର ଓଜନ ଥିଲା ୧୩୧.୧୫ କେଜି। ମେଳାକୁ ଆସୁଥିବା ଗେଷ୍ଟମାନଙ୍କୁ ସେ ସେହି କେକ୍‌ରୁ କିଛି କିଛି ଅଂଶ ଖାଇବାକୁ ଦେଉଥିଲେ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ରିପୋର୍ଟ ମୁତାବକ, ନତାଶା କେକ୍ ତିଆରି ପାଇଁ ପାରମ୍ପରିକ ଜିନିଷର ବ୍ୟବହାର କରିଥିଲେ। କେକ୍‌ର ଉଚ୍ଚତା ୧.୫୭ ମିଟର, ପରିଧି ୪.୧୫ ମିଟର ଏବଂ ବ୍ୟାସ ୧.୩୧୯ ମିଟର। ନତାଶା ତାଙ୍କ ଶପ୍‌ରେ ବିବାହର କେକ୍ ତିଆରି କରିଥାନ୍ତି। ବିବାହ କେକ୍ କରିବା ସମୟରେ ତାଙ୍କ ମୁଣ୍ଡକୁ ଏକ ବୁଦ୍ଧି ଆସିଥିଲା। ଫଳରେ ସେ ବିବାହ ଡ୍ରେସ୍‌ର ଏକ ବଡ଼ କେକ୍ କରିବାକୁ ଚାହିଁଥିଲେ। କେକ୍‌ର ଉପର ଅଂଶ ଚିନିରେ ତିଆରି ହୋଇଥିବାବେଳେ ସେହି କେକ୍ ଏକ ଆଲୁମିନିୟମ୍ ଫ୍ରେମ୍ ସାହାରାରେ ରଖା ଯାଇଥିଲା। ତାହା ତଳେ କିଛି ଚକ ଲାଗିଥିଲା, ଯେପରି ତା' ମଧ୍ୟରେ ଏକ ମଡେଲ ରହିଲେ ମଧ୍ୟ କେକ୍ ଡ୍ରେସ୍‌ଟି ସହଜରେ ଗତି କରିପାରିବ।

## ଗିନିଜ୍ ବୁକ୍‌ରେ ସବୁଠୁ ବୟସ୍କ କୁକୁର



**ଲିସ୍‌ବନ:** ଦୁନିଆର ସବୁଠାରୁ ଅଧିକ ବୟସର କୁକୁର ଠାବ କରାଯାଇଛି, ଯାହାର ନାମ(ବବି) ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି। କୁକୁରକୁ ୩୦ ବର୍ଷ ୨୬୮ଦିନ ହୋଇଥିଲେ ମଧ୍ୟ ସେ ଦେଖିବାକୁ ଯବାନ ଭଳି। ରିପୋର୍ଟ ମୁତାବକ, ସାଧାରଣତଃ କୁକୁରମାନେ ୧୫ରୁ ୧୬ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। 'ବବି' ୧୯୯୨ ମେ' ୧୧ରେ ଜନ୍ମ ହୋଇଥିବାବେଳେ ୩ ଫେବୃୟାରୀ ୨୦୨୩ ପର୍ଯ୍ୟନ୍ତ ୩୦ ବର୍ଷ ୨୬୮ଦିନ ହୋଇଛି। ବବି ପର୍ତ୍ତୁଗାଲର ଲେହରିଆର ଗ୍ରାମୀଣ ଅଞ୍ଚଳର କୋଷ୍ଟା ପରିବାରର ସଦସ୍ୟ। ସେ ହେଉଛି ରାଫିଓରୋ ଡୋ ଆଲେନ୍‌ଟେଜୋ ବ୍ରିଡ୍‌ର କୁକୁର, ଯେଉଁମାନେ କି ସାଧାରଣତଃ ୧୨ରୁ ୧୪ ବର୍ଷ ବଞ୍ଚିଥାନ୍ତି। ହେଲେ ବବିକୁ ୩୦ ବର୍ଷ ହେବା ପରେ ମଧ୍ୟ ସେ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆର ବ୍ଲୁ ସବୁଠାରୁ ବୟସାଧିକ କୁକୁର ଭାବେ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିଲା। ୧୯୩୯ ମସିହାରେ ୨୯ ବର୍ଷ ବୟସରେ ତା'ର ମୃତ୍ୟୁ ହୋଇଥିଲା।

viraaj projects
WALK IN INTERVIEW ON 05 FEBRUARY 2023 (SUNDAY)
Neelanjali Society, Ujwal Villa, Kalyani Nagar- 411006
We are looking for following personnel's having experience in Steel and Power Sector for our project site at Dhenkanal, Angul District.
**PROJECT MANAGER**: 2 Nos.- Degree/Diploma in Civil Engineering with 15 to 20 years experience.
**SITE ENGINEER/Sr. ENGINEER**: 4 Nos.- B.Tech/Diploma Degree in Civil with 5 to 10 years of experience.
**BILLING/PLANNING ENGINEERING**: 4 Nos. - B. Tech/ Diploma Degree in Civil with 5 to 10 years of experience.
**SAFETY OFFICER**: 2 Nos. - PDIS/ADIS/ Diploma in any Safety Course with 4 to 8 years experience.
**ACCOUNTANT**: 2 Nos.- B.Com. with 3 to 10 years of experience.
**QUALITY CONTROL ENGINEER**: 2 Nos.- B.Tech/Diploma in Civil with 5 to 10 years of experience.
**SURVEYOR**: 3 Nos.-ITI with 4 to 6 years of experience.
Interested candidate may send their CV to
rml.hr@virajprojects.com or contact to
Mr. Nirmal Chandra Swain (HR Person)
Mob. No: 9124737239, 7894461365
Note: Fresher candidate may apply.
Interview Place : HOTEL MILAND PALACE
Plot No-540, Cuttack Road, Bhubaneswar,
Ph.: 0674-2570371, 2570373/9439920235




## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

### ଶ୍ରୀମନ୍ଦିର ଭିତରକାଠ ନିକଟରେ ବାନ୍ତି

**ପୁରୀ ଅଫିସ, ୩।୨**

ଶ୍ରୀମନ୍ଦିର ଭିତରକାଠ ନିକଟରେ ଶୁକ୍ରବାର କେହି ଭକ୍ତ ବାନ୍ତି କରିଦେବାରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଅପରାହ୍ନରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ଉଠିବା ପରେ ଭକ୍ତଙ୍କୁ ଭିତରକାଠ ନିକଟକୁ ଦର୍ଶନ ପାଇଁ ଛଡ଼ାଯାଇଥିଲା। ଭକ୍ତମାନେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରୁଥିବା ସମୟରେ ହଠାତ୍ ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ବାନ୍ତି ପଡ଼ିଥିବା ଦେଖିବାକୁ ମିଳିବା ପରେ ତୁରନ୍ତ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା।

# ମୁହଁ ଖୋଲିଲେ ପୋଲିସ ଡିଜି

## ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲା

- ପୂର୍ଣ୍ଣ ତଥ୍ୟ ପାଇବାକୁ ଆଉ କିଛି ସମୟ ଲାଗିବ
- ତଦନ୍ତରେ ସହାୟତା କରିବ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ଜଣେ ପୋଲିସ ଏଏସ୍‌ଆଇ କାହିଁକି ଗୁଳି କରି ହତ୍ୟା କଲେ, ତାହାର କାରଣ ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତ ଗୋପାଳ ଦାସଙ୍କୁ ରିମାଣ୍ଡରେ ଆଣି ଘଟଣାସ୍ଥଳ ଝାରସୁଗୁଡ଼ାରୁ ବ୍ରହ୍ମପୁର ଓ ବାଲେଶ୍ୱର ପର୍ଯ୍ୟନ୍ତ ତନାଘନା ଚଳାଇଛି। ଇତିମଧ୍ୟରେ ୬ଦିନ ବିତିଯାଇଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ହତ୍ୟା ରହସ୍ୟ ଭେଦିପାରୁ ନାହିଁ। ଏଭଳି ସ୍ଥିତିରେ ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଖବରଦାତା ସମ୍ମିଳନୀ କରି ପ୍ରତିକ୍ରିୟା ରଖିଛନ୍ତି।

ଡିଜିପି ବଂଶଲ କହିଛନ୍ତି, କ୍ରାଇମବ୍ରାଞ୍ଚ ଏହି ମାମଲାରେ ତଦନ୍ତ ଜାରି ରଖିଛି। ଏଡିଜି ଅରୁଣ ବୋଥ୍ରା ଘଟଣା ଦିନରୁ କ୍ୟାମ୍ପ୍ କରି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି। ତଦନ୍ତରେ ତାଙ୍କର ସିବିଆଇ ଅଭିଜ୍ଞତା ରହିଛି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ.ପି. ଦାସଙ୍କ ମନିଟରିଂରେ ତଦନ୍ତ ଚାଲୁଛି। ଏପର୍ଯ୍ୟନ୍ତ କିଛି ତଥ୍ୟ ଆସିଛି। ହେଲେ ପୂର୍ଣ୍ଣ ତଥ୍ୟ ଆସିବାରେ ଟିକେ ସମୟ ଲାଗିବ। ଏଭଳି ହତ୍ୟାର ଉଦ୍ଦେଶ୍ୟ ଓ ଅପରାଧର ରହସ୍ୟ ୨ କିମ୍ବା ୪ ଦିନ ମଧ୍ୟରେ କେହି ଜାଣିପାରିବେ ନାହିଁ। ପୂରା ରହସ୍ୟ ଜାଣିବାକୁ ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ସିଏଫ୍‌ଏସ୍‌ଏଲ୍)କୁ ଯୋଗାଯୋଗ କରିଛୁ। ଏଥିସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିକାରୀଙ୍କ ସହ ମୁଁ କଥା ହୋଇଛି। ବଳିଷ୍ଠ ତଦନ୍ତ ପାଇଁ ଯାହା ସାହାଯ୍ୟ ଦରକାର ହେବ କେନ୍ଦ୍ର ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେମାନେ କହିଛନ୍ତି। ଖୁବଶୀଘ୍ର ଆବଶ୍ୟକତା ଅନୁଯାୟୀ 'ସିଏଫ୍‌ଏସ୍‌ଏଲ୍'ରୁ କିଛି ଟିମ୍ ଆସିପାରନ୍ତି। ଆମ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲ୍ୟାବ୍ (ଏସ୍‌ଏଫ୍‌ଏସ୍‌ଏଲ୍) ଟିମ୍ ଘଟଣାସ୍ଥଳରେ ରହି ତଦନ୍ତ କରୁଛି। ତଦନ୍ତ ସମୟରେ ପାଇଖାନାରୁ ମିଳିଥିବା ଚିଠିରେ ତାଙ୍କ ହାତଲେଖା କ'ଣ ଅଛି, କେତେ ପରିମାଣର କାଗଜ ଅଛି ଆଦି ଜାଣିବାକୁ ଫୋରେନ୍‌ସିକ୍ ପରୀକ୍ଷା ନ ହେଲା ଯାଏ ତା'ଉପରେ କିଛି ମନ୍ତବ୍ୟ ଦେବା ଠିକ ହେବ ନାହିଁ। ତଦନ୍ତରେ ସ୍ୱଚ୍ଛତା ପାଇଁ ସେଠାରେ ଥିବା ପୋଲିସ ଅଫିସରଙ୍କୁ ବଦଳି କରାଯାଇଛି। କେହି ତଦନ୍ତକୁ ନେଇ ପ୍ରଶ୍ନ ନ ଉଠାଇବାକୁ ଏଭଳି କରାଯାଇଥିବା ସେ ସଫେଇ ଦେଇଛନ୍ତି।

ନବ ଦାସଙ୍କ ସୁରକ୍ଷା ସଂକ୍ରାନ୍ତରେ ଡିଜିପି କହିଲେ, ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ)ଙ୍କର କ'ଣ ଏସ୍‌ଓପି, କର୍ତ୍ତବ୍ୟ ଆଦି କ'ଣ ରହୁଛି ସେ ସଂକ୍ରାନ୍ତରେ ଆମେ ତର୍ଜମା କରୁଛୁ। ସୁରକ୍ଷା ଦେବା ପିଏସ୍‌ଓଙ୍କ ପ୍ରାଥମିକ କର୍ତ୍ତବ୍ୟ। ସେ ସେଠାରେ ଥିବାବେଳେ ଏଭଳି ଘଟଣା ଘଟିଥିବାରୁ ତାଙ୍କୁ ଆମେ ନିଲମ୍ବିତ କରିଛୁ। ଏନେଇ ଯାଞ୍ଚ କରାଯିବ। ଯଦି ପିଏସ୍‌ଓଙ୍କ ଭୁଲ୍ ଥିବ, ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ। ଆମ ଜୀବନରେ ଏଭଳି ଅନେକ ଘଟଣା ଘଟେ, ଯାହା ଘଟିବାର ସମ୍ଭାବନା ବହୁତ କ୍ଷୀଣ ଥିବ ଓ ଏଭଳି ଏକ ଘଟଣା ହୋଇଯିବ ବୋଲି କେହି ଭାବି ନ ଥିବେ। ଭଗବାନ ଶ୍ରୀଜଗନ୍ନାଥଙ୍କ ଛଡ଼ା ଅନ୍ୟ କେହି ମଣିଷ ଜାଣିପାରିବେ ନାହିଁ। ମନ୍ତ୍ରୀଙ୍କୁ ହତ୍ୟା ହେଉଛି ସେଭଳି ଏକ ଘଟଣା। ଆଗକୁ ଏଭଳି ଘଟଣା ଯେମିତି ନ ଘଟିବ ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କୁ ସୁରକ୍ଷା ଦେଉଥିବା ଟପ୍ ଏଜେନ୍‌ସି ସହ କଥା ହେବୁ ବୋଲି ଡିଜିପି ବଂଶଲ କହିଛନ୍ତି।

## କାର୍‌ରୁ ମିଳିଲା ଡାଏରି, କାଗଜପତ୍ର

### ଅଭିଯୁକ୍ତ ଗୋପାଳଙ୍କ କ୍ୱାର୍ଟର୍ସ ଯାଞ୍ଚ

**ଝାରସୁଗୁଡ଼ା ଅଫିସ,୩।୨**



ଅଭିଯୁକ୍ତ ଗୋପାଳ ଦାସଙ୍କ ବ୍ରଜରାଜନଗର ବୁଡିଜାମସ୍ଥିତ ଏମ୍‌ସିଏଲ୍ କ୍ୱାର୍ଟର୍ସ।

ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୬ଦିନ ବିତିଲାଣି। ହେଲେ ହତ୍ୟାର ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ। ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ ଘଟଣା ଉପରୁ ପରଦା ହଟାଇବା ପାଇଁ ଜୋରସୋର୍‌ରେ ପ୍ରୟାସ ଚଳାଇଛି। ଅଭିଯୁକ୍ତ ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କୁ କୋର୍ଟରୁ ୪ଦିନିଆ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ମାରାଥନ ଜେରା କରୁଛି। ରିମାଣ୍ଡର ତୃତୀୟ ଦିନ ଶୁକ୍ରବାର ପୂର୍ବାହ୍ନରେ କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତ ଗୋପାଳଙ୍କୁ କଡାସୁରକ୍ଷା ମଧ୍ୟରେ ଝାରସୁଗୁଡାରୁ ବ୍ରଜରାଜନଗର ବୁଡିଜାମସ୍ଥିତ ତାଙ୍କ ଏମ୍‌ସିଏଲ୍ କ୍ୱାର୍ଟର୍ସକୁ ନେଇଥିଲା। ସେଠାରେ ମଧ୍ୟାହ୍ନ ୧୨ଟା ୧୫ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଯାଞ୍ଚ ଚାଲିଥିଲା। ପରେ ଅଭିଯୁକ୍ତ ଗୋପାଳଙ୍କୁ ଗାନ୍ଧୀଛକ ଫାଣ୍ଡିକୁ ଅଣାଯାଇଥିଲା। ଫାଣ୍ଡିରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଅଭିଯୁକ୍ତ ବ୍ୟବହାର କରୁଥିବା ଓଆର୍‌୧୫ଏନ୍‌-୪୨୬୩ନଂ. କାର୍ ଡୋର୍ ଖୋଲି କ୍ରାଇମବ୍ରାଞ୍ଚ ତନଖି କରିଥିଲା। କାର୍ ଭିତରୁ ଏକ ଡାଏରି ଓ କେତେକ କାଗଜପତ୍ର ଜବତ ହୋଇଥିବା ଜଣାପଡିଛି। ଫାଣ୍ଡି ନିକଟରୁ ଗୁଳିକାଣ୍ଡ ସ୍ଥାନ ମାତ୍ର ଅଧାକି.ମି. ହୋଇଥିବାବେଳେ ସେଠାକୁ ଅଭିଯୁକ୍ତ ଗୋପାଳଙ୍କୁ ନେଇ ସିନ୍‌ରିକ୍ରିଏଶନ କରିବା ପାଇଁ ସମସ୍ତେ ଚାହିଁବସିଥିଲେ। ହେଲେ ଏହା ନ କରି କ୍ରାଇମବ୍ରାଞ୍ଚ ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କଡା ସୁରକ୍ଷା ମଧ୍ୟରେ ଫାଣ୍ଡିରୁ ଧରି ଝାରସୁଗୁଡା ଅଭିମୁଖେ ବାହାରିଥିଲା। କ୍ରାଇମବ୍ରାଞ୍ଚ ହାତରେ ରିମାଣ୍ଡର ଅବଧି ଆଉ ମାତ୍ର ଗୋଟିଏ ଦିନ ରହିଥିବାବେଳେ ଶୁକ୍ରବାର ରାତି ନଚେତ ଶନିବାର ଅଭିଯୁକ୍ତଙ୍କୁ ନେଇ ଗୁଳିକାଣ୍ଡ ସ୍ଥଳରେ ସିନ୍ ରିକ୍ରିଏଶନ କରିବ ବୋଲି କୁହାଯାଉଛି।

## ତିର୍ତ୍ତୋଲ ବିଧାୟକଙ୍କ ନାମରେ ମାମଲା ରୁଜୁ

### ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ, ବିବାହ ପ୍ରତିଶ୍ରୁତି ମାମଲା

**ଜଗତ୍‌ସିଂହପୁର ଅଫିସ, ୩।୨**

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ପ୍ରତାରଣା ଅଭିଯୋଗ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ. ୯୫/୨୩) ରୁଜୁ କରାଯାଇଛି। ଏନେଇ ଜଗତ୍‌ସିଂହପୁର ଥାନା ଆଇଆଇସିଙ୍କୁ ଆଉ ଥରେ ସଦ୍ୟ ଅଭିଯୋଗ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ପାଇ ସୋମାଲିକା ଦାଶ ଜଗତ୍‌ସିଂହପୁର ଥାନା ଆଇଆଇସିଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ଦାଖଲ କରିଛନ୍ତି।

ଏ ସମ୍ପର୍କରେ ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂହ କହିଛନ୍ତି, ଥାନାରେ ମାମଲା ରୁଜୁ ପରେ ତଦନ୍ତ ଭାର ଇନ୍ସପେକ୍ଟର ବବିତା ଦଳେଇଙ୍କୁ ଦିଆଯାଇଛି। ତଦନ୍ତରେ ଯାହା ଅଗ୍ରଗତି ହେବ ତାହା ସମୟକ୍ରମେ ଗଣମାଧ୍ୟମକୁ ଅବଗତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ବିଜୟଶଙ୍କର ଓ ସୋମାଲିକାଙ୍କ ପ୍ରେମ ସମ୍ପର୍କକୁ ନେଇ ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତା'ପରେ ଉଭୟଙ୍କ ମଧ୍ୟରେ ବିବାହ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ଏପରି କି ସୋମାଲିକାଙ୍କ ବାପା ସଂଗ୍ରାମ କିଶୋର ମଧ ବିଜୟଶଙ୍କରଙ୍କ ଜାତିକୁ ନେଇ ଗାଳିଗୁଲଜ କରିବା ସହ ହତ୍ୟା କରିବେ ବୋଲି ଜଣେ ବ୍ୟକ୍ତିଙ୍କୁ ଧମକାଇଥିବା ଅଡିଓ ଭାଇରାଲ ହୋଇଥିଲା। ଏଥିସହ ବିଧାୟକଙ୍କ ଚରିତ୍ରକୁ ନେଇ ସୋମାଲିକା ସଙ୍ଗିନ ଅଭିଯୋଗ କରିବା ସହ ଜଗତ୍‌ସିଂହପୁର ଥାନାରେ ୧୩।୫।୨୨ରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ତାଙ୍କ ଅଭିଯୋଗ ଉପରେ ମାମଲା ରୁଜୁ କରି ନ ଥିଲା। ଏପରିକି ତତ୍କାଳୀନ ଏସ୍‌ପି ମଧ ତାଙ୍କ କଥା ଶୁଣି ନ ଥିବା ଅଭିଯୋଗ କରି ସୋମାଲିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ସେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, ଡିଜିପି, ଜଗତ୍‌ସିଂହପୁର ଏସ୍‌ପି ଓ ଆଇଆଇସିଙ୍କୁ ପକ୍ଷଭୁକ୍ତ କରିଥିଲେ। ଏବେ ମାମଲା ରୁଜୁ ହେବା ପରେ ସୋମାଲିକାଙ୍କୁ ଆଶ୍ୱସ୍ତି ମିଳିଛି।

ସୂଚନାଯୋଗ୍ୟ, ୨୦୨୨ ମେ' ୧୭ରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ବିବାହ ଅଧିକାରୀ (ଡିଏସ୍‌ଆର୍)ଙ୍କ କୋର୍ଟରେ ବିଧାୟକ ଦାସ ଓ ସୋମାଲିକା ବିବାହ ପାଇଁ ଆବେଦନ କରିଥିଲେ। ଆବେଦନର ୩୦ ଦିନ ଭିତରେ କାହାରି କିଛି ଆପତ୍ତି ଅଭିଯୋଗ ନ ଥିଲେ ୩୧ ଦିନରୁ ୯୦ ଦିନ ମଧ୍ୟରେ ଯେ କୌଣସି ସମୟରେ ଉଭୟ ବିବାହ କରିପାରିବେ ବୋଲି ନିୟମ ରହିଛି। କିନ୍ତୁ ଆବେଦନର ୩୧ ଦିନ ବିବାହ ପାଇଁ ସୋମାଲିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସକାଳୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଧାୟକ ବିଜୟଶଙ୍କରଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ସେମାନେ ଫେରି ଯାଇଥିଲେ। ଏହି ସମୟରେ ବିଜୟଶଙ୍କର ଫୋନ ନ ଉଠାଇବାରୁ କେହି ତାଙ୍କୁ ଅପହରଣ କରି ଥାଇପାରନ୍ତି କିମ୍ବା ଜାଣିଶୁଣି ଠକିବାକୁ ଚେଷ୍ଟା କରୁଥାଇପାରନ୍ତି, ନଚେତ ଅନ୍ୟ କେଉଁଠି ତାଙ୍କର ଆଫେୟାର ଥାଇପାରେ ବୋଲି ସୋମାଲିକା ଅଭିଯୋଗ କରିଥିଲେ। କେବଳ ଏତିକି ନୁହେଁ ବିଧାୟକ ଭୁବନେଶ୍ୱରରେ ବେଶ୍ୟାଳୟ ଖୋଲିଥିବା ଭଳି ଅଭିଯୋଗ କରିବାକୁ ପଛାଇ ନ ଥିଲେ। ଏହାର ବହୁ ପୂର୍ବରୁ ସେ ବିଜୟଶଙ୍କରଙ୍କ ନାଁରେ ଜଗତ୍‌ସିଂହପୁର ଥାନା ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବାରୁ ପୁଣି ମାମଲା ଚାଲୁ କରିବାକୁ ଚେତାବନୀ ଦେଇଥିଲେ। କିନ୍ତୁ ମା'ଙ୍କ ଦେହ ଖରାପ କାରଣ ଦର୍ଶାଇ ବିଜୟଶଙ୍କର ପରବର୍ତ୍ତୀ ସମୟରେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ଦୀର୍ଘ ଦିନ ପର୍ଯ୍ୟନ୍ତ କୌଣସି ଆଗ୍ରହ ପ୍ରକାଶ କରିନାହାନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ତିକ୍ତତା ପର୍ଯ୍ୟାୟକ୍ରମେ ବଢ଼ି ଚାଲିଛି।

# ଭିତ୍ତିଭୂମି ହିଁ ବିକାଶର ଆଧାର: ମୁଖ୍ୟମନ୍ତ୍ରୀ


ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ନିର୍ମାଣ ପାଇଁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଜିଲାପାଳ ଏମ୍. ଅବଦାଲ ଅଖ୍ତାର ସ୍ୱୀକୃତି ପତ୍ର ଗ୍ରହଣ କରୁଛନ୍ତି। ନିକଟରେ ଅଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

## ବିକ୍ରମଦେବ କଲେଜର ପ୍ଲାଟିନମ୍ ଜୁବିଲି ଉତ୍ସବ

- କଲେଜରେ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ ହେବ
- ୧୦୦୦ ସିଟ୍ ପାଇଁ ଖର୍ଚ୍ଚ ହେବ ୮ କୋଟି ଟଙ୍କା
- କୋରାପୁଟ ଜିଲା ପାଇଁ ୧୬୦୦ କୋଟିର ପ୍ରକଳ୍ପ ଶୁଭାରମ୍ଭ
- ୧୪୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତି ପ୍ରଦାନ

**ଭୁବନେଶ୍ୱର(ବ୍ୟୁରୋ)/ଜୟପୁର/କୋରାପୁଟ,୩।୨(ନି.ପ୍ର./ସ୍ୱ.ପ୍ର.)**

କୋରାପୁଟ ତାଙ୍କ ପାଇଁ ସବୁବେଳେ ସ୍ୱତନ୍ତ୍ର। ଭିତ୍ତିଭୂମିର ବିକାଶ ଜରିଆରେ ଏହାର ଉନ୍ନତି ପାଇଁ କାମ କରାଯାଉଛି। ଗୋଟିଏ ଗୁରୁପ୍ରିୟା ସେତୁ ଆଜି ସ୍ୱାଭିମାନ ଅଞ୍ଚଳରେ ବିକାଶର ନୂଆ ଧାରା ଆଣିପାରିଛି। ଭିତ୍ତିଭୂମି ହିଁ ବିକାଶର ଆଧାର। ଶୁକ୍ରବାର ଜୟପୁର ବିକ୍ରମଦେବ ସ୍ୱୟଂଶାସିତ କଲେଜର ପ୍ଲାଟିନମ୍ ଜୁବିଲି ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏକ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ କରାଯିବ ବୋଲି ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି, ଏହି ଅଡିଟୋରିୟମ ୧ ହଜାର ଆସନ ବିଶିଷ୍ଟ ହେବ। ଏଥିପାଇଁ ୮ କୋଟି ଟଙ୍କା ବିନିଯୋଗ କରାଯିବ। ଛାତ୍ରୀଛାତ୍ରମାନଙ୍କୁ ଏହି ଘୋଷଣା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ 'ଆପଣମାନେ ଖୁସି ତ'। ଛାତ୍ରୀଛାତ୍ରମାନେ ବିପୁଳ ଉତ୍ସାହର ସହ କରତାଳି ମାଧ୍ୟମରେ ଏହି ଘୋଷଣାକୁ ସ୍ୱାଗତ କରିଥିଲେ।

ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ କହିଛନ୍ତି, ଆପଣମାନେ ଭଲ ପାଠ ପଢନ୍ତୁ। ନିଜର ତଥା ନିଜ ପରିବାର ଏବଂ ସାରା ଓଡ଼ିଶାର ସ୍ୱପ୍ନ ପୂରଣ କରିବା ପାଇଁ ଉଦ୍ୟମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସବୁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାନୁଷ୍ଠାନରେ ପରିଣତ କରିବା ପାଇଁ କାମ ଆରମ୍ଭ ହୋଇଛି। ଏଥିପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଛି। ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ଟଙ୍କା ଋଣ ଦିଆଯିବ। ମା'ମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ କୋରାପୁଟ ଜିଲାର ୧୨୩୫ ମିଶନ ଶକ୍ତି ଗୋଷ୍ଠୀକୁ ୫୦ କୋଟି ଟଙ୍କାର ସୁଧବିହୀନ ଋଣ ପ୍ରଦାନ କରାଯାଇଛି। କୋରାପୁଟ ପର୍ଯ୍ୟଟନ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ପୋଷ୍ଟାଲ କଭର ଓ ଡାକଟିକେଟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କୋରାପୁଟ ପାଇଁ ୧୫୯୬ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୦୭.୮୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୧୩୭୮.୪୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ସେତୁ, ସଡ଼କ, ପାନୀୟ ଜଳ, ଜଳସେଚନ, ବିଦ୍ୟୁତୀକରଣ, ପର୍ଯ୍ୟଟନ ଆଦି ପ୍ରକଳ୍ପ ରହିଛି।

ଉତ୍ସବରେ ଯୋଗ ଦେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କଲେଜରେ ଏକ ଅଡିଟୋରିୟମ, ଅବିଭକ୍ତ କୋରାପୁଟ ଜିଲାର ପର୍ଯ୍ୟଟନର ବିକାଶ, ଗୁପ୍ତେଶ୍ୱର ପୀଠର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଦେଓମାଳି ପାହାଡ଼କୁ ଆନ୍ଧ୍ର ମାଡ଼ି ବସିବାକୁ ମସୁଧା କରୁଛି। ମୁଖ୍ୟମନ୍ତ୍ରୀ ଚାହିଁଲେ ଏହାର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ବିକ୍ରମଦେବ କଲେଜରେ ଇଣ୍ଟିଗ୍ରେଟେଡ ୫ ବର୍ଷିଆ ବିଇଡି ଶିକ୍ଷାନୁଷ୍ଠାନ ଖୋଲିବା, କୃଷି ବିଶ୍ୱବିଦ୍ୟାଳୟ ଖୋଲିବା, କୋରାପୁଟ ଜିଲାର ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କୁ ଜିଲାରେ ହିଁ ନିଯୁକ୍ତ କରିବାକୁ ବାହିନୀପତି ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ଓ କଲେଜ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କଲେଜ ଅଧ୍ୟକ୍ଷ ଗୋପାଳ ହାଲ୍‌ଦାର, କୋରାପୁଟ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି ପ୍ରମୁଖ ଯୋଗ ଦେଇଥିଲେ। କଲେଜ ଆଲୁମ୍‌ନି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦିଲ୍ଲୀରୁ ଫେରି ଶୁଦ୍ଧି ହେଲେ ଭୁଞ୍ଜିଆ ଦମ୍ପତି

- ଲାଲବଙ୍ଗଳାରେ ଇଷ୍ଟଦେବୀଙ୍କଠାରେ କ୍ଷମା ପ୍ରାର୍ଥନା କଲେ
- ଜାତୀୟ ସାଧାରଣତନ୍ତ୍ର ଦିବସରେ ରାଜ ଅତିଥି ହୋଇଥିଲେ

**ନୂଆପଡ଼ା ଅଫିସ,୩।୨**


ଦିଲ୍ଲୀରୁ ଫେରିବା ପରେ ଭୁଞ୍ଜିଆ ଦମ୍ପତିଙ୍କୁ ସ୍ୱାଗତ କରାଯାଉଛି।

ଦିଲ୍ଲୀରେ ୭୪ତମ ଜାତୀୟ ସାଧାରଣତନ୍ତ୍ର ଦିବସରେ ନୂଆପଡ଼ା ଜିଲାର ଆଦିବାସୀ ଭୁଞ୍ଜିଆ ଦମ୍ପତି ଭୁଜବଲ ମାଝି ଓ କୁଞ୍ଜବାଇ ମାଝି ରାଜଅତିଥି ଭାବେ ଯୋଗଦେଇ ଗୁରୁବାର ଗାଁକୁ ଫେରିଛନ୍ତି। ଦିଲ୍ଲୀରୁ ଫେରି ଭୁଞ୍ଜିଆ ଦମ୍ପତି ସୁନାବେଡାରେ ପହଞ୍ଚିବା ପରେ ଗ୍ରାମବାସୀ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶୁକ୍ରବାର ସମ୍ପ୍ରଦାୟର ପରମ୍ପରା ଅନୁସାରେ ଗାଁରେ ଶୁଦ୍ଧି ହୋଇ ଇଷ୍ଟଦେବୀ ସୁନାଦେଇଙ୍କୁ ମୁଣ୍ଡିଆ ମାରିଥିଲେ। ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଘରକୁ ଯାଇଥିଲେ। ପାରମ୍ପରିକ ରୀତିନୀତିରେ ନିଜ ଘରେ ଶୁଦ୍ଧି ହେବା ପରେ ଲାଲବଙ୍ଗଳାରେ ଥିବା ନିଜ ଇଷ୍ଟଦେବୀଙ୍କୁ ମୁଣ୍ଡିଆ ମାରି କ୍ଷମା ପ୍ରାର୍ଥନା କରିଥିଲେ।

ଜାନୁୟାରୀ ୨୧ରେ ନୂଆପଡାରୁ ଦିଲ୍ଲୀ ଅଭିମୁଖେ ବାହାରିଥିଲେ। ଭୁଞ୍ଜିଆ ଦମ୍ପତି ଦିଲ୍ଲୀ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରି ୨୬ ତାରିଖ ସାଧାରଣତନ୍ତ୍ର ପରେଡରେ ଅତିଥି ଭାବେ ଉପସ୍ଥିତ ଥିଲେ। ୨୮ ତାରିଖରେ ଏନ୍‌ସିସି ପରେଡରେ ମଧ୍ୟ ଯୋଗଦାନ କରିଥିଲେ। ଏହା ବ୍ୟତୀତ ସେମାନେ ଦିଲ୍ଲୀ ନିକଟବର୍ତ୍ତୀ ସ୍ଥାନରେ ବୁଲିବା ସହ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସହିତ ମିଶିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ଅନେକ ଜନଜାତିର ଲୋକଙ୍କୁ ସାକ୍ଷାତ କରିବା ସହ ସେମାନଙ୍କ ବେଶଭୂଷା, ଚାଲିଚଳନ, ସାଂସ୍କୃତି, ପରମ୍ପରା ସମ୍ପର୍କରେ ମଧ୍ୟ ଜାଣିବାକୁ ପାଇଥିଲେ। ରାଷ୍ଟ୍ରପତିଙ୍କ ନୈଶଭୋଜିରେ ଯୋଗଦେଇଥିଲେ। ଶେଷରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ତାଙ୍କଠାରୁ ପ୍ରମାଣପତ୍ର ତଥା ଉପହାର ଗ୍ରହଣ କରି ନୂଆପଡା ପ୍ରତ୍ୟାବର୍ତ୍ତନ କରିଛନ୍ତି। ନୂଆପଡା ଜନସାଧାରଣଠାରେ ଦିଲ୍ଲୀ ଗସ୍ତର ସମ୍ପୂର୍ଣ୍ଣ ଅନୁଭୂତି ବଖାଣି ଥିଲେ।

DADLS-86

ଓଡ଼ିଶା ସରକାର
ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୩
ସକାଳ ୮ ଘଟିକା ସମୟରେ ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ
ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ଶଶୀଭୂଷଣ ବେହେରା, ମାନ୍ୟବର ବିଧାୟକ,କେନ୍ଦ୍ରାପଡ଼ା
ସମ୍ମାନିତ ଅତିଥି : – କସ୍ତୁରୀ ମହାପାତ୍ର, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : – ଡ଼ଃ. ବିଜୟାନନ୍ଦ ସିଂହ, ବିଶିଷ୍ଟ ସାହିତ୍ୟିକ
ବିଶିଷ୍ଟ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ସାଥୀଙ୍କ ଦ୍ୱାରା ମଧୁବାବୁଙ୍କ ରଚନାରୁ ସଙ୍ଗୀତ ପରିବେଷଣ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0249/2223



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଣ୍ଟା ଭଙ୍ଗା ଗୁଆକାତି,
ପାଖରେ ବସାଇ ପାନ ଖୁଆନ୍ତି,
ନୁହନ୍ତି ଆପଣା ଜାତି।

ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି ଭଲ ପାଇବା ନେଇ ପରିପ୍ରକାଶ। ବେଳେବେଳେ ଅଜ୍ଞାତ ବ୍ୟକ୍ତିକୁ ପାଖରେ ବସାଇ ଭାବନା ସୃଷ୍ଟିକରି ନିଜର କରିବାକୁ ଇଚ୍ଛା ହୁଏ। କିନ୍ତୁ ସେ ନିଜ ଜାତି ବା ପରିଚିତର ହୋଇ ନ ଥିବାରୁ କିଛି ସାମାଜିକ ଅନ୍ତରାୟ ରହିଯାଇଥାଏ। ଏହାକୁ ସେ ଅତିକ୍ରମ କରିପାରୁ ନ ଥାଏ କି ତାକୁ ଛାଡ଼ି ରହିପାରୁ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଅନା ପତରକୁ ବନା ପତର,
ମୂଳ ଲାଗୁଥାଏ ପର କ୍ଷେତର,
ପିଠି ଖାଉଥାଏ ଖରା;
ଅଣ୍ଟୁ ନ ଥିଲା ତ କୁଣ୍ଡା ଚକୁଳି
ଏବେ ରୁଚୁନାହିଁ ବିରିବରା।

ମନୁଷ୍ୟ ନିଜର ପୂର୍ବାବସ୍ଥା ବା ଅତୀତକୁ ଭୁଲିଯିବା ଅନୁଚିତ। ବହୁ କ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରିଥିବା ମନୁଷ୍ୟଟି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ଉକ୍ତ ମନୁଷ୍ୟଟି ନିଜ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନଯାପନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାରେ ଅହଙ୍କାରୀ ହୋଇଯାଉଥିବାର ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୦ ଜିଲାରେ ଆରମ୍ଭ ହେଲା ଭର୍ଚୁଆଲ ହାଇକୋର୍ଟ




କଟକସ୍ଥିତ ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଭର୍ଚୁଆଲ ହାଇକୋର୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟ ବିଚାରପତିମାନେ।

## ଜିଲାରୁ ହାଇକୋର୍ଟ କାର୍ଯ୍ୟକ୍ଷମ ହେବା ଦେଶରେ ପ୍ରଥମ: ପ୍ରଧାନ ବିଚାରପତି

**କଟକ ଅଫିସ,୩।୨**

ରାଜ୍ୟର ୧୦ ଜିଲାରେ ଶୁକ୍ରବାରଠାରୁ ଭର୍ଚୁଆଲ ହାଇକୋର୍ଟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମର ବ୍ରହ୍ମପୁର, ଭଦ୍ରକ, କଳାହାଣ୍ଡିର ଭବାନୀପାଟଣା, ଖୋର୍ଦ୍ଧାର ଭୁବନେଶ୍ୱର, ବଲାଙ୍ଗୀର, କୋରାପୁଟର ଜୟପୁର, ପୁରୀ ଓ ସୁନ୍ଦରଗଡ଼ର ରାଉରକେଲାଠାରେ ହାଇକୋର୍ଟର ଭର୍ଚୁଆଲ କ୍ୟାବିନ କାର୍ଯ୍ୟକ୍ଷମ ହୋଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ନୂଆଦିଲ୍ଲୀରୁ ଭର୍ଚୁଆଲରେ ଥାଇ ଭର୍ଚୁଆଲ ହାଇକୋର୍ଟ ବ୍ୟବସ୍ଥାକୁ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। କଟକସ୍ଥିତ ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଭର୍ଚୁଆଲରେ ଥାଇ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଓଡ଼ିଶା ହାଇକୋର୍ଟର ଏହି ଉଦ୍ୟମକୁ ପ୍ରଶଂସା କରି କହିଥିଲେ, ନ୍ୟାୟିକ କ୍ଷେତ୍ରରେ ଇ-ବ୍ୟବସ୍ଥା ଏକ ଜାତୀୟ ଆନ୍ଦୋଳନରେ ପରିଣତ ହେବା ସହ ଦେଶର ଅନ୍ୟ ହାଇକୋର୍ଟଗୁଡ଼ିକ ଏହାକୁ ଅନୁସରଣ କରିବେ। ଅଧିକାଂଶ ହାଇକୋର୍ଟରେ କେବଳ ଗୋଟିଏ ବେଞ୍ଚ କାର୍ଯ୍ୟ କରୁଥିବାବେଳେ କିଛି ହାଇକୋର୍ଟରେ ଦୁଇଟି ବେଞ୍ଚ ରହିଛି। ହେଲେ ଓଡ଼ିଶା ହାଇକୋର୍ଟ ରାଜ୍ୟର ସବୁ ଜିଲାରୁ କାର୍ଯ୍ୟକ୍ଷମ ହେଉଛି ଯାହା ଦେଶରେ ପ୍ରଥମ। ଏହାଦ୍ୱାରା ବହୁଦୂରରେ ଥିବା ଆଇନଜୀବୀମାନେ ନିଜ ଅଞ୍ଚଳରେ ରହି ହାଇକୋର୍ଟର ମାମଲା ପରିଚାଳନା କରିପାରିବାର ସୁଯୋଗ ପାଇବେ। କ୍ଷୁଦ୍ର ସହରରେ ରହି ବି ମେଧାବୀ ଆଇନଜୀବୀମାନେ ମାମଲା ପରିଚାଳନା ପାଇଁ ନିଜ ଦକ୍ଷତାକୁ ଉପଯୋଗ କରିପାରିବେ। ଏହି ଅବସରରେ ପ୍ରଧାନ ବିଚାରପତି ଏକ ଘୋଷଣା କରିଥିଲେ, ସୁପ୍ରିମକୋର୍ଟ ପକ୍ଷରୁ ମାଡ୍ରାସ ଆଇଆଇଟି ସହଯୋଗରେ ବିଚାରପତିଙ୍କ ରାୟକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବାର ଏକ ନୂଆ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଓଡ଼ିଶା ହାଇକୋର୍ଟ ବି ରାୟଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିବା ନେଇ ଆଶାବ୍ୟକ୍ତ କରିଥିଲେ। ଆଇନଜୀବୀ, ବିଚାରପତି ଓ ପକ୍ଷମାନଙ୍କ ନିମନ୍ତେ ସୁପ୍ରିମକୋର୍ଟଙ୍କ ୩୫୦୦୦ ରାୟ ଅଦ୍ୟାବଧି ପୋର୍ଟାଲରେ ବିନା ଦେୟରେ ଉପଲବ୍ଧ କରାଯାଇଛି ବୋଲି ସେ କହିଥିଲେ।

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ଜିଲାସ୍ତରରେ ଭର୍ଚୁଆଲ ହାଇକୋର୍ଟ ସ୍ଥାପନ ଭବିଷ୍ୟତ ପାଇଁ ଏକ ବଡ଼ ପଦକ୍ଷେପ। ଏହା ସଫଳ ହେଲେ ନ୍ୟାୟିକ ବ୍ୟବସ୍ଥାର ଚେହେରା ପରିବର୍ତ୍ତନ କରିଦେବ। ଲୋକମାନେ ପ୍ରତି ଜିଲାରେ ହାଇକୋର୍ଟର ଉପସ୍ଥିତିକୁ ଅନୁଭବ କରିପାରିବେ ଓ ଦ୍ୱାରଦେଶରେ ନ୍ୟାୟିକ ସେବା ପାଇବେ। ଏହାଦ୍ୱାରା ହାଇକୋର୍ଟଠାରୁ ବହୁ ଦୂରରେ ଥାଇ ଲୋକମାନେ ହାଇକୋର୍ଟରେ ମାମଲା ଦାୟର କରିପାରିବେ। ଏଥିସହ ଶୁଣାଣିରେ ଉପସ୍ଥିତ ରହିବା ସହ ସାର୍ଟିଫାଏଡ୍ କପି ମଧ୍ୟ ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ହୋଇଥିବା ଭର୍ଚୁଆଲ ହାଇକୋର୍ଟ ଦ୍ୱାରା ନିକଟବର୍ତ୍ତୀ ଜିଲାର ଲୋକମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ହାଇକୋର୍ଟର ଆଇଟି ଆଣ୍ଡ ଏଆଇ କମିଟି ଅଧ୍ୟକ୍ଷ ତଥା ବିଚାରପତି ଶୁଭାଶିଷ ତାଳପତ୍ର ସ୍ୱାଗତ ଭାଷଣ ଓ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭର୍ଚୁଆଲ ହାଇକୋର୍ଟ ଉପରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ହାଇକୋର୍ଟ ବିଚାରପତି, ପୂର୍ବତନ ବିଚାରପତିମାନଙ୍କ ସମେତ ଆଡ୍‌ଭୋକେଟ ଜେନେରାଲ, ଡେପୁଟି ସଲିସିଟର ଜେନେରାଲ ଅଫ ଇଣ୍ଡିଆ ଫର ଓଡ଼ିଶା ହାଇକୋର୍ଟ, ବିଚାର ବିଭାଗୀୟ ଅଧିକାରୀ, ସରକାରୀ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏସନର ସଦସ୍ୟ ଓ ୧୦ ଜିଲାର ଆଇନଜୀବୀ ଉପସ୍ଥିତ ଥିଲେ।

### ୧୦ ଜିଲାରେ ସର୍ବାଧିକ ମାମଲା

ପ୍ରଥମ ପର୍ଯ୍ୟାୟରେ ଯେଉଁ ୧୦ଟି ଜିଲାରେ ଭର୍ଚୁଆଲ ହାଇକୋର୍ଟ ସ୍ଥାପନ ହୋଇଛି, ତାହା ଭୌଗୋଳିକ ସ୍ଥିତି ଓ ମାମଲାର ପରିମାଣକୁ ଆଧାର କରି ସ୍ଥିର କରାଯାଇଛି। ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରେ ୧.୭ ଲକ୍ଷ ମାମଲା ବିଚାର ପାଇଁ ପଡ଼ିରହିଛି। ତନ୍ମଧ୍ୟରୁ ଉପରୋକ୍ତ ୧୦ଟି ଜିଲାରେ ପ୍ରାୟ ୭୨,୭୬୦ ମାମଲା ରହିଛି। ପୁଣି ଖୋର୍ଦ୍ଧା ଜିଲାରେ ସର୍ବାଧିକ ପ୍ରାୟ ୨୭,୧୬୦ ମାମଲା ରହିଥିବା ଜଣାପଡ଼ିଛି। ଏଥିସହ ସମ୍ବଲପୁରରେ ୪୦୦୦, ଗଞ୍ଜାମରେ ୧୦୫୦୦, ଭଦ୍ରକରେ ୫୩୦୦, କଳାହାଣ୍ଡିରେ ୩୪୦୦, ବଲାଙ୍ଗୀରରେ ୩୮୦୦, କୋରାପୁଟରେ ୩୨୦୦, ପୁରୀରେ ୮୨୦୦ ଓ ସୁନ୍ଦରଗଡ଼ରେ ପାଖାପାଖି ୩୨୭୮ଟି ମାମଲା ପଡ଼ିରହିଛି।

### ଭର୍ଚୁଆଲ ହାଇକୋର୍ଟର ସୁବିଧା

ଭର୍ଚୁଆଲ ହାଇକୋର୍ଟରେ ଭିଡିଓ କନ୍‌ଫରେନ୍ସ ସୁବିଧା ସହ ଏକ କାର୍ଯ୍ୟାଳୟ ରହିଛି। ହାଜରା ପାଇଁ ୫୫ ଇଞ୍ଚ ଟିଭି, କ୍ୟାମେରା, ମାଇକ୍ରୋଫୋନ, ସ୍ପିକର, ଡକ୍ୟୁମେଣ୍ଟ ଭିଜୁଆଲାଇଜର, କମ୍ପ୍ୟୁଟର, ପ୍ରିଣ୍ଟର, ସ୍କାନର ଆଦି ବ୍ୟବସ୍ଥା ଅଛି। ସେଠାରେ ଆଇନଜୀବୀମାନେ ମାମଲା ଇ-ଫାଇଲ କରିପାରିବେ। କୌଣସି ଆଇନଜୀବୀ ବା ପକ୍ଷ ଚାହିଁଲେ ଲିଖିତ କାଗଜାତ ମାଧ୍ୟମରେ ବି ମାମଲା ଦାୟର କରିପାରିବେ। ସେଠାରେ ଥିବା କମ୍ପ୍ୟୁଟର ସିଷ୍ଟମ ଜରିଆରେ ସେଗୁଡ଼ିକ ସ୍କାନ୍ ହୋଇ ଅପ୍‌ଲୋଡ୍ ହେବ। ଏହି କାର୍ଯ୍ୟ ପାଇଁ ଜଣେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପ୍ରତି ଜିଲା କ୍ୟାବିନରେ ନିଯୁକ୍ତି ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ଉପ ଜିଲାପାଳଙ୍କୁ ...

ଚଉନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ବାଲି ଉତ୍ତୋଳନରେ ବ୍ୟବହୃତ ମେଶିନ, ଟ୍ରାକ୍ଟର ଓ ପାଖାପାଖି ୫୦୦ ଟ୍ରିପ୍ ବାଲି ଜବତ କରି ସ୍ଥାନୀୟ ଲୋକଙ୍କ ଜିମା ଦେଇଥିଲେ। ଶୁକ୍ରବାର ଉପ ଜିଲାପାଳ ସେଠାକୁ ସ୍ଥିତି ପରଖିବାକୁ ଯାଇଥିବା ବେଳେ ବାଲି ଚୋରାଚାଲାଣକାରୀମାନେ ତାଙ୍କ ଉପରେ ଢେଲାପଥର ମାଡ଼ କରିଥିଲେ। ଏହି ଆକ୍ରମଣରେ ଉପ ଜିଲାପାଳ ଆହତ ହୋଇଥିବା ବେଳେ ତାଙ୍କ ଡ୍ରାଇଭର ଗୁରୁତର ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଉପ ଜିଲାପାଳ କ୍ୱାର୍ଟର୍ସକୁ ଫେରିଯାଇଥିବା ବେଳେ ତାଙ୍କ ଡ୍ରାଇଭରଙ୍କ ଅବସ୍ଥା ଭଲ ଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ସୂଚନା ଦେଇଛନ୍ତି।

## ଆମେରିକାରେ ଚାଇନାର ...

ତିନୋଟି ବସ୍ ଭଳି ହେବ। ମୋଣ୍ଟାନା ହେଉଛି କମ୍ ଜନସଂଖ୍ୟା ବିଶିଷ୍ଟ ଏକ ରାଜ୍ୟ। ଆମେରିକାର ୩ ଆଣବିକ କ୍ଷେପଣାସ୍ତ୍ର କ୍ଷେତ୍ର ମଧ୍ୟରୁ ଅନ୍ୟତମ ମାଲ୍‌ମଷ୍ଟର୍ମ ଏୟାରଫୋର୍ସ ଏହି ରାଜ୍ୟରେ ଅବସ୍ଥିତ। ବେଲୁନ୍ ଦୃଶ୍ୟମାନ ହେବା ପରେ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ ବିରୋଧରେ ଆମେରିକା ସରକାର ତତ୍ପରତା ଦେଖାଇଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ପେଣ୍ଟାଗନ ଅନ୍ୟ ବିକଳ୍ପଗୁଡ଼ିକ ସନ୍ଧାନରେ ରହିଛି। ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ଅଧ୍ୟକ୍ଷ ଜେନେରାଲ ମାର୍କ ମିଲେ ଏବଂ ୟୁଏସ୍ ନର୍ଦ୍ଦର୍ନ କମାଣ୍ଡ ଜେନେରାଲ ଗ୍ଲେନ୍ ଭନ୍-ହେର୍କ ସମ୍ଭାବ୍ୟ ବିପଦ ଆଶଙ୍କା କରି ଏହାକୁ ନ ଖସାଇବା ପାଇଁ ପରାମର୍ଶ ଦେଇଛନ୍ତି। ବାଇଡେନ୍ ପ୍ରଶାସନ ୱାଶିଂଟନସ୍ଥିତ ଚାଇନା ଦୂତାବାସ ଓ ବେଜିଂରେ ଥିବା ଆମେରିକୀୟ ଡିପ୍ଲୋମାଟ୍ ମିଶନ ଜରିଆରେ ବେଜିଂ ସହ ଯୋଗସୂତ୍ରରେ ରହିଛି। ଚାଇନାର ଗୁପ୍ତଚରଗିରି ଉଦ୍ୟମ ବଢ଼ିବାରେ ଲାଗିଥିବାରୁ ଆମେରିକାର ସୁରକ୍ଷା ଅଧିକାରୀମାନେ ଲଗାତର ସତର୍କ କରାଇଆସୁଛନ୍ତି। ବ୍ଲିଙ୍କେନ ଆସନ୍ତା ୫-୬ରେ ଚାଇନା ଯିବାର କାର୍ଯ୍ୟକ୍ରମ ଥିବାବେଳେ ସନ୍ଦିଗ୍ଧ ବେଲୁନ୍‌ର ଉପସ୍ଥିତିକୁ ଦେଖି ପାଗ ଅନୁକୂଳ ନ ଥିବା ଦର୍ଶାଇ ତାଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଛି। ଆମେରିକା ବାୟୁସୀମାରେ ଚାଇନାର ଗୁପ୍ତଚର ବେଲୁନ୍ 'ଗ୍ରହଣୀୟ ନୁହେଁ'। ଏହା ଆମେରିକା ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ପରରାଷ୍ଟ୍ର ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ବେଜିଂରେ କହିଛନ୍ତି, ତଦାରଖ ଚାଲିଛି। ସତ ପଦାକୁ ଆସିବା ଯାଏ କଳ୍ପନାଜଳ୍ପନା ପ୍ରକାଶ ପାଇବା ଅନୁଚିତ। ଚାଇନା ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର ହୋଇଥିବାରୁ ଅନ୍ତର୍ଜାତୀୟ ଆଇନର କଡ଼ା ଅନୁପାଳନ କରିଥାଏ। କୌଣସି ସାର୍ବଭୌମ ରାଷ୍ଟ୍ରର ବାୟୁସୀମା ଉଲ୍ଲଂଘନ କରିବା ଆମ ଉଦ୍ଦେଶ୍ୟ ନୁହେଁ। ଇତିମଧ୍ୟରେ କାନାଡା ମଧ୍ୟ ଏଭଳି ଏକ ବେଲୁନ୍‌କୁ ଟ୍ରାକ୍ କରୁଥିବା କହିଛି।

## ଓଡ଼ିଶାର ଦାବି ଠାରୁ ଅଧିକ ଅର୍ଥ ମିଳିଛି

୨୦୨୩-୨୪ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଓଡ଼ିଶାକୁ ରେକର୍ଡସଂଖ୍ୟକ ୧୦ ହଜାର ୧୨ କୋଟି ଟଙ୍କାର ରେଳ ଅନୁଦାନ ରାଜ୍ୟବାସୀଙ୍କୁ ଖୁସି ଦେଇଛି। 'ପୂର୍ବୋଦୟ ମିଶନ'ରେ ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି। କେନ୍ଦ୍ର ସରକାରରେ ଓଡ଼ିଶାକୁ ରେଳ କ୍ଷେତ୍ରରେ ଦାବି ଠାରୁ ଅଧିକ ଅର୍ଥ ମିଳିଛି। ଏହି ଅନୁଦାନ ରେଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ସହ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଓଡ଼ିଶାରେ ୩୭ଟି ନୂଆ ରେଳ ଲାଇନ ପ୍ରକଳ୍ପ ପାଇଁ ୨୫୬୪ କୋଟି, ୪,୬୪୩ କିମି ରେଳ ଲାଇନର ଦହୋରୀକରଣ ପାଇଁ ୩୮୦୦ କୋଟି ଟଙ୍କା ବ୍ୟୟବରାଦ ରେଳ ସଂଯୋଗକୁ ସୁଗମ କରିବା ସହ ପର୍ଯ୍ୟଟନ ଭିତ୍ତିଭୂମି ଏବଂ ଅର୍ଥନୀତିକୁ ସଶକ୍ତ କରିବ। ଆର୍ଥିକ ବର୍ଷ ୨୦୨୩-୨୪ କେନ୍ଦ୍ର ବଜେଟରେ ପଶ୍ଚିମ ଓଡ଼ିଶାବାସୀଙ୍କ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପାଇଁ ୧୫୯୯ କୋଟି ଅନୁଦାନ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ। ତାଳଚେର-ବିମଳାଗଡ଼ ରେଳ ଲାଇନ ପାଇଁ ୩୦୦ କୋଟି, ଅନୁଗୋଳ- ସୁକିନ୍ଦା ରୋଡ ପାଇଁ ୨୦୦ କୋଟି ଅନୁଦାନ ସ୍ୱାଗତଯୋଗ୍ୟ। ନୂଆ ଜନ ଜାତୀୟ ଗୌରବ କୋରିଡର, ଏନର୍ଜି କୋରିଡର, ନୂତନ ବନ୍ଦର ସଂଯୋଗ ପାଇଁ ରେଳ ଭିତ୍ତିଭୂମି ଏବଂ ୱାନ ଷ୍ଟେସନ-ୱାନ ପ୍ରଡକ୍ଟ ପାଇଁ ଓଡ଼ିଶାର ୨୮ଟି ଷ୍ଟେସନ ଚିହ୍ନଟ କରିବା ପାଇଁ ହୋଇଥିବା ଅଭିନବ ଯୋଜନା ଦ୍ୱାରା ରାଜ୍ୟର ଜନସାଧାରଣ ବିଶେଷ ଲାଭ ପାଇବେ।



**-ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

## ଜମି ଅଧିଗ୍ରହଣ କାର୍ଯ୍ୟ ମୂଳ ବାଧକ ସାଜିଛି

ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାର ସର୍ବଦା ତତ୍ପରତା ପ୍ରଦର୍ଶନ କରିଆସୁଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ରେଳବାଇ କ୍ଷେତ୍ରରେ ଓଡ଼ିଶା ସର୍ବଦା ଅବହେଳିତ ହୋଇ ଆସୁଥିଲା। ମାତ୍ର ୨୦୧୪ ପରେ ରେଳ ବଜେଟରେ ପ୍ରତିବର୍ଷ ଅନୁଦାନ ପରିମାଣ ବୃଦ୍ଧି ପାଇଚାଲିଛି। ଓଡ଼ିଶାକୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ରେଳ ବିକାଶ ପାଇଁ ବଜେଟରେ ସର୍ବକାଳୀନ ସର୍ବାଧିକ ୧୦୦୧୨ କୋଟି ଟଙ୍କା ବ୍ୟୟବରାଦ କରି ଏକ ନୂତନ ଇତିହାସ ସୃଷ୍ଟି କରାଯାଇଛି। ନୂତନ ଜନଜାତୀୟ ଗୌରବ କରିଡର ପାଇଁ ୨୮୪ କୋଟି, ନୂତନ ଶକ୍ତି କରିଡର ପାଇଁ ୨୮୪ କୋଟି, ବନ୍ଦର ସଂଯୋଗୀକରଣ ପାଇଁ ୫୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟକୁ ଦେଶ ବିଦେଶରେ ପହଞ୍ଚାଇବା ପାଇଁ ରାଜ୍ୟର ୨୮ଟି ଷ୍ଟେସନକୁ 'ୱାନ ଷ୍ଟେସନ - ୱାନ ପ୍ରଡକ୍ଟ' ଜରିଆରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଚଳିତ ବର୍ଷ ରେଳ ବଜେଟରେ ୮୪୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଦାବୀ କରିଥିବାବେଳେ କେନ୍ଦ୍ର ସରକାର ୧୦୦୧୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ୨୦ ପ୍ରତିଶତ ଅଧିକ। ରାଜ୍ୟରେ ରେଳବାଇ ବିକାଶରେ ଜମି ଅଧିଗ୍ରହଣ ମୂଳ ବାଧକ ସାଜିଥିବା ବେଳେ ଏହି କାର୍ଯ୍ୟକୁ ରାଜ୍ୟ ସରକାର ତ୍ୱରାନ୍ୱିତ କରନ୍ତୁ।



**-ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାକୁ ୧୦,୦୧୨...

ବିକାଶ ଏବଂ ଭିତ୍ତିଭୂମି ସୁଦୃଢ଼ ପାଇଁ ୨.୪ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ତଦନୁଯାୟୀ ରେଳ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ରେଳ ବଜେଟରେ ବିଭିନ୍ନ ରାଜ୍ୟ ପାଇଁ ଆବଣ୍ଟିତ ଅର୍ଥ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାକୁ ମିଳିଥିବା ଟଙ୍କାର ପରିମାଣ ଓ ରେଲୱେ ସମ୍ବନ୍ଧୀୟ ଅନ୍ୟାନ୍ୟ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ବଜେଟ ବହୁ ପୂର୍ବରୁ କେନ୍ଦ୍ର ସରକାର ଓ ରେଳ ମନ୍ତ୍ରଣାଳୟକୁ ପ୍ରାୟ ୮,୪୦୦ କୋଟି ଟଙ୍କାର ବ୍ୟୟବରାଦ ପାଇଁ ଅନୁରୋଧ କରିଥିଲେ। କିନ୍ତୁ କେନ୍ଦ୍ର ସରକାର ୧୦,୦୧୨ କୋଟି ଟଙ୍କା ଆବଣ୍ଟନ କରିଥିବା ବୈଷ୍ଣବ କହିଛନ୍ତି। ସୂଚନାଥାଉ କି, ୨୦୨୨-୨୩ ବଜେଟ୍ ପୂର୍ବରୁ ୭,୬୦୦ କୋଟି ଟଙ୍କା ଦାବି କରିଥିବା ବେଳେ କେନ୍ଦ୍ର ସରକାର ୯,୭୩୪ କୋଟି ଟଙ୍କାର ରେଳ ଅନୁଦାନ ଘୋଷଣା କରିଥିଲେ। ମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶା ବାର୍ଷିକ ହାରାହାରି ୮୩୪ କୋଟି ଟଙ୍କା ରେଳ ଅନୁଦାନ ମିଳୁଥିଲା। ଏହାର ୧୨ ଗୁଣ ଅଧିକ ଅନୁଦାନ ୨୦୨୩-୨୪ ନିମନ୍ତେ ଓଡ଼ିଶାକୁ ଯୋଗାଇ ଦିଆଯାଇଥିବା ସେ କହିଛନ୍ତି। ରେଳମନ୍ତ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୨୮୦ କି.ମି. ରେଳଲାଇନ୍ ନିର୍ମାଣ ହେବ। ଗତ ଆର୍ଥିକ ବର୍ଷ ଅପେକ୍ଷା ଏଥର ଅନେକ ବିକାଶମୂଳକ କାର୍ଯ୍ୟ ଓ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ଶତ ପ୍ରତିଶତ କାର୍ଯ୍ୟ ସହ ବ୍ୟୟବରାଦ ଟଙ୍କାର ପୂର୍ଣ୍ଣ ବିନିଯୋଗ ପାଇଁ ମନ୍ତ୍ରଣାଳୟ ଏବଂ ଓଡ଼ିଶା କ୍ଷେତ୍ରର ରେଳପଥ (ପୂର୍ବତଟ ରେଳପଥ) ପକ୍ଷରୁ ବ୍ୟାପକ ଆକ୍ସନ ପାଳନ ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ କହିଛନ୍ତି। ୨୦୨୩ ଅଗଷ୍ଟ ଶେଷ ସୁଦ୍ଧା ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ ରେଳ ପ୍ରକଳ୍ପ 'ବନ୍ଦେ ମେଟ୍ରୋ ଟ୍ରେନ' ପ୍ରକଳ୍ପର ମାଷ୍ଟର ଡିଜାଇନ ଉନ୍ମୋଚନ କରାଯିବ। ଓଡ଼ିଶାର କେତେକ ସ୍ଥାନରେ ମଧ୍ୟ ବନ୍ଦେ ମେଟ୍ରୋ ଟ୍ରେନ ଚାଲିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। କଟକ-ଭୁବନେଶ୍ୱର, ପୁରୀ-କଟକ/ଭୁବନେଶ୍ୱର, ରାଉରକେଲା- ସମ୍ବଲପୁର ଅଥବା ରାଉରକେଲା-ସୁନ୍ଦରଗଡ଼ ଭଳି ରେଳ ଅଞ୍ଚଳରେ ଉକ୍ତ ଟ୍ରେନ ଚାଲିବା ଯୋଜନା ରହିଥିବା ସେ କହିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ଆବଣ୍ଟିତ ଅର୍ଥର ୯୫% ଅର୍ଥ ବିଭିନ୍ନ ପ୍ରକଳ୍ପ ସାଙ୍ଗକୁ ରେଳପଥର ଉନ୍ନତୀକରଣ,ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ଭଳି କାର୍ଯ୍ୟରେ ବ୍ୟବହୃତ ହୋଇଛି। କେବିକେ ଜିଲାଗୁଡ଼ିକରେ ୧୩ଟି ଷ୍ଟେଶନକୁ ପୁନଃ ବିକାଶ ପାଇଁ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ଟିଟିଲାଗଡ଼, ବଲାଙ୍ଗୀର, କଣ୍ଟାବାଞ୍ଜି, ହରିଶଙ୍କର ରୋଡ୍, କେଶିଙ୍ଗା, ଭବାନୀପାଟଣା, ରାୟଗଡା, ମୁନିଗୁଡା, ଗୁଣୁପୁର, କୋରାପୁଟ, ଜୟପୁର, ଦାମନଯୋଡ଼ି ଏବଂ ଖରିଆର ରୋଡ। ୧୦ଟି ଷ୍ଟେଶନରେ ଟେକ୍ନୋ-ଇକୋନୋମିକ୍ ଅଧ୍ୟୟନ ଆରମ୍ଭ ହୋଇଛି। ସେଗୁଡ଼ିକ ହେଲା ନୂଆ ଭୁବନେଶ୍ୱର, ରାୟଗଡା, ସମ୍ବଲପୁର, ଭଦ୍ରକ, ବ୍ରହ୍ମପୁର, ଯାଜପୁର-କେନ୍ଦୁଝର ରୋଡ୍, ଖୋର୍ଦ୍ଧା ରୋଡ୍, ବାଲେଶର, ଝାରସୁଗୁଡ଼ା ଓ ରାଉରକେଲା। ସେହିପରି ୨୭ଟି ଷ୍ଟେଶନରେ କାର୍ଯ୍ୟ ଚାଲୁରହିଥିବା ସୂଚନା ଦିଆଯାଇଛି। ସେଗୁଡ଼ିକ ହେଲା ଢେଙ୍କାନାଳ, ତାଳଚେର ରୋଡ୍, ପାରାଦୀପ, ମଞ୍ଚେଶ୍ୱର, କେନ୍ଦୁଝରଗଡ଼, କୋରାପୁଟ, ଜୟପୁର, ତାଳଚେର, ଟିଟିଲାଗଡ଼, ବଲାଙ୍ଗୀର, କେଶିଙ୍ଗା, କଣ୍ଟାବାଞ୍ଜି, ସମ୍ବଲପୁର ସିଟି, ଭବାନୀପାଟଣା, ଝାରସୁଗୁଡା ରୋଡ୍, ରେଢ଼ାଖୋଲ, ପାରଳାଖେମୁଣ୍ଡି, ବାରିପଦା, ଜଳେଶର, ରାଇରଙ୍ଗପୁର, ବ୍ରଜରାଜନଗର, ଅନୁଗୋଳ ଓ ବାଲୁଗାଁ।

ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ରେଳ ବଜେଟରେ ଓଡ଼ିଶା କ୍ଷେତ୍ରକୁ ଆବଣ୍ଟିତ ଅର୍ଥର ହିସାବ ଦେଇଥିଲେ। ପୂର୍ବତଟ ରେଳପଥର ଆଗାମୀ କାର୍ଯ୍ୟକଳାପ ଓ ଆକ୍ସନ ପ୍ଲାନ୍ ସମ୍ପର୍କରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ପୂର୍ବତଟ ରେଳପଥ ଓଡ଼ିଶାରେ ଦଶଗୁଣ ବିକାଶମୂଳକ କାର୍ଯ୍ୟ ସାଙ୍ଗକୁ ଭିତ୍ତିଭୂମି ଓ ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ କାର୍ଯ୍ୟ କରିବ ବୋଲି ଶର୍ମା କହିଛନ୍ତି।

### ନୂଆ ରେଳ ଲାଇନ୍ ପାଇଁ ଅନୁଦାନ

| ପ୍ରକଳ୍ପ | ମଞ୍ଜୁର ଅର୍ଥ (କୋଟିରେ) |
|---|---|
| ୧. ଖୋର୍ଦ୍ଧାରୋଡ୍-ବଲାଙ୍ଗୀର | ୧୫୯୯ |
| ୨. ତାଳଚେର-ବିମଳାଗଡ଼ | ୩୦୦ |
| ୩. ଶକ୍ତି କରିଡର | ୨୮୪ |
| ୪. ଜନଜାତୀୟ ଗୌରବ କରିଡର | ୨୮୪ |
| ୫. ଅନୁଗୋଳ-ସୁକିନ୍ଦା | ୨୦୦ |
| ୬. ଜୟପୁର-ମାଲକାନଗିରି | ୧୧୫ |
| ୭. ଜୟପୁର-ନବରଙ୍ଗପୁର | ୧୦୦ |
| ୮. ତାଳଚେର-ଅନୁଗୋଳ ସହିତ ତାଳଚେରରେ ୱାଇ କନେକ୍ସନ | ୧୦୦ |
| ୯. ବନ୍ଦରଗୁଡ଼ିକୁ ନୂତନ ସଂଯୋଗୀକରଣ | ୫୭ |
| ୧୦. ହରିଦାସପୁର-ପାରାଦୀପ | ୫୦ |
| ୧୧. ନୂଆପଡ଼ା-ଗୁଣପୁର: ଥେରୁବାଲି ପର୍ଯ୍ୟନ୍ତ ନୂଆ ସମ୍ପ୍ରସାରଣ ଲାଇନ୍ | ୫୦ |
| ୧୨. କୋଡ଼ିଙ୍ଗାମାଳି ବକ୍ସାଇଟ ମାଇନ୍ସରୁ ସିଙ୍ଗାରାମ୍ ରେଳଷ୍ଟେଶନକୁ ନୂଆ ବ୍ରଡ୍‌ଗଜ୍ ସଂଯୋଗୀକରଣ | ୨୦ |
| ୧୩.ଗନ୍ଧମାର୍ଦ୍ଦନ ଆଇରନ ଓର୍ ମାଇନ୍ସରୁ ଗୋଲ୍‌ଡିହି ରେଳଷ୍ଟେଶନକୁ ନୂଆ ବ୍ରଡ୍‌ଗଜ୍ ସଂଯୋଗୀକରଣ | ୨୦ |
| ୧୪-ସମ୍ବଲପୁର-ଗୋପାଳପୁର | ୧୦ |
| ୧୫. ଦୀଘା-ଜଳେଶ୍ୱର ସହିତ ଦୀର୍ଘ-ଏଗ୍ରା ପାଇଁ ନୂଆ ଏମ୍‌ଏମ୍ | ୧୦ |
| ୧୬ କିରିବୁରୁ-ବଡବିଲ | ୫ |

### ଦୋହରୀକରଣ ପାଇଁ ଅନୁଦାନ

| | |
|---|---|
| ୧. ବିଜୟନଗରମ୍-ସମ୍ବଲପୁର ତୃତୀୟ ଲାଇନ୍ | ୯୨୦ |
| ୨.୪ର୍ଥ ଲାଇନ୍ ବେଟ୍ ଝାରସୁଗୁଡ଼ା-ବିଲାସପୁର | ୫୬୦ |
| ୩. କୋରାପୁଟ-ସିଙ୍ଗାପୁର ରୋଡ୍ | ୫୫୦ |
| ୪.ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ | ୫୫୦ |
| ୫.ବୁଢ଼ାପଙ୍ଗ-ସାଲେଗାଁଓ ଭାୟା ରଜତଗଡ଼ ତୃତୀୟ ଓ ଚତୁର୍ଥ ଲାଇନ୍ | ୪୧୦ |
| ୬. କୋଟାବାଲ୍‌ସା-କୋରାପୁଟ (ଜଗଦଲପୁର) | ୪୧୦ |
| ୭.ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ୍ (୮୦ କିମି) | ୩୩୦ |
| ୮.ବଣ୍ଡମୁଣ୍ଡା-ରାଞ୍ଚି | ୩୦୯ |
| ୯.ବାଂଶପାଣି-ଦୈତାରୀ-ଟମ୍‌କା-ଯଖପୁରା | ୨୨୫ |
| ୧୦.ରାୟପୁର-ଟିଟିଲାଗଡ଼ (୨୦୩ କିମି) ରାୟପୁର (କେନ୍ଦ୍ରି)-ଧମ୍‌ତରି ଏବଂ ଅଭାନପୁର-ରାଜିମ୍ ବ୍ରାଞ୍ଚ (୬୭.୨୦ କିମି) | ୨୧୮ |
| ୧୧.ଜରପଡ଼ା-ବୁଢ଼ାପଙ୍କ ୩ୟ ଓ ଚତୁର୍ଥ ଲାଇନ୍ (ତାଳଚେରରେ ଫ୍ଲାଏଓଭର ସହିତ) | ୨୧୨ |
| ୧୨.ସମ୍ବଲପୁର-ଟିଟିଲାଗଡ଼ ୧୮୨ କିମି | ୨୦୦ |
| ୧୩.ଜଗଦଲପୁର-କୋରାପୁଟ | ୧୭୦ |
| ୧୪.ରାଉରକେଲା-ଝାରସୁଗୁଡ଼ା ୩ୟ ଲାଇନ୍ | ୧୨୬ |
| ୧୫.ବୃନ୍ଦାମାଳ-ଝାରସୁଗୁଡ଼ା-ଡିଏନ୍ ଲାଇନ୍ ସଂଯୋଗୀକରଣ ପାଇଁ ଫ୍ଲାଏଓଭର | ୯୧ |
| ୧୬. ସମ୍ବଲପୁର-ତାଳଚେର (୧୭୪.୧୧ କିମି) | ୭୮ |
| ୧୭. ବାଘୁପାଳ ଫ୍ଲାଏଓଭର | ୭୫ |
| ୧୮.ବଣ୍ଡମୁଣ୍ଡା-ରାଉରକେଲା ୪ର୍ଥ ଲାଇନ୍ | ୩୯ |
| ୧୯.ଖୋର୍ଦ୍ଧାରୋଡ୍-ବାରଙ୍ଗ | ୨୫ |
| ୨୦.ରାଉରକେଲା-ବଣ୍ଡମୁଣ୍ଡା ଏ କ୍ୟାବିନ୍ ୫ମ ଲାଇନ୍ | ୧୭ |
| ୨୧. ଚମ୍ପା-ଝାରସୁଗୁଡ଼ା ତୃତୀୟ ଲାଇନ୍ | ୧୩ |
| ୨୨. ମନୋହରପୁର-ବଣ୍ଡମୁଣ୍ଡା ତୃତୀୟ ଲାଇନ୍ (୩୦କିମି) | ୮ |

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପାରିବାରିକ ସ୍ଥିତି, ଲୋକ ସମ୍ପର୍କ, ସଭାସମିତି, ଆଲୋଚନାଚକ୍ର, ସାହିତ୍ୟ ସଭା ପ୍ରଭୃତିରୁ ଖୁସି ରହିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କିମ୍ବା ନିଜ ଲୋକଙ୍କୁ କୈଫିୟତ୍ ଦେବାକୁ ପଡ଼ିବ। ଶାରୀରିକ ସୁସ୍ଥତା ଫେରି ଆସିବାରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପ୍ରଦାନ କରିବ। ମୃଗଶିରା ନକ୍ଷତ୍ର ସାଧାରଣ କଥାରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ** ଆରଦ୍ରା ନକ୍ଷତ୍ର ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ। ପାରିବାରିକ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉଚ୍ଚବାଚ ଜନିତ କୌଣସି ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କର୍କଟ** ଆର୍ଥିକ ଅନଟନ ହେତୁ ଆଶା ପୂରଣ ହୋଇପାରିବ ନାହିଁ। ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି। ପୁନର୍ବସୁ ନକ୍ଷତ୍ରର ପରିବହନ କ୍ଷେତ୍ରରେ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସଭାସମିତିରେ ସମସ୍ୟା ସମାଧାନ ହେବ। ପାରସ୍ପରିକ ଭୁଲ୍ ନିଷ୍ପତ୍ତି ହେତୁ ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ।

**ସିଂହ** ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଚାଲିବା ସାଙ୍ଗକୁ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରି ସମସ୍ୟା ସୃଷ୍ଟି କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା** ଚିତ୍ରା ନକ୍ଷତ୍ର ଆଜି ଦିନରେ ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ନିଜ ପରିସରର ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପ୍ରବାସୀମାନେ ଘରଭଡ଼ାକୁ କେନ୍ଦ୍ରକରି ଝଗଡ଼ାର ସମ୍ମୁଖୀନ ହୋଇପାରନ୍ତି। କାରିଗରି, ନିର୍ମାଣ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** ନିଜ ଲୋକଙ୍କ ବେଖାତିର ମନୋଭାବ କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ବ୍ୟବସାୟ, ପରିବହନ, କଳା, ସାହିତ୍ୟ,ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ୱାତୀ ନକ୍ଷତ୍ର ବ୍ୟକ୍ତିଙ୍କ ପାରିବାରିକ ବିବାଦ ହେତୁ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ।

**ବିଛା** ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନରେ, ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହେବେ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢ଼ିପାରେ। ମାଲିମକଦ୍ଦମାରେ ବିଜୟ ପ୍ରାପ୍ତିର ଆଶା କରିବେ।

**ଧନୁ** ମୂଳା ନକ୍ଷତ୍ର ପୂର୍ବ ସ୍ଥିରୀକୃତ କୌଣସି ନୂତନ ଯୋଜନା କାର୍ଯ୍ୟକାରୀ କରିବେ। କୌଣସି ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି। ନିଜ ମନ ପସନ୍ଦର ଜିନିଷ କିଣିବା ସକାଶେ ମନ ବଳାଇବେ।

**ମକର** ଶ୍ରବଣା ନକ୍ଷତ୍ର ସକାଶେ ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ମାନସିକ ଚାପ ବୃଦ୍ଧି ପାଇବା ଜନିତ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବେ। କୌଣସି ଜିନିଷର କ୍ରୟବିକ୍ରୟ ନିମିତ୍ତ ପରିବାରରେ ମତ ପାର୍ଥକ୍ୟ କାରଣରୁ ଅଶାନ୍ତ ରହିବେ।

**କୁମ୍ଭ** ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇ ପାରନ୍ତି,ଅବଶ୍ୟ କିଛି ଅସୁବିଧା ହେବ ନାହିଁ। ଯେ କୌଣସି କାମ ହେଉନା କାହିଁକି ଆପଣ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଧନିଷ୍ଠା ନକ୍ଷତ୍ର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ଅନୁତାପ କରିବା ସାର୍ ହେବ। ବ୍ୟବସାୟ, ପରିବହନ, ବାଣିଜ୍ୟ, କଳକାରଖାନା ଦିଗରୁ ଉପକୃତ ହେବେ।

**ମୀନ** ରେବତୀ ନକ୍ଷତ୍ରର କେତେକ କାମରେ ପ୍ରତିବନ୍ଧକ ଯୋଗୁ ଆଶାନୁଯାୟୀ ଅଗ୍ରଗତି ହୋଇପାରିବ ନାହିଁ। ଦାୟିତ୍ୱହୀନତା କାରଣରୁ କୌଣସି ବନ୍ଧୁ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଦୀର୍ଘ ଦିନରୁ ବକେୟା ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସହକର୍ମୀଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଶନିବାର, ଫେବୃୟାରୀ ୪ ତାରିଖ, ବିଶ୍ୱ କର୍କଟ ଦିବସ, ଉତ୍କଳଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ, ମହିମାଗାଦିରେମେଳା,ରାଶିନକ୍ଷତ୍ର-ଦିବାଘ.୦୯।୧୬ଗତେ ପୁନର୍ବସୁ/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ।


ସ୍କୁଲ ୟୁନିଫର୍ମ ପିନ୍ଧି ସାଇକେଲ୍‌ରେ ବିଧାନସଭା ଯାଉଛନ୍ତି ଡିଏମ୍‌କେ ବିଧାୟକ।

# ସ୍କୁଲ ପୋଷାକ ପିନ୍ଧି ବିଧାନସଭା ଆସିଲେ

## ଡିଏମ୍‌କେ ବିଧାୟକଙ୍କ ଅଭିନବ ପ୍ରତିବାଦ

ପୁଡୁଚେରି,୩।୨

ପୁଡୁଚେରିକୁ ରାଜ୍ୟ ମାନ୍ୟତା ଦେବା ଲାଗି ବିଧାନସଭାରେ ପ୍ରସ୍ତାବ ଗୃହୀତ କରାଇବାକୁ ସରକାର ରାଜି ହେଉ ନ ଥିବାରୁ ଏହାର ପ୍ରତିବାଦରେ ବିରୋଧୀ ଡିଏମ୍‌କେ ଏବଂ କଂଗ୍ରେସ ବିଧାୟକମାନେ ସ୍କୁଲ ପୋଷାକ ପିନ୍ଧି ସାଇକେଲରେ ବିଧାନସଭା ଆସିଥିଲେ। ଶୁକ୍ରବାର ଏଭଳି ଅଭିନବ ପ୍ରତିବାଦ ଦେଖିବାକୁ ମିଳିଥିଲା। ସରକାର ତୁରନ୍ତ ରାଜ୍ୟ ମାନ୍ୟତା ଦାବିରେ ଗୃହରେ ପ୍ରସ୍ତାବ ଆଣିବା ସହ ଏହାକୁ ଗୃହୀତ କରାନ୍ତୁ ବୋଲି ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ପ୍ରସ୍ତାବ ଉପରେ ଆଲୋଚନା କରି ଗୃହୀତ କରାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ବିରୋଧୀ ଦଳ ନେତା ଆର୍. ଶିବ କହିଥିଲେ। ମୁଖ୍ୟମନ୍ତ୍ରୀ ବିଭିନ୍ନ ଅସୁବିଧା କଥା ଦର୍ଶାଇ ରାଜ୍ୟ ମାନ୍ୟତା ଜରୁରୀ ବୋଲି କହୁଛନ୍ତି। ଅନ୍ୟପକ୍ଷେ ରାଜ୍ୟ ହୋଇଥିଲେ ଯେଉଁ ସୁବିଧା ମିଳିଥାନ୍ତା, ଏବେ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ସେହିସବୁ ସୁବିଧା ପାଉଛି ବୋଲି ଉପରାଜ୍ୟପାଳ କହୁଛନ୍ତି। କେଉଁଟା ସତ ତାହା ଗୃହରେ ଆଲୋଚନା ମାଧ୍ୟମରେ ସ୍ପଷ୍ଟ ହେବା ଆବଶ୍ୟକ ବୋଲି ବିରୋଧୀ ଦଳ ନେତା କହିଥିଲେ। ପ୍ରଶାସନ ଏବଂ ଅମଲାମାନଙ୍କ ହାତରେ ପ୍ରକୃତ କ୍ଷମତା ରହିଛି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ବିନା ଜ୍ଞାତସାରରେ ଅନେକ ନିଷ୍ପତ୍ତି ନେଉଛନ୍ତି। ଏପରିକି ପୁଡୁଚେରିର ସାଧାରଣ ସେବା ଅଧିକାରୀମାନଙ୍କୁ ବଦଳି କରିବା କ୍ଷମତା ନିର୍ବାଚିତ ସରକାରଙ୍କର ନାହିଁ ବୋଲି ଡିଏମ୍‌କେ ବିଧାୟକମାନେ କହିଥିଲେ।

# ଅମରିନ୍ଦରଙ୍କ ସ୍ତ୍ରୀ କଂଗ୍ରେସରୁ ନିଲମ୍ବିତ

ନୂଆଦିଲ୍ଲୀ,୩।୨

ଦଳ ବିରୋଧୀ କାର୍ଯ୍ୟ ପାଇଁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସ୍ତ୍ରୀ ତଥା ଲୋକ ସଭା ସଦସ୍ୟ ପ୍ରେନିତ କୌରଙ୍କୁ କଂଗ୍ରେସରୁ ନିଲମ୍ବନ କରାଯାଇଛି। ଦଳର ଶୃଙ୍ଖଳା କମିଟି ଶୁକ୍ରବାର ଏହି ନିଷ୍ପତ୍ତି ନେଇଛି। ତାଙ୍କୁ କାହିଁକି ଦଳରୁ ବହିଷ୍କାର କରା ନ ଯିବ ୩ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ଦଳ କହିଛି। କୌର ଭାଜପା ପାଇଁ କାର୍ଯ୍ୟ କରୁଥିବା ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ଅମରିନ୍ଦର ରାଜା ୱାରିଙ୍ଗ୍ ଓ ଅନ୍ୟ କଂଗ୍ରେସ ନେତାମାନେ ଅଭିଯୋଗ ଆଣିଥିଲେ। ପୂର୍ବରୁ ଅମରିନ୍ଦର ସିଂ କଂଗ୍ରେସରୁ ବହିଷ୍କୃତ ହେବା ପରେ ଭାଜପାରେ ଯୋଗଦେଇଥିଲେ।


ପ୍ରେନିତ କୌର

# ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ତାରା

ଜୟପୁର,୩।୨(ନି.ପ୍ର.)

କଂଗ୍ରେସର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବିଧାନସଭାରେ ସରକାର ବିରୋଧୀ ହୋ ହଲ୍ଲା ପାଇଁ ବେଶ ଜଣାଶୁଣା। ତେବେ ଶୁକ୍ରବାର ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ପ୍ଲାଟିନମ ଜୁବିଲି ସମାରୋହରେ ତାରାଙ୍କର ଭିନ୍ନ ରୂପ ଦେଖିବାକୁ ମିଳିଥିଲା। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହାର ଦିନକ ପୂର୍ବରୁ ରାଜ୍ୟ ସରକାର ବିକ୍ରମ ଦେବ କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଘୋଷଣା କରିଥିଲେ। ଏହି ଖୁସିରେ ତାରା ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇପଡିଥିଲେ। ଏପରିକି ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରା ଦେବା ସହ ସ୍ୱାଗତମ୍ ବୋଲି ସମ୍ବୋଧନ କରିଥିଲେ। କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀଙ୍କ ପାଇଁ କରତାଳି ହୋଇ ଯାଉ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ତାରା ଏତିକିରେ ଅଟକି ନ ଥିଲେ। ଆଉ ପାଦେ ଆଗକୁ ଯାଇ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ଓ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ୍ୟ ଭୂରି ଭୂରି ପ୍ରଶଂସା କରିଥିବା ଦେଖିବାକୁ ମିଳୁଛି। ତାରାଙ୍କ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା ଉପସ୍ଥିତ ଦର୍ଶକ ଓ ବିଜେଡି ନେତା, ମନ୍ତ୍ରୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଗୋଟିଏ ପଟେ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କୁ ସଭାରେ ବସିବାକୁ ଅନୁମତି ମିଳି ନ ଥିବା ବେଳେ ତାରାଙ୍କ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ଏ ସମ୍ପର୍କରେ ତାରାଙ୍କୁ ପଚାରିବାରୁ ସେ କହିଲେ, ସେମିତି କିଛି ଉଦ୍ଦେଶ୍ୟ ନାହିଁ। ଜୟପୁର ତଥା ଦକ୍ଷିଣ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ରବିଙ୍କୁ ମଞ୍ଚରୁ ତଳକୁ ଓହ୍ଲାଇଦେଲେ

ଜୟପୁର,୩।୨(ନି.ପ୍ର.)

କୋରାପୁଟ ଜିଲା ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ ତମ ପ୍ଲାଟିନମ ଜୁବିଲି ଉତ୍ସବରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ଉତ୍ସବରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ମଞ୍ଚରେ ଦର୍ଶକଙ୍କୁ ହାତ ହଲାଉଥିବା ବେଳେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମଞ୍ଚ ଉପରକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ନିକଟତର ହେଉଥିବା ସମୟରେ ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କ ହାତଧରି ମଞ୍ଚ ତଳକୁ ନେଇ ଯାଇଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ରବିଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଆମ ଦଳ ଏବଂ ଘରର କଥା। ମୁଖ୍ୟମନ୍ତ୍ରୀଙ୍କୁ ମଞ୍ଚକୁ ପାଛୋଟି ନେବା ଦାୟିତ୍ୱ ଦିଆଯାଇଥିଲା। ତେଣୁ ମୁଁ ତାଙ୍କୁ ମଞ୍ଚକୁ ପାଛୋଟି ନେଇଥିଲି। ପରେ ମୋତେ ମଞ୍ଚରୁ ଓହ୍ଲାଇ ଯିବାକୁ କୁହାଯାଇଥିଲା। ଏହାକୁ ନେଇ କିଏ କ'ଣ ଭାବିଲେ ମୋର କିଛି କହିବାର ନାହିଁ ବୋଲି ରବି କହିଛନ୍ତି।

# ପିଏମ୍‌ଜିକେଏୱାଇ ଚାଉଳ ଦେଉ କେନ୍ଦ୍ର: ବିଜେଡି

ଭୁବନେଶ୍ୱର,୩।୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା(ପିଏମ୍‌ଜିକେଏୱାଇ)ରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ୫ କିଲୋଗ୍ରାମ ଚାଉଳ ବ୍ୟତୀତ ଅତିରିକ୍ତ ଭାବେ ଆଉ ୫ କିଲୋଗ୍ରାମ ମାଗଣା ଚାଉଳ ଯୋଗାଇ ଦିଆଯାଉଥିଲା। ଏହାକୁ କେନ୍ଦ୍ର ସରକାର ବନ୍ଦ କରିବା ଦ୍ୱାରା ଗରିବ ଏବଂ କୃଷକ ପରିବାରଙ୍କ ଖାଦ୍ୟ ସୁରକ୍ଷା ପ୍ରଭାବିତ ହେବ। ତେଣୁ କେନ୍ଦ୍ର ସରକାର ତୁରନ୍ତ ପିଏମ୍‌ଜିକେଏୱାଇରେ ଗରିବ ଲୋକଙ୍କୁ ଚାଉଳ ଯୋଗାଇଦେଉ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି।

ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି, ନିକଟରେ ଆଗତ କେନ୍ଦ୍ର ବଜେଟରେ ୨୦୨୧-୨୨ରେ କେନ୍ଦ୍ର ଖର୍ଚ୍ଚ କରିଥିବା ପରିମାଣ ତୁଳନାରେ ଖାଦ୍ୟ ସବ୍‌ସିଡିରେ ପ୍ରାୟ ୭୧,୦୦୦ କୋଟି ଟଙ୍କା ହ୍ରାସ ପାଇଛି। ଏହି ହ୍ରାସ ମୁଖ୍ୟତଃ ପିଏମ୍‌ଜିକେଏୱାଇ ବନ୍ଦ ଯୋଗୁ ହୋଇଛି। ଏହା ଦ୍ୱାରା ଗରିବ ଲୋକେ ପ୍ରଭାବିତ ହେବେ। ୨୦୨୧-୨୨ ତୁଳନାରେ ଖାଦ୍ୟ ସାମଗ୍ରୀ କିଣିବାରେ କେନ୍ଦ୍ର ଚଳିତ ବଜେଟରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ହ୍ରାସ କରିଛି। ଏହା ପୁଣି ପିଏମ୍‌ଜିକେଏୱାଇ ବନ୍ଦ ହେବା ଏବଂ କୃଷକଙ୍କ ଠାରୁ କ୍ରୟ ହ୍ରାସ ଯୋଗୁ ହୋଇଛି। କ୍ରୟ ହ୍ରାସ କାରଣରୁ କୃଷକମାନେ ଖାଦ୍ୟଶସ୍ୟ ବିକ୍ରି ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପାଇବାକୁ ମଧ୍ୟ ବଞ୍ଚିତ ହେବେ। ଗରିବ ଏବଂ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପିଏମ୍‌ଜିକେଏୱାଇ କାର୍ଯ୍ୟକ୍ରମକୁ ପୁନଃ ଆରମ୍ଭ କରିବାକୁ ଆମେ କେନ୍ଦ୍ରକୁ ନିବେଦନ କରୁଛୁ ବୋଲି ଦେବୀ କହିଛନ୍ତି। ସେ ଆହୁରି କହିଛନ୍ତି, ଭାଜପା ଏମ୍‌ପିମାନେ କେନ୍ଦ୍ରରେ ସେମାନଙ୍କ ଦଳ ନେତୃତ୍ୱରେ ଥିବା ସରକାରଙ୍କ ସମ୍ମୁଖରେ ଏହି ପ୍ରସଙ୍ଗ ଉଠାନ୍ତୁ।


ଖବରଦାତା ସମ୍ମିଳନୀରେ ବିଧାୟକ ଦେବୀପ୍ରସାଦ ମିଶ୍ର(ଡାହାଣ), ମୁଖପାତ୍ର ଲେନିନ୍ ମହାନ୍ତି।

### ପ୍ରଶାସକ ଧରାଉଥିବା ଲେଖା ପଢୁଛନ୍ତି ଦେବୀ: ଭାଜପା

ବିଜେଡି ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ଦିଲୀପ ମଲିକ କହିଛନ୍ତି, ସତ୍ୟକୁ ବିଜେଡି ଭୟ କରୁଛି। ଏନେଇ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତା ମିଥ୍ୟା ତଥ୍ୟ ରଖି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ୨୩ ବର୍ଷ ଶାସନରେ ବିଜେଡି ଓଡ଼ିଶାର ଚାଷୀକୁଳକୁ କୌଣସି ସୁବିଧା ଯୋଗାଇ ନାହିଁ। କିନ୍ତୁ ବିଜେଡିର ବରିଷ୍ଠ ନେତା ଦେବୀ ମିଶ୍ର ତାଙ୍କର ସତ୍ୟ ଅନୁଭବକୁ ପ୍ରକାଶ ନ କରି ରାଜନୈତିକ ବାଧ୍ୟବାଧକତା ଯୋଗୁ ପ୍ରଶାସନିକ ଅଧିକାରୀମାନେ ଦେଉଥିବା ଚିଠାକୁ ଗଣମାଧ୍ୟମ ଆଗରେ ପଢୁଛନ୍ତି ବୋଲି ଦିଲୀପ କହିଛନ୍ତି।




## ବିଶ୍ୱ କର୍କଟ ଦିବସ

### ଏ ବର୍ଷର ସ୍ଲୋଗାନ

ଚିକିତ୍ସା ଜଗତରେ ଗୁରୁତର ରୋଗ ମଧ୍ୟରେ କ୍ୟାନ୍‌ସର ଅନ୍ୟତମ। ପ୍ରାରମ୍ଭିକ ସ୍ତରରେ ଏହାକୁ ନିର୍ଣ୍ଣୟ କରାଯାଇପାରିଲେ ସେଥିରୁ କେତେକେ ଆରୋଗ୍ୟ ଲାଭ କରିପାରୁଛନ୍ତି। ହେଲେ ଏହା ବିଳମ୍ବରେ ଜଣାପଡ଼ିଲେ କିମ୍ବା ଚିକିତ୍ସାରେ ଅବହେଳା ହେଲେ ତାହା ପ୍ରାଣଘାତକ ସାଜିଥାଏ। ତେଣୁ ଏହାର କାରଣ ଏବଂ ଚିକିତ୍ସା ପ୍ରତି ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ 'ବିଶ୍ୱ କର୍କଟ(କ୍ୟାନ୍‌ସର) ଦିବସ' ଭାବରେ ପାଳନ କରାଯାଇଆସୁଛି। ଏହି ଅବସରରେ ଚଳିତ ବର୍ଷର ଥିମ୍ ରହିଛି 'କ୍ଲୋଜ୍ ଦ କେୟାର ଗ୍ୟାପ୍'। ଅର୍ଥାତ୍ କ୍ୟାନ୍‌ସର ରୋଗୀଙ୍କ ଯତ୍ନ ନେବା ସମୟରେ ଥିବା ଦୂରତ୍ୱ ଯେତେ କମ୍ ହେବ ସେତେ ଭଲ। କ୍ୟାନ୍‌ସରର ଲକ୍ଷଣ ବିଷୟରେ ସମସ୍ତେ ଅବଗତ ହେବା ଆବଶ୍ୟକ। ତେବେ ଏ ସମ୍ପର୍କରେ ଜାଣିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍‌ସର ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ଜରୁରୀ।

### ସନ୍ତୁଳିତ ଖାଦ୍ୟ କମାଏ କ୍ୟାନ୍‌ସର ଆଶଙ୍କା

ଜଣେ ବ୍ୟକ୍ତି ଯଦି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତି ତେବେ ସେ କେତେକାଂଶରେ ନିଜକୁ କ୍ୟାନ୍‌ସରଠାରୁ ଦୂରେଇ ରଖିପାରିବେ ବୋଲି ଏକ ସର୍ଭେରୁ ଜଣାପଡିଛି। 'କ୍ୟାନ୍‌ସର ଆଶଙ୍କା କମ୍ ପାଇଁ ସନ୍ତୁଳିତ ଖାଦ୍ୟର ଭୂମିକା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର କ୍ୟାନ୍‌ସର ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁମାନେ ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଉଥିଲେ ସେମାନଙ୍କ ଭିତରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳି ନ ଥିଲା।

# ପ୍ରତିରୋଧକ ବ୍ୟବସ୍ଥାକୁ ଗୁରୁତ୍ୱ

ଦିନକୁଦିନ ସମଗ୍ର ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ସହ ଏହି ରୋଗଜନିତ ମୃତ୍ୟୁହାର ବୃଦ୍ଧି ପାଉଛି। ଗ୍ଲୋବୋକାନ ଆକଳନ ଅନୁଯାୟୀ, ୨୦୪୦ ମସିହା ସୁଦ୍ଧା ବିଶ୍ୱବ୍ୟାପୀ କର୍କଟ ରୋଗୀଙ୍କ ସଂଖ୍ୟା ୨୮.୯ ମିଲିଅନ୍ ହେବ ବୋଲି ଆଶା କରାଯାଉଛି, ଯାହା ୨୦୨୦ ମସିହାରୁ ୪୭% ବୃଦ୍ଧି ପାଇଛି। କିନ୍ତୁ ଭାରତରେ ଏହି ସଂଖ୍ୟା ୨୦୨୨ରୁ ୬୬ ପ୍ରତିଶତ ବୃଦ୍ଧି ପାଉଛି। ଭାରତରେ ଦେଖାଦେଉଥିବା ପ୍ରାୟ ୬୦-୭୦ ପ୍ରତିଶତ (୪୦% ତମାଖୁ ସମ୍ବନ୍ଧୀୟ, ୨୦% ସଂକ୍ରମଣ ସମ୍ବନ୍ଧୀୟ ଏବଂ ୧୦% ଅନ୍ୟାନ୍ୟ କାରଣ) କ୍ୟାନ୍‌ସର ସମ୍ଭାବ୍ୟ ପରିବର୍ତ୍ତନଶୀଳ ଏବଂ ପ୍ରତିରୋଧକ ବିପଦ କାରଣରୁ ହୋଇଥାଏ। ତେଣୁ ଯଥା ସମୟରେ ରୋଗର ପରିବର୍ତ୍ତନଶୀଳ ବିପଦର କାରଣଗୁଡ଼ିକ ଜାଣି ଏହାକୁ ଯଥାସମ୍ଭବ ରୋକାଯାଇପାରିବ। ହେଲେ ଆମ ଦେଶରେ କର୍କଟ ଚିକିତ୍ସା ପାଇଁ ସୀମିତ ସୁବିଧା ଥିବାରୁ ପ୍ରତିରୋଧକ ବ୍ୟବସ୍ଥା ଉପରେ ଧ୍ୟାନ ଦେବା ହିଁ ଏହି ରୋଗର ମୁକାବିଲା କରିବାର ଏକମାତ୍ର ପ୍ରଭାବଶାଳୀ ଉପାୟ।

ଭାରତୀୟଙ୍କ ପାଇଁ ନିର୍ଦ୍ଦିଷ୍ଟ ଚିନ୍ତାର କାରଣଗୁଡ଼ିକ ହେଉଛି- ଧୂମହୀନ ତମାଖୁ, ଆରେକା, ଗୁଆ ଚୋବାଇବା(ପ୍ରାୟତଃ ତମାଖୁ ସହିତ), ମଦ୍ୟପାନ। ଆନୋ-ଜେନିଟାଲ୍ ଏଚ୍‌ପିଭି ଏବଂ ହେପାଟାଇଟିସ ଭଳି ରୋଗ ସଂକ୍ରମଣ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ସହିତ ମେଦବହୁଳତା ଏବଂ ଶାରୀରିକ ପରିଶ୍ରମର ଅଭାବ ମଧ୍ୟ କର୍କଟ ରୋଗର ବୃଦ୍ଧି ପାଇବାର ମୁଖ୍ୟ କାରଣ।



କ୍ୟାନ୍‌ସର ରୋଗର କାରଣ, ଭୟାବହତା ଏବଂ ଏହାକୁ ପ୍ରତିରୋଧ କରିବା ଦିଗରେ ଜନ ସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ- ୪ ତାରିଖରେ ବିଶ୍ୱ କର୍କଟ ଦିବସ ପାଳନ କରାଯାଉଛି। ତେବେ କେବଳ ଗୋଟିଏ ଦିନ ନୁହେଁ ଏହି ମାସକୁ ମଧ୍ୟ କର୍କଟ ମାସ ଭାବେ ପାଳନ କରାଯାଉଛି। ତେବେ ଏହି ଦିବସ ଉପଲକ୍ଷେ ଚଳିତ ବର୍ଷର ଥିମ୍ ରହିଛି 'କ୍ଲୋଜ୍ ଦ କେୟାର୍ ଗ୍ୟାପ୍', ଅର୍ଥାତ୍ ରୋଗୀର ଚିକିତ୍ସା ଏବଂ ଯତ୍ନ ପ୍ରତି ଅଧିକ ଯତ୍ନଶୀଳ ହେବା। ଏହି ଅଭିଯାନରେ ସମଗ୍ର ବିଶ୍ୱରେ କର୍କଟ ରୋଗର ଅସମାନତାକୁ ବୁଝିବା ଏବଂ ଚିହ୍ନିବା ବିଷୟରେ ଗୁରୁତ୍ୱ ଦିଆଯାଉଛି।

**-ଡା. ଚିନ୍ମୟ ପାଣି,**
କର୍କଟ ରୋଗ ବିଶେଷଜ୍ଞ, ଆପୋଲୋ ହସ୍ପିଟାଲ, ଭୁବନେଶ୍ୱର



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୪ ଫେବୃୟାରୀ, ୨୦୨୩

ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସନ୍ଥତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। **-ଶ୍ରୀଅରବିନ୍ଦ**



# ନୀରବତାରୁ ଅସନ୍ତୋଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ସାଂସଦ ଆନନ୍ଦ ମୋହନଙ୍କୁ ଜେଲରୁ ମୁକୁଳାଇବା ପାଇଁ ବିହାର ସରକାର ପ୍ରସ୍ତାବ ରଖିଛନ୍ତି। ଏହାକୁ ନେଇ ବିହାର ଆଇଏଏସ୍ ଅଧିକାରୀ ସଂଘ ନୀରବ ରହିଛି, ଯେଉଁଥିପାଇଁ ଅନେକ ଆଇଏଏସ୍ ଅଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋପାଳଗଞ୍ଜର ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଜି.କ୍ରିଷ୍ଣାଏଙ୍କ ହତ୍ୟା ଘଟଣାରେ ମୋହନଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରାଯିବା ପରେ ସେ ଜେଲରେ ରହିଛନ୍ତି। ସୂତ୍ରରୁ ପ୍ରକାଶ, ନିକଟରେ ନୀତୀଶ କୁମାର ନେତୃତ୍ୱାଧୀନ ସରକାର ରାଜପୁତ ନେତା ମୋହନଙ୍କୁ ଜେଲରୁ ମୁକ୍ତ କରିବାକୁ ଉଦ୍ୟମ କରୁଥିବାର ସଙ୍କେତ ଦେଇଛନ୍ତି। ରାଷ୍ଟ୍ରୀୟ ଜନତା ଦଳ ସହ ନୀତୀଶ ମେଣ୍ଟ କରିଥିବାରୁ ରାଜନୈତିକ ବାଧବାଧକତାରେ ସେ ଏଭଳି କରୁଥିବା ଜଣାପଡ଼ିଛି। ପ୍ରଥମରୁ ସ୍ଥାନୀୟ କୋର୍ଟ ଆନନ୍ଦଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ, କିନ୍ତୁ ପରେ ଉଚ୍ଚ ନ୍ୟାୟାଳୟ ଏହାକୁ କୋହଳ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ଆନନ୍ଦଙ୍କୁ ମୁକ୍ତ କରିବା ପ୍ରସ୍ତାବକୁ ନେଇ ଆଇଏଏସ୍ ସଂଘର କୌଣସି ସଦସ୍ୟ ମୁହଁ ଖୋଲିନାହାନ୍ତି। ଏହା ବାବୁମାନଙ୍କ ମଧ୍ୟରେ ବି ପ୍ରତିକ୍ରିୟା ସୃଷ୍ଟି କରିପାରିନାହିଁ। କେବଳ ଆଇଏଏସ୍ ସଂଘର ସେକ୍ରେଟାରି ଦୀପକ କୁମାର ସିଂ କହିଛନ୍ତି ,ଏହା ସରକାରଙ୍କ ନିଷ୍ପତ୍ତି ଓ ତା'ଉପରେ ସଂଘର କିଛି କହିବାର ନାହିଁ। ଏହି ସମ୍ବେଦନଶୀଳ ମାମଲାରେ ଆଇଏଏସ୍ ସଂଘ ମୁହଁ ବନ୍ଦ କରି ବସିଥିବାରୁ ଏହାକୁ ପୂର୍ବତନ ଆଇପିଏସ୍ ଅଧିକାରୀ ଅମିତାଭ କୁମାର ଦାସ ଦୃଢ଼ ସମାଲୋଚନା କରିଛନ୍ତି। ସଂଘ ଯଦି ତା'ର ସଦସ୍ୟଙ୍କ ମାମଲାକୁ ଗ୍ରହଣ ନକରେ ତେବେ ତାହାକୁ ଭାଙ୍ଗିଦେବା ଉଚିତ ବୋଲି ସେ ଦାବି କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଜେଲରୁ ଆନନ୍ଦଙ୍କୁ ମୁକ୍ତ କରିବା ଅର୍ଥ ହତ୍ୟା କରାଯାଇଥିବା ଆଇଏଏସ୍ ଅଧିକାରୀଙ୍କ ପ୍ରତି ଅପମାନ। ତେବେ ସାମ୍ପ୍ରତିକ ରାଜନୀତି ବିହାରରେ ନୀତିନୈତିକତାକୁ ଶେଷ କରିଦେବାର ସମ୍ଭାବନା ଦେଖାଯାଇଛି।

## ପଞ୍ଜାବ ପୋଲିସରେ ୧୩ ଡିଜିପି

ପଞ୍ଜାବ ପୋଲିସ ବ୍ୟବସ୍ଥାର ଟପ୍ ର୍ୟାଙ୍କରେ ଅଧିକାରୀମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦେଶର ଅନ୍ୟ ସବୁ ରାଜ୍ୟ ତୁଳନାରେ ପଞ୍ଜାବରେ ସବୁଠୁ ବେଶି ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ର୍ୟାଙ୍କ ଅଧିକାରୀ ଅଛନ୍ତି। ଭଗବତ ମାନ୍ ସରକାର ୭ ଜଣ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜିପି)ଙ୍କୁ ଡିଜିପି ର୍ୟାଙ୍କକୁ ପଦୋନ୍ନତି ଦେବା ଫଳରେ ରାଜ୍ୟରେ ମୋଟ ଡିଜିପି ସଂଖ୍ୟା ୧୩ରେ ପହଞ୍ଚିଛି। ଏଥିରେ ୧୯୯୩ ବ୍ୟାଚ୍ ତଥା ପଞ୍ଜାବର ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ ଗୁରପ୍ରୀତ ଦେଓଙ୍କୁ ପ୍ରଥମକରି ଡିଜିପି ର୍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ଯେଉଁମାନେ ପଦୋନ୍ନତି ପାଇଛନ୍ତି ସେମାନଙ୍କ ମଧ୍ୟରେ ଦେଓ ସବୁଠୁ ବରିଷ୍ଠ। ଆଇପିଏସ୍ ଅଧିକାରୀ ଶଶୀପ୍ରଭା ଦ୍ୱିବେଦୀଙ୍କୁ ମଧ୍ୟ ଡିଜିପି ର୍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ଦେଓ ଏହା ପୂର୍ବରୁ କମ୍ୟୁନିଟି ବ୍ୟାପାର ବିଭାଗ ଓ ମହିଳା ବ୍ୟାପାର ଏଡିଜିପି ଦାୟିତ୍ୱରେ ଥିବାବେଳେ ଦ୍ୱିବେଦୀ ଅତିରିକ୍ତ ଡିଜିପି(ରେଲୱେ)ଭାବେ ନିଯୁକ୍ତ ହୋଇଥିଲେ। ଅନ୍ୟ ଯେଉଁମାନେ ପଦୋନ୍ନତି ପାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ; ଭିଜିଲାନ୍ସ ବ୍ୟୁରୋ ମୁଖ୍ୟ ନିର୍ଦ୍ଦେଶକ ବରିନ୍ଦର କୁମାର, ମାନବ ସମ୍ବଳ ବିକାଶ ଏଡିଜିପି ଈଶ୍ୱର ସିଂ, ପଞ୍ଜାବ ଷ୍ଟେଟ ପାୱାର କର୍ପୋରେଶନ ଲିମିଟେଡ୍‌ର ଏଡିଜିପି ଜିତେନ୍ଦ୍ର କୁମାର ଜୈନ, ପୋଲିସ ଆଣ୍ଡ ରୁଲ୍ସ ଏଡିଜିପି ଏସ୍.କେ. ଅସ୍ଥାନା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଏଡିଜିପି ଆର୍.ଏନ୍.ଧୋକେ। ଆଇପିଏସ୍ କ୍ୟାଡର ରୁଲ୍ସ ଅନୁଯାୟୀ ଆଇପିଏସ୍ ଅଧିକାରୀମାନଙ୍କ କାର୍ଯ୍ୟକାଳକୁ ଆଧାରକରି ପଦୋନ୍ନତି ଦେବାର ବ୍ୟବସ୍ଥା ଅଛି। ବିଭିନ୍ନ ରାଜ୍ୟରେ ଏହି କ୍ୟାଡର ମ୍ୟାନେଜମେଣ୍ଟ ଭିନ୍ନ ହୋଇଥାଏ। ଜଣେ ୩୦,୨୫ ଏବଂ ୧୮ ବର୍ଷ ସର୍ଭିସରେ କାମ କରିଥିଲେ ଯଥାକ୍ରମେ ଡିଜିପି, ଏଡିଜିପି ଏବଂ ଆଇଜି ହେବା ପାଇଁ ଯୋଗ୍ୟ ହୋଇଥାନ୍ତି। ପଞ୍ଜାବରେ ଗୋଟିଏ ବ୍ୟାଚ୍ ଯୋଗ୍ୟ ହୋଇଗଲେ ସେମାନଙ୍କୁ ସଙ୍ଗେସଙ୍ଗେ ଉପର ର୍ୟାଙ୍କକୁ ପଦୋନ୍ନତି ଦିଆଯାଉଥିବାବେଳେ ଆଉ କେତେକ ରାଜ୍ୟରେ କେବଳ କ୍ୟାଡର ପଦବୀ ଖାଲି ହେଲେ ହିଁ ପଦୋନ୍ନତି ଦିଆଯାଇଥାଏ।

## ୧ ଟ୍ରିଲିୟନ ସ୍ୱପ୍ନ

ନିକଟରେ ଉତ୍ତରପ୍ରଦେଶ(ୟୁପି)ର ଅର୍ଥମନ୍ତ୍ରୀ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ କୁମାର ଖାନ୍ନାଙ୍କ ନେତୃତ୍ୱରେ ବରିଷ୍ଠ ଅମଲାତନ୍ତ୍ରୀମାନେ ରାଜ୍ୟରେ ହେବାକୁ ଥିବା ବୈଶ୍ୱିକ ନିବେଶକ ସମ୍ମିଳନୀ ପାଇଁ ନିବେଶକମାନଙ୍କ ସହଯୋଗ ଲୋଡ଼ିବା ସକାଶେ ଇଂଲଣ୍ଡ ଯାଇଛନ୍ତି। ଜଣାପଡ଼ିଛି, ଇଂଲଣ୍ଡ ଏବଂ ୟୁପି ମଧ୍ୟରେ ବାଣିଜ୍ୟ, ଆର୍ଥିକ ଚୁକ୍ତି ପାଇଁ ଖାନ୍ନା ଓ ତାଙ୍କ ମୂଳ ଟିମ୍ ସମେତ ବର୍ମିଂହାମ୍‌ରେ ଅବସ୍ଥାପିତ ଭାରତର ମହାବାଣିଜ୍ୟଦୂତ ଡ. ଶଶାଙ୍କ ବିକ୍ରମ ଏକତ୍ର ଏକ ନକ୍ସା ପ୍ରସ୍ତୁତ କରିଛନ୍ତି। ଖାନ୍ନା ୟୁପିକୁ ୧ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା କରିବାର ଯୋଜନା ରଖିଛନ୍ତି ଓ ଏହାକୁ ନେଇ ବେଶ୍ ମହତ୍ତ୍ୱାକାଂକ୍ଷୀ ଅଛନ୍ତି। ଏହି ଲକ୍ଷ୍ୟ ପୂରଣ କରିବାକୁ ରାଜ୍ୟ ସରକାର ୨୫ଟି ସେକ୍ଟରର ଦ୍ୱାର ଅନ୍ତର୍ଜାତୀୟ ନିବେଶକଙ୍କ ପାଇଁ ଖୋଲା ରଖିଛନ୍ତି। ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥଙ୍କ ସରକାରର ଦ୍ୱିତୀୟ ପାଳିରେ ରାଜନୈତିକ ସ୍ଥିରତା ଅଛି। କିନ୍ତୁ କଥା ହେଉଛି, ଇଂଲଣ୍ଡରେ ପ୍ରଥମେ ଆମେରିକା ଓ ପରେ ୟୁପିର ରୋଡ୍ ଶୋ ଅନ୍ତର୍ଜାତୀୟ ନିବେଶକଙ୍କୁ ଉତ୍ସାହିତ କରିବ ତ ? ବୁଝିବାକୁ ହେବ ଯେ, ଏହି ପ୍ରଶ୍ନର ଉତ୍ତରରେ ରହିଛି ଯୋଗୀଙ୍କ ରାଜନୈତିକ ଲକ୍ଷ୍ୟର ଚାବିକାଠି। ୧ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ପାଇଁ ନେଉଥିବା ସାହସିକ ଲକ୍ଷ୍ୟକୁ ଏକ ବ୍ଲୁପ୍ରିଣ୍ଟ ଭାବେ ଦେଖାଯାଉଛି, ଯେଉଁଥିରେ ଯୋଗୀ ୟୁପିର ଭାଗ୍ୟ ବଦଳାଇ ଦେଇପାରିବେ। ଏହି ସ୍ୱପ୍ନ ପୂରଣ କରିବା ପାଇଁ ସମସ୍ତ ମନ୍ତ୍ରୀ ଓ ବାବୁ କଠିନ ପରିଶ୍ରମ କରୁଛନ୍ତି।

Email: dilipcherian@gmail.com

# ସାର୍ ମାଡାମ୍ ନୁହେଁ, ଟିଚର



ପ୍ରକାଶ ତ୍ରିପାଠୀ

ଭାରତର ଅନ୍ୟତମ ଆଗୁଆ ରାଜ୍ୟ କେରଳ। ଏଣିକି ସେଠାରେ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ମାଡାମ୍ କିମ୍ବା ସାର୍ ବଦଳରେ କେବଳ ଟିଚର ସମ୍ବୋଧନ କରିବେ। କେରଳ ରାଜ୍ୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ ପକ୍ଷରୁ ଏପରି ଏକ ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଲିଙ୍ଗଗତ ନିରପେକ୍ଷତା ଦୃଷ୍ଟିରୁ ସ୍କୁଲରେ ଟିଚର ସମ୍ବୋଧନ ସପକ୍ଷରେ ଆୟୋଗ ପକ୍ଷରୁ ମତ ରଖାଯାଇଛି। ଏହା ଦ୍ୱାରା ପିଲାମାନଙ୍କ ମନରେ ଲିଙ୍ଗଗତ ଭେଦଭାବ ରହିବ ନାହିଁ। ଶିକ୍ଷକମାନଙ୍କୁ ମାଡାମ୍ ବା ସାର୍ ସମ୍ବୋଧନ କରିବା ଦ୍ୱାରା ପିଲାମାନଙ୍କ ମନରେ ପ୍ରଥମରୁ ସୃଷ୍ଟି ହେଉଥିବା ଲିଙ୍ଗଗତ ଭେଦଭାବକୁ ଦୂରକରିବା ପାଇଁ ଜଣେ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାର କରି ଆୟୋଗ ପକ୍ଷରୁ ଏପରି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପ୍ରଥମରୁ ପିଲାମାନେ ଯେତେବେଳେ ବିଦ୍ୟାଳୟରେ ଲିଙ୍ଗଗତ ସମାନତାକୁ ବୁଝିବେ, ବଡ଼ ହେଲାପରେ ସେମାନଙ୍କ ବ୍ୟବହାରରେ ତାହା ବି ପ୍ରତିଫଳିତ ହେବ।

ପ୍ରକାଶ ଯୋଗ୍ୟ ଯେ ଦୁଇବର୍ଷ ପୂର୍ବେ ଏହିଭଳି ଏକ ପଦକ୍ଷେପ ସେହି କେରଳର ଗୋଟିଏ ଗ୍ରାମପଞ୍ଚାୟତ ପକ୍ଷରୁ ନିଆଯାଇଥିଲା। ଉପରୋକ୍ତ ବିଦ୍ୟାଳୟଠାରୁ ୧୪ କିଲୋମିଟର ଦୂରରେ ଥିବା ମଥୁର ପଞ୍ଚାୟତ ପକ୍ଷରୁ ସମସ୍ତ ପଞ୍ଚାୟତବାସୀଙ୍କୁ ପରାମର୍ଶ ଦିଆଯାଇଥିଲା ଯେ ସେମାନେ ପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାର୍ କିମ୍ବା ମାଡାମ୍ ଡାକିବା ବଦଳରେ ସେମାନଙ୍କ ପଦବୀ ଅନୁସାରେ ସମ୍ବୋଧନ କରନ୍ତୁ। ସେହିପରି ଗତବର୍ଷ କେରଳର ପାଲାକାଡ଼ ଜିଲା ଅନ୍ତର୍ଗତ ଓଲାସେରି ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ସାର୍ କିମ୍ବା ମାଡାମ ଡାକିବା ବଦଳରେ ଟିଚର ସମ୍ବୋଧନ କରିବାକୁ କୁହାଯାଇଥିଲା। ପ୍ରଥମେ ପ୍ରଥମେ ପିଲାମାନଙ୍କୁ ଏହା ଅସୁବିଧା ହୋଇଥିଲେ ହେଁ ପରେ ଏହା ସହଜ ହୋଇଯାଇଥିଲା। ସେହି ସ୍କୁଲରେ ୯ ଜଣ ମହିଳା ଶିକ୍ଷକ ଥିବା ବେଳେ ଜଣେମାତ୍ର ପୁରୁଷ ଶିକ୍ଷକ ଥିଲେ। ସେହି ପୁରୁଷ ଶିକ୍ଷକଙ୍କ ପ୍ରୟାସ କ୍ରମେ ପ୍ରଧାନ ଶିକ୍ଷକ ଏପରି ପଦକ୍ଷେପ ନେଇଥିଲେ। ସେହି ପୁରୁଷ ଶିକ୍ଷକ ନିକଟସ୍ଥ ଏକ ସ୍ୱେଚ୍ଛାସେବୀ ସଂଗଠନ ବୋବାନ ମାଟୁମନ୍ଥାର ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେହି ଅନୁଷ୍ଠାନ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସାର୍ ଓ ମାଡାମ୍ ସମ୍ବୋଧନକୁ ହଟାଇ ସେମାନଙ୍କ ପଦବୀ ଅନୁସାରେ ସମ୍ବୋଧନ କରିବାକୁ ଅଭିଯାନ ଚଳାଉଛି। ଏହା ପକ୍ଷରୁ କେରଳ ସରକାରଙ୍କୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲିଙ୍ଗଗତ ପ୍ରଭେଦକୁ ଦୂରକରିବା ନିମନ୍ତେ ସାର୍ ବା ମାଡାମ୍ ପରିବର୍ତ୍ତେ ସେମାନଙ୍କ ପଦବୀରେ ସମ୍ବୋଧନ କରିବାକୁ ନିବେଦନ କରାଯାଇଛି।



କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଲୈଙ୍ଗିକ ଭେଦଭାବ ଦୂର ପାଇଁ ପ୍ରୟାସ ଜାରି ରହିଛି। ଫ୍ରାନ୍ସରେ କିଛି ସହରର ନାମକୁ ଚଳିତ ବର୍ଷ ସ୍ତ୍ରୀଲିଙ୍ଗକୁ ବଦଳା ଯାଇଛି। ଅର୍ଥାତ୍ ସହର ନାମ ଶେଷରେ ଆଉ ଏକ ଇଂଲିଶ 'ଇ' ଯୋଡ଼ା ଯାଇ ଏହାକୁ ସ୍ତ୍ରୀଲିଙ୍ଗ କରାଯାଇଛି। ଯେପରିକି ପାଣ୍ଟିନ ସହର ନାମରେ ଆଉ ଏକ ଇଂଲିଶ 'ଇ' ଯୋଡ଼ି ଏହାକୁ ପାଣ୍ଟିନି କରାଯାଇଛି ଓ ଦେଶବାସୀଙ୍କୁ ଲିଙ୍ଗଗତ ସମାନତା କ୍ଷେତ୍ରରେ ଏହା ସଚେତନ କରିବ ବୋଲି କୁହାଯାଉଛି।

ସାର୍ ଓ ମାଡାମ୍ ଏହି ଦୁଇଟି ଔପନିବେଶିକ ଶବ୍ଦ ଓ ଭାରତରେ ଏହା ଇଂରେଜ ଶାସନରୁ ପ୍ରଚଳିତ ହୋଇଆସୁଛି। ଲିଙ୍ଗଗତ ଆଧାରରେ ଏହା ସମ୍ମାନର ସହ ଉଚ୍ଚାରଣ ଓ ସମ୍ବୋଧନ କରାଯାଏ। କେରଳରେ ବିଦ୍ୟାଳୟଗୁଡ଼ିକରେ ଏହାକୁ ଉଠାଇଦେବା ପରେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ବି ଲାଗୁକରାଯିବା ପାଇଁ ପ୍ରୟାସ ଜାରି ରହିବ ବୋଲି ବୋବାନ ମାଟୁମନ୍ଥା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କୁହାଯାଇଛି।

ଲିଙ୍ଗଗତ ପ୍ରଭେଦ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏହା ଅଳ୍ପ ବହୁତ ବିଦ୍ୟମାନ। ବର୍ଷ ବର୍ଷ ଧରି ପୁରୁଷମାନଙ୍କୁ ମହିଳାମାନଙ୍କଠାରୁ ଆଗରେ ରଖାଯାଇଛି। ସେଥିପାଇଁ ସମାଜକୁ ପୁରୁଷ ପ୍ରଧାନ ବୋଲି ଅନେକ ସମୟରେ ସମାଲୋଚନା କରାଯାଇଥାଏ। ଏପରିକି ଅନେକ ରାଷ୍ଟ୍ରରେ ମହିଳାମାନଙ୍କୁ ବହୁ ବିଳମ୍ବରେ ଭୋଟଦାନର ଅଧିକାର ମିଳିଥିଲା। ଶିକ୍ଷା, ନିଯୁକ୍ତିରେ ସେମାନଙ୍କୁ ପାତରଅନ୍ତର କରାଯାଉଥିଲା। ସଭ୍ୟତାର ବିକାଶ ସହ ସମାଜରେ ଅନେକ ପରିବର୍ତ୍ତନ ଆସୁଛି। ସେମାନଙ୍କ ଗୁରୁତ୍ୱକୁ ଉପଲବ୍ଧି କରି ସେମାନଙ୍କୁ ପୁରୁଷ ସହ ସମାନ ଦୃଷ୍ଟିରେ ଦେଖାଯାଉଛି। ପୁରୁଷ ଓ ମହିଳାଙ୍କ ମଧ୍ୟରେ ଭେଦଭାବ କ୍ରମଶଃ ହ୍ରାସ ପାଉଛି। ନାରୀ ସ୍ୱାଧୀନତା ଓ ସେମାନଙ୍କ ବିକାଶ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ଏକ ଉଦାହରଣ। ସ୍ୱାଧୀନତା ହାସଲ ପରେ ଦୁଇଜଣ ମହିଳା ଭାରତର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହେବା ନିଶ୍ଚିତ ଗୌରବର ବିଷୟ। ଶିକ୍ଷା, ରୋଜଗାର, ନିଯୁକ୍ତି, ସୁରକ୍ଷା, ଗବେଷଣା, ରାଜନୀତି ଓ କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଭାରତୀୟ ନାରୀଙ୍କୁ ମିଳୁଛି ଅଭୂତପୂର୍ବ ସୁଯୋଗ ଓ ସଫଳତା। ପ୍ରତ୍ୟେକ କ୍ଷେତ୍ରରେ ନାରୀ ଓ ପୁରୁଷଙ୍କୁ ମିଳୁଛି ସମାନାଧିକାର। ଭାରତୀୟ ନାରୀଙ୍କୁ ମିଳୁଛି ପୁନର୍ବିବାହ ଅଧିକାର, ଛାଡ଼ପତ୍ର ଅଧିକାର, ପୈତୃକ ସମ୍ପତ୍ତିର ଅଧିକାର, ପୋଷ୍ୟପୁତ୍ର ଗ୍ରହଣର ଅଧିକାର। ଯୌତୁକ ପ୍ରଥା ଭଳି ସାମାଜିକ ବ୍ୟାଧି ଉଚ୍ଛେଦ ନାରୀଙ୍କୁ ପ୍ରଦାନ କରିଛି ସମ୍ମାନ ଓ ସ୍ୱାଭିମାନ। ଭାରତୀୟ ମହିଳା ସଶକ୍ତୀକରଣ ନୀତିକୁ ସମଗ୍ର ବିଶ୍ୱ କରୁଛି ଅନୁକରଣ।

ଅନ୍ତର୍ଜାତୀୟ ସଂସ୍ଥା ପିୟୁ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ୩୪ଟି ଦେଶରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ୯୪ ଭାଗ ଲୋକ ଚାହାନ୍ତି ପୁରୁଷ ଭଳି ମହିଳାଙ୍କୁ ମଧ୍ୟ ସମସ୍ତ ଅଧିକାର ସମାନ ଭାବେ ମିଳୁ। କିନ୍ତୁ ବାସ୍ତବତା କିଛି ଭିନ୍ନ। ମୋଟା ଅଙ୍କଯୁକ୍ତ ଚାକିରି ପାଇବା କ୍ଷେତ୍ରରେ ଅଧିକାଂଶ ୟୁରୋପୀୟ ଦେଶ, ଜାପାନ, ଦକ୍ଷିଣ କୋରିଆ, ଇସ୍ରାଏଲ, କାନାଡା, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା ଭଳି ରାଷ୍ଟ୍ରରେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ମିଳୁଛି ଅଧିକ ସୁଯୋଗ। ସେହିଭଳି ରାଜନୀତି କ୍ଷେତ୍ରରେ ମଧ୍ୟ ଅନେକ ଦେଶରେ ଯେପରିକି ନାଇଜେରିଆ, ଦକ୍ଷିଣ କୋରିଆ, ଜାପାନ, ତୁର୍କୀ, ଇସ୍ରାଏଲ, ଲେବାନନ, ଇଟାଲୀ, ଟ୍ୟୁନିସିଆ, ଫ୍ରାନ୍ସ ଭଳି ଦେଶରେ ମହିଳାଙ୍କଠାରୁ ପୁରୁଷଙ୍କୁ ମିଳୁଛି ବେଶି ସୁଯୋଗ। ସର୍ବେକ୍ଷଣ କରାଯାଇଥିବା ଦେଶଗୁଡ଼ିକରୁ କିନ୍ତୁ ଗୋଟିଏ ଭଲ ଖବର ଜାଣିବାକୁ ମିଳିଥିଲା। ପରିବାରରେ ଉଭୟ ପତ୍ନୀ ଓ ପତି ଅର୍ଥ ଉପାର୍ଜନ କରିବା ଓ ମିଳିତ ଭାବେ ଘରର ଯତ୍ନ ନେବାକୁ ଅଧିକାଂଶ ସମର୍ଥନ କରିଥିଲେ। ମହିଳାମାନେ ଘରେ ରହି ପିଲାମାନଙ୍କର ଓ ଘରର ଯତ୍ନ ନେବା ସପକ୍ଷରେ ବହୁତ କମ୍ ମତ ମିଳିଥିଲା। ତେବେ ବର୍ଷ ବର୍ଷ ଧରି ରହିଆସିଥିବା ନାରୀ-ପୁରୁଷ ପ୍ରଭେଦର ଭାବନା ରାତାରାତି ଦୂର ହେବା ସହଜ ନୁହେଁ। ଲିଙ୍ଗଗତ ଭେଦଭାବ ସମ୍ପୂର୍ଣ୍ଣ ଦୂର ହେବାପାଇଁ ନିଶ୍ଚିତ ସମୟ ଲାଗିବ। ଏଥିପାଇଁ ବ୍ୟାପକ ଜନ ସଚେତନତା ସହ ସରକାରୀ କ୍ଷେତ୍ରରେ ଏହାକୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଜରୁରୀ।

ମୋ-୯୪୩୭୨୩୨୪୬୩

# ନିଃସ୍ୱାର୍ଥପର ଦେଶସେବକ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ମଧୁସୂଦନ ହେଉଛନ୍ତି ଇଂରେଜମାନଙ୍କର ଶାସନାଧୀନ ଓଡ଼ିଶାର ପ୍ରଥମ ପବ୍ଲିକ୍ ମେନ୍। ତାଙ୍କର ମାନସପୁତ୍ର ଥିଲା ଉତ୍କଳ ସମ୍ମିଳନୀ। ଏହି ସମ୍ମିଳନୀ ମଣ୍ଡପରେ ଯୁଦ୍ଧଂଦେହି ଡାକରା ଦେଇ ସେ ଓଡ଼ିଶାର ନିସ୍ତରଙ୍ଗ ସାମାଜିକ ଜୀବନରେ ଜାତୀୟ ସ୍ୱାଭିମାନର ପୁନର୍ଜାଗରଣ ପାଇଁ ନେତୃତ୍ୱ ନେଇଥିଲେ। ମଧୁବାବୁଙ୍କର ନିରବଚ୍ଛିନ୍ନ ତପସ୍ୟା ଓ ସାଧନା ଦ୍ୱାରା ୧୯୩୬ ଏପ୍ରିଲ ପହିଲାରେ ଇଂରେଜ ସରକାର ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପ୍ରଦାନ କଲେ ଏବଂ ଓଡ଼ିଶାବାସୀ ନିଜର ସ୍ୱତନ୍ତ୍ର ପରିଚୟ ପ୍ରଦାନ ପାଇଁ ସୁଯୋଗ ପାଇଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଭାଷାଭିତ୍ତିରେ ଗଠିତ ରାଜ୍ୟଗୁଡ଼ିକ ମଧ୍ୟରୁ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ।

୧୯୦୩ ଡିସେମ୍ବର ୩୦-୩୧ରେ ଉତ୍କଳ ସମ୍ମିଳନୀର ଜନ୍ମଦିନଠାରୁ ୧୯୨୦ ପର୍ଯ୍ୟନ୍ତ ମଧୁବାବୁ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ନେତା। ତାଙ୍କର ମହାନ୍ ଆଦର୍ଶ ଓ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ଉତ୍କଳ ସମ୍ମିଳନୀ ମଞ୍ଚରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଏକତ୍ର ହୋଇଥିଲେ ରାଜା, ମହାରାଜା, ସାମନ୍ତ, ଜମିଦାର, ସରକାରୀ କର୍ମଚାରୀ ଏବଂ ସାଧାରଣ ଜନତା। ୧୯୨୦ ମସିହାରେ ସିଂହଭୂମର ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଅଧିବେଶନରେ ମଧୁବାବୁଙ୍କ ପ୍ରଭାବକୁ ପ୍ରତିହତକରି ଉତ୍କଳମଣି ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ପ୍ରଭାବ ବିସ୍ତାର କରିଥିଲେ। ଏହାର ପରିଣାମ ହେଲା ନୈରାଶ୍ୟଜନକ। କ୍ରମଶଃ ରାଜା ମହାରାଜାଙ୍କର ପ୍ରତ୍ୟକ୍ଷ ଅଂଶଗ୍ରହଣ ଆଉ ସମ୍ଭବ ହେଲାନାହିଁ। ନାନା ପ୍ରତିକୂଳ ପରିବେଶ ମଧ୍ୟରେ ମଧୁସୂଦନ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଗତି ପାଇଁ ନିଜକୁ କାୟମନୋବାକ୍ୟରେ ଉତ୍ସର୍ଗ କରିଥିଲେ ଏବଂ ଏ ଜାତି ପାଇଁ ସର୍ବସ୍ୱ ଦାନ କରି ଦେବାଳିଆ ହୋଇଥିଲେ।

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ସାଫଲ୍ୟ ଉପରେ ମତବ୍ୟକ୍ତ କରି ବଙ୍ଗଳାର ବିଖ୍ୟାତ ଖବରକାଗଜ ଅମୃତ ବଜାର ପତ୍ରିକା ମଧୁବାବୁଙ୍କ ନେତୃତ୍ୱ ସମ୍ପର୍କରେ ଯେଉଁ ମତବ୍ୟକ୍ତ କରିଥିଲେ, ତାହା ଥିଲା ଏପରି। କହିବା ବାହୁଲ୍ୟ ଏହି ସମ୍ମିଳନୀର ସମସ୍ତ ସାଫଲ୍ୟ ମଧୁବାବୁଙ୍କର ଶ୍ରେୟ ପାଇଁ ମଧୁବାବୁ ହିଁ ଦାୟୀ ବୋଲି ଅମୃତ ବଜାର ପତ୍ରିକା ମତବ୍ୟକ୍ତ କରିଥିଲା। ଏହାର ଉତ୍ତରରେ ମଧୁବାବୁ କହିଥିଲେ - ''ମୋ ଜାତି ପାଇଁ ମୁଁ ଯାହା କରୁଛି, ତାହା ମୋର କର୍ତ୍ତବ୍ୟ ଜାଣି କରୁଛି।'' ସେତେବେଳେ ମଧୁବାବୁଙ୍କର ଆନ୍ତରିକ ନିବେଦନ ଥିଲା- ଅନ୍ତତଃ 'ଦୈନନ୍ଦିନ ଜୀବନରେ ୫ ମିନିଟ୍ ଓଡ଼ିଶାର ଉନ୍ନତି ପାଇଁ ଚିନ୍ତା କରନ୍ତୁ। ସେହିପରି ଭାରତ ଜନନୀର ସେବାରେ ୫ ମିନିଟ୍ ବିନିଯୋଗ କରନ୍ତୁ।'' ଏଠାରେ ଉଲ୍ଲେଖଯୋଗ୍ୟ , ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁବାବୁ ନିଜର ମନ ପ୍ରାଣ ଢାଳି ଦେଇଥିବାରୁ ତାଙ୍କୁ କେହି କେହି ସର୍ବଭାରତୀୟ ନେତାର ମାନ୍ୟତା ଦେବାକୁ କୁଣ୍ଠାବୋଧ କରନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଓଡ଼ିଶା ପାଇଁ ଆଜୀବନ ନିଜକୁ ଉତ୍ସର୍ଗ କରିଥିଲେ ହେଁ ମହାଭାରତୀୟ ଭାବନାରୁ ସେ ଦୂରେଇଯାଇ ନଥିଲେ।

ମହାତ୍ମା ଗାନ୍ଧୀଙ୍କର ବହୁ ପୂର୍ବରୁ ସେ କୁଟୀର ଶିଳ୍ପ, ଗ୍ରାମ୍ୟ ଅର୍ଥନୀତି, ଲୁଣମରା ଅଭିଯାନ ଏବଂ ସ୍ୱଦେଶୀ ଶିଳ୍ପ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମହାତ୍ମା ଗାନ୍ଧୀଙ୍କର ବହୁ ପୂର୍ବରୁ ସେ ସମ୍ମିଳନୀ ମଣ୍ଡପରେ ବସି ଅରଟରେ ସୂତା କାଟିଥିଲେ। ସ୍ଥଳବିଶେଷରେ ମହାତ୍ମା ଗାନ୍ଧୀ ମଧୁସୂଦନଙ୍କୁ ନିଜ ଗୁରୁ ବୋଲି ସ୍ୱୀକାର କରିଛନ୍ତି। ମଧୁବାବୁଙ୍କର ଉତ୍କଳ ଟ୍ୟାନେରି ଦେଖି ମହାତ୍ମା ଗାନ୍ଧୀ ଅଭିଭୂତ ହୋଇଯାଇଥିଲେ। ମହାତ୍ମା ଗାନ୍ଧୀ ନିଜ ସମ୍ପାଦିତ ପତ୍ରପତ୍ରିକାରେ ଏକଥା ସ୍ୱୀକାର କରି କହିଛନ୍ତି ଯେ, ଏ ଦିଗରେ ମଧୁବାବୁ ତାଙ୍କ ଆଖି ଫିଟାଇଦେଲେ। ସମାଜର ନିମ୍ନବର୍ଗର ଲୋକଙ୍କର ଜୀବିକା ଅର୍ଜନ ପାଇଁ ସେ ଏକ ମାର୍ଗ ଖୋଲିଥିଲେ ବୋଲି ମହାତ୍ମା ଗାନ୍ଧୀ ମତବ୍ୟକ୍ତ କରିଥିଲେ। ଏପରିକି ଚମଡ଼ା କଷେଇ ଶିଳ୍ପର ପ୍ରସାରଣ ପାଇଁ ସେ ମଧୁସୂଦନଙ୍କର ମାର୍ଗ ଦର୍ଶନ ପାଇଁ ଅନୁରୋଧ କରିଥିଲେ।



ମଧୁସୂଦନଙ୍କ ତିରୋଧାନ ଦିବସ ଉପଲକ୍ଷେ

ଓଡ଼ିଶାରେ ଶିଳ୍ପ, ଶିକ୍ଷା, କ୍ରୀଡ଼ା ଓ ରଙ୍ଗମଞ୍ଚ ପ୍ରତିଷ୍ଠା କ୍ଷେତ୍ରରେ ସେ ଥିଲେ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱ। ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରରେ ତଥା ରାଜନୀତି କ୍ଷେତ୍ରରେ ତାଙ୍କର ଭୂମିକା ଥିଲା ପ୍ରଭାବଶାଳୀ। କୁସଂସ୍କାରାଚ୍ଛନ୍ନ ଦେଶରେ ନାରୀ ଶିକ୍ଷା ପାଇଁ ତାଙ୍କର ଉଦ୍ୟମ ଥିଲା ଅତ୍ୟନ୍ତ ପ୍ରଶଂସନୀୟ। ମଧୁବାବୁଙ୍କର ଅକାଟ୍ୟ ଯୁକ୍ତି ଓ ଦାବି ଆଗରେ ମୁଣ୍ଡ ନୁଆଁଇ ଭାରତ ସରକାର ନାରୀମାନଙ୍କୁ ଆଇନଜୀବୀ ଭାବରେ କାର୍ଯ୍ୟ କରିବା ପାଇଁ ଅଧିକାର ପ୍ରଦାନ କରିଥିଲେ।

ବିବିଧ କାରଣରୁ ଓଡ଼ିଶାର ଇଂରେଜ ପ୍ରଶାସକମାନେ ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ବିପାକ ପ୍ରତି ସମ୍ବେଦନଶୀଳ ନ ଥିଲେ। ମଧୁବାବୁ ପ୍ରଥମେ ବିଲାତ ଖବରକାଗଜରେ ଓଡ଼ିଆବାସୀଙ୍କର ଦୁଃଖ ଦୁର୍ଦ୍ଦଶାକୁ ବ୍ରିଟିଶ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଇଂରେଜ ସାମ୍ବାଦିକ ନାଭିନସନଙ୍କୁ ନିମନ୍ତ୍ରଣ କରିଆଣିଥିଲେ ଓଡ଼ିଶାକୁ। ଏହାପରେ ବ୍ରିଟିଶ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗହୋଇଥିଲା। ଆଜି ସାମ୍ୟବାଦୀ ରାଜନୈତିକ ଦଳଗୁଡ଼ିକ କୃଷକର ଜାଗୃତି ପାଇଁ ନେତୃତ୍ୱ ପ୍ରଦାନ କରୁଛନ୍ତି। କିନ୍ତୁ ଏଠାରେ କହିବାକୁ ଉଚିତ ମନେକରୁଛୁ ଯେ, ରୁଷିଆର ଅକ୍ଟୋବର ବିପ୍ଳବର ବହୁ ପୂର୍ବରୁ ମଧୁସୂଦନ ୧୯୦୯ରେ କୃଷକମାନଙ୍କର ଉନ୍ନତି ପାଇଁ ଗଠନ କରିଥିଲେ ପ୍ରଜା ପରିଷଦ। କେବଳ ସେତିକି ନୁହେଁ, ବଙ୍ଗଦେଶର ବିଧାନସଭାରେ ସଭ୍ୟ ଭାବରେ ଜମିଦାରମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଆଗତ କରାଯାଇଥିବା ପ୍ରଜାସ୍ୱତ୍ୱ ବିଲ୍ ବିରୋଧରେ ମତବ୍ୟକ୍ତ କରିଥିଲେ। ମଧୁବାବୁଙ୍କର ଅକାଟ୍ୟ ଯୁକ୍ତିଦ୍ୱାରା ପ୍ରଭାବିତ ହୋଇ ବଡଲାଟ୍ ଲର୍ଡହାର୍ଡିଞ୍ଜ ଏହି ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରି ନ ଥିଲେ।

ଆମ ମତରେ ଉତ୍କଳ ସମ୍ମିଳନୀ ଯେଉଁ ଉଦାତ୍ତ ଜାତୀୟ ଭାବ ପ୍ରକାଶ କରିଥିଲା ତାହା ମଧୁସୂଦନଙ୍କ ତିରୋଧାନ (୧୯୩୪) ସଙ୍ଗେ ସଙ୍ଗେ ହ୍ରାସ ପାଇବାକୁ ଲାଗିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲା ଛତିଶ ଗଡ଼ଜାତ ଓ ମୟୂରଭଞ୍ଜ ମିଶିଲା। ସେପଟେ ଷଢ଼େଇକଳା ଓ ଖରସୁଆଁ ଆଦି ନିରୋଳା ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶାରୁ ପୃଥକ୍ ହୋଇ ବିହାର ସହିତ ମିଶିଲା। ମଧୁବାବୁ ଓ ଉତ୍କଳ ସମ୍ମିଳନୀକୁ ବିରୋଧ କରୁଥିବା ନେତା ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଏହାର ବିସ୍ତୃତ ତଥ୍ୟ ମଧୁପ୍ରେମୀ ସୁରେନ୍ଦ୍ର ମହାନ୍ତିଙ୍କର ଆତ୍ମଜୀବନୀ 'ପଥ ଓ ପୃଥିବୀ'ରୁ ସୂଚନା ମିଳେ। ସତରେ, ଆଜି ମଧ୍ୟ ଏହାକୁ ପାଠକଲେ ଆମ ଆଖିରୁ ଏସବୁ ନେତାଙ୍କର ବିଶ୍ୱାସଘାତକତା ନେଇ ଦୁଇବୁନ୍ଦା ଲୁହ ଝରିପଡ଼େ। ମୃତ୍ୟୁର ୮୮ ବର୍ଷ ପରେ ମଧ୍ୟ ମଧୁବାବୁ ଆଜି ପ୍ରଚଣ୍ଡ ବିସ୍ମୟ ଭାବେ ପ୍ରତିଭାତ। ଏହି ଉପଲକ୍ଷେ ଏହି ଦିବ୍ୟଦ୍ରଷ୍ଟା ନେତା ଓ ସାଧକଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି।

**ଚୈତନ୍ୟ ଧାମ, ଶବରସାହି**
**ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

## ଏଇ ଭାରତରେ

ବହୁ ସମୟରେ ବିଭିନ୍ନ ଅଞ୍ଚଳରେ ସାମାଜିକ କଟକଣା ମହିଳାମାନଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲରେ ବାଧକ ସାଜିଥାଏ ; ଯାହା ଘଟିଥିଲା ସୁରଜ ବାଇଙ୍କ ଜୀବନରେ। ରାଜସ୍ଥାନର ରାନ୍ଥମ୍ବୋର ଜାତୀୟ ଉଦ୍ୟାନ ନିକଟ ଏକ ଗାଁରେ ରହନ୍ତି ସୁରଜ। ସେହି ଗାଁରେ ବାଳିକାଙ୍କୁ ଶିକ୍ଷାପ୍ରାପ୍ତ କରି କ୍ୟାରିୟର ଗଢ଼ିବା ମନା। କେବଳ ରୋଷେଇ କରିବା, ସନ୍ତାନ ଜନ୍ମ ଦେଇ ତା'ର ଲାଳନପାଳନ ଓ ଘରଦ୍ୱାର ସଫା କାର୍ଯ୍ୟ ପାଇଁ ସେମାନଙ୍କ ଜନ୍ମ ବୋଲି ସେମାନଙ୍କୁ କୁହାଯାଇଥାଏ। ଏପରି କି ଜଣେ ଝିଅ ଶିକ୍ଷିତା ହେଲେ ସେହି ଝିଅର ପିତାଙ୍କୁ ଦୁଇଗୁଣ ଯୌତୁକ ଦେବାକୁ ପଡ଼େ। ସୁରଜ ଏଭଳି ଜୀବନ ନ ଜିଇବାକୁ ପିଲାଦିନୁ ନିଷ୍ପତ୍ତି ନେଇ ପଢ଼ିବା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ଭାଇ ହେମରାଜ ତାଙ୍କୁ ପ୍ରେରିତ କରିବା ସହ ପାଖ ଗାଁର ଏକ ହିନ୍ଦୀ ସ୍କୁଲ୍‌ରେ ନାମ ଲେଖାଇଥିଲେ। ଏହାକୁ ଗାଁ ଲୋକେ ବିରୋଧ କରିଥିଲେ। କିନ୍ତୁ ଏଭଳି କଟକଣାକୁ ଖାତିର ନ କରି ୧୬ ବର୍ଷ ବୟସରେ ସୁରଜ ରାନ୍ଥମ୍ବୋରର ପ୍ରଥମ ମହିଳା ପରିବେଶବିତ୍ ଓ ଗାଇଡ୍ ହୋଇପାରିଥିଲେ। ଏବେ ତାଙ୍କ ବୟସ ୩୩। ବର୍ତ୍ତମାନ ସେ ପର୍ଯ୍ୟଟକଙ୍କୁ ସେଠାକାର ପଶୁପକ୍ଷୀଙ୍କ ସମ୍ପର୍କରେ ଅବଗତ କରାଉଛନ୍ତି ଓ ବିଭିନ୍ନ ସ୍କୁଲକୁ ବନ୍ୟପ୍ରାଣୀ ଏବଂ ପକ୍ଷୀଙ୍କ ବିଷୟରେ କହିବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କୁ ବେଷ୍ଟ ଲେଡି ଗାଇଡ୍ ଭାବେ ସମ୍ମାନିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଫେବୃୟାରୀ ୧୯୯୮

- ଆଲଜେରିଆ ନିରାପତ୍ତା ବାହିନୀର ସୈନ୍ୟମାନଙ୍କ ଅଚାନକ ଆକ୍ରମଣରେ ୧୫ ଜଣ ବେସାମରିକ ନାଗରିକ ସମେତ ୭୦ ବିଦ୍ରୋହୀ ନିହତ।
- ଦକ୍ଷିଣ ମିନ୍ଦାନାଓ ଦ୍ୱୀପରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଫିଲିପାଇନ୍ସର ଏକ ଯାତ୍ରୀବିମାନ ମଧ୍ୟରୁ ୩୦ଟି ମୃତଦେହ ମିଳିଥିବା ବେଳେ ୧୫ ଯାତ୍ରୀଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| 7 | 2 | | | | | | 9 | |
| 4 | | | 9 | 8 | | 1 | | |
| 5 | | | | | | 3 | | 7 |
| | 1 | | | | 5 | 9 | | |
| 3 | | 7 | | | 6 | | | |
| | | 2 | | | 8 | | | |
| | 7 | 1 | | | | | 3 | 2 |
| | | | | 2 | 4 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 8 | 7 | 5 | 3 | 6 | 2 | 1 |
| 6 | 2 | 7 | 9 | 1 | 8 | 5 | 4 | 3 |
| 3 | 5 | 1 | 6 | 2 | 4 | 9 | 8 | 7 |
| 2 | 1 | 5 | 4 | 9 | 7 | 8 | 3 | 6 |
| 7 | 8 | 9 | 3 | 6 | 5 | 2 | 1 | 4 |
| 4 | 6 | 3 | 2 | 8 | 1 | 7 | 9 | 5 |
| 5 | 3 | 4 | 8 | 7 | 2 | 1 | 6 | 9 |
| 8 | 7 | 6 | 1 | 4 | 9 | 3 | 5 | 2 |
| 1 | 9 | 2 | 5 | 3 | 6 | 4 | 7 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଖାଦ୍ୟ ଅପଚୟ ରୋକାଯାଉ

ମହାଶୟ,

ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ବିଶ୍ୱରେ ଭୋକିଲାଙ୍କ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି ଯେ, ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅନେକ ଦେଶ ଖାଦ୍ୟ ସଂକଟ ଦେଇ ଗତି କରୁଛନ୍ତି। ଏହା ପଛରେ ମୁଖ୍ୟ କାରଣ ହେଉଛି ଖାଦ୍ୟ ଅପଚୟ ବା ନଷ୍ଟ। ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ (ଏଫ୍‌ଏଓ) କହିଛି ଯେ, ୨୦୧୯ରେ ଖାଦ୍ୟାଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହିଥିଲେ। ନିକଟରେ ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ (ୟୁଏନ୍‌ପି) ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ୮୩ କୋଟି ଲୋକ ଭୋକ ଉପାସରେ ରହୁଛନ୍ତି। ଯଦି ଖାଦ୍ୟ ନଷ୍ଟକୁ ରୋକାଯାଇପାରିବ, ତେବେ ଭୋକରେ ରହୁଥିବା ଲୋକଙ୍କୁ ପେଟପୂରା ଖାଦ୍ୟ ଯୋଗାଇ ଦେବା ସମ୍ଭବ ହେବ। ତେବେ ଚିନ୍ତାର କାରଣ ଯେ, ଖାଦ୍ୟ ନଷ୍ଟ ବା ଅପଚୟରେ ଚାଇନା ପ୍ରଥମ ସ୍ଥାନରେ ଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଖାଦ୍ୟାଭାବ ଯୋଗୁ ଦେଶର ୩୩ଲକ୍ଷ ଶିଶୁ କୁପୋଷଣର ଶିକାର। ଖାଦ୍ୟ ଅପଚୟ ରୋକାଯାଇପାରିଲେ କୁପୋଷଣର ଅନ୍ତ ଘଟିବ।

**-ସୌଭାଗ୍ୟ ରଂଜନ ମହାନ୍ତି, ଶିଶୁପାଳଗଡ଼, ଭୁବନେଶ୍ୱର**

## ଚିରନ୍ତନୀ

ସେହି ଲୋତକ ହୃଦୟ ଭରି
ନୟନୁଁ ମୋ ପଡ଼ଇ ଝରି,
ସେହି ଲୋତକେ ପ୍ଲାବଇ ମୋର ଅନ୍ତର
ସେହି ଲୋତକେ ଆସ ଗୋ ତୁମେ ସନ୍ତର।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶା ସୀମାର ପ୍ରମାଣ ଦେଲା ରାୟଗଡ଼ା ପ୍ରଶାସନ

**ଆନ୍ଧ୍ର ପକ୍ଷରୁ ବେଆଇନ ରାସ୍ତା ନିର୍ମାଣ ବିବାଦ ପ୍ରସଙ୍ଗ**

## ଭୁଲ୍ ମାନିଲେ ଆନ୍ଧ୍ର ଅଧିକାରୀ

ରାୟଗଡ଼ା,୩।୨(ସ୍ୱ.ପ୍ର.)

ରାୟଗଡ଼ା ସଦର ବ୍ଲକ ଦୁର୍ଗାପାଡୁ ପଞ୍ଚାୟତ ପାଲମତୁଳସୀ ଗାଁ ନିକଟରେ ଆନ୍ଧ୍ର ପକ୍ଷରୁ ଜମି ଜବରଦଖଲ କରି ରାସ୍ତା ନିର୍ମାଣକୁ ନେଇ ଲାଗି ରହିଥିବା ବିବାଦର ଅଧା ସମାଧାନ ଶୁକ୍ରବାର ହୋଇଛି। ଜାନୁୟାରୀ ୩୧ ରେ ସୀମା ଚିହ୍ନଟ ନିମନ୍ତେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ଫଳରେ ଓଡ଼ିଶା ଅଧିକାରୀମାନେ ରାସ୍ତାକାମ ବନ୍ଦ କରିଥିଲେ। ଶୁକ୍ରବାର ରାୟଗଡ଼ା ତହସିଲ କର୍ମଚାରୀ ଓ ଆନ୍ଧ୍ର ପ୍ରଦେଶ ରାଜ୍ୟ ଗୁମ୍ମା ଲକ୍ଷ୍ମୀପୁର ତହସିଲ କର୍ମଚାରୀ ଏକାଠି ହୋଇ ସମାଧାନ ବାଟ ବାହାର କରିଛନ୍ତି।

ପାଲମତୁଳସୀ ଗାଁଠାରୁ ପ୍ରାୟ ୫୦୦ ମିଟର ଦୂରରେ ଓଡ଼ିଶାର ବେସରକାରୀ ଭାବେ ଥିବା ଜଣେ ଜମି ପଟ୍ଟାଦାରଙ୍କ ଜମି ଆନ୍ଧ୍ର ପକ୍ଷରୁ ଜବରଦଖଲ କରାଯାଇ ରାସ୍ତା କରାଯାଉଥିଲା। ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ତେବେ ୧୯୫୪ରେ ଦୁଇ ରାଜ୍ୟର ସୀମା ଚିହ୍ନଟ ସର୍ଭେ ହୋଇଥିବା ନେଇ ଏକ ବୃହତ୍ ଶିଳାରେ ରହିଥିବା ପ୍ରମାଣ ଦେଖାଇ ଆର୍‌ଆଇ ଅଶ୍ୱିନୀ ପଣ୍ଡା ଏହି ଜମି ଓଡ଼ିଶାର ଜମି ବୋଲି ପ୍ରମାଣିତ କରିଛନ୍ତି। ଏହାକୁ ଆନ୍ଧ୍ର ପ୍ରଦେଶରୁ ଆସିଥିବା ଗୁମ୍ମାଲକ୍ଷ୍ମୀପୁର ତହସିଲଦାର ଜେମିନି ରମାଲୁମ୍ମା ସମ୍ମତି ଜଣାଇ ରାଜସ୍ୱ ଜମି ଚିହ୍ନଟ ଓ ସୀମା ବିବାଦର ସମାଧାନ କରିଛନ୍ତି। ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀ ମିଳିତ ଭାବରେ ବିବାଦର ଅନୁଧ୍ୟାନ କରିଥିବା ବେଳେ ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ସେମାନଙ୍କ ଭୁଲ୍ ମାନିଥିଲେ। ତେବେ ଗୁରୁବାର ରାତିରେ ଆନ୍ଧ୍ରର କେତେଜଣ ବ୍ୟକ୍ତି ଓଡ଼ିଶା ପକ୍ଷରୁ ପୋତାଯାଇଥିବା ସୀମା ଫଳକ ଉପାଡ଼ି ଫୋପାଡ଼ିବାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଦୁଇ ରାଜ୍ୟର ପ୍ରଶାସନିକ ସ୍ତରରେ ଆଲୋଚନାବେଳେ ରାୟଗଡ଼ା ବିଡିଓ ଲକ୍ଷ୍ମୀନାରାୟଣ ସାବତ, ତହସିଲଦାର ତାପସ ରାଉତ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗା ପୁଆଲା, ମିରାବାଲି ସରପଞ୍ଚ ଅଶୋକ ପୁଆଲା, ଦୁର୍ଗାପାଡୁ ସରପଞ୍ଚ ସୁଶୀଳା ପୁଆଲା ଉପସ୍ଥିତ ଥିଲେ। ତେବେ ଦୁଇ ରାଜ୍ୟର ଜଙ୍ଗଲ ବିଭାଗର ସୀମାକୁ ନେଇ ଏ ପର୍ଯ୍ୟନ୍ତ ସମାଧାନର ବାଟ ବାହାରି ପାରିନାହିଁ।



ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ କରାଯାଉଛି।

# ମାଗଣା ସିଭିଲ ସର୍ଭିସ କୋଚିଂ ଦେବେ ରାଜ୍ୟ ସରକାର

## ୨୬ରେ ପ୍ରି-କ୍ୱାଲିଫାଇଂ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୩।୨(ବ୍ୟୁରୋ)

ସିଭିଲ ସର୍ଭିସ କୋଚିଂ ଦେବେ ରାଜ୍ୟ ସରକାର। ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା (ପ୍ରିଲିମ୍/ମୁଖ୍ୟ) ପାଇଁ ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ମିଳିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିବାକୁ ଯାଉଛି। ଏଥର ୨୦୦ ସିଭିଲ ସର୍ଭିସ ଆଶାୟୀଙ୍କୁ କୋଚିଂ ଦେବାକୁ ଯୋଜନା କରାଯାଇଛି। ସୂଚନା ଅନୁସାରେ, ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଏହି କୋଚିଂ ପାଇଁ ନାମଲେଖା ହେବ। ଆଶାୟୀଙ୍କୁ ଆବେଦନ କରିବା ସହ ଉଚ୍ଚଶିକ୍ଷା ବିଭାଗର ୱେବ୍‌ସାଇଟରୁ ପ୍ରବେଶିକା ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ସାମ୍ସ ପୋର୍ଟାଲ ଅଧୀନରେ ଏଥିପାଇଁ ଏକ ଅନ୍‌ଲାଇନ ମଡ୍ୟୁଲ୍ ବିକଶିତ କରାଯିବ। ଆସନ୍ତା ୨୬ ତାରିଖରେ ଆଶାୟୀଙ୍କ ପାଇଁ ପ୍ରି-କ୍ୱାଲିଫାଇଂ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ସାମ୍ସ ପୋର୍ଟାଲ ଅଧୀନରେ ଉପରୋକ୍ତ ମଡ୍ୟୁଲ ବିକଶିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓକାକ୍ ଜେନେରାଲ ମ୍ୟାନେଜରଙ୍କୁ ଅନୁରୋଧ କରାଯାଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଆଙ୍କ ପ୍ରଦର୍ଶନ ୟୁପିଏସ୍‌ସିରେ ଦିନକୁ ଦିନ ହ୍ରାସ ପାଉଥିବାବେଳେ ଏଥିପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ପ୍ରତିବର୍ଷ ପାଖାପାଖି ୫ରୁ ୬ ଲକ୍ଷ ପିଲା ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି। ହେଲେ ରାଜ୍ୟରୁ ବହୁତ କମ୍ ପିଲା ୟୁପିଏସ୍‌ସିରେ ସଫଳ ହେଉଥିବା ଦେଖାଯାଉଛି। ୨୦୧୭ରେ ୧୩ଜଣ ଓଡ଼ିଆ ଛାତ୍ରୀଛାତ୍ର ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ୨୦୧୮ରେ ୧୫, ୨୦୧୯ରେ ୨୧, ୨୦୨୦ରେ ୧୧ ଓ ୨୦୨୧ରେ ମାତ୍ର ୧୪ ଜଣ ସଫଳ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ୨୦୧୬-୧୭ରେ ବିଶ୍ୱବିଦ୍ୟାଳୟରେ ଏହି କୋଚିଂ ବ୍ୟବସ୍ଥା ଆରମ୍ଭ କରିଥିଲେ।

**ESAF SMALL FINANCE BANK**

REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

DATE OF AUCTION : 07-02-2023 TIME : 10 AM TO 4 PM
AUCTION VENUE : THROUGH E-AUCTION
AUCTION ADDRESS : https://gold.matexnet.org/

To register as bidder for the e-Auction with terms and conditions, and full details of e-Auction please visit the above site

BRANCHES & LOAN ACCOUNT NUMBERS
**BHUBANESHWAR**: 63210001563307, 63210001583639, **CUTTACK**: 63210001664527

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur
Date: 04-02-2023
Sd/-
Authorized Signatory

**SALE DEED LOST**

I, Sri RAJESH SHARMA, Authorised Signatory of FIRST INFRACON PVT. LTD. having its Corporate Office at 4/1, Red Cross Place, Kolkata-700001, West Bengal, Registered Office at Forum Mart, Fourth Floor, 89-Kharvelnagar, Unit-3, Bhubaneswar, Dist.-Khurda, Odisha, intimate the public at large that my original sale deeds bearing (i) ID No. 1081205443, Document No.11081206202, dtd.06.03.2012, (ii) ID No. 1081131604, Document No.11081130188, dtd.02.12.2011, (iii) Supplementary / Consent Deed ID No.1081131938, Document No.11081203848, dtd.05.12.2011 and (iv) ID No.1081132361 Document No.11081130676, dtd.09.12.2011 have been misplaced and/or lost somewhere and the same are not traceable, if any person finds the same can contact on above address and its mis-utilisation may lead to cases.

# ଆଜିଠାରୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା

ଢେଙ୍କାନାଳ ଅଫିସ, ୩।୨

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ଯୋରନ୍ଦା ମହିମାଗାଦିରେ ଶନିବାରଠାରୁ ଆରମ୍ଭ ହେଉଛି ମାଘମେଳା। ଚଳିତବର୍ଷ କରୋନା କଟକଣା ନ ଥିବାରୁ ବହୁ ଲକ୍ଷ ସାଧୁସନ୍ଥ ଏବଂ ଅନୁଗାମୀଙ୍କ ସମାଗମ ହେବା ସମ୍ଭାବନା ରହିଛି। ମହିମା ଧର୍ମର ଏହି ପ୍ରମୁଖ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନକରିବାଲାଗି୭ପ୍ଲାଟୁନପୋଲିସଫୋର୍ସମୁତୟନ କରାଯିବା ସହ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ମାଘମେଳା ଉପଲକ୍ଷେ ଶନିବାର ବ୍ରାହ୍ମ ମୁହୂର୍ତ୍ତରୁ ନୀତିକାନ୍ତି ଆରମ୍ଭ ହେବ। ସନ୍ଧ୍ୟା ସାଢ଼େ ୫ଟାରେ ଗାଦି ମନ୍ଦିରର ଚାରିଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯିବ। ମହିମା ସାଧୁସନ୍ଥମାନେ ବିଶ୍ୱମଙ୍ଗଳ କାମନା କରି ଘୃତାହୁତି ପ୍ରଦାନ କରିବେ। ଚଳିତବର୍ଷ ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ସାଧୁସନ୍ଥଙ୍କ ସମାଗମ ହୋଇଥିବାବେଳେ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ଯୋରନ୍ଦା। ଯେକୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ୨ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୫ ଇନ୍ସପେକ୍ଟର, ୧୫ ଏଏସ୍‌ଆଇଙ୍କୁ ନିୟୋଜିତ କରାଯାଇଛି। ମହିଳା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସାଦା ପୋଷାକରେ ଜଣେ ମହିଳା ଇନ୍ସପେକ୍ଟରଙ୍କ ନେତୃତ୍ୱରେ ମହିଳା ପୋଲିସ ନିୟୋଜିତ ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ପୋଲିସ ଯୋରନ୍ଦାରେ ଫ୍ଲାଗ୍‌ମାର୍ଚ୍ଚ କରିଛି। ସନ୍ଧ୍ୟାରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୁରକ୍ଷାରେ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟନ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଲୁଟ୍, ଛିନ୍‌ତାଇ, ଚୋରି, ପକେଟମାର ଭଳି ଆପରାଧିକ କାର୍ଯ୍ୟ ରୋକିବା ଲାଗି ସାଦା ପୋଷାକଧାରୀ ପୋଲିସ ପଇଁତରା ମାରିବେ ବୋଲି ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।



ମହିମା ଗାଦି ଯୋରନ୍ଦା।

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph.No.- 06792- 261343/ 261344, Gangraj, Baripada
"e" Procurement Notice for Road Work
Identification No. Online Tender - Road N.C.B. No.262 for 2022-23
Letter No.340 / Date 2.2.2023

No.O-1760: 1. Name of the work: Improvement to Badadalima to Jirei Road under CAPEX (Special Central Assistance to States Capital Expenditure) in the District of Mayurbhanj for the year 2022-23.
2. Total No. of work: 01 No. (One). 3. Estimated cost: Rs.949.40 Lakhs (Approximately). 4. Eligible class of contractor: As per annexure. 5. Period of completion: As per annexure. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 262 | Dt.08.02.2023 at 11.00 A.M. | Dt.24.02.2023 upto 5.00 P.M. | Dt.23.02.2023 upto 5.00 P.M. | Dt.27.02.2023 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any corrigendum / addendum will be displayed in the above e-tender website only.

Sd./- Chief Construction Engineer, R.W. Circle, Baripada
OIPR-25181/11/0062/2223

**Summon for settlement of issues**
(Order 5, Rule 20 CPC)
**IN THE COURT OF CIVIL JUDGE SENIOR DIVISION, ROURKELA**
C.S. 103 of 2013
**State Bank of India .......Plaintiff**
**Versus**
**Bijay Sahu ........Defendant**

To
**BIjay Sahu,** aged about 46 years, son of Late Rambaran Sahu, resident of Behind Hotel Jammu, Vedvyas Chowk, Rourkela-769004, P.S-Brahmanitarang, District- Sundargarh.

Whereas, **State Bank of India, SMECCC, At-Sector-17, Rourkela-3,** has instituted a suit against you for **Rs. 80,374.00.** You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **3rd day of March 2023 at 10.30 'O'clock** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the court, this **9th day of January of 2023.**

**Senior Civil Judge, Rourkela**

# ଜୁଲାଇ ୭ ସୁଦ୍ଧା ୟୁଜି ଶେଷ ସେମିଷ୍ଟର ଫଳ ପ୍ରକାଶ କର

## ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୩।୨(ବ୍ୟୁରୋ): ୨୦୨୨

୨୩ ଶିକ୍ଷାବର୍ଷର ୟୁଜି ଶେଷ ସେମିଷ୍ଟର ପରୀକ୍ଷା ଫଳ ଆସନ୍ତା ଜୁଲାଇ ୭ ସୁଦ୍ଧା ପ୍ରକାଶ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛନ୍ତି। କମନ୍ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ଶୀଘ୍ର କରିବା, ପିଜି ପାଠ୍ୟକ୍ରମରେ ନାମଲେଖା ଏବଂ ୨୦୨୩-୨୪ ଶିକ୍ଷାବର୍ଷର ପାଠପଢ଼ାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶନ ଉପରେ ବିଭାଗ ଗୁରୁତ୍ୱ ଦେଇଛନ୍ତି। ଏନେଇ ପଦକ୍ଷେପ ନେବାକୁ ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶୀଘ୍ର ପରୀକ୍ଷା କରାଇବା ସହ ଫଳ ପ୍ରକାଶନ ଦ୍ୱାରା ଉଚ୍ଚଶିକ୍ଷାରେ ନାମ ଲେଖାଇବା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା କରାଯାଉଥିବା ବିଭିନ୍ନ ପରୀକ୍ଷାରେ ଓଡ଼ିଶାର ଛାତ୍ରୀଛାତ୍ର ସହଜରେ ଭାଗ ନେଇପାରିବେ। ପରୀକ୍ଷା ପୂର୍ବରୁ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରିବା ପାଇଁ ଆବଶ୍ୟକ ହେଲେ ଅତିରିକ୍ତ କ୍ଲାସ୍ କରିବାକୁ ଉଚ୍ଚଶିକ୍ଷା ବିଭାଗ ପରାମର୍ଶ ଦେଇଛି। ସେହିଭଳି ଅନ୍ୟ ସେମିଷ୍ଟର/ବ୍ୟାକ୍ ପେପର ଆଦି ପାଇଁ ପରୀକ୍ଷା ଉପଯୁକ୍ତ ସମୟରେ କରିବାକୁ କୁହାଯାଇଛି।

**BHUBANESWAR DEVELOPMENT AUTHORITY**
AKASH SHOVA BUILDING
SACHIVALAYA MARG, BHUBANESWAR- 751001
Visit us at: https://www.bda.gov.in
**INVITATION FOR BIDS**
Bid Identification No. 99/ EM/ BDA Date: 02.02.2023

No.CAD-4710:- Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

| Sl. No. | Name f the work | Approximate value of work (Rs. in Crore) | Period of completion | Class of contractor | Bid Security / E.M.D. (Rs.in Lakh) | Cost of bid document (in Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Development of Internal Road of Town Planning Scheme-1 (Narogada TP 1) | 38.63 | 11 (Eleven) calendar months | Special class / Super class | 38.63 | 10,000/- + GST 18% |
| 2 | Development of Internal Road of Town Planning Scheme-1 (Sahajpur TP 1) | 20.67 | 09 (Nine) calendar months | Special class / Super class | 20.67 | 10,000/- + GST 18% |
| 3 | Development of Internal Road of Town Planning Scheme-2 (Tamando TP 2) | 31.67 | 11 (Eleven) calendar months | Special class / Super class | 31.67 | 10,000/- + GST 18% |
| 4 | Development of Internal Road of Town Planning Scheme-2 (Bijipur TP 2) | 30.12 | 11 (Eleven) calendar months | Special class / Super class | 30.12 | 10,000/- + GST 18% |

1. Availability of bid documents in Govt. portal from 08.02.2023 to 5.00 P.M. of 27.02.2023. 2. Last date & time of online submission of tender in the portal is dated 27.02.2023 upto 5.00 P.M. 3. Date of opening of technical bid is at 11.30 A.M. on dated 01.03.2023. 4. Place of opening of tender: O/o- Engineer Member, BDA, Bhubaneswar.
Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

OIPR-13033/11/0485/2223
Sd./- Engineer Member, BDA, Bhubaneswar

**OFFICE OF THE PANCHAYAT SAMITI, CHANDBALI**
AT/PO- CHANDBALI, DIST.- BHADRAK, PIN- 756133
e-Mail: ori-chandbali@nic.in, Phone / Fax No.: 06786-220234
**QUOTATION CALL NOTICE**

No.i-371:- Block Development Officer, Chandbali invites sealed quotations / bids for supply of 26 Nos. of Smart Interactive Display (make LG) and 13 Nos. of 55 inch Smart TV (make LG) for 5T Transformation of High Schools under Chandbali Block (3rd Phase). The rate should be furnished in each quotation paper including transformation, installation, demo & training. The vendor must produce OEM authorization. The sealed quotation must reach to the undersigned on or before 09.02.2023 by 1.00 P.M. through **Speed Post / Regd. Post.** The quotation paper will be opened on 09.02.2023 at 4 P.M. in presence of interested parties or their authorized agents. The authority reserves all the rights to reject any all quotation without assigning any reason thereof.

For detailed specification and other terms and conditions bidders can refer to www.bhadrak.nic.in or contact Chandbali Panchayat Samiti on Mobile No.**9437228182**.

Sd./- Block Development Officer, Chandbali
OIPR-19183/11/0009/2223

# ବ୍ରହ୍ମପୁରରେ ୨ ବସ୍ ଡ୍ରାଇଭରଙ୍କୁ ଜେରା

## ୩ ଦିନ ପରେ ଗୋପାଳଙ୍କ ଭାଇଙ୍କୁ ଛାଡ଼ିଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର ଅଫିସ,୩।୨

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣାର ରହସ୍ୟ ଖୋଲିବାକୁ ସୁରାକ୍ ଖୋଜିବା ଲାଗି କ୍ରାଇମବ୍ରାଞ୍ଚ ୪ଦିନ ହେଲା ବ୍ରହ୍ମପୁରର ବିଭିନ୍ନ ଜାଗାରେ ତଥ୍ୟ ସଂଗ୍ରହ କରୁଛି। ଅଭିଯୁକ୍ତ ବହିଷ୍କୃତ ଏଏସ୍‌ଆଇ ଗୋପାଳ ଦାସଙ୍କ ପରିବାର ସଦସ୍ୟ, ସମ୍ପର୍କୀୟ, ବନ୍ଧୁ ଏବଂ ତାଙ୍କ ସହ ଲିଙ୍କ୍ ଥିବା ବିଭିନ୍ନ ଲୋକଙ୍କୁ ପଚରାଉଚରା ଚାଲିଛି। ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ସିଟି ବସ୍‌ଷ୍ଟାଣ୍ଡରେ ପହଞ୍ଚି ଝାରସୁଗୁଡ଼ା, ସମ୍ବଲପୁର, ରାଇଘର, ବୌଦ୍ଧ, ଫୁଲବାଣୀ ରୁଟରେ ଯାଉଥିବା ବସ୍ କର୍ମଚାରୀମାନଙ୍କୁ ପଚରାଉଚରା କରିଛି। ଗୋପାଳ ମାନସିକ ରୋଗୀ ଥିଲେ। ତାଙ୍କ ପାଖକୁ ବ୍ରହ୍ମପୁରରୁ ବସ୍‌ରେ ଔଷଧ ପଠାଯାଉଥିଲା ବୋଲି ପରିବାର ଲୋକେ କ୍ରାଇମ୍‌ବ୍ରାଞ୍ଚକୁ କହିଥିଲେ। ପ୍ରକୃତରେ ଔଷଧ ପଠାଯାଉଥିଲା କି ନାହିଁ ବସ୍‌ଷ୍ଟାଣ୍ଡରେ ତାହାର ତନାଘନା କରାଯାଇଛି। ଓଏସ୍‌ଆରଟିସି ଅଫିସରେ ଝାରସୁଗୁଡ଼ା- ବ୍ରହ୍ମପୁର ଓଏସ୍‌ଆରଟିସି ବସ୍ ଡ୍ରାଇଭର ଶମ୍ଭୁଦତ୍ତ ପଡ଼ିଆରୀ ଓ ଅନ୍ୟଜଣେ ବସ୍ ଡ୍ରାଇଭର ରୋହିତ କୁମାର ପ୍ରଧାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ ଜେରା କରିଥିଲା। ସେମାନେ ବ୍ରହ୍ମପୁରରୁ ଗୋପାଳଙ୍କ ପାଇଁ କୌଣସି ପାର୍ସଲ ନେଇଛନ୍ତି କି ନାହିଁ ପଚରାଯାଇଥିଲା। ଉଭୟ ଡ୍ରାଇଭର ପାର୍ସଲ ନେଇ ନ ଥିବା କହିଥିଲେ। ଅନ୍ୟପକ୍ଷରେ ଗୋପାଳ କିମ୍ବା ସେମାନଙ୍କ ସମ୍ପର୍କୀୟ କେବେ ବସ୍‌ରେ ଯାତାୟତ କରିଥିଲେ କିମ୍ବା ଯୋଗାଯୋଗରେ ଥିଲେ କି ବୋଲି ମଧ୍ୟ ପଚରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ସେଠାରୁ ପୁଣି ସହରର ବିଭିନ୍ନ ଜାଗାକୁ ଯାଇ ଗୋପାଳଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛି। ଗୋପାଳ ପାଠ ପଢ଼ିବା ସମୟରେ ସେ କେଉଁସବୁ କ୍ରୀଡ଼ାରେ ଭାଗ ନେଇଥିଲେ କଲେଜରୁ ରେକର୍ଡ ବାହାର କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଗୋପାଳଙ୍କ ବଡ଼ଭାଇ ସତ୍ୟଙ୍କୁ ୩ ଦିନ ଜେରା ପରେ ଜଳେଶ୍ୱରଖଣ୍ଡିସ୍ଥିତ ଘରେ ଛାଡ଼ି ଦିଆଯାଇଥିବା ଶୁକ୍ରବାର ସନ୍ଧ୍ୟାରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ର ସୂଚନା ଦେଇଛନ୍ତି।

**झारखण्ड सरकार**
**पेयजल एवं स्वच्छता विभाग**
**पेयजल एवं स्वच्छता प्रमंडल चास**

ई–प्रोक्योरमेंट अति अल्पकालिन निविदा सूचना (द्वितीय आमंत्रण)

Tender Reference No. – Chas/10 / 2022-23 Date 03.02.2022

| | | |
|---|---|---|
| 1 | **Name of Work** – **(Scheme-1)** Detailed survey, designing and drawing, Construction of R.C.C. Intake Well cum Pump House, R.C.C. Gangway 72 M long and 3.00 M wide, 4.00 MLD capacity Conventional Water Treatment Plant, RCC Elevated Service Reservoir – 03 Nos, Staff Quarter, Compound wall, Supplying and laying Raw and Clear Water rising main and Distribution Network, House Connection, Supplying and Installation of VT and Centrifugal pump motor, Railway Crossing, National Highway Crossing and Five years operation & maintenance with allied works etc. all complete job for **Chandrapura Whole Block Rural Water Supply Scheme-1** in Chandrapura **block** under **D.W. & S. Division Chas** on turn key basis." and **(Scheme-2)** Detailed survey, designing and drawing, Construction of R.C.C. Intake Well cum Pump House, R.C.C. Gangway 112 M long and 3.00 M wide, 19MLD capacity Unconventional Water Treatment Plant, RCC Elevated Service Reservoir – 02 Nos, Staff Quarter, Compound wall, Supplying and laying Raw and Clear Water rising main and Distribution Network, House Connection, Supplying and Installation of VT and Centrifugal pump motor, Railway Crossing and Five years operation & maintenance with allied works etc. all complete job for **Chandrapura Whole Block Rural Water Supply Scheme -2** in Chandrapura **block** under **D.W. & S. Division Chas** on turnkey basis." | |
| 2 | प्राक्कलित राशि (लाख रू में) | 4516.64 |
| 3 | अग्रधन की राशि (लाख रू में) | 45.17 |
| 4 | परिमाण विपत्र की मूल्य (रू में) | 10000.00 |
| 5 | कार्य पूर्ण करने की अवधि | 18 माह + 3 माह (ट्रायल रन की अवधि) |
| 6 | बेबसाइट पर निविदा प्रकाशन की तिथि एवं समय | दिनांक 06.02.2023 को 05.00 बजे अपराहन तक |
| 7 | प्री–बीड बैठक का स्थान एवं तिथि | दिनांक 09.02.2023 को 02:30 बजे अपराहन (O/o Engineer-in-Chief, DWSD, Nepal House, Ranchi) |
| 8 | बीड प्राप्ति के लिए अंतिम तिथि/समय | दिनांक 13.02.2023 को 05:00 अपराहन् तक |
| 9 | निविदा का हार्ड कॉपी जमा करने की तिथि/समय/ स्थान | दिनांक 14.02.2023 को 05:00 अपराहन् तक कार्यपालक अभियंता, पेयजल एवं स्वच्छता प्रमण्डल चास/पेयजल एवं स्वच्छता अंचल, धनबाद/क्षेत्रीय मुख्य अभियंता, पेयजल एवं स्वच्छता विभाग दुमका प्रक्षेत्र दुमका। |
| 10 | निविदा खोलने की तिथि एवं समय | दिनांक 15.02.2023 को 05:00 बजे अपराहन् । |
| 11 | निविदा प्रकाशित करने वाले कार्यालय का नाम एवं पता | पेयजल एवं स्वच्छता प्रमण्डल, चास, आई टी आई मोड़, चास, बोकारो। |
| 12 | निविदा आमंत्रित करने वाले कार्यालय का टेलिफोन नं0 | 06542–265810, 7677744088 |
| 13 | ई–प्रोक्योरमेंट सेल का हेल्पलाईन संख्या | 0651–2480345 |

- किसी भी प्रकार का बदलाव या सूचना तथा विस्तृत जानकारी http://jharkhandtender.gov.in पर देखा जा सकता है।
- निविदा में प्राक्कलित राशि घट बढ़ सकती है, तत्पश्चात अग्रधन की राशी मान्य होगा।

कार्यपालक अभियंता
पेयजल एवं स्वच्छता प्रमण्डल चास।

PR.NO.289201 Drinking Water and Sanitation(22-23):D

**Government of Odisha**
**Revenue & Disaster Management Department**
**(Disaster Management)**
**(State Port Engineering Organisation)**
**Rajiv Bhawan, Unit-V, Bhubaneswar - 751001**
No.23/R&DM (DM) (SPEO) Dt.01.02.2023
**EXPRESSION OF INTEREST**

No.F-451:- State Port Engineering Organisation, Revenue & Disaster Management (DM) Dept., Bhubaneswar is contemplating to take up Minor / Major repair works of the power boats of different sizes of Steel, Fibre & Aluminium under its control to make those operable before the flood season. Hence the State Port Engineer invites sealed EOIs from the Bonafide boat builder or the boat repairing agencies.
2. The detailed item wise schedule for repair of power boats may be downloaded from website www.srcodisha.nic.in & send with their quoted rate to State Port Engineer, Office of the SRC, Rajiv Bhawan, Bhubaneswar by Speed Post / Courier so as to reach by 20.02.2023 upto 05.00 P.M. failing which the EOI will be liable for rejection.
3. Each EOI should be accompanied with valid GST Registration, copy of PAN card.
4. The EOI will be received upto 05.00 P.M. on date 20.02.2023 and will be opened on the 21.02.2023 at 11.30 A.M. in the Office of the SRC, Rajiv Bhawan and Bhubaneswar in presence of the quotationer or their authorized representatives.
5. In case, the date of receipt / opening happens to be a holiday the EOIs shall be received / opened on the next working day at the time, already stipulated.
6. The undersigned reserves the right to reject any or all the EOIs without assigning any reason thereof.
7. The approved rates, consequent upon finalisation of such process would remain valid for two financial years from issue of the order in normal situation. Further, authority may extend the validity maximum for another one financial year.

Sd./- State Port Engineer, Revenue & Disaster Management (DM) Dept., Bhubaneswar
OIPR-24001/11/0203/2223

**ବିଦେଶୀ ଜେଲରେ ୮,୩୪୩ ଭାରତୀୟ ବନ୍ଦୀ**

ବିଭିନ୍ନ ଦେଶର ଜେଲରେ ବିଚାରାଧୀନ କଏଦୀଙ୍କ ସମେତ ୮,୩୪୩ ଭାରତୀୟ ବନ୍ଦୀ ରହିଥିବା ଲୋକ ସଭାରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ କହିଛନ୍ତି। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ସର୍ବାଧିକ ୧,୯୨୬ ଭାରତୀୟ ବନ୍ଦୀ ରହିଥିବାବେଳେ ଏହା ପଛକୁ ଦାଉଦି ଆରବ ଜେଲରେ ୧,୩୬୨ ଜଣ ଏବଂ ନେପାଳରେ ୧,୨୨୨ ଜଣ ଭାରତୀୟ ରହିଛନ୍ତି।

## ସଂକ୍ଷେପରେ

### ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ନିଆଁ: ଆବୁଧାବୀ ଫେରିଲା

**ଚେନ୍ନାଇ,୩।୨:** ଆବୁଧାବୀରୁ କାଲିକଟ୍ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନର ଗୋଟିଏ ଇଞ୍ଜିନ୍‌ରେ ନିଆଁ ଦେଖାଦେବାରୁ ଏହାକୁ ଆବୁଧାବୀ ବିମାନବନ୍ଦରକୁ ଫେରାଇ ନିଆଯାଇ ଜରୁରୀ ଅବତରଣ କରାଯାଇଛି। ଶୁକ୍ରବାର ଆଇଏକ୍ସ୩୪୮ ବିମାନଟି ଉଡ଼ାଣ ଆରମ୍ଭ କରିବା ପରେ ଏହାର ଗୋଟିଏ ଇଞ୍ଜିନ୍‌ରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଫଳରେ ବିମାନକୁ ଫେରାଇ ନେବା ଲାଗି ପାଇଲଟ ନିଷ୍ପତ୍ତି ନେଇଥିଲେ। ଏହା ନିରାପଦର ସହ ଅବତରଣ କରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ଗଣମାଧ୍ୟମକୁ କୁହାଯାଇଛି। ବିମାନରେ ମୋଟ ୧୮୪ ଜଣ ଯାତ୍ରୀ ଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଇଞ୍ଜିନ୍‌ରେ ନିଆଁ ଲାଗିଯାଇଥିଲା ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି।

### ଆସାମରେ ବାଲ୍ୟବିବାହ: ୧,୮୦୦ ଗିରଫ

**ଗୁଆହାଟୀ,୩।୨:** ଆସାମରେ ବାଲ୍ୟବିବାହ ବିରୋଧରେ ରାଜ୍ୟ ପୋଲିସ ପକ୍ଷରୁ ବଡ଼ ଧରଣର ଚଢ଼ାଉ ହୋଇଛି। ସାରା ରାଜ୍ୟରୁ ବାଲ୍ୟବିବାହ ସହ ସମ୍ପୃକ୍ତ ୧,୮୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ବାଲ୍ୟ ବିବାହ ମହିଳାଙ୍କ ପ୍ରତି ଅକ୍ଷମଣୀୟ ଅପରାଧ ହୋଇଥିବାରୁ ଏହାକୁ ବରଦାସ୍ତ ନ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଶର୍ମା ଆସାମ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ସକାଳ ସୁଦ୍ଧା ୧,୭୯୩ ଜଣଙ୍କୁ ପୋଲିସ ଗିରଫ କରିଥିବା ଆଇଜିପି ପ୍ରଶାନ୍ତ କୁମାର ଭୂୟାଁ କହିଛନ୍ତି। ବିଶ୍ୱନାଥରୁ ୧୩୧ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଧୁବ୍ରୀ ଜିଲାରୁ ୧୩୬ ଜଣ ଗିରଫ ହୋଇଛନ୍ତି। ସେହିପରି ବାରପେଟାରୁ ୧୧୦ ଏବଂ ନାଗାଁଓରୁ ୧୦୦ ଜଣଙ୍କୁ ଗିରଫ କରାଯାଇଛି।

### ଆଗାମୀ ନିର୍ବାଚନରେ ଆର୍‌ଭିଏମ୍ ବ୍ୟବହାର ହେବନି: ରିଜିଜୁ

**ନୂଆଦିଲ୍ଲୀ,୩।୨:** ଦେଶରେ ଆଗାମୀ ନିର୍ବାଚନରେ ରିମୋଟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଆର୍‌ଭିଏମ୍) ବ୍ୟବହାର ଲାଗି କୌଣସି ପ୍ରସ୍ତାବ ନାହିଁ। ଏହା ପ୍ରବାସୀ ଭାରତୀୟ ଭୋଟରଙ୍କ ନିମନ୍ତେ ବ୍ୟବହାର ପାଇଁ ମଧ ପ୍ରସ୍ତାବ ନ ଥିବା ଲୋକ ସଭାରେ ଆଇନମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର କହିଛନ୍ତି। ଚଳିତ ବର୍ଷ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ପ୍ରବାସୀ ଭାରତୀୟ ଭୋଟରଙ୍କ ପାଇଁ ଆର୍‌ଭିଏମ୍ ବ୍ୟବହାରର ପ୍ରସ୍ତାବ ନ ଥିବା ନିର୍ବାଚନ କମିଶନ ଜଣାଇଦେଇଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ନିୟନ୍ତ୍ରଣ ଲାଗି କୌଣସି ପ୍ରସ୍ତାବ ନ ଥିବା କେନ୍ଦ୍ର ସରକାର ଶୁକ୍ରବାର ଲୋକ ସଭାରେ କହିଛନ୍ତି। ରାଜନୈତିକ ଦଳଗୁଡ଼ିକୁ ବିଭିନ୍ନ ସୂତ୍ରରୁ ମିଳୁଥିବା ପାଣ୍ଠିକୁ ନିୟନ୍ତ୍ରଣ କରିବା ଲାଗି କୌଣସି ପ୍ରସ୍ତାବ ରହିଛି କି ବୋଲି ଏକ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ଏହା କହିଛନ୍ତି। ନିର୍ବାଚନୀ ପ୍ରକ୍ରିୟାରେ ସଂଶୋଧନ ଜାରି ରହିଛି। ଏନେଇ ନିର୍ବାଚନ କମିଶନ ଦେଇଥିବା ବିଭିନ୍ନ ପ୍ରସ୍ତାବକୁ ସରକାର ଅନୁଧ୍ୟାନ କରିବା ପରେ ବିଭିନ୍ନ ସମୟରେ ଆଇନରେ ସଂଶୋଧନ କରାଯାଇ ଏହାକୁ କାର୍ଯ୍ୟକାରୀ କରାଯାଇଥାଏ ବୋଲି ରିଜିଜୁ କହିଥିଲେ।



ଆସନ୍ତା ୨୪ରେ ରୁଷିଆର ଆକ୍ରମଣକୁ ବର୍ଷେ ପୂରିବାକୁ ଥିବାବେଳେ ୟୁରୋପିଆନ୍ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେର ଲେୟେନଙ୍କୁ କିଭ୍‌ରେ ସ୍ୱାଗତ କରୁଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

# ଫରାସୀ ଅଭିନେତ୍ରୀ ନିଜ ଘରେ ପଣବନ୍ଦୀ

**ଏହା ମୋଦିଙ୍କ କଳ୍ପିତ ଭାରତ ନୁହେଁ: ମାରିଏନ୍ ବୋର୍ଗୋ**

ପଣଜୀ,୩।୨



ଫ୍ରାନ୍ସର ଅଭିନେତ୍ରୀ ମାରିଏନ୍ ବୋର୍ଗୋଙ୍କୁ ଉତ୍ତର ଗୋଆସ୍ଥିତ ତାଙ୍କ ବାସଭବନରେ ପଣବନ୍ଦୀ କରାଯାଇଥିଲା। ସମ୍ପତ୍ତି ବିବାଦକୁ ନେଇ ଅତିଷ୍ଠ ହେବା ପରେ ସେ ଉକ୍ତ ବଙ୍ଗଳାକୁ ଛାଡ଼ିଦେଇଥିବା କହିଛନ୍ତି। ୭୧ ବର୍ଷୀୟା ବୋର୍ଗୋଙ୍କ ମତରେ ୨୦୧୮ରେ ସେ ଜଣେ ଓକିଲଙ୍କଠାରୁ କାଲାଙ୍ଗୁଟେ ବିଚ୍ ନିକଟରେ ଏକ ଘର କିଣିଥିଲେ। କିନ୍ତୁ ସେହି ଘରର ପୂର୍ବ ମାଲିକଙ୍କ ବିଧବା ସ୍ତ୍ରୀ ତାଙ୍କ ଗେଟ୍‌ରେ ୧୧ ଦିନ ଧରି ତାଲା ପକାଇ ଦେଇଥିଲେ। ଗତ ସପ୍ତାହରେ ସେ ପଣବନ୍ଦୀ ଥିବାବେଳେ ବିଦ୍ୟୁତ୍ ଓ ଜଳଯୋଗାଣ ବନ୍ଦ କରି ଦିଆଯାଇଥିଲା। ଏହି ବିବାଦ କୋର୍ଟରେ ବିଚାରାଧୀନ ଥିବାରୁ ସ୍ଥାନୀୟ ପୋଲିସ ତାଙ୍କୁ ସାହାଯ୍ୟ କରିବାକୁ ମନା କରିଦେଇଛି। ଏନେଇ ବୋର୍ଗୋ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ପର୍ଯ୍ୟଟନ ଅନୁକୂଳ ଛବି ପ୍ରତିଷ୍ଠା କରିବାକୁ ଚାହୁଁଥିବାବେଳେ ଏହି ଘଟଣା ତାଙ୍କୁ ନିରାଶ କରିଛି। ଏହା ମୋଦିଙ୍କ କଳ୍ପିତ ଭାରତ ନୁହେଁ।

# ଶର୍ଟ ସେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଆଦାନୀ-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗ: ସୁପ୍ରିମକୋର୍ଟରେ ପିଆଇଏଲ୍**

- ୧୨୦ ବିଲିୟନ ଡଲାର ଡେଇଁଲା ଆଦାନୀଙ୍କ କ୍ଷତି
- ସଂସଦରେ ବିରୋଧୀଙ୍କ ହଙ୍ଗାମା, ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ,୩।୨

ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଜାନୁୟାରୀ ୨୪ରେ ଆଦାନୀ ସମୂହ ବିରୋଧରେ ଷ୍ଟକ୍ସ ଓ ଆକାଉଣ୍ଟସ୍ ହେରଫେର ଅଭିଯୋଗ ଆଣିବା ପରଠୁ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ ୧୨୦ ବିଲିୟନରୁ ଉର୍ଦ୍ଧ୍ୱ ଡଲାର କ୍ଷତି ସହିଲେଣି। ଆଦାନୀ ଗ୍ରୁପ୍ ଅଧୀନ ୧୦ କମ୍ପାନୀ ସମେତ ଅନ୍ୟ ବିଜ୍‌ନେସ୍ ହାଉସ୍‌ଗୁଡ଼ିକର ଶେୟାର ମୂଲ୍ୟ ମଧ ଖସିଛି। ଗତ ୭ ଟ୍ରେଡିଂ ସେସନରେ ଆଦାନୀ ଏଣ୍ଟରପ୍ରାଇଜେସ୍ ଶେୟାର ୬୬% ତଳକୁ ଖସିଛି।

ତେଣୁ ଏହି କୃତ୍ରିମ କ୍ରାଶ୍ ପାଇଁ ହିଣ୍ଡେନ୍‌ବର୍ଗ ମାଲିକ ନାଥନ୍ ଆଣ୍ଡର୍ସନଙ୍କୁ ଦାୟୀ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ପୁଞ୍ଜିବଜାରରେ ଶର୍ଟ ସେଲିଂ ପାଇଁ ଷ୍ଟକ୍ସ କିଣିବାକୁ ପଡ଼ି ନ ଥାଏ। ଧାରରେ ଶେୟାର ନେଇ ବିକ୍ରି କରାଯାଇଥାଏ। ପରବର୍ତ୍ତୀ ସମୟରେ ଷ୍ଟକ୍ସ ମୂଲ୍ୟ ହ୍ରାସ ପାଇଲେ ତାକୁ କମ୍ ଅର୍ଥରେ କିଣିବା ଦ୍ୱାରା ଭଲ ମିଳେ। ହିଣ୍ଡେନ୍‌ବର୍ଗ ଗୋଷ୍ଠୀ ଗବେଷଣା କରି ରାତାରାତି କମ୍ପାନୀଗୁଡ଼ିକର ବଜାର ମୂଲ୍ୟକୁ ତଳକୁ ଟାଣିନେଇଥାଏ। ଏହା ଏକ ମଣିଷକୃତ ବିପର୍ଯ୍ୟୟ ବୋଲି ସୁପ୍ରିମକୋର୍ଟରେ ଆଇନଜୀବୀ ଏମ୍.ଏଲ୍. ଶର୍ମା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଛନ୍ତି। ଶର୍ଟ ସେଲିଂକୁ ନିବେଶକମାନଙ୍କ ବିରୋଧରେ ଏକ ଅପରାଧ ରୂପେ ବିବେଚନା କରାଯାଉ। ଶର୍ଟ ସେଲରଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୪୨୦ (୦କେଇ) ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଆଇନ ବଳରେ ମାମଲା ରୁଜୁ ନିମନ୍ତେ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶର୍ମା ନିବେଦନ କରିଛନ୍ତି। ଭାରତୀୟ ନାଗରିକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶର୍ଟ ସେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ସେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ଆଦାନୀଙ୍କ ଉପରୁ ନିବେଶକମାନଙ୍କ ଆସ୍ଥା ତୁଟିବା ଏକ ଜାତୀୟ ପ୍ରସଙ୍ଗ ପାଲଟିଗଲାଣି। ବିରୋଧୀ ଦଳଗୁଡ଼ିକ ଏହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜବାବ ମାଗୁଛନ୍ତି। ଯୁଗ୍ମ ସଂସଦୀୟ କମିଟି (ଜେପିସି) କିମ୍ବା ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ପ୍ୟାନେଲ ଜରିଆରେ ଏହି ଅନିୟମିତତାର ତଦନ୍ତ ଦାବିରେ କଂଗ୍ରେସ ସମେତ ୯ ବିରୋଧୀ ଦଳ ପାର୍ଲାମେଣ୍ଟରେ ହଙ୍ଗାମା କରୁଛନ୍ତି। ଶୁକ୍ରବାର ବଜେଟ ଅଧିବେଶନର ଚତୁର୍ଥ ଦିନରେ ବିରୋଧୀଙ୍କ ହଙ୍ଗାମା ଯୋଗୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାକୁ ପୁଣି ଦିନକ ପାଇଁ ମୁଲତବୀ କରାଯାଇଛି।




ନାଥନ୍ ଆଣ୍ଡର୍ସନ

### ଅଶ୍ଳୀଳ ଫଟୋ ପାଇଁ ସୋସିଆଲ ମିଡିଆରେ ମହିଳା ସାଜିଲେ ଯୁବକ



ବେଙ୍ଗାଲୁରୁ,୩।୨

ଅଭିଯୁକ୍ତ ପ୍ରସାଦ ସୋସିଆଲ ମିଡିଆରେ ନିଜକୁ ଜଣେ ମହିଳା ପରିଚୟ ଦେଇ ଅନ୍ୟ ମହିଳାମାନଙ୍କ ଅଶ୍ଳୀଳ ଫଟୋ ସଂଗ୍ରହ କରୁଥିଲେ। ସେ ମୋନିକା ନାମରେ ଏକ ଫେକ୍ ଆକାଉଣ୍ଟ ଖୋଲି ଜଣେ ମହିଳାଙ୍କୁ ଚାକିରି ଦେବା ଆଳରେ ଫୁସୁଲାଇ ତାଙ୍କ ବିବସ୍ତ୍ର ଫଟୋ ହାତେଇଥିଲେ। ପୋଲିସ ପାଖକୁ ଗଲେ ତାଙ୍କ ନଗ୍ନ ଫଟୋ ଇଣ୍ଟରନେଟରେ ଭାଇରାଲ କରିବାକୁ ମଧ ଧମକ ଦେଇଥିଲେ। ବ୍ଲାକ୍‌ମେଲିଂରେ ଅତିଷ୍ଠ ହୋଇ ପୀଡ଼ିତା ଗତ ୨୬ ତାରିଖରେ ଥାନାରେ ଉତ୍ପୀଡ଼ନ ଅଭିଯୋଗ କରିଥିଲେ। ବେଙ୍ଗାଲୁରୁ ପୋଲିସ ଶୁକ୍ରବାର ପ୍ରସାଦଙ୍କୁ ଗିରଫ କରିଛି। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ। ବେଙ୍ଗାଲୁରୁର ଏକ ଘରୋଇ ସଂସ୍ଥାରେ ସେ କାମ କରୁଥିଲେ।

### ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ଧମକ

**ଏନ୍‌ଆଇଏକୁ ଆସିଥିବା ମେଲ୍ ସହ ତାଲିବାନ୍ ଲିଙ୍କ୍**

ମୁମ୍ବାଇ,୩।୨

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୁମ୍ବାଇ ଅଫିସକୁ ଗୁରୁବାର ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିଛି। ଦେଶର ଅର୍ଥନୈତିକ ରାଜଧାନୀ ଭାବେ ପରିଚିତ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ଲାଗି ଏଥିରେ ଧମକ ଦିଆଯାଇଛି। ମେଲ୍ ପଠାଇଥିବା ବ୍ୟକ୍ତିଙ୍କର ତାଲିବାନ୍ ଲିଙ୍କ୍ ଥିବା ଜଣାପଡ଼ିଛି। ଏହି ଇ-ମେଲ୍ ପରେ ସିଟି ପୋଲିସ ଏବଂ ମହାରାଷ୍ଟ୍ର ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ (ଏଟିଏସ୍) ସଜାଗ ହୋଇଯାଇଛନ୍ତି। ତାଲିବାନ ସହ ସମ୍ପୃକ୍ତ ବ୍ୟକ୍ତି ମୁମ୍ବାଇରେ ଆକ୍ରମଣ କରିବ ବୋଲି ଇ-ମେଲ୍ ପ୍ରେରକ ଦାବି କରିଛନ୍ତି। ପାକିସ୍ତାନରୁ ଏହି ଇ-ମେଲ୍ ଆସିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୂର୍ବରୁ ଅନେକ ଥର ଗୋଇନ୍ଦା ବିଭାଗକୁ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିବାରୁ କେହି ମଜା କରିବା ପାଇଁ ଏଭଳି କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଗତ ମାସରେ ଏଭଳି ଏକ ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା।

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**ବିବିସି ଡକ୍ୟୁମେଣ୍ଟାରି ବନ୍ଦ ନିଷ୍ପତ୍ତି**

ନୂଆଦିଲ୍ଲୀ,୩।୨

ଗୁଜରାଟ ଦଙ୍ଗା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସି ଡକ୍ୟୁମେଣ୍ଟାରିକୁ ବ୍ଲକ୍ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ପିଟିଶନ୍‌ର ଶୁଣାଣି କରି କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ବରିଷ୍ଠ ସାମ୍ବାଦିକ ଏନ୍. ରାମ, ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୈତ୍ର ଏବଂ ଆଇନଜୀବୀ ତଥା ସାମାଜିକ କର୍ମୀ ପ୍ରଶାନ୍ତ ଭୂଷଣ ଡକ୍ୟୁମେଣ୍ଟାରି ବ୍ଲକ୍‌କୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ ପିଟିଶନର ଶୁଣାଣି କରିଥିଲେ। ସେହିପରି ଆଇନଜୀବୀ ଏମ୍.ଏଲ୍. ଶର୍ମାଙ୍କ ଅନ୍ୟ ଏକ ଆବେଦନ ଉପରେ ମଧ ଖଣ୍ଡପୀଠ ନୋଟିସ ଜାରି କରିଛନ୍ତି। ତେବେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲରେ ହେବ। ସୂଚନାଯୋଗ୍ୟ, ବିବିସି ପ୍ରସ୍ତୁତ ବିବାଦୀୟ ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ'ର ସମସ୍ତ ସୋସିଆଲ ମିଡିଆ ଲିଙ୍କ୍‌କୁ ହଟାଇବା ଓ ବ୍ଲକ୍ କରିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏହା ମତବ୍ୟକ୍ତି ଓ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରର ଉଲ୍ଲଂଘନ କହି ବିରୋଧୀ ଦଳଗୁଡ଼ିକ କେନ୍ଦ୍ରର ନିଷ୍ପତ୍ତିକୁ ବିରୋଧ କରିଥିଲେ।




# ଗୋଟିଏ ବେଞ୍ଚରେ ୨ ପ୍ରଧାନ ବିଚାରପତି

ନୂଆଦିଲ୍ଲୀ,୩।୨

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସହ ଶୁକ୍ରବାର ବେଞ୍ଚ ଶେୟାର କରିଛନ୍ତି ସିଙ୍ଗାପୁର ପ୍ରତିପକ୍ଷ ସୁନ୍ଦରେଶ ମେନନ୍। ୨୦୧୨ରୁ ସିଙ୍ଗାପୁରର ଚତୁର୍ଥ ପ୍ରଧାନ ବିଚାରପତି ଭାବେ କାର୍ଯ୍ୟରତ ଜଷ୍ଟିସ୍ ମେନନ୍ ଭାରତ ଗସ୍ତରେ ଅଛନ୍ତି। ଶନିବାର ପାଳିତ ହେବାକୁ ଥିବା ସୁପ୍ରିମକୋର୍ଟର ୭୩ତମ ପ୍ରତିଷ୍ଠା ଦିବସରେ ସେ ମୁଖ୍ୟ ଅତିଥି ରୂପେ ଯୋଗଦେବେ। 'ପରିବର୍ତ୍ତିତ ବିଶ୍ୱରେ ନ୍ୟାୟପାଳିକାର ଭୂମିକା' ଉପରେ ବକ୍ତୃତା ଦେବେ। ୧୯୫୦ ଜାନୁୟାରୀ ୨୮ରେ ଭାରତର ସୁପ୍ରିମକୋର୍ଟ କାର୍ଯ୍ୟକ୍ଷମ ହୋଇଥିଲା।



ଜଷ୍ଟିସ୍ ସୁନ୍ଦରେଶ ମେନନ୍ | ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

# ସୁପ୍ରିମକୋର୍ଟରେ ନିଯୁକ୍ତ ହେବେ ୫ ବିଚାରପତି

**ନୂଆଦିଲ୍ଲୀ,୩।୨(ଆଇଏଏନ୍‌ଏସ୍)**

ସୁପ୍ରିମକୋର୍ଟରେ ଖୁବ୍‌ଶୀଘ୍ର ୫ ନୂଆ ବିଚାରପତି ନିଯୁକ୍ତ ହେବାକୁ ଯାଉଛନ୍ତି। ଏନେଇ ଶୁକ୍ରବାର କେନ୍ଦ୍ର ସରକାର ଦୁଇଜଣିଆ ଖଣ୍ଡପୀଠଙ୍କୁ ସୂଚନା ଦେଇଛନ୍ତି। ନୂଆ ନିଯୁକ୍ତିକୁ ଖୁବ୍‌ଶୀଘ୍ର ମଞ୍ଜୁରୀ ମିଳିଯିବ ବୋଲି ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ କହିଥିଲେ। ସୁପ୍ରିମକୋର୍ଟରେ ନିଯୁକ୍ତି ଲାଗି କଲେଜିୟମ ଡିସେମ୍ବର ୧୩ରେ ୫ ବିଚାରପତିଙ୍କ ନାମ ସୁପାରିସ କରିଥିବାବେଳେ ଜାନୁୟାରୀ ୩୧ରେ ଆଉ ୨ ଜଣଙ୍କ ନାମ ପଠାଇଛନ୍ତି। ଫେବୃୟାରୀ ହେଲାଣି। ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ନା ନାହିଁ ବୋଲି ଜଷ୍ଟିସ୍ ସଞ୍ଜୟ କିଶନ କୌଲ ଏବଂ ଅଭୟ ଏସ୍.ଓକାଙ୍କ ଖଣ୍ଡପୀଠ ଆର୍ଟର୍ନି ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ। ରବିବାର ସୁଦ୍ଧା ଏନେଇ ନିଷ୍ପତ୍ତି ହୋଇପାରେ ବୋଲି ଭେଙ୍କଟରମଣୀ କହିଥିଲେ। ସୁପ୍ରିମକୋର୍ଟରେ ମଞ୍ଜୁରିପ୍ରାପ୍ତ ବିଚାରପତି ସଂଖ୍ୟା ୩୪ ହୋଇଥିବାବେଳେ ଏବେ ୨୭ ଜଣରେ କାର୍ଯ୍ୟ କରୁଛି। ୭ ବିଚାରପତି ପଦବୀ ଖାଲି ପଡ଼ିଛି।

# 'କ୍ୟାପିଟୋଲ ହିଲ୍ ଭଳି ଦଙ୍ଗା ଭିଆଇବେ ବୋଲ୍‌ସୋନାରୋ'

ବ୍ରାସିଲିଆ,୩।୨

ବ୍ରାଜିଲ ସାଧାରଣ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋ ପରାଜିତ ହେବା ପରେ ତାଙ୍କ ସମର୍ଥକମାନେ ହିଂସାତ୍ମକ ଆନ୍ଦୋଳନ ଜାରି ରଖିଛନ୍ତି। ଦଙ୍ଗା ଷଡ଼ଯନ୍ତ୍ରକାରୀ ରୂପେ ବୋଲ୍‌ସୋନାରୋଙ୍କ ବିରୋଧରେ ତଦନ୍ତ ଚାଲିଥିବାବେଳେ ସେ ଗତ ଡିସେମ୍ବର ଶେଷ ଆଡ଼କୁ ଆମେରିକା ଚାଲିଯାଇଥିଲେ। ୨୦୧୮ରେ ସେ ଛୁରାମାଡ଼ର ଶିକାର ହେବା ପରେ ସୃଷ୍ଟି ହୋଇଥିବା କ୍ଷତର ଉପଶମ ଲାଗି ଫ୍ଲୋରିଡାର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଏକ ଫଟୋ ଟୁଇଟ୍ କରିଥିଲେ। ଓର୍ଲାଣ୍ଡୋର ଡେଜରଲାଣ୍ଡ ରେଷ୍ଟୁରାଣ୍ଟରେ ଥିବା ଆମ୍ୟୁଜମେଣ୍ଟ ପାର୍କରେ ତାଙ୍କ ସହ ମହିଳାମାନେ ସେଲ୍ଫି ନେଉଥିବା ଫଟୋ ଭାଇରାଲ ହୋଇଛି। ଆମେରିକୀୟ ଆଇନ ପ୍ରଣେତାମାନେ ତାଙ୍କୁ ବିଦାକରିବା ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିକଟରେ ଦାବି କରୁଛନ୍ତି। କିନ୍ତୁ ଆଉ ୬ ମାସ ଆମେରିକାରେ ରହିବା ପାଇଁ ଆଗ୍ରହୀ ବୋଲ୍‌ସୋନାରୋ ନିଜ ଭିଜା ଅବଧି ବୃଦ୍ଧି ଲାଗି ଅନୁରୋଧ କରିଛନ୍ତି। ଏନେଇ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲ୍‌ଭା କହିଛନ୍ତି, ନାଗରିକ ବୋଲ୍‌ସୋନାରୋ ଏକ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏକଥା ମୁଁ ଦୃଢ଼ ଓ ସ୍ପଷ୍ଟ ଭାବେ ପ୍ରକାଶ କରୁଛି। ଏପରି କି ଜାନୁୟାରୀ ୮ରେ ସରକାରୀ ଅଫିସଗୁଡ଼ିକରେ ନିଜ ସମର୍ଥକମାନଙ୍କ ସହ ପଶିବା ସହ ଭଙ୍ଗାରୁଜା ଯୋଜନା ମଧ ସେ କରିଥିଲେ। ସେ ଏବେ ବି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୈଳୀରେ କ୍ୟାପିଟୋଲ ହିଲ୍ ଭଳି ଦଙ୍ଗା ଭିଆଇବାକୁ ଉଦ୍ୟମ କରୁଥିବା ଲୁଲା ଅଭିଯୋଗ ଆଣିଛନ୍ତି।



ଜୈର ବୋଲ୍‌ସୋନାରୋ

# ଚିଦାମ୍ବରମ୍ ସ୍ତ୍ରୀଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ସାରଦା ଚିଟ୍‌ଫଣ୍ଡ ମାମଲା**

ନୂଆଦିଲ୍ଲୀ,୩।୨ (ପି.ଟି.)

ସାରଦା ଚିଟ୍‌ଫଣ୍ଡ ଏବଂ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କ ସ୍ତ୍ରୀ ନଳିନୀ ଚିଦାମ୍ବରମ, ପୂର୍ବତନ ସିପିଏମ୍ ବିଧାୟକ ଦେବେନ୍ଦ୍ର ନାଥ ବିଶ୍ୱାସ ଏବଂ ଆସାମର ପୂର୍ବତନ ମନ୍ତ୍ରୀ ଅଞ୍ଜନ ଦତ୍ତଙ୍କ ମାଲିକାନାରେ ଥିବା ଏକ କମ୍ପାନୀର ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ୩.୩ କୋଟି ଟଙ୍କାର ଅସ୍ଥାବର ଏବଂ ୩ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ଆଟାଚ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଇଡି ଶୁକ୍ରବାର କହିଛି। ଏହି ସମ୍ପତ୍ତି ସାରଦା ଗ୍ରୁପ୍ ଓ ଅନ୍ୟମାନଙ୍କ ମାଲିକାନାରେ ଥିଲା। ଏହି ଗ୍ରୁପ୍ ଦ୍ୱାରା ହୋଇଥିବା ଅର୍ଥ କାରବାର ଦୁର୍ନୀତିର ଉପରୋକ୍ତ ବ୍ୟକ୍ତି ଓ ସଂସ୍ଥା ଲାଭ ଉଠାଇଥିଲେ। ନଳିନୀ, ବିଶ୍ୱାସଙ୍କ ବ୍ୟତୀତ ଇଷ୍ଟ ବେଙ୍ଗଲ କ୍ଲବ୍‌ର କାର୍ଯ୍ୟକର୍ତ୍ତା ଦେବବ୍ରତ ସର୍କାର ଏବଂ ଆସାମ କଂଗ୍ରେସର ଜଣେ ପୂର୍ବତନ ସଭାପତି ଦତ୍ତଙ୍କ ମାଲିକାନାରେ ଥିବା ଅନୁଭୂତି ପ୍ରିଣ୍ଟର୍ସ ଆଣ୍ଡ ପବ୍ଲିକେଶନ୍ସ ସାରଦା ଫାଇନାନ୍ସ ଦୁର୍ନୀତିରୁ ଫାଇଦା ଉଠାଇଥିଲେ। ଏକ ଟେଲିଭିଜନ ଚ୍ୟାନେଲ କିଣା ଡିଲ୍‌କୁ ନେଇ ସାରଦା ଗ୍ରୁପ୍ ପାଇଁ ଅଦାଲତ ଏବଂ କମ୍ପାନୀ ଲ' ବୋର୍ଡରେ ହାଜର ହେବା ବାବଦକୁ ନଳିନୀଙ୍କୁ ୧.୨୬ କୋଟି ଟଙ୍କା ଲିଗାଲ ଫି ପୈଠ କରାଯାଇଥିଲା। ଦତ୍ତ ତତ୍କାଳୀନ ଆସାମ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ଘନିଷ୍ଠ ଥିଲେ ଏବଂ ପରିବହନ ସମେତ ବିଭିନ୍ନ ବିଭାଗର କ୍ୟାବିନେଟ ମନ୍ତ୍ରୀ ରହିଥିଲେ। ୨୦୧୩ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆସାମରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଥିବା ଶାରଦା ଗ୍ରୁପ୍ ହଜାର ହଜାର ଜମାକାରୀଙ୍କୁ ଠକିଥିଲା। ଅଧିକ ସୁଧର ପ୍ରଲୋଭନ ଦେଖାଇ ଏହି କମ୍ପାନୀ ଲୋକଙ୍କଠାରୁ ବେଆଇନ ଭାବେ ଜମା ସଂଗ୍ରହ କରୁଥିଲା। ଏହି ଗ୍ରୁପ୍ କମ୍ପାନୀ ଦ୍ୱାରା ୨,୪୫୯ କୋଟି ଟଙ୍କା କାରବାର ହୋଇଥିଲା। ସେଥିରୁ ଜମାକାରୀଙ୍କ ୧,୯୮୩ କୋଟି ଟଙ୍କା ଏପର୍ଯ୍ୟନ୍ତ ସେମାନଙ୍କୁ ମିଳିପାରି ନାହିଁ। ଏହି ମାମଲାରେ ଇଡି ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୦୦ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲାଣି।



ନଳିନୀ ଚିଦାମ୍ବରମ

# ଗାଁ ଦବୁଛି, ୨୦ଟି ଘରେ ଫାଟ



## ଡୋଡାରେ ଜୋଷୀମଠ ସ୍ଥିତି

ଡୋଡା,୩।୨

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ଉତ୍ତରାଖଣ୍ଡର ଜୋଷୀମଠ ସ୍ଥିତି ସୃଷ୍ଟି ହୋଇଛି। ସେଠାର ନୟି ବସ୍ତି ଗାଁ ଦବୁଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଘର ଓ ଗୋଟିଏ ମସ୍‌ଜିଦରେ ଫାଟ ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ସେମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିବାବେଳେ ଉକ୍ତ ଗ୍ରାମକୁ ବିଶେଷଜ୍ଞମାନଙ୍କର ଏକ ଟିମ୍‌କୁ ପଠାଯାଇଛି। ସେମାନେ ମାଟି ଦବିବାର କାରଣ ସମ୍ପର୍କରେ ତଦନ୍ତ କରିବେ। ଲୋକଙ୍କ ନିରାପତ୍ତା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଡୋଡା ଡେପୁଟି କମିଶନର ବିଶେଷ ମହାଜନ କହିଛନ୍ତି।

# ବିହାର ବଦଳରେ ରାଜସ୍ଥାନରେ ପହଞ୍ଚିଲେ ଇଣ୍ଡିଗୋ ଯାତ୍ରୀ

ନୂଆଦିଲ୍ଲୀ,୩।୨

ବିହାରର ପାଟନା ଯିବାକୁ ଥିବା ଜଣେ ଯାତ୍ରୀ ଭୁଲ୍‌ବଶତଃ ଇଣ୍ଡିଗୋ ଏୟାରଲାଇନ୍ସର ଅନ୍ୟ ଏକ ବିମାନରେ ଚଢ଼ିଯାଇଥିଲେ। ଫଳରେ ସେ ନିଜ ଗନ୍ତବ୍ୟ ସ୍ଥଳଠାରୁ ୧,୪୦୦ କିଲୋମିଟର ଦୂର ରାଜସ୍ଥାନର ଉଦୟପୁରରେ ପହଞ୍ଚିଯାଇଛନ୍ତି। ଗତ ମାସ ୩୦ ତାରିଖରେ ଏଭଳି ଘଟଣା ଘଟିଛି। ଯାତ୍ରୀ ଜଣକ ତା' ପରଦିନ ପାଟନା ଫେରିଥିଲେ। ଘଟଣାର ତଦନ୍ତ ପାଇଁ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଦେଇଛି। ଡିଜିସିଏ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ଅଫସାର ହୁସେନ୍ ନାମକ ଯାତ୍ରୀ ଦିଲ୍ଲୀରୁ ଇଣ୍ଡିଗୋ ବିମାନ ୬ଇ-୨୧୪ରେ ପାଟନା ଯିବା ଲାଗି ଗତ ୩୦ ତାରିଖରେ ଟିକେଟ କିଣିଥିଲେ। ସେ ଭୁଲ୍‌ରେ ଉଦୟପୁର ଯିବାକୁ ଥିବା ୬ଇ-୩୧୯ ନମ୍ବର ବିମାନରେ ବସିଯାଇଥିଲେ। ଉଦୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ଅଫସାର ଭୁଲ୍ ବିମାନ ଚଢ଼ିଥିବା ଜାଣିବାକୁ ପାଇଥିଲେ।

# କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ କରନାହିଁ

ନୂଆଦିଲ୍ଲୀ,୩।୨(ଆଇଏଏନ୍‌ଏସ୍)

## ବିଚାରପତି ବଦଳିରେ ବିଳମ୍ବ ନେଇ କେନ୍ଦ୍ରକୁ ସତର୍କ କରାଇଲେ ସୁପ୍ରିମକୋର୍ଟ

ହାଇକୋର୍ଟ ବିଚାରପତିମାନଙ୍କ ବଦଳି ପାଇଁ କଲେଜିୟମଙ୍କ ସୁପାରିସକୁ କାର୍ଯ୍ୟକାରୀ କରାଇବାରେ ବିଳମ୍ବକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଆମକୁ କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ କରନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏପରି ହେଲେ ଉଭୟ ପ୍ରଶାସନିକ ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଜଷ୍ଟିସ ସଞ୍ଜୟ କିଶନ କୌଲ ଏବଂ ଅଭୟ ଏସ୍. ଓକାଙ୍କ ଖଣ୍ଡପୀଠ କହିଛନ୍ତି। ଅସୁବିଧା ହେଲା ଭଳି ନିଷ୍ପତ୍ତି ନେବାକୁ ଆମକୁ ବାଧ୍ୟ କରନାହିଁ ବୋଲି ଖଣ୍ଡପୀଠ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ କହିଥିଲେ। ବିଚାରପତିମାନଙ୍କ ବଦଳିକୁ ପକାଇ ରଖିବା ଗୁରୁତର ମାମଲା ବୋଲି ଖଣ୍ଡପୀଠ କହିଛନ୍ତି। ଏପରିକି ମୁଖ୍ୟ ବିଚାରପତିମାନଙ୍କ ବଦଳି ସୁପାରିସ୍‌କୁ ମଧ୍ୟ ପକାଇ ରଖାଯାଉଛି। ଏହି ପ୍ରକ୍ରିୟାରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ବିରୋଧରେ ଜଷ୍ଟିସ କୌଲ ସତର୍କ କରାଇ ଦେଇଛନ୍ତି।

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
No. e-tender//565//RWC//BAM
Dated: 03.02.2023
1st Corrigendum to Bid Identification No. Online Tender/70-2022-23/BPR
No. O-1763: The partial modification of road works vide above identification has been made as follows:

| | | | |
|---|---|---|---|
| 1 | Date of availability of tender | : | 07.02.2023 to 22.02.2023 upto 3.00 P.M. instead of 30.01.2023 to 14.02.2023 |
| 2 | Last date & time of seeking tender clarification | : | 20.02.2023 at 2.00 P.M. instead of 13.02.2023 at 2.00 P.M. |
| 3 | Date of Opening of Technical Bid | : | 23.02.2023 at 11.00 A.M. instead of 15.02.2023 at 11.00 A.M. |
| 4 | Date of Opening of Financial Bid | : | Will be intimated later on |

All other contents will remain unchanged.
OIPR-25071/11/0114/2223
Sd./- Chief Construction Engineer, R.W. Circle, Berhampur

Shree Jagannath Temple Office, Puri
Notice Inviting Tender
Bid Identification No.1252, Dt.01.02.2023
"For percentage rate bid in Double Cover System for different Electrical Work of SJTA, Puri"
Visit Website:www.shreejagannath.in
Last date:21.02.2023 by 3.00 P.M.
Sd./- Administrator
Shri Jagannath Temple, Puri

## ଭୋଟରଙ୍କ ପାଇଁ ସଚେତନତାଧର୍ମୀ ଗୀତ

**ନୂଆଦିଲ୍ଲୀ,୩।୨:** ଲୋକ ସଭା ସହ ୯ ରାଜ୍ୟର ବିଧାନସଭା ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମତଦାନ ବୃଦ୍ଧି ପାଇଁ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ନୂଆ ଯୋଗାଯୋଗ ରଣନୀତି ଆପଣାଇଛନ୍ତି। ସୁଭାଷ ଘାଇ ଫାଉଣ୍ଡେଶନ ସହ ମିଶି ଏକ ଗୀତ ପ୍ରସ୍ତୁତ କରାଯାଇଛି, ଯାହାର ଶୀର୍ଷକ ହେଉଛି 'ମେ ଭାରତ ହୁଁ, ହମ୍ ଭାରତ କେ ମତଦାତା ହୈଁ ଦେଶର ବିଭିନ୍ନ ବର୍ଗର ସେଲିବ୍ରିଟିମାନେ ଭୋଟରଙ୍କୁ ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ପାଇଁ ଅନୁରୋଧ କରୁଥିବା ଏଥିରେ ଦେଖିବାକୁ ମିଳିଛି। ସାମାଜିକ ଗଣମାଧମରେ ଏହା ବେଶ୍ ଆଦୃତି ଲାଭ କରୁଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

OFFICE OF THE
NOTIFIED AREA COUNCIL, GANJAM
At: Badabazar, Ganjam, PIN - 761026
Phone No.: 06811-254357, Mail: eo.nacganjam21@gamil.com
EXTENSION DATE LINE FOR EXPRESSION OF INTEREST (EOI)
For Management of Ward Offices by Mission Shakti SHG During the year 2023-24
No. 332/NAC Date: 01.02.2023
No. C-2382: In pursuance to Letter No. 2268 / Dtd.01.02.2023 of the Govt. of Odisha in H&UD Deptt. and in continuation to this Office Notice No. 2396/NAC, Dtd.05.12.2022, L. No. 2523/NAC Date: 22.12.2022 & Notice No. 95/NAC, Dtd.18.01.2023, it is to inform you that the last date for submission of sealed Expression of Interest by the Mission Shakti SHGs from 31.01.2023 to 10th February' 2023. Accordingly, the MSHGs (who are at least one year old as on the date of application) are requested to submit selaed Expression of Interest to the address of N.A.C., Ganjam on or before date 10th February, 2023, Time: 05.30 P.M. by Registered/Speed Post only. The sealed envelopment should be superscripted with "EOI for Management of Ward Offices by Mission Shakti SHGs 2023-24".
Sd./- Executive Offier, N.A.C., Ganjam
OIPR-13164/11/0026/2223

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼
ସଂଖ୍ୟା: ୪୫୪ ଶୁଦ୍ଧିପତ୍ର – ୩ ତାରିଖ: ୦୨।୦୨।୨୦୨୩
No. C-2391: ସୁନ୍ଦରଗଡ଼ ପୌରପାଳିକା ଅଞ୍ଚଳରେ ଗଠନ ହୋଇଥିବା ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ସୁନ୍ଦରଗଡ଼ ପୌରପରିଷଦ ଦ୍ୱାରା ଜାରି କରାଯାଇଥିବା ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ "୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)", ବିଜ୍ଞାପନ ସଂଖ୍ୟା: ୯୫୧୬, ତାରିଖ: ୦୫।୧୨।୨୦୨୨ ଓ ଶୁଦ୍ଧିପତ୍ର ଚିଠି ସଂଖ୍ୟା ୯୯୪୩, ତାରିଖ: ୨୧।୧୨।୨୦୨୨ ଓ ଚିଠି ସଂଖ୍ୟା ୨୮୧, ତାରିଖ: ୨୦।୦୧।୨୦୨୩ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଚିଠି ସଂଖ୍ୟା: ୨୨୬୮, ତାରିଖ: ୦୧।୦୨।୨୦୨୩ ଓ ଚିଠି ସଂଖ୍ୟା ୨୨୪୫ ଓ ୨୨୧୮, ତାରିଖ: ୩୧।୦୧।୨୦୨୩ ଅନୁଯାୟୀ ନିମ୍ନଲିଖିତ ଭାବରେ ଏଠାରେ ପରିବର୍ତ୍ତିତ ହୋଇଛି। ପ୍ରକାଶ ଥାଉକି ସରକାରୀ ଛୁଟି ଦିବସରେ କୌଣସି କାଗଜାଦି ଗ୍ରହଣ କରାଯିବ ନାହିଁ।

| ବିଷୟ | ପୂର୍ବରୁ | ବର୍ତ୍ତମାନ |
|---|---|---|
| ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ ଦାଖଲ କରିବାର ଶେଷ ତାରିଖ | ୩୧।୦୧।୨୦୨୩ ଅପରାହ୍ନ ୪ ଘଟିକା | ୧୦।୦୨।୨୦୨୩ ଅପରାହ୍ନ ୫ ଘଟିକା |
| ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଯୋଗ୍ୟତା ମାନଦଣ୍ଡ | ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ୦୧।୦୪।୨୦୧୯ ସୁଦ୍ଧା ଗଠନ ହୋଇଥିବା ଆବଶ୍ୟକ | ଫର୍ମ ଆବେଦନର ତାରିଖ ସୁଦ୍ଧା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ, ଅତିକମ୍‌ରେ ଏକ ବର୍ଷ ହୋଇଥିବା ଆବଶ୍ୟକ। |
| ଟେକ୍ନିକାଲ ବିଡ୍ ସୁନ୍ଦରଗଡ଼ ପୌରପାଳିକା ସଭା ଗୃହରେ ଖୋଲାଯିବାର ସମୟ | ୦୨।୦୨।୨୦୨୩ ଅପରାହ୍ନ ୩.୩୦ ଘଟିକା | ୧୪।୦୨।୨୦୨୩ ଅପରାହ୍ନ ୩.୩୦ ଘଟିକା |

ଯେଉଁମାନେ ପୂର୍ବରୁ କୌଣସି କାରଣବଶତଃ ଏହି ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟରେ ଭାଗ ନେଇପାରି ନ ଥିଲେ, ସେମାନେ ଏଥିରେ ଭାଗ ନେଇପାରିବେ। ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟର ଅନ୍ୟ ସମସ୍ତ ସର୍ତ୍ତାବଳୀ ଏବଂ ଚୁକ୍ତିନାମା ଅପରିବର୍ତ୍ତିତ ରହିବ।
ସ୍ୱା/– ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା
OIPR-13130/11/0042/2223

ODISHA PUBLIC SERVICE COMMISSION
CUTTACK
NOTICE
No.1169/P.S.C., Dt.3.2.23
(DR-IV) (2PH-08-2022-23)
No.D-310:- It is for information of all concerned that the Skill Test in Computer Application (Practical) in respect of **268 provisionally admitted candidates** will be held as per the following programme relating to recruitment to the post of **Assistant Director (Law)**, pursuant to Advertisement No.22 of 2021-22.
PROGRAMME FOR CONDUCT OF SKILL TEST

| Date | Time | Generation of printout of Answer Sheets |
|---|---|---|
| 11.02.2023 (Saturday) | 02.00 P.M. to 03.30 P.M. (02.00 P.M. to 04.00 P.M. for PWD Candidates) | 03.30 P.M. onwards (04.00 P.M. onwards for PWD Candidates) |

| Sl. | Name of the Examination Centres & Nos. of Candidates allotted |
|---|---|
| 1 | DRIEMS ACADEMIC BLOCK-I, TANGI, CUTTACK, 754022, ODISHA |

**Admission Certificate for appearing the Skill Test shall be available w.e.f. 06.02.2023** in the website of the Commission at www.opsc.gov.in.
OIPR-12002/11/0266/2223
Sd./- Secretary

ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା
L.A.NO.08/17/22/JAJ- 227/RRCS Dated 21.01.2023
**No.XXIV-18**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଭୂ-ଅର୍ଜନ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ଜିଲ୍ଲାପାଳଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ରାହାଡପୁର, ଥାନା-ଧର୍ମଶାଳା ନଂ.୨୨୬, ତହସିଲ-ଧର୍ମଶାଳା, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ବାରମାଣ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ପ୍ରାୟ ଏ.୧୬.୭୭୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLA R&R Act-୨୦୧୩) ର ୧୧ (୧) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା ୫୧୬/RRCS, ତା.୧୪.୦୩.୨୦୨୨ ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ରାହାଡପୁର, ଥାନା-ଧର୍ମଶାଳା, ନଂ.୨୨୬, ତହସିଲ-ଧର୍ମଶାଳା, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ଭୂ-ଅର୍ଜନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ,ମଣ୍ଡଳ ସଂଖ୍ୟା-୨, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା-ଯାଜପୁର ତହସିଲ-ଧର୍ମଶାଳା ନଂ.୨୨୬

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ରାହାଡ଼ପୁର | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨୭.୨୭୦ | ୧୬.୭୭୫ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୩.୩୭୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୦୪.୦୪.୨୦୨୨
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

LAND SCHEDULE
ମୌଜା-ରାହାଡପୁର, ତହସିଲ-ଧର୍ମଶାଳା, ନମ୍ବର-226, ଥାନା-ଧର୍ମଶାଳା, ନମ୍ବର-226, ଜିଲ୍ଲା-ଯାଜପୁର, କେନାଲ ନାମ-ବାରମାଣ, ଉପଶାଖା କେନାଲ ଦୂରତା 6966.989 ମି ଠାରୁ 8407.750 ମି ପର୍ଯ୍ୟନ୍ତ

ରୟତି ଜମି

| କ୍ରମିକ ନମ୍ବର | ଖତିଆନ କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) | ପ୍ରଜାର ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | 4 | 509 | 0.12 | 0.12 | ଅଧିର ବିଶ୍ୱାଳ, ପି:କେଶବ ବିଶ୍ୱାଳ,ଓଗେର |
| 2 | 5 | 514 | 0.44 | 0.26 | ବିଜୟ କୁମାର ନାୟକ,ପି:ଅନାଦୀ ନାୟକ |
| 3 | 8 | 246/1030 | 0.27 | 0.05 | ଅନାମ ସାହାଣି,ପି:ଦନେଇ ସାହାଣି,ଓଗେର |
| 4 | 8 | 246/1031 | 0.05 | 0.02 | ଅନାମ ସାହାଣି,ପି:ଦନେଇ ସାହାଣି,ଓଗେର |
| 5 | 9 | 246 | 0.31 | 0.01 | ଅନାମ ସାହାଣି,ପି:ଦନେଇ ସାହାଣି,ଓଗେର |
| 6 | 18 | 256 | 0.29 | 0.02 | ଆଶାତରୁ ନାୟକ, ଅଲେଖ ପ୍ରସାଦ ନାୟକ, ପି:ଶ୍ୟାମ ସୁନ୍ଦର ନାୟକ, ଜା:ଖଣ୍ଡାୟତ, ବା:ରମ୍ପେଇ |
| 7 | 21 | 539/1113 | 0.25 | 0.19 | ଈଶ୍ୱର ସାହାଣୀ, ପି:ମଣି ସାହାଣୀ, ଓଗେର |
| 8 | 24 | 243 | 0.58 | 0.50 | ଉଛବ ନନ୍ଦ, ପି:ଚନ୍ଦ୍ରମଣି ନନ୍ଦ, ଓଗେର |
| 9 | 33 | 321 | 0.39 | 0.22 | ଏକନ ସାହାଣି, ପି:ବଣ୍ଟୁ ସାହାଣି ଓଗେର |
| 10 | 36 | 254 | 0.29 | 0.10 | କଳ୍ପତରୁ ନାୟକ, ପି:ରଘୁନାଥ ନାୟକ, ଓଗେର |
| 11 | 40 | 310 | 0.37 | 0.24 | କାଳନ୍ଦି ସାହୁ, ପି:ଭୋଳି ସାହୁ |
| 12 | 40 | 523 | 0.20 | 0.01 | କାଳନ୍ଦି ସାହୁ, ପି:ଭୋଳି ସାହୁ |
| 13 | 41 | 594 | 0.31 | 0.31 | କାଳନ୍ଦି ସାହୁ, ପି:ଭୋଳି ସାହୁ,ଓଗେର |
| 14 | 41 | 595 | 0.45 | 0.35 | କାଳନ୍ଦି ସାହୁ, ପି:ଭୋଳି ସାହୁ, ବାବାଜୀ ସାହୁ, ପି:ଶ୍ୟାମ ସାହୁ, ନାରଣ ଦାସ, ପି:ମଦନ ଦାସ, ଜା:ତେଲି, ବା:କଲଣ |
| 15 | 49 | 510 | 0.08 | 0.08 | କୁଳମଣି ନାୟକ, ପି:ଅଇଁଠି ନାୟକ, ଓଗେର |
| 16 | 50 | 508 | 0.08 | 0.02 | କୁଳମଣି ନାୟକ, ପି:ଅଇଁଠି ନାୟକ, ଓଗେର |
| 17 | 53 | 507 | 0.03 | 0.01 | କୁଳମଣି ନାୟକ, ପି:ନିଧି ନାୟକ, ଓଗେର |
| 18 | 53 | 512 | 0.30 | 0.11 | କୁଳମଣି ନାୟକ, ପି:ନିଧି ନାୟକ, ଓଗେର |
| 19 | 54 | 125 | 0.31 | 0.31 | କୁଶ ସ୍ୱାଇଁ, ପି:ବାଉରୀ ସ୍ୱାଇଁ, ଓଗେର |
| 20 | 98 | 247 | 0.33 | 0.19 | ଜଳଧର ନାୟକ, ପି:ଆନନ୍ଦ ନାୟକ |
| 21 | 98 | 248/1097 | 0.08 | 0.08 | ଜଳଧର ନାୟକ, ପି:ଆନନ୍ଦ ନାୟକ |
| 22 | 98 | 252 | 0.44 | 0.44 | ଜଳଧର ନାୟକ, ପି:ଆନନ୍ଦ ନାୟକ |
| 23 | 98 | 251 | 0.23 | 0.09 | ଜଳଧର ନାୟକ, ପି:ଆନନ୍ଦ ନାୟକ |
| 24 | 104 | 272 | 0.48 | 0.37 | ଦଇତାରୀ ଦେହୁରୀ, ପି:ରଥ ଦେହୁରୀ |
| 25 | 107 | 516 | 0.03 | 0.03 | ଦୁଖା ସାହାଣି, ପି:ରାଇ ସାହାଣି,ଓଗେର |
| 26 | 107 | 517 | 0.04 | 0.04 | ଦୁଖା ସାହାଣି, ପି:ରାଇ ସାହାଣି,ଓଗେର |
| 27 | 107 | 526 | 0.13 | 0.13 | ଦୁଖା ସାହାଣି, ପି:ରାଇ ସାହାଣି, ଓଗେର |
| 28 | 112 | 212 | 0.61 | 0.53 | ଧନେସ୍ୱର ପାଢ଼ି, ପି:ଦାଶ ପାଢ଼ି, ଓଗେର |
| 29 | 113 | 528 | 0.25 | 0.11 | ଶୁକଦେବ ପାଢ଼ି, ପି:ଧନେଶ୍ୱର ପାଢ଼ି, ଓଗେର |
| 30 | 113 | 527 | 0.22 | 0.22 | ଶୁକଦେବ ପାଢ଼ି, ପି:ଧନେଶ୍ୱର ପାଢ଼ି, ଓଗେର |
| 31 | 127 | 124 | 0.32 | 0.19 | ନିର୍ମଳ ଚନ୍ଦ୍ର ନାୟକ, ପି:ଗୁଣନିଧି ନାୟକ,ଓଗେର |
| 32 | 127 | 326 | 0.75 | 0.38 | ନିର୍ମଳ ଚନ୍ଦ୍ର ନାୟକ, ପି:ଗୁଣନିଧି ନାୟକ,ଓଗେର |
| 33 | 129 | 210 | 0.61 | 0.07 | ନିରଞ୍ଜନ ଭୂୟାଁ, ପି:କାଳନ୍ଦି ଭୂୟାଁ |
| 34 | 129 | 518 | 0.10 | 0.10 | ନିରଞ୍ଜନ ଭୂୟାଁ, ପି:କାଳନ୍ଦି ଭୂୟାଁ |
| 35 | 129 | 519 | 0.31 | 0.04 | ନିରଞ୍ଜନ ଭୂୟାଁ, ପି:କାଳନ୍ଦି ଭୂୟାଁ |
| 36 | 132 | 320 | 0.08 | 0.08 | ନିଳେଇ ପଧାନ, ପି:ନାରଣ ପଧାନ |
| 37 | 137 | 253 | 0.60 | 0.53 | ପସୁନାଥ ନନ୍ଦ, ପି:ରାମଚନ୍ଦ୍ର ନନ୍ଦ, ଓଗେର |
| 38 | 137 | 242 | 0.08 | 0.08 | ପସୁନାଥ ନନ୍ଦ, ପି:ରାମଚନ୍ଦ୍ର ନନ୍ଦ, ଓଗେର |
| 39 | 137 | 239 | 0.34 | 0.06 | ପସୁନାଥ ନନ୍ଦ, ପି:ରାମଚନ୍ଦ୍ର ନନ୍ଦ, ଓଗେର |
| 40 | 146 | 584 | 0.18 | 0.12 | ଫକିର ସାହୁ, ପି:ଗୋବିନ୍ଦ ସାହୁ, ଓଗେର |
| 41 | 150 | 525 | 0.29 | 0.29 | ଭାଗ୍ୟଧର ନାୟକ, ପି:ଭାସ୍କର ନାୟକ |
| 42 | 150 | 524 | 0.21 | 0.21 | ଭାଗ୍ୟଧର ନାୟକ, ପି:ଭାସ୍କର ନାୟକ |
| 43 | 181 | 131 | 0.20 | 0.20 | ଭିମ ସାହାଣି,ପି:ଲକ୍ଷ୍ମଣ ସାହଣି, ଓଗେର |
| 44 | 181 | 132/1076 | 0.25 | 0.13 | ଭିମ ସାହାଣି,ପି:ଲକ୍ଷ୍ମଣ ସାହଣି, ଓଗେର |
| 45 | 185 | 132 | 0.30 | 0.08 | ଭିମ ସାହାଣି,ପି:ଲକ୍ଷ୍ମଣ ସାହଣି, ଓଗେର |
| 46 | 185 | 127 | 0.16 | 0.16 | ଭିମ ସାହାଣି,ପି:ଲକ୍ଷ୍ମଣ ସାହଣି, କୃଷ୍ଣ ସାହାଣି, ପୁରୁଷୋତ୍ତମ ସାହାଣି, ପି:ମକର ସାହାଣି, ଜା:ସଅର, ବା: ନିଜଗାଁ |
| 47 | 195 | 248 | 0.29 | 0.14 | ରତ୍ନାକର ନାୟକ, ପି:ରାଧୁ ନାୟକ, ଓଗେର |
| 48 | 212 | 580 | 0.34 | 0.07 | ସନେଇ ଦେହୁରୀ, ପି:ଦେବେଇ ଦେହୁରୀ |
| 49 | 225 | 249 | 0.27 | 0.16 | ଶୁଶାନ୍ତ ନାୟକ, ପି:କୁଳମଣି ନାୟକ, ଓଗେର |
| 50 | 225 | 515 | 0.30 | 0.30 | ଶୁଶାନ୍ତ ନାୟକ, ପି:କୁଳମଣି ନାୟକ, ଓଗେର |
| 51 | 226 | 273 | 0.20 | 0.04 | ହରି ପୃଷ୍ଟି, ପି:ଜଗବନ୍ଧୁ ପୃଷ୍ଟି |
| 52 | 227 | 241 | 0.29 | 0.21 | ହଳଧର ନାୟକ, ପି:ଗୋବିନ୍ଦ ନାୟକ |
| 53 | 228 | 596 | 0.26 | 0.06 | ହାଡିବନ୍ଧୁ ସାହୁ, ପି:ଗଙ୍ଗାଧର ସାହୁ, ଓଗେର |
| 54 | 228 | 593 | 0.20 | 0.20 | ହାଡିବନ୍ଧୁ ସାହୁ, ପି:ଗଙ୍ଗାଧର ସାହୁ, ଓଗେର |
| 55 | 229 | 129 | 0.30 | 0.30 | ହାଡିବନ୍ଧୁ ସାହୁ, ପି:ଗଙ୍ଗାଧର ସାହୁ, ଓଗେର |
| 56 | 229 | 269 | 1.00 | 1.00 | ହାଡିବନ୍ଧୁ ସାହୁ, ପି:ଗଙ୍ଗାଧର ସାହୁ, ଓଗେର |
| 57 | 229 | 267 | 0.32 | 0.03 | ହାଡିବନ୍ଧୁ ସାହୁ, ସୁକଦେବ ସାହୁ, ପି:ଗଙ୍ଗାଧର ସାହୁ, ଜା:ଗୁଡିଆ, ବା:ବାଟିଯୋଡା |
| 58 | 231 | 541 | 0.35 | 0.18 | ପ୍ରଦ୍ୟୁମ୍ନ କୁମାର ରାଉତ, ପି:ବିଷ୍ଣୁ ଚରଣ ରାଉତ, ଓଗେର |
| 59 | 231 | 201/1160 | 0.31 | 0.14 | ପ୍ରଦ୍ୟୁମ୍ନ କୁମାର ରାଉତ, ପ୍ରଶନ୍ନ କୁମାର ରାଉତ, ପି:ବିଷ୍ଣୁ ଚରଣ ରାଉତ, ଜା:ଖଣ୍ଡାୟତ, ବା:ବଳଭଦ୍ରପୁର, ଛତ୍ରବଜାର |
| 60 | 233/26 | 123 | 0.325 | 0.12 | ଉପେନ୍ଦ୍ର ରାଉତ, ପି:ପରିକ୍ଷିତ ରାଉତ, ଓଗେର |
| 61 | 233/26 | 322 | 0.17 | 0.05 | ଉପେନ୍ଦ୍ର ରାଉତ, ପି:ପରିକ୍ଷିତ ରାଉତ, ଓଗେର |
| 62 | 233/49 | 215/1065 | 0.13 | 0.13 | ଅକ୍ଷୟ କୁମାର ନାୟକ, ପି:ଜନକ ନାୟକ, ଜା:ଖଣ୍ଡାୟତ, ବା:ପଣ୍ଡୁଆ, ଉ. ଅନାବାଦି ଦ. ନିଳେଇ ଦେହୁରୀ |
| 63 | 233/49 | 215 | 0.24 | 0.02 | ଅକ୍ଷୟ କୁମାର ନାୟକ, ପି:ଜନକ ନାୟକ, ଜା:ଖଣ୍ଡାୟତ, ବା:ପଣ୍ଡୁଆ, ଉ.ନିଜ ଦ. ପୁରୁଷୋତ୍ତମ ସାହାଣି |
| 64 | 233/56 | 511 | 0.10 | 0.10 | ବାବାଜି ଚରଣ ପଣ୍ଡା, ପି:ପାଣ୍ଡୁ ପଣ୍ଡା |
| 65 | 233/56 | 211 | 0.40 | 0.20 | ବାବାଜି ଚରଣ ପଣ୍ଡା, ପି:ପାଣ୍ଡୁ ପଣ୍ଡା |
| 66 | 233/56 | 592 | 0.45 | 0.18 | ବାବାଜି ଚରଣ ପଣ୍ଡା, ପି:ପାଣ୍ଡୁ ପଣ୍ଡା |
| 67 | 233/56 | 588 | 0.10 | 0.05 | ବାବାଜି ଚରଣ ପଣ୍ଡା, ପି:ପାଣ୍ଡୁ ପଣ୍ଡା |
| 68 | 233/56 | 587 | 0.17 | 0.11 | ବାବାଜି ଚରଣ ପଣ୍ଡା, ପି:ପାଣ୍ଡୁ ପଣ୍ଡା |
| 69 | 233/72 | 324 | 1.02 | 0.50 | ନିରାକାର ବେହେରା, ପି:ରାଜକିଶୋର ବେହେରା |
| 70 | 233/110 | 200 | 0.91 | 0.28 | ସତ୍ୟମ ମିନେରାଲସ, ସା-ଚଢେଇଧରା ତରଫ ସୁମନ କୁମାରୀ, ସ୍ୱା:ଅମିତ ରାଜ, ଜା:ଶୁଣ୍ଢି, ବା:ଗାନ୍ଧିମାର୍ଗ, ହୁଲୁରି ସିଂହା, ଥା/ଜି-ଅନୁଗୁଳ, ସଞ୍ଜିତ କୁମାର ସାହୁ, ପି:ବିଶେଶ୍ୱର ସାହୁ, ଜା:ତେଲି, ବା:ୱାର୍ଡ ନଂ.୫, ପାତ୍ର ସାହି, କରଞ୍ଜିଆ, ଜି-ମୟୂରଭଞ୍ଜ, ଦିବ୍ୟ ରଞ୍ଜନ ପାଳ, ପି:ହରି ବଲ୍ଲଭ ପାଳ, ଜା:ଖଣ୍ଡାୟତ, ବା:କାନପୁର, ସିଦ୍ଧାର୍ଥ କୁମାର ସାମଲ, ପି:ଅଶୋକ କୁମାର ସାମଲ, ଜା:ଖଣ୍ଡାୟତ, ବା:ଉଡରଙ୍ଗ, ଥା-ବିଞ୍ଝାରପୁର, ଚିତ୍ତ ରଞ୍ଜନ ବଳ, ପି: ଅନାମ ବଳ, ଜା:ଖଣ୍ଡାୟତ, ବା:କଣ୍ଠାମାଳିଆ |
| 71 | 233/110 | 202 | 0.48 | 0.36 | ସତ୍ୟମ ମିନେରାଲସ, ସା-ଚଡେଇଧରା ତରଫ ସୁମନ କୁମାରୀ, ସ୍ୱା:ଅମିତ ରାଜ, ଜା:ଶୁଣ୍ଢି, ବା:ଗାନ୍ଧିମାର୍ଗ, ହୁଲୁରି ସିଂହା, ଥା/ଜି-ଅନୁଗୁଳ |
| 72 | 233/120 | 542 | 0.10 | 0.10 | ସତ୍ୟମ ମିନେରାଲସ, ସା-ଚଡେଇଧରା ତରଫ ସୁମନ କୁମାରୀ, ସ୍ୱା:ଅମିତ ରାଜ, ଜା:ଶୁଣ୍ଢି, ବା:ଗାନ୍ଧିମାର୍ଗ, ହୁଲୁରି ସିଂହା, ଥା/ଜି-ଅନୁଗୁଳ |
| 73 | 233/120 | 543 | 0.14 | 0.02 | ସତ୍ୟମ ମିନେରାଲସ, ସା-ଚଡେଇଧରା ତରଫ ସୁମନ କୁମାରୀ, ସ୍ୱା:ଅମିତ ରାଜ, ଜା:ଶୁଣ୍ଢି, ବା:ଗାନ୍ଧିମାର୍ଗ, ହୁଲୁରି ସିଂହା, ଥା/ଜି-ଅନୁଗୁଳ |
| 74 | 233/120 | 201/1171 | 0.17 | 0.11 | ସତ୍ୟମ ମିନେରାଲସ, ସା-ଚଡେଇଧରା ତରଫ ସୁମନ କୁମାରୀ, ସ୍ୱା:ଅମିତ ରାଜ, ଜା:ଶୁଣ୍ଢି, ବା:ଗାନ୍ଧିମାର୍ଗ, ହୁଲୁରି ସିଂହା, ଥା/ଜି-ଅନୁଗୁଳ |
| 75 | 233/120 | 540 | 0.21 | 0.21 | ସତ୍ୟମ ମିନେରାଲସ, ସା-ଚଡେଇଧରା ତରଫ ସୁମନ କୁମାରୀ, ସ୍ୱା:ଅମିତ ରାଜ, ଜା:ଶୁଣ୍ଢି, ବା:ଗାନ୍ଧିମାର୍ଗ, ହୁଲୁରି ସିଂହା, ଥା/ଜି-ଅନୁଗୁଳ |
| 76 | 233/124 | 248/1204 | 0.15 | 0.15 | ପ୍ରଶାନ୍ତ କୁମାର ନାୟକ, ପି:ଜଳଧର ନାୟକ, ଜା:ଖଣ୍ଡାୟତ, ବା:ରମ୍ପେଇ |
| ମୋଟ | | | 22.44 | 13.40 | |
| Gochara Exchange | | | | 3.37 | |
| Sub-Total | | | | 16.77 | |

ମୌଜା-ରାହାଡପୁର, ତହସିଲ-ଧର୍ମଶାଳା, ନମ୍ବର-226, ଥାନା-ଧର୍ମଶାଳା, ନମ୍ବର-226, ଜିଲ୍ଲା-ଯାଜପୁର କେନାଲ ନାମ-ବାରମାଣ ଉପଶାଖା କେନାଲ ଦୂରତା 6966.989 ମି ଠାରୁ 8407.750 ମି ପର୍ଯ୍ୟନ୍ତ

ଗୋଚର ପ୍ରତିବଦଳ

| କ୍ରମିକ ନମ୍ବର | ଖତିଆନ କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) | ପ୍ରଜାର ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | 64 | 118 | 0.27 | 0.27 | ଜୟନ୍ତୀ ଲତା ନାୟକ, ସ୍ୱା:ଅରୁଣ ନାୟକ |
| 2 | 84 | 118/1119 | 0.12 | 0.12 | ଗୋଲାପ ଖୁଣ୍ଟିଆ, ପି:ସୁନାକର ଖୁଣ୍ଟିଆ |
| 3 | 84 | 1120 | 0.20 | 0.20 | ଗୋଲାପ ଖୁଣ୍ଟିଆ, ପି:ସୁନାକର ଖୁଣ୍ଟିଆ |
| 4 | 127 | 124 | 0.32 | 0.13 | ନିର୍ମଳ ଚନ୍ଦ୍ର ନାୟକ, ପି:ଗୁଣନିଧି ନାୟକ, ଓଗେର |
| 5 | 127 | 326 | 0.75 | 0.37 | ନିର୍ମଳ ଚନ୍ଦ୍ର ନାୟକ, ପି:ଗୁଣନିଧି ନାୟକ, ଓଗେର |
| 6 | 184 | 119 | 0.20 | 0.20 | ଭିମ ସାହାଣୀ, ପି:ଲକ୍ଷ୍ମଣ ସାହାଣି,ଓଗେର |
| 7 | 219 | 121 | 1.45 | 1.235 | ସୁନାକର ସାହୁ, ପି:ବେନୁ ସାହୁ |
| 8 | 233/26 | 123 | 0.325 | 0.205 | ଉପେନ୍ଦ୍ର ରାଉତ, ପି:ପରିକ୍ଷିତ ରାଉତ, ଓଗେର |
| 9 | 233/26 | 322 | 0.17 | 0.12 | ଉପେନ୍ଦ୍ର ରାଉତ, ପି:ପରିକ୍ଷିତ ରାଉତ, ଓଗେର |
| 10 | 233/72 | 324 | 1.02 | 0.52 | ନିରାକାର ବେହେରା, ପି:ରାଜକିଶୋର ବେହେରା |
| ମୋଟ | | | 4.83 | 3.37 | |

ABSTRACT
ମୌଜା-ରାହାଡପୁର, ତହସିଲ-ଧର୍ମଶାଳା, ନମ୍ବର-226, ଥାନା-ଧର୍ମଶାଳା, ନମ୍ବର-226, ଜିଲ୍ଲା-ଯାଜପୁର କେନାଲ ନାମ-ବାରମାଣ ଉପଶାଖା କେନାଲ ଦୂରତା 6966.989 ମି ଠାରୁ 8407.750 ମି ପର୍ଯ୍ୟନ୍ତ

| କ୍ରମିକ ନମ୍ବର | ଜମି | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) |
|---|---|---|---|
| 1 | ରୟତି ଜମି | 22.44 | 13.40 |
| 2 | ସରକାରୀ ଜମି | 23.42 | 4.77 |
| 3 | ଗୋଚର ଜମି | 20.23 | 3.37 |
| 4 | ଗୋଚର ପ୍ରତିବଦଳ | 4.83 | 3.37 |
| ମୋଟ | | **70.92** | **24.91** |

OIPR-24163/14/0036/2223

**ବେଆଇନ କଫ୍ ସିରପ ବିକ୍ରି: ଜଣେ ଗିରଫ**
ପୁରୀ ଅଫିସ: ବେଆଇନ ଭାବେ କଫ୍ ସିରଫ ବିକ୍ରି ଅଭିଯୋଗରେ ବାସେଳିସାହି ଥାନା ପୋଲିସ ବାଲି ସ୍କୁଲ ଛକ ଅଞ୍ଚଳର ଗଣେଶ ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ଏକ କେସ୍ (ନଂ. ୩୪/୨୩) ରୁଜୁ ହୋଇଛି। ପୋଲିସ ତାଙ୍କଠାରୁ ୫୫ଟି କଫ୍ ସିରଫ ବୋତଲ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୨।୨୦୨୩

| | |
|---|---|
| ୪,୨୮,୨୫୬ ଟଙ୍କା | |
| ସୁନା | ୨୨.୬୦୦ ଗ୍ରାମ |
| ରୁପା | ୨୪.୧୦୦ ଗ୍ରାମ |

## ସଂକ୍ଷେପରେ

### କେଳୁଣୀ ଦେବୀ ପୀଠର ଉନ୍ନତୀକରଣ ଦାବି

ଅସ୍ତରଙ୍ଗ,୩।୨(ଡି.ଏନ୍.ଏ.)- ଅସ୍ତରଙ୍ଗ ବ୍ଲକର ଶିଶୁଅ ଗ୍ରାମପଞ୍ଚାୟତରେ ଥିବା କେଳୁଣୀ ଦେବୀ ପୀଠର ଉନ୍ନତୀକରଣ ପାଇଁ ଦାବି ହେଉଛି। ପ୍ରାଚୀ ନଦୀର ସଙ୍ଗମସ୍ଥଳ କେଳୁଣୀ ମୁହାଣରେ ମା' କେଳୁଣୀ ଦେବୀଙ୍କ ମନ୍ଦିର ନିର୍ମିତ। ପୀଠର ଅଧିଷ୍ଠାତ୍ରୀ ଦେବୀ ମା' କେଳୁଣୀଙ୍କୁ ପୂଜା ଆରାଧନା କରି ଉତ୍କଳର ସାଧବ ପୁଅମାନେ ଜଳ ପଥରେ ନୌବାଣିଜ୍ୟ କରି ଅର୍ଥନୀତିରେ ଉନ୍ନତି କରୁଥିଲେ। ସମୟକ୍ରମେ ନଦୀ ବନ୍ଧବାଡ଼ ହୋଇଯିବା ଫଳରେ ସୁନାବ୍ୟା ପ୍ରାଚୀ ନଦୀ ତା'ର ପୂର୍ବ ଗୌରବ ହରାଇ ମୃତବତ୍ ପଡ଼ି ରହିଛି। କେବଳ ବର୍ଷାଦିନେ ବର୍ଷା ଜଳ ନିଷ୍କାସନ ପାଇଁ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ପଇସା ଖଟାଇ ମୁହାଣ ଖୋଲାଯାଏ। ଫଳରେ ଏ ଅଞ୍ଚଳର ବାସିନ୍ଦାମାନେ ବ୍ୟବସାୟ ବାଣିଜ୍ୟ ହରାଇ ଦିନମଜୁରିଆ ହୋଇ କାଳାତିପାତ କରୁଛନ୍ତି। କିନ୍ତୁ ଏଠିକାର ପ୍ରାକୃତିକ ପରିବେଶ ଓ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ପରିବେଶବିତ୍ ଓ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ରାସ୍ତାଘାଟର ଅସୁବିଧା ଓ ରାତ୍ରିଯାପନର ସୁବିଧା ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସିବାକୁ ଉଚିତ ମଣୁନାହାନ୍ତି। ଚନ୍ଦ୍ରଭାଗାଠାରୁ ମାତ୍ର ୧୦କି.ମି. ସମୁଦ୍ରକୂଳରେ ବେଳାଭୂମି ରାସ୍ତା ନିର୍ମାଣ କରାଗଲେ, ଏଠାରେ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ଗଢ଼ିଉଠି ଏଠାକାର ବେକାର ଯୁବକଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି ହୋଇପାରନ୍ତା। ଏନେଇ କେଳୁଣୀଦେବୀ ପୀଠ ଉନ୍ନତୀକରଣ କମିଟି ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ଖୁଣ୍ଟିଆ, ଜଗନ୍ନାଥ ସେବକ ସିଦ୍ଧେଶ୍ୱର ଦାସ ମହାପାତ୍ର, ଦଇତାପତି ରବୀନ୍ଦ୍ର ପ୍ରସାଦ, ଶିଶୁଅ ସରପଞ୍ଚ ରୋହିତ ପରିଡ଼ା, ହରମୋହନ ପ୍ରଧାନ, ରାଜନୀତି ବିଜ୍ଞାନ ମଙ୍ଗଳା ମହାବିଦ୍ୟାଳୟ ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁଙ୍କ ସମେତ ସ୍ଥାନୀୟ ଜନସାଧାରଣ ଓ ଚିନ୍ତାଶୀଳ ବ୍ୟକ୍ତି ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

### ଅଭୟାନନ୍ଦ ରଥ ପାଇବେ ଚେଲିତୋଳ ପୁରସ୍କାର

**କଟକ ଅଫିସ, ୩।୨:** ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଭୟାନନ୍ଦ ରଥ ଚଳିତବର୍ଷର ମର୍ଯ୍ୟାଦାଜନକ ଚେଲିତୋଳ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୭ ତାରିଖରେ କଟକ ସାରଳା ଭବନରେ ଚେଲିତୋଳ କଲଚରାଲ ଏକାଡେମୀ ପକ୍ଷରୁ ରଥଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିସହ ଡା. ରମେଶ ଚନ୍ଦ୍ର ଦାସ, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ, ପ୍ରେମାନନ୍ଦ ପରିଡ଼ା, ବସନ୍ତ କୁମାର ମହାପାତ୍ର, ସୂର୍ଯ୍ୟ ରଞ୍ଜନ ଦାଶ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ରୋଜି ରାୟ ଏବଂ ସୁକାନ୍ତି ମହାନ୍ତିଙ୍କୁ ବିଭିନ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରଥ ଗୁଜୁରାଟ ଏବଂ ଓଡ଼ିଶା ସରକାରଙ୍କ ବହୁ ଉଚ୍ଚପଦବୀରେ ଅଧିଷ୍ଠିତ ହୋଇଥିଲେ। ଶେଷରେ ସେ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ନିର୍ବାଚନ ଆୟୋଗର ଅଧକ୍ଷ ପଦରୁ ଅବସର ଗ୍ରହଣ କରିଛନ୍ତି। ୧୯୪୦ ଅଗଷ୍ଟ ୧୦ରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାରଙ୍ଗ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ।

### ୧୪୯ ପେଟି ମଦ ଜବତ, ଜଣେ ଗିରଫ

କଟକ ଅଫିସ,୩।୨- ବିଡ଼ାନାସୀ ପୋଲିସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ଚହଟା ଛକ ନିକଟରୁ ୧୪୯ ପେଟି ମଦ ସହ ଏକ ଟାଟା ମ୍ୟାଜିକ (ନଂ.ଓଡ଼ି୦୨-ବିଏସ୍-୨୮୮୩) ଜବତ କରାଯାଇଛି। ବେଆଇନ ମଦ କାରବାର ସହ ଜଡ଼ିତ ଗାଡ଼ି ଚାଳକ କଟକ ଜିଲା ତଇଳା ଗ୍ରାମର ଆନନ୍ଦ ନାଇକ(୩୦)ଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୫/୨୦୨୩) ରୁଜୁ ହୋଇଛି।

# ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

## ନାଗପୁରରେ ପାଇଖାନା ନିର୍ମାଣ ଦୁର୍ନୀତି

ଗୋପ,୩।୨(ଡି.ଏନ୍.ଏ.)

ଗୋପ ବ୍ଲକ ନାଗପୁର ପଞ୍ଚାୟତରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁଇଜଣିଆ ଟିମ୍ ଉକ୍ତ ପଞ୍ଚାୟତର ନାରୁଅ, ତେଲିପଡା ଗ୍ରାମରେ ପହଞ୍ଚି ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ହିତାଧିକାରୀମାନଙ୍କୁ ମିଳିଥିବା ପାଇଖାନାଗୁଡ଼ିକ ତଦନ୍ତ କରିଛନ୍ତି। ମାତ୍ର ତଦନ୍ତ ବେଳେ ଅଧିକାଂଶ ପାଇଖାନା ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ନାଗପୁର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ୧୨ହଜାର ଟଙ୍କାରେ ହିତାଧିକାରୀମାନଙ୍କୁ ପାଇଖାନା କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ଅଧିକାଂଶ ହିତାଧିକାରୀ ଅନ୍ୟ ପାଇଖାନା ଦେଖାଇ ଅର୍ଥ ନେଇଥିବା ସହିତ ଆଉ କେତେକ ହିତାଧିକାରୀ ପାଇଖାନା ନିର୍ମାଣ କରି ନ ଥିଲେ। ଏପରି ଘଟଣାକୁ ନେଇ ନାଗପୁର ଅଞ୍ଚଳର ପ୍ରଦୀପ ସ୍ୱାଇଁ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ହେବାରେ ପୂର୍ବରୁ ଭିଜିଲାନ୍ସ ବିଭାଗ ୨ଥର ତଦନ୍ତ କରି ଫେରିଥିଲା। କିନ୍ତୁ ଏ ସମ୍ପର୍କରେ କୌଣସି ଅଭିଯୋଗ ପତ୍ର ପଞ୍ଚାୟତିରାଜ ବିଭାଗକୁ ଦିଆଯାଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରି ନ ଥିଲା। ପ୍ରାୟ ଦୁଇ ବର୍ଷ ପରେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଦୁଇ ଜଣିଆ ଟିମ୍ ନାଗପୁରର ନାରୁଅ, ତେଲିପଡା ଗ୍ରାମରେ ପହଞ୍ଚି ପୁଣି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁସାରେ ୩୫ଟି ପାଇଖାନା ନିର୍ମାଣ ହୋଇ ଥିବାବେଳେ ଦର୍ଶାଯାଇଥିବା ବେଳେ ୧୨ଟି ଥିବା ଜଣାପଡ଼ିଛି। ଏ ନେଇ ତଦନ୍ତ କରୁଥିବା ଭିଜିଲାନ୍ସ ଅଧିକାରିଣୀ କହିଛନ୍ତି, ପାଇଖାନା ନିର୍ମାଣ ଅଳ୍ପ କିଛି ହୋଇଛି। ତେଣୁ ଅଧିକ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ନାରୁଅ ଗାଁରେ ତଦନ୍ତ କରାଯାଉଛି।

# ରାତି ୨ଟାରେ ଉଠିବ ମହାଦୀପ



## ଧବଳେଶ୍ୱର ପୀଠରେ ଜାଗରଯାତ୍ରା ପ୍ରସ୍ତୁତି ବୈଠକ

- ଅସ୍ଥାୟୀ ରାସ୍ତାରେ ପୀଠକୁ ଯିବେ ଶ୍ରଦ୍ଧାଳୁ
- ବରିଷ୍ଠ ନାଗରିକ ପାଇଁ ସତନ୍ତ୍ର ବ୍ୟବସ୍ଥା
- ୧୫ପ୍ଲାଟୁନ ଫୋର୍ସ ମୁତୟନ

ଆଠଗଡ, ୩।୨(ସ୍ୱ.ପ୍ର) :

ଆଠଗଡ଼ ବ୍ଲକ ଅନ୍ତର୍ଗତ ମଞ୍ଚେଶ୍ୱର ଗ୍ରାମ ମହାନଦୀ ଗର୍ଭସ୍ଥ ପ୍ରସିଦ୍ଧ ଶୈବପୀଠ ଶ୍ରୀଧବଳେଶ୍ୱରଙ୍କ ଜାଗରଯାତ୍ରା ପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାଗରଯାତ୍ରା ସୁପରିଚାଳନା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୧୮ ତାରିଖ ଶନିବାର ରାତି ୨ଟାରେ ଶ୍ରୀଜୀଉଙ୍କ ମହାଦୀପ ଉଠିବ ବୋଲି ପୂଜକ ସମାଜ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶାସନ ପକ୍ଷରୁ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତାରେ ଭକ୍ତମାନେ ଯିବାଆସିବା କରିବେ। ଅସ୍ଥାୟୀ ରାସ୍ତାରେ ଆବଶକୀୟ ମରାମତି, ବ୍ୟାରିକେଡ଼ ନିର୍ମାଣ, ଆଲୋକୀକରଣ, ସିସି କ୍ୟାମେରା ଲାଗିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅସ୍ଥାୟୀ ରାସ୍ତା ଦେଇ ଯାନବାହାନ ଚଳାଚଳ ନିଷେଧ କରାଯାଇଛି। ବୃଦ୍ଧ, ଦିବ୍ୟାଙ୍ଗଙ୍କ ପାଇଁ ସତନ୍ତ୍ର ବ୍ୟବସ୍ଥା କରାଯିବ। ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଜଣ ଡିଏସ୍‌ପିଙ୍କ ସମେତ ୧୦୦ଜଣ ପୋଲିସ ଅଫିସର ଓ ୧୫ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଉକ୍ତ ବୈଠକରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ପ୍ରଦୀପ କୁମାର ସାହୁ, ଆଠଗଡ ଏନଏସି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କଟକ ଗ୍ରାମାଞ୍ଚଳ ପୋଲିସ ପକ୍ଷରୁ ବରିଷ୍ଠ ଅଧିକାରୀ ରଞ୍ଜିତ କୁମାର ପୃଷ୍ଟି, ଚୌଦ୍ୱାର ଆରକ୍ଷୀ ଉପାଧକ୍ଷ ସତ୍ୟବ୍ରତ ଲେଙ୍କା, ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ସାହୁ, ପୂଜକସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ, ସମ୍ପାଦକ ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ଆଠଗଡ଼ ଦେବୋତ୍ତର ବିଭାଗ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀରେ ଥିବା ବେଆଇନ ଘରକୁ ବିଡିଏ ପକ୍ଷରୁ ଭଙ୍ଗା ଯାଇଛି।

## ୧୨ରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ ଅଫିସ, ୩।୨

ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୧୨ତାରିଖରେ ତିଆଡ଼ିସାହିସ୍ଥିତ ଅଡଙ୍ଗ ତିଆଡ଼ି କଲ୍ୟାଣ ମଣ୍ଡପରେ ୬୧ତମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ସର୍କିଟ ହାଉସରେ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୧୨ତାରିଖ ଅପରାହ୍ଣ ୫ଟାରେ ୧୦ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୁରକ୍ଷା, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ବ୍ୟବସ୍ଥା ଇତ୍ୟାଦି ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାମାୟଣୀ ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଜିଲା ବଡି ବିଲ୍ଡିଂ ଆସୋସିଏଶନ ସମ୍ପାଦକ ଡ. ବି.କେ.ବ୍ରହ୍ମା, ପରାମର୍ଶଦାତା ମନୋଜ କୁମାର ରଥ, ବିଜୟ କୁମାର ବ୍ରହ୍ମା, ରାମାୟଣୀ ଯୁବ ସାଂସ୍କୃତିକ ସଂସଦର ସଭାପତି ଶିଶିର ପ୍ରତିହାରୀ, ସମ୍ପାଦକ ଗୋପିକୃଷ୍ଣ ପଣ୍ଡା, ସଦସ୍ୟ ଦେବୀ ପ୍ରକାଶ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଖୁଣ୍ଟରେ ପିଟି ହେଲା ଟ୍ରକ୍

ଡେଲାଙ୍ଗ,୩।୨(ଡି.ଏନ୍.ଏ.): ଡେଲାଙ୍ଗ –ଖୋର୍ଦ୍ଧା ରାସ୍ତାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୧୧ କେଭି ବିଦ୍ୟୁତ ଖୁଣ୍ଟରେ ଏକ ଟ୍ରକ୍ ପିଟି ହୋଇଛି। ଟ୍ରକ୍‌ଟି ଅସାବଧାନତାବଶତଃ ବିଦ୍ୟୁତ୍ ଖୁଣ୍ଟକୁ ପିଟିବା ପରେ ଖୁଣ୍ଟଟି ଭାଙ୍ଗିଯାଇଛି। ଖବରପାଇ ବିଦ୍ୟୁତ୍‌ବିଭାଗ ଓ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଖୁଣ୍ଟ ଭାଙ୍ଗିବା ଯୋଗୁ ଘୋରଡିଆ ଫିଡର ନିୟନ୍ତ୍ରଣରେ ଥିବା ଗ୍ରାମପୁଞ୍ଜର ଜନସାଧାରଣ ୩ ଘଣ୍ଟା ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିଲେ। ପରେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ଅନ୍ୟପଟେ ଟ୍ରକ୍ ଡାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଥାନାରୁ ସୂଚନା ମିଳିଛି ।

# ସିଜେଏମ୍ କୋର୍ଟ କମ୍ପ୍ଲେକ୍ସରେ ଭର୍ଚୁଆଲ୍ ହାଇକୋର୍ଟ




ଭର୍ଚୁଆଲ ହାଇକୋର୍ଟକୁ ଉଦ୍‌ଘାଟନ କରାଯାଉଛି।

ପୁରୀ ଅଫିସ, ୩।୨

ପୁରୀ ସିଜେଏମ୍ କୋର୍ଟ କମ୍ପ୍ଲେକ୍ସ ପରିସରରେ ନବନିର୍ମିତ ଭର୍ଚୁଆଲ୍ ହାଇକୋର୍ଟକୁ ଶୁକ୍ରବାର ଭାରତର ପ୍ରଧାନ ବିଚାରପତି ଡ. ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଭର୍ଚୁଆଲ ମୋଡ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଜଷ୍ଟିସ୍ ଏସ୍. ମୁରଲୀଧର, ପୁରୀ ଜିଲାର ପ୍ରଶାସନିକ ବିଚାରପତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଏଣିକି ଓକିଲ ଓ ମହକିଲମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବେଞ୍ଚରେ ଶାରୀରିକ ଭାବେ ହାଜର ନ ହୋଇ ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଭର୍ଚୁଆଲ୍ ହାଇକୋର୍ଟରେ ମାମଲା ଦାଖଲ, ଶୁଣାଣି ଏବଂ ପରିଚାଳନା କରିପାରିବେ। ଭାରତର ପ୍ରଧାନ ବିଚାରପତି ତାଙ୍କ ଉଦ୍‌ବୋଧନରେ ଭର୍ଚୁଆଲ୍ ହାଇକୋର୍ଟ ନିର୍ମାଣ କରିବାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଭୂମିକାକୁ ପ୍ରଶଂସା କରିବା ସହିତ ଏହି ପଦକ୍ଷେପ ଅନ୍ୟ ରାଜ୍ୟ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି କହିଛନ୍ତି। ଜିଲା ତଥା ଦୌରାଜଜ୍ ଶିତିକଣ୍ଠ ସାମଲ, ପୁରୀ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ନିଖିଳ ଭାରତ ମହାନ୍ତି ଏବଂ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ: ୩ ଗିରଫ

ନିରାକାରପୁର,୩।୨(ଡି.ଏନ୍.ଏ.)

ନିରାକାରପୁର ପୋଲିସ ଯାଞ୍ଚ ବେଳେ ନକଲି ୱାଇ ଫର୍ମ ସହ ଚୋରାଚାଲାଣ ହେଉଥିବା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି । ଏଥିରେ ସମ୍ପୃକ୍ତି ନେଇ ଶୁକ୍ରବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ବେଣ୍ଟ ଗ୍ରାମର କେଦାର ଦାସ(ଟ୍ରକ୍ ମାଲିକ), ଜଙ୍କିଆ ଥାନା ଦୁଧିଆଝର ଗ୍ରାମର ବଳରାମ ବେହେରା(ଚାଳକ), କଟକ ଜିଲାର ୱାଇ ଫର୍ମ ଛାପିଥିବା ପ୍ରିଣ୍ଟିଂ ପ୍ରେସ୍ ମାଲିକ ସୁଶାନ୍ତ ପ୍ରଧାନ। ଏମାନଙ୍କ ନାମରେ ଏକ ମାମଲା (ନଂ.୩୦/୨୩) ରୁଜୁ କରାଯାଇଛି। ସୂଚନା ମୁତାବକ, ଗୁରୁବାର ରାତିରେ ଏକ ପଥର ବୋଝେଇ ଟ୍ରକ୍ (ଓଆର ୦୯ ଏଫ୍ ୯୨୨୯) ନୂଆ ଜଗନ୍ନାଥ ସଡ଼କରେ ଆସୁଥିବା ବେଳେ ପୋଲିସ ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବ୍ୟବହୃତ ୱାଇ ଫର୍ମଟିରେ ତହସିଲଦାରଙ୍କ ଦସ୍ତଖତ ନକଲି ଥିବା ଜଣାପଡ଼ିଥିଲା। ଏହାର ସତ୍ୟତା ଜଣାପଡ଼ିବା ପରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

## କାୟାକଳ୍ପ ଟିମ୍‌ର ବିଭିନ୍ନ ଡାକ୍ତରଖାନା ପରିଦର୍ଶନ

କଣାସ,୩।୨(ସ୍ୱ.ପ୍ର.)

ଜିଲାସ୍ତରୀୟ କାୟାକଳ୍ପ ଟିମ୍ ଶୁକ୍ରବାର କଣାସ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛି। ଜିଲା ଆକାଉଣ୍ଟ ମ୍ୟାନେଜର ବିଜୟ ନାୟକଙ୍କ ନେତୃତ୍ୱରେ ପ୍ରଶାନ୍ତ ପରିଡ଼ା ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ହରଚଣ୍ଡୀ ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ବକୁ, ଗଡବଳଭଦ୍ରପୁର, ବିନ୍ଧଣ ଏବଂ ଗଡ଼ଖାରଦ ଓ ଉପ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ବିଭାଗ ବୁଲି ଅନୁଧ୍ୟାନ କରିଥିଲେ। ଡାକ୍ତରଖାନାର ରକ୍ଷଣାବେକ୍ଷଣ, ପରିଷ୍କାର, ପରିଚ୍ଛନ୍ନତା, ସ୍ୱଚ୍ଛତା, ପ୍ରୋତ୍ସାହନ, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ପ୍ରତିରୋଧ, ରୋଗୀ ସହ ଯୋଗ ସେବା ଆଦି ୭ ଗୋଟି ବିଭାଗୀୟ ମାନଦଣ୍ଡକୁ ଅନୁଧ୍ୟାନ କରିଥିଲେ। ବିପିଏମ୍ ଧନେଶ୍ୱର ସ୍ୱାଇଁ ସେମାନଙ୍କୁ ବିଭିନ୍ନ କେନ୍ଦ୍ର ବୁଲାଇ ଦେଖାଇଥିଲେ। ଡାକ୍ତର ସମ୍ମିତ ରଞ୍ଜନ ଜେନା, ଡାକ୍ତର ସୁଭଦ୍ରା ସୁବୁଦ୍ଧି, ଡାକ୍ତର ସୀମାଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଟିମ ସଦସ୍ୟଙ୍କୁ ସହଯୋଗ କରିଥିଲେ। ଚଳିତବର୍ଷ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୫ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୮ ଗୋଟି ଉପ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପାଇଁ ଅନୁଧ୍ୟାନ କରାଯାଇଛି।




କଣାସ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍।

## ଖୋର୍ଦ୍ଧାରେ ହେବ ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ

ଖୋର୍ଦ୍ଧା ଅଫିସ,୩।୨

ଆସନ୍ତା ଫେବୃୟାରୀ ୫ ତାରିଖରେ ଓଡ଼ିଶାର ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଏକଦିବସୀୟ ମନ୍ଥନ ଶିବିର ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡାସ୍ଥିତ ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜିରେ ଅନୁଷ୍ଠିତ ହେବ। ଷଷ୍ଠରୁ ଏକାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ଗତ ନଭେମ୍ବର ୩୦ରେ ଏକ ବିଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏଥିରେ ୪୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ୧୨୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୫ ତାରିଖରେ ଶେଷ ପର୍ଯ୍ୟାୟର ପରୀକ୍ଷା ଅନୁଷ୍ଠିତ ହେବ। ପିଲାମାନେ ଲିଖିତ ପରୀକ୍ଷା ସହ ମୌଖିକ ଏବଂ ପ୍ରାକ୍ଟିକାଲ ପରୀକ୍ଷା ମଧ୍ୟ ଦେବେ। ସେମାନଙ୍କ ମଧ୍ୟରୁ ୧୮ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରଥମ ୬ଜଣଙ୍କୁ ୫ହଜାର ଟଙ୍କା ଲେଖାଏ ଏବଂ ଦ୍ୱିତୀୟ ୬ଜଣଙ୍କୁ ୩ହଜାର ଟଙ୍କା ଲେଖାଏ ଏବଂ ତୃତୀୟ ୬ଜଣଙ୍କୁ ୨ହଜାରଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଏବଂ ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜିର ସହଯୋଗରେ ବିଜ୍ଞାନ ଭାରତୀର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ରାଜ୍ୟ ସଂଯୋଜକ ଦିବ୍ୟ କିଶୋର ପଣ୍ଡା ଏବଂ ସହସଂଯୋଜକ ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବେ। ବିଜ୍ଞାନ ମଣ୍ଡଳର ସମ୍ପାଦକ ଡ.ବିକାଶ ଜେନା ଏବଂ ସଙ୍ଗଠନ ସମ୍ପାଦକ ଇଂ.ଅରୁଣ କୁମାର ସାହୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ.ଧୀରେନ୍ଦ୍ର ନନ୍ଦ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

# ଯୁବକଙ୍କୁ ହତ୍ୟା ଘଟଣା: ୩ୟ ଅଭିଯୁକ୍ତ ଗିରଫ

- ପୂର୍ବରୁ ମହିଳା ସମେତ ୨ ଗିରଫ ହୋଇଥିଲେ
- ହତ୍ୟାକାଣ୍ଡରେ ୯ ଅଭିଯୁକ୍ତ ସାମିଲ

ସାକ୍ଷୀଗୋପାଳ,୩।୨(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଥାନା ଅନ୍ତର୍ଗତ ଷୋଳହଳ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଇନ୍ଦ୍ରମଣି ପଣ୍ଡା(୪୬)ଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ତୃତୀୟ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଅଜୟ କୁମାର ପଣ୍ଡା ଓରଫ ଗେଡୁ। ତେବେ ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ ଆହୁରି ୬ଜଣ ଫେରାର ଥିବା ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଇନ୍ଦ୍ରମଣି ଓ ଅଜୟଙ୍କ ପରିବାର ମଧ୍ୟରେ ପୂର୍ବରୁ ବିଭିନ୍ନ କାରଣକୁ ନେଇ ଶତ୍ରୁତା ଲାଗିରହିଥିଲା। ତେବେ ଗତ ଡିସେମ୍ବର ୩ ଦିନ ସକାଳ ୬ଟାରେ ଇନ୍ଦ୍ରମଣି ଗ୍ରାମ ନିକଟ କେନାଲ ବ୍ରିଜକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛପି ରହିଥିବା ଅଜୟ କୁମାର ପଣ୍ଡା ଓ ଅନ୍ୟମାନେ କଟୁରି, ଶାବଳ, ଠେଙ୍ଗା ଆଦି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଇନ୍ଦ୍ରମଣିଙ୍କ ପତ୍ନୀ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଇନ୍ଦ୍ରମଣିଙ୍କୁ ଉଦ୍ଧାର କରି ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନା ପରେ ପୁରୀ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଇନ୍ଦ୍ରମଣିଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଇନ୍ଦ୍ରମଣିଙ୍କ ସ୍ତ୍ରୀ ସୁକାନ୍ତି ଅଜୟଙ୍କ ସମେତ ୯ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୩୫୫/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରାଙ୍କ ନେତୃତ୍ୱରେ ଏକ ସତନ୍ତ୍ର ସ୍କ୍ୱାଡ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ରବି ନାରାୟଣ ପଣ୍ଡା ଓ ପ୍ରମିଳା ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା ଓ ଆକ୍ରମଣରେ ବ୍ୟବହୃତ ସମସ୍ତ ମାରଣାସ୍ତ୍ର ଜବତ କରାଯାଇଥିଲା। ମାତ୍ର ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପ୍ରାୟ ଦୁଇ ମାସ ଧରି ପୋଲିସର ତନାଘନା ପରେ ଅଜୟ ଗାଁରେ ଥିବା ବିଶେଷ ସୂତ୍ରରୁ ଖବର ପାଇ ଶୁକ୍ରବାର ପୋଲିସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ଅଜୟ କୁମାର ପଣ୍ଡା।

**ସଂକ୍ଷେପରେ**

## ଏମବିକେ, ସିଆରପିଙ୍କୁ ପାରିଶ୍ରମିକ ମିଳିଲା

ଟିଗିରିଆ,୩।୨(ଡି.ଏନ.ଏ.): ଟିଗିରିଆ ପଞ୍ଚାୟତ ସମିତି ପରିସରରେ ଶୁକ୍ରବାର ୧୪ ପଞ୍ଚାୟତର ୪୪୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଓ ୬ ପଞ୍ଚାୟତରେ ମହିଳା ଗୋଷ୍ଠୀ ଅଧୀନରେ କାର୍ଯ୍ୟରତ ଏମ୍‌ବିକେ ଏବଂ ସିଆରପିଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ପ୍ରଣବ କୁମାର ବେହେରା, ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ଉପାଧକ୍ଷ ମାନସ ସାହୁ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବିପିଏମ ପ୍ରଦୀପ ସିଂ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୬ ପଞ୍ଚାୟତ ଯଥା ନୂଆପାଟଣା, ଜେମାଦେଈପୁର, ବିନ୍ଧାଣିମା, ପୁରୁଣାଟିଗିରିଆ, ନିଜିଗଡ଼ ଓ ପାଞ୍ଚଗାଁରେ କାର୍ଯ୍ୟରତ ଏମ୍‌ବିକେ ଓ ସିଆରପିଙ୍କୁ ପାରିଶ୍ରମିକ ବାବଦରେ ୧୩ ଲକ୍ଷ ୩୧ ହଜାର ୨୫୦ ଟଙ୍କା, ଅଚଳକୋଟ ପଞ୍ଚାୟତର ୩୦ ଏସ୍‌ଏଚ୍‌ଜିକୁ ୧୫ ଲକ୍ଷ ଟଙ୍କା ଋଣ ବାବଦରେ ପ୍ରଦାନ କରାଯାଇଥିଲା। ୪୪୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଦିଆଯାଇଥିଲା।

## ଖବରଦାତାଙ୍କ ମାତୃ ବିୟୋଗ



ମାଣିଆବନ୍ଧ/ଟିଗିରିଆ, ୩।୨(ଡି.ଏନ୍.ଏ): ମାଣିଆବନ୍ଧର 'ଧରିତ୍ରୀ' ଖବରଦାତା ଅଖିଳ କୁମାର ସାହୁଙ୍କ ମା' କମଳା ସାହୁଙ୍କର ୬୩ ବର୍ଷରେ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଲିଭର ଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଅଖିଳଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। କନିଷ୍ଠ ପୁତ୍ର ଅଶୋକ ମୁଖାଗ୍ନି ଦେଇଥିଲେ।

## ମାସକରେ ୧୮ ନିଶା ବେପାରୀ ଗିରଫ

ଭୁବନେଶ୍ୱର,୩।୨ (ବ୍ୟୁରୋ) ନିଶା ଦ୍ରବ୍ୟର ବିକ୍ରୟ ଓ ସେବନକୁ ପ୍ରତିହତ କରିବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ଗଠିତ ହ୍ୱାଇଟ ସ୍ୱାଇଡର, ପିଓପିଡି ଓ ଟିମ-୬୦ର ମିଳିତ ଉଦ୍ୟମରେ ଚଢ଼ାଉ ଜୋରଦାର କରାଯାଉଛି। ଚଳିତ ବର୍ଷ ଜାନୁୟାରୀରେ ୫ଟି ନିଶା କାରବାର ମାମଲାରେ ମୋଟ ୧୨ଜଣ ନିଶା ବ୍ୟବସାୟୀଙ୍କୁ ଧରିଛି। ସେମାନଙ୍କ ନିକଟରୁ ୯୪ଗ୍ରାମ ବ୍ରାଉନସୁଗାର ଓ ସେଥିରୁ ବିକ୍ରୟ ଜନିତ ୧୦ ହଜାର ୯୬୫ ଟଙ୍କା ଜବତ କରାଯାଇଥିବା ବେଳେ ୯ ମୋବାଇଲ ୫ ବାଇକ୍ ଜବତ କରାଯାଇଛି। ସେହିପରି ଉକ୍ତ ମାସରେ ବିଭିନ୍ନ ଥାନାରେ ୩ଟି ଗଞ୍ଜେଇ ବିକ୍ରି ଜନିତ ମାମଲା ରୁଜୁ କରାଯାଇ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କଠାରୁ ମୋଟ ୧ କୁଇଣ୍ଟାଲ ୪୩ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି।

# ଶାଶୁଘର ଅଗଣାରେ କବର ଦେବାକୁ ଅଡିବସିଛନ୍ତି ଗ୍ରାମବାସୀ

**ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଘଟଣା**

- ୭ ମାସ ପୂର୍ବେ ପ୍ରେମ ବିବାହ କରିଥିଲେ
- ଉତ୍ତେଜନାକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ସାଲେପୁର,୩।୨(ଡି.ଏନ୍.ଏ.): ସାଲେପୁର ଥାନା ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଜଣେ ନବବଧୂଙ୍କ ଗୁରୁବାର ମୃତ୍ୟୁ ଘଟିଥିଲା। ସେ ହେଲେ ସେଖ୍ ରିୟାଜଙ୍କ ଝିଅ ସୁମେୟା ପରୱିନ୍। ଶାଶୁଘରେ ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା (ନଂ. ୪୦/୨୩) ରୁଜୁ କରି ଅଭିଯୁକ୍ତ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୁକ୍ତ ଶାଶୁ ଓ ସ୍ୱାମୀ ଫେରରା ହୋଇଯାଇଛନ୍ତି। ଅପରପକ୍ଷେ ମୃତ ନବବଧୂଙ୍କ କବର ଦିଆଯିବାକୁ ନେଇ ଶୁକ୍ରବାର ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମବାସୀ ତାଙ୍କୁ ଶାଶୁଘର ଅଗଣାରେ କବର ଦେବାପାଇଁ ଅଡ଼ିବସିଛନ୍ତି। ଏନେଇ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ ସେଠାରେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏସ୍‌ଡିପିଓ, ତହସିଲଦାର ଏବଂ ଆଇଆଇସି ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି।

ସୁମେୟା ଉକ୍ତ ଗ୍ରାମର ସୟଦ ଆଜାଦ୍‌ଙ୍କୁ ୭ ମାସ ତଳେ ପ୍ରେମ ବିବାହ କରିଥିଲେ। ବିବାହର ମାସେ ପରେ ଶାଶୁଘର ଲୋକେ ୨ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ନବବଧୂଙ୍କ ଉପରେ ଚାପ ପକାଯାଇଥିଲା। ମାତ୍ର ସୁମେୟାଙ୍କ ବାପାଙ୍କ ପାଖରେ ଅର୍ଥ ଅଭାବରୁ କେବଳ ୨୦ ହଜାର ଟଙ୍କା ପ୍ରଦାନ କରିବାକୁ ସକ୍ଷମ ହୋଇଥିଲେ। ଏନେଇ ଶାଶୁଘର ଲୋକେ ସୁମେୟାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୨ଟା ବେଳେ ସୁମେୟା ତାଙ୍କ ମା'ଙ୍କ ସହ କଥା ହୋଇଥିବାବେଳେ ୩ଟାବେଳେ ସ୍ୱାମୀ ତାଙ୍କ ଘରକୁ ଫୋନ କରି ସ୍ତ୍ରୀ ରଶି ଲଗାଇ ଝୁଲିପଡ଼ିଥିବା କହିଥିଲେ। ଖବରପାଇ ସୁମେୟାଙ୍କ ପରିବାର ଲୋକେ ଶାଶୁଘରେ ପହଞ୍ଚିଲେ ମଧ୍ୟ ସେମାନଙ୍କୁ ଭିତରକୁ ଛଡ଼ାଯାଇ ନ ଥିଲା। ଏହାପରେ ସୁମେୟାଙ୍କ ବାପା ଥାନାରେ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଥିଲେ।

ସୁମେୟାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ କବରକୁ ନେଇ ବିବାଦ ଉପୁଜିଛି। ଖବରପାଇସାଲେପୁର ତହସିଲଦାର ଶିବ ମଲ୍ଲିକ, ଏସ୍‌ଡିପିଓ ବିମଳ କୁମାର ବାରିକ ଓ ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କ ସମେତ ବହୁ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝେଶୁଝା କରିଛନ୍ତି।

# କନ୍ଧମାଳରୁ ଚୋରି, ସାଲେପୁରରୁ ଜବତ




**ଅଭିଯୁକ୍ତଙ୍କୁ ଉଠାଇନେଲା ପୋଲିସ**

ସାଲେପୁର,୩।୨(ଡି.ଏନ୍.ଏ.): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିବା ବୈଦ୍ୟୁତିକ ଉପକରଣକୁ ସାଲେପୁର ଅଞ୍ଚଳର ଜଣେ ଯୁବକ କ୍ରୟ କରିଥିବା ବେଳେ ଫିରିଙ୍ଗିଆ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଉଠାଇ ନେବା ସହ ଚୋରି ସାମଗ୍ରୀ ଜବତ କରିଛି। ପ୍ରକାଶ ଯେ, ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା ଏଲ୍‌ଇଡି ଟିଭି, ଇନ୍‌ଭର୍ଟର, ବ୍ୟାଟେରୀ, କମ୍ପ୍ୟୁଟର, ପ୍ରିଣ୍ଟର ସମେତ ବିଭିନ୍ନ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଥିଲା। ଏହି ଦୁଇ ଯୁବକଙ୍କୁ ପଚରାଉଚରା ପରେ ସେମାନେ ସାଲେପୁର ଅଞ୍ଚଳରେ ବିକ୍ରୟ କରିଥିବା କହିଥିଲେ। ଶୁକ୍ରବାର ଫିରିଙ୍ଗିଆ ପୋଲିସର ଏକ ଟିମ୍ ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ କଲ୍ୟାଣପୁର ଗ୍ରାମର ସାଗର ବିଶ୍ୱାଳଙ୍କୁ ଉଠାଇ ନେଇଛି। ତା'ଠାରୁ ଚୋରି ସାମଗ୍ରୀ ମଧ୍ୟ ଜବତ କରିଛି।

# ରାତି ୨ଟାରେ ଉଠିବ ମହାଦୀପ



ପ୍ରସ୍ତୁତି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ।

**ଧବଳେଶ୍ୱର ପୀଠରେ ଜାଗରଯାତ୍ରା ପ୍ରସ୍ତୁତି**

- ଅସ୍ଥାୟୀ ରାସ୍ତାରେ ପୀଠକୁ ଯିବେ ଶ୍ରଦ୍ଧାଳୁ
- ବରିଷ୍ଠ ନାଗରିକ ପାଇଁ ସତନ୍ତ୍ର ବ୍ୟବସ୍ଥା
- ୧୫ପ୍ଲାଟୁନ ଫୋର୍ସ ମୁତୟନ

ଆଠଗଡ, ୩।୨(ସ୍ୱ.ପ୍ର) : ଆଠଗଡ଼ ବ୍ଲକ ଅନ୍ତର୍ଗତ ମଞ୍ଚେଶ୍ୱର ଗ୍ରାମ ମହାନଦୀ ଗର୍ଭସ୍ଥ ପ୍ରସିଦ୍ଧ ଶୈବପୀଠ ଶ୍ରୀଧବଳେଶ୍ୱରଙ୍କ ଜାଗରଯାତ୍ରା ପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାଗରଯାତ୍ରା ସୁପରିଚାଳନା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୧୮ ତାରିଖ ଶନିବାର ରାତି ୨ଟାରେ ଶ୍ରୀଜୀଉଙ୍କ ମହାଦୀପ ଉଠିବ ବୋଲି ପୂଜକ ସମାଜ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶାସନ ପକ୍ଷରୁ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତାରେ ଭକ୍ତମାନେ ଯିବାଆସିବା କରିବେ। ଅସ୍ଥାୟୀ ରାସ୍ତାରେ ଆବଶକୀୟ ମରାମତି, ବ୍ୟାରିକେଡ଼ ନିର୍ମାଣ, ଆଲୋକୀକରଣ, ସିସି କ୍ୟାମେରା ଲାଗିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅସ୍ଥାୟୀ ରାସ୍ତା ଦେଇ ଯାନବାହାନ ଚଳାଚଳ ନିଷେଧ କରାଯାଇଛି। ବୃଦ୍ଧ, ଦିବ୍ୟାଙ୍ଗଙ୍କ ପାଇଁ ସତନ୍ତ୍ର ବ୍ୟବସ୍ଥା କରାଯିବ। ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଜଣ ଡିଏସ୍‌ପିଙ୍କ ସମେତ ୧୦୦ଜଣ ପୋଲିସ ଅଫିସର ଓ ୧୫ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଉକ୍ତ ବୈଠକରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ପ୍ରଦୀପ କୁମାର ସାହୁ, ଆଠଗଡ ଏନଏସି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କଟକ ଗ୍ରାମାଞ୍ଚଳ ପୋଲିସ ପକ୍ଷରୁ ବରିଷ୍ଠ ଅଧିକାରୀ ରଞ୍ଜିତ କୁମାର ପୃଷ୍ଟି, ଚୌଦ୍ୱାର ଆରକ୍ଷୀ ଉପାଧ୍ୟକ୍ଷ ସତ୍ୟବ୍ରତ ଲେଙ୍କା, ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ସାହୁ, ପୂଜକସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ, ସମ୍ପାଦକ ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ଆଠଗଡ଼ ଦେବୋତ୍ତର ବିଭାଗ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଫେରାର ଅଭିଯୁକ୍ତଙ୍କୁ ୨ବର୍ଷ ପରେ ଧରିଲା ପୋଲିସ

**ଚିକିତ୍ସା ସମୟରେ ହସ୍ପିଟାଲରୁ ଚମ୍ପଟ ମାରିଥିଲେ**

ଭୁବନେଶ୍ୱର,୩।୨(ବ୍ୟୁରୋ): ଖଣ୍ଡଗିରି ଥାନା ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଦୁଇବର୍ଷ ପରେ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଡୁମୁଡୁମା ସତ୍ୟନଗରର କାହ୍ନା ଦାସ। ସେହିପରି ପୂର୍ବରୁ ତାଙ୍କର ୨ ସହଯୋଗୀଙ୍କୁ କୋର୍ଟଚାଲାଣ କରିସାରିଛି ପୋଲିସ। ସୂଚନାନୁସାରେ, ୨୦୨୧ରେ ଅଭିଯୁକ୍ତ କାହ୍ନା ଏବଂ ସହଯୋଗୀ ସଞ୍ଜୟ ନାୟକଙ୍କୁ ଚୋରି ଅଭିଯୋଗରେ ଗିରଫ କରି ସେମାନଙ୍କଠାରୁ ୮ଟି ମୋବାଇଲ ଜବତ କରିଥିଲା। ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରିଥିବାବେଳେ କାହ୍ନା କରୋନାରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ କୋଭିଡ-୧୯ ସେଣ୍ଟର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ତଦାରଖ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅଜାଣତରେ ଅଭିଯୁକ୍ତ କାହ୍ନା ହସ୍ପିଟାଲରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ହେଲେ ୨ବର୍ଷ ପରେ କାହ୍ନା ଡୁମୁଡୁମା ଅଞ୍ଚଳରେ ଥିବା ପୋଲିସ ବିଶେଷ ସୂତ୍ରରୁ ଜାଣିବା ପରେ ଚଢ଼ାଉ କରି ତାଙ୍କୁ କାବୁ କରିଛି।

# ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ୍ ଜରୁରୀ




ସାଲେପୁର,୩।୨(ଡି.ଏନ୍.ଏ.): ସାଲେପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧକ୍ଷା ଡ.ସଙ୍ଗୀତା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ୮ ଦିନ ବ୍ୟାପୀ ଚାଲିଥିବା ଏହି ଶିବିରରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀମାନେ ଯୋଗଦେଇ ଆତ୍ମ ସୁରକ୍ଷା ସମ୍ପର୍କିତ ତାଲିମ ନେଇଥିଲେ। ଶିବିରରେ ଶୁଭଦ୍ରା ସଂଗୀତା ମଲ୍ଲିକ, ଭାଗ୍ୟଲକ୍ଷ୍ମୀ ପରିଡ଼ା ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇ ଶିବିରର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ୍ ଜରୁରୀ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିତା ନାୟକ, ଡ. ପ୍ରଦ୍ୟୁମ୍ନ ଚୌଧୁରୀ, ଡ. ଅସିତ୍ ପରିଜା, ସ୍ୱାତୀ ପଣ୍ଡା, ଜୟବର୍ଦ୍ଧନ ଜେନା, ଡ. ସୁଶାନ୍ତ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ।

# 'ଭିଭିଡ୍ ହିୟୁଜ୍'ରେ ଓଡ଼ିଶାରୁ ଶିଳ୍ପୀ ପଞ୍ଚାନନ, ଚନ୍ଦନ

**ଜାତୀୟ ଚିତ୍ରକଳା ପ୍ରଦର୍ଶନୀ**

ଭୁବନେଶ୍ୱର,୩।୨(ବ୍ୟୁରୋ) ଜାତୀୟ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ 'ଭିଭିଡ ହିୟୁଜ' ଦିଲ୍ଲୀ ଗୁରଗାଓଁର 'ଆର୍ଟ ଇଷ୍ଟ ଏନ୍ ଆର୍ଟ ଏବଡ' ଆର୍ଟ ଗ୍ୟାଲେରିରେ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ସ୍ଥାନରୁ ଚିତ୍ରଶିଳ୍ପୀ, ଭାସ୍କର୍ଯ୍ୟ ଶିଳ୍ପୀ ଓ ମୁଦ୍ରଣ ଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। ସେହିପରି ଓଡ଼ିଶାରୁ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲଙ୍କ ୪ଟି ସମସାମୟିକ ଚିତ୍ରକଳା ଏଥିରେ ସ୍ଥାନ ପାଇଛି। ଯାହାକି ଭାରତୀୟ ସଂସ୍କୃତିର ଗରିମା, ଆମ ସଂସ୍କୃତିରେ ବୃଷଭ ଓ ମଣିଷର ଅବଚେତନ ମନର ଅଭିବ୍ୟକ୍ତିକୁ ନିଜସ୍ୱ ଶୈଳୀରେ ଚିତ୍ରଣ କରାଯାଇଛି। ଏଥିସହ ଓଡ଼ିଶାରୁ ଚନ୍ଦନ ସାମଲଙ୍କ ୨ଟି ପ୍ରସ୍ତର ଭାସ୍କର୍ଯ୍ୟ ଯାହାକି ମହାପ୍ରଳୟ ଓ ପ୍ରକୃତି ବିଷୟବସ୍ତୁ ଉପରେ ଗଠିତ ତାହା ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନୀରେ ହାଇଦ୍ରାବାଦରୁ ଚନ୍ଦ୍ରବାବୁ ଜେ ଏମ୍ ରମେଶ, ମନିର ମଇ, ଗୁର୍‌ଗାଓଁରୁ ମିନା ସିଂ ଓ ଅଞ୍ଜନୀ, ଗୁଜରାଟରୁ ହେମାଳୀ ପରମାର ଓ ପୂର୍ବୀ ସୋଲାଙ୍କି, ତାମିଲନାଡୁରୁ ଏସ୍.ରାଣୀ, ଏସ୍ ମନୋହର, ଆନ୍ଧ୍ର ପ୍ରଦେଶରୁ ଏନ.ଲକ୍ଷ୍ମୀ ଓ ହରିୟାଣାରୁ ଡ. ହେମି ମୋନଜ ପ୍ରମୁଖ ଶିଳ୍ପୀଙ୍କ ୫୦ଟି ଚିତ୍ରକଳା ଓ ୧୦ଟି ଭାସ୍କର୍ଯ୍ୟ ପ୍ରଦର୍ଶିତ ହୋଇଛି। ଏହି ଶିଳ୍ପୀମାନେ ପ୍ରକୃତି, ଭୂଦୃଶ୍ୟ, ମାନସଦୃଶ୍ୟ ଓ ଆଧାତ୍ମିକତା ଉପରେ ନିଜ ସୃଜନ ଚିତ୍ର ଓ ଭାସ୍କର୍ଯ୍ୟ ପ୍ରଦର୍ଶନ କରିଥିଲେ। ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୭ ତାରିଖ ପର୍ଯ୍ୟନ୍ତ ଦିନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ। ପ୍ରଦର୍ଶନୀ ଜରିଆରେ ଲୋକମାନଙ୍କୁ ପ୍ରତି ରାଜ୍ୟର କଳା ଓ ସଂସ୍କୃତିର ଭାବ ବିନିମୟ ହେବା ସହ ଭିନ୍ନ ରୁଚିର କଳାକୃତି ଦେଖିବାର ସୁଯୋଗ ମିଳିପାରୁଛି।

# ସେମିରେ ଭୁଆସୁଣୀ କ୍ଲବ କଟକ

**ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ଅଫିସ,୩।୨ ଖୋର୍ଦ୍ଧା ସ୍ପୋର୍ଟସ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଭୁବନେଶ୍ୱର ସାନ୍ କ୍ଲବ ଓ କଟକର ମା'ଭୁଆସୁଣୀ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ୧୭ତମ ମିନିଟ୍‌ରେ ଭୁଆସୁଣୀ କ୍ଲବର ୧୮ନଂ. ଖେଳାଳି ସମ୍ବିତ୍ ଦାସ ଓ ୨୧ତମ ମିନିଟ୍‌ରେ ୧୦ନଂ. ଖେଳାଳି ରାଜେଶ ନାୟକ ମୋଟ୍ ୨ଟି ଗୋଲ ଦେଇଥିଲେ। ତେବେ ସାନ୍ କ୍ଲବ ଆକ୍ରମଣାତ୍ମକ ଢଙ୍ଗରେ ଖେଳିଥିଲେ ମଧ୍ୟ ମ୍ୟାଚ୍ ଶେଷସୁଦ୍ଧା ଗୋଲ୍ ଦେଇ ନ ପାରି ପରାଜିତ ହୋଇଥିଲା। ଭୁଆସୁଣୀ କ୍ଲବ ୨-୦ ଗୋଲରେ ବିଜୟୀ ହେବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ାବିତ୍ ଚିତ୍ତରଞ୍ଜନ ବେଉରା ମୁଖ୍ୟ ଅତିଥି, ପ୍ରସନ୍ନ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି, ଶେଖାଓ୍ୱତ୍ ଖାଁ, ପ୍ରଫୁଲ୍ଲ କୁମାର ବେହେରା ଓ ମନୋରଞ୍ଜନ ଖୁଣ୍ଟିଆ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ଢେଙ୍କାନାଳର ପପୁଲାର କ୍ଲବ ଓ ପଶ୍ଚିମବଙ୍ଗର ବର୍ଦ୍ଧମାନ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର



ଶିବିରରେ ଯୋଗଦେଇଥିବା ଅତିଥିମାନେ।

ମାହାଙ୍ଗା, ୩।୨(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତା ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳାନା ତାଲିମ ଶିବିର ଆରମ୍ଭ ହୋଇ ରହିଛି।

୭ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଶିବିରରେ ବାତ୍ୟା ଆଶ୍ରୟସ୍ଥଳୀର ପରିଚାଳନା କମିଟି, ବିପର୍ଯ୍ୟୟ ପରିଚାଳନା, ନଥିପତ୍ର ପ୍ରସ୍ତୁତି, ରକ୍ଷଣାବେକ୍ଷଣା ବିଷୟରେ ତାଲିମ ଦିଆଯିବ। ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତାଲିମ ଶିବିରରେ ମୁଖ୍ୟ ଅତିଥିଭାବେ ଏନ.ଏନ ରାଜଲକ୍ଷ୍ମୀ ଓଝା, ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ଞାନରଞ୍ଜନ ପଣ୍ଡା, ଡିପିଓ ସଚ୍ଚିଦାନନ୍ଦ ପତି, ଶଶାଙ୍କ ଶେଖର ମିଶ୍ର, ତାଲିମ ଦାତା ମନୋରଞ୍ଜନ ତ୍ରିପାଠୀ, ଦିଲୀପ କୁମାର ମିଶ୍ର, ପ୍ରମୋଦ କୁମାର ଓଝା ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ।

ନୋଡାଲ ଏନଜିଓ ଅଭିଯାନ ଅକ୍ଷୟ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଦେବୀ ପ୍ରସାଦ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭ୍ରମରବର ରାଉତରାୟ, ଅବିନାଶ ରାଉତ, ରାକେଶ ପଲେଇ, ପ୍ରଣୟ ବଳବନ୍ତରାୟ, ରାକେଶ ରାଉତ, ଦିଲୀପ ପଲେଇ, ରାକେଶ ଭଦ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମ୍ୟ ରାସ୍ତା ଶୋଚନୀୟ, ପଥଚାରୀ ହିନସ୍ତା

ନିଶ୍ଚିନ୍ତକୋଇଲି, ୩।୨(ସ୍ୱ.ପ୍ର.): ଗ୍ରାମାଞ୍ଚଳରେ ଗମନାଗମନ ନିମନ୍ତେ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ନିମନ୍ତେ ସରକାର ବହୁ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମ ପଞ୍ଚାୟତର ହନୁପୁର ଗ୍ରାମ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହାର ପ୍ରତିକାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କାରଣରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହନୁପୁର ଠାରେ ଥିବା ପ୍ରସିଦ୍ଧ ବନଦୁର୍ଗା ମନ୍ଦିରକୁ ପୂଜାର୍ଚ୍ଚନା କରିବା ନିମନ୍ତେ ଦୈନନ୍ଦିନ ଶତାଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ଏହି ସ୍ଥାନରେ ମଧ୍ୟ ହନୁପୁର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଛାତ୍ରୀଛାତ୍ରମାନେ ମଧ୍ୟ ବିଦ୍ୟାଳୟକୁ ଆସିବାକୁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ଏହି ରାସ୍ତାରେ ପାଣି ଜମିବା ଯୋଗୁ ଲୋକେ ଯିବାଆସିବାରେ ବହୁ ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା କାରଣରୁ ଜରୁରୀକାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସି ପାରୁନାହିଁ। ଲୋକମାନେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇନପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ସେହିପରି ଗ୍ରାମର ପରିଡା ସାହିଠାରୁ ହନୁପୁର ପର୍ଯ୍ୟନ୍ତ ରାସ୍ତା ଢଳେଇ ହୋଇ ନ ଥିଲା ବେଳେ କେନ୍ଦ୍ରାପଡା କେନାଲ ବନ୍ଧରୁ ହନୁପୁର ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ନାମକୁ ମାତ୍ର ଢଳେଇ ରାସ୍ତା ଭାଙ୍ଗିରୁଜି ହୋଇଗଲାଣି। ରାସ୍ତାଟି ଏବେ ମରଣଯନ୍ତାରେ ପରିଣତ ହୋଇଛି। ରାସ୍ତା ନିର୍ମାଣ ନିମନ୍ତେ ବାରମ୍ବାର ଦାବି ହୋଇଆସୁଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏହି ଦୁଇ ରାସ୍ତା ପ୍ରତି ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର ୪ ଫେବୃୟାରୀ, ୨୦୨୩

## ଭାଗବତ ଟୁଙ୍ଗି ଉଦ୍‌ଘାଟିତ

ବାଲିପାଟଣା,(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ ରାଜସଠାରେ ବିଧାୟକଙ୍କ ପାଣ୍ଠିରୁ ୨ ଲକ୍ଷ ଟଙ୍କାରେ ନିର୍ମିତ ଭାଗବତ ଟୁଙ୍ଗି ଉଦ୍‌ଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ପ୍ରତି ଗାଁରେ ଉନ୍ନୟନ କାର୍ଯ୍ୟ ଜାରି ରହିବ ବୋଲି ଢାଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜସ ଗ୍ରାମ ପଞ୍ଚାୟତ ସରପଞ୍ଚ ବାସନ୍ତୀ ନାୟକ, ସମିତିସଭ୍ୟା ସ୍ୱାଗତିକା ନାୟକଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ମାସକରେ ୧୮ ନିଶା ବେପାରୀ ଗିରଫ

ଭୁବନେଶ୍ୱର,୩।୨ (ବ୍ୟୁରୋ)
ନିଶା ଦ୍ରବ୍ୟର ବିକ୍ରୟ ଓ ସେବନକୁ ପ୍ରତିହତ କରିବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ଗଠିତ ହ୍ୱାଇଟ ସ୍ୱାଇଡର, ପିଓପିଡି ଓ ଟିମ-୬୦ର ମିଳିତ ଉଦ୍ୟମରେ ଚଢ଼ାଉ ଜୋରଦାର କରାଯାଉଛି। ଚଳିତ ବର୍ଷ ଜାନୁୟାରୀରେ ୫ଟି ନିଶା କାରବାର ମାମଲାରେ ମୋଟ ୧୨ଜଣ ନିଶା ବ୍ୟବସାୟୀଙ୍କୁ ଧରିଛି। ସେମାନଙ୍କ ନିକଟରୁ ୯୪ଗ୍ରାମ ବ୍ରାଉନସୁଗାର ଓ ସେଥିରୁ ବିକ୍ରୟ ଜନିତ ୧୦ ହଜାର ୯୬୫ ଟଙ୍କା ଜବତ କରାଯାଇଥିବା ବେଳେ ୯ ମୋବାଇଲ ୫ ବାଇକ୍ ଜବତ କରାଯାଇଛି। ସେହିପରି ଉକ୍ତ ମାସରେ ବିଭିନ୍ନ ଥାନାରେ ୩ଟି ଗଞ୍ଜେଇ ବିକ୍ରି ଜନିତ ମାମଲା ରୁଜୁ କରାଯାଇ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କଠାରୁ ମୋଟ ୧ କୁଇଣ୍ଟାଲ ୪୩ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାସହ ସେଥିରୁ ବିକ୍ରୟ ଜନିତ ୨୪୫୦ ଟଙ୍କା ୨ ଟି ଦୁଇ/ଚାରି ଚକିଆ ଯାନ ଜବତ କରାଯାଇଛି।

### କଟକଚଣ୍ଡୀ ମନ୍ଦିରରେ ବିଦେଶୀ ପର୍ଯ୍ୟଟକ ପ୍ରବେଶର ତଦନ୍ତ ଦାବି

କଟକ ଅଫିସ, ୩।୨- କଟକ ଚଣ୍ଡୀ ମନ୍ଦିରରେ ବିଦେଶୀ ପର୍ଯ୍ୟଟକଙ୍କ ପ୍ରବେଶକୁ ହିନ୍ଦୁ ସେନା ପକ୍ଷରୁ ବିରୋଧ କରାଯାଇଛି। ଏନେଇ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ନିକଟରେ କଟକ ଚଣ୍ଡୀ ମନ୍ଦିରରେ କେତେଜଣ ବିଦେଶୀ ପର୍ଯ୍ୟଟକ ପ୍ରବେଶ କରିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦେଶୀ ପର୍ଯ୍ୟଟକଙ୍କୁ ମନ୍ଦିର ପରିସରରେ ପ୍ରବେଶ କରିବାକୁ କିଏ ଅନୁମତି ଦେଇଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ସଞ୍ଜିତ ସାମଲ, ରାଜ୍ୟ ସଭାପତି ଦେବାଶିଷ ରାଉତ, ଜିଲା ସଭାପତି ଆଶିଷ ମହାପାତ୍ର, ଦୀପ୍ତିରଞ୍ଜନ ସ୍ୱାଇଁ, ଅଶୋକ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।



# ଧମାଲକଲା ତମନ୍ନାଙ୍କ ନାଚ, ଅବିନାଶଙ୍କ ଗୀତ

**ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଉଦ୍‌ଯାପିତ**

ଭୁବନେଶ୍ୱର,୩।୨ (ବ୍ୟୁରୋ)

କୁମ୍ଭମେଳା ଅବସରରେ ଖଣ୍ଡଗିରି ଓଟିଡିସି ପାନ୍ଥିକାରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଓ କଲ୍ୟାଣ ଅନୁଷ୍ଠାନ ପକ୍ଷରୁ ତିନିଦିନ ଧରି ଚାଲିଥିବା ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଓଲିଉଡ୍ ଅଭିନେତ୍ରୀ ତପନ୍ନା ବ୍ୟାସଙ୍କ ଠୁମ୍‌କା ଧମାଲ୍ କରିଥିବାବେଳେ ଲୋକପ୍ରିୟ କଣ୍ଠଶିଳ୍ପୀ ଅବିନାଶ ଦାସ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଦର୍ଶକଙ୍କ କରତାଳି ସାଉଣ୍ଟିଥିଲେ। ସେହିପରି କଣ୍ଠଶିଳ୍ପ କୁଳଦୀପ ପଟ୍ଟନାୟକ ଓ ଚେଲସୀ ବେଉରାଙ୍କ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ। ତୃତୀୟ ଦିନରେ ମଧ୍ୟ ରାଉରକେଲାର ଆରଡିଏକ୍ସ ଗ୍ରୁପ୍ ଦର୍ଶକଙ୍କୁ ନଚାଇଥିଲେ। ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସମ୍ପାଦିକା କସ୍ତୁରୀ ମହାପାତ୍ର, ଓଡ଼ିଶା କୃଷି ଓ ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ. ସନ୍ତୋଷ ବେଜ୍ ପ୍ରମୁଖ ଯୋଗଦେଇଥିଲେ।





# ଖଣ୍ଡଗିରି ମେଳା ପାଇଁ ତତ୍ପର ବିଏମ୍‌ସି

ଭୁବନେଶ୍ୱର,୩।୨(ବ୍ୟୁରୋ)



- ୬ ପର୍ଯ୍ୟାୟରେ ସଫେଇ
- ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ସେବା
- ବେଆଇନ ପାର୍କିଂ ପାଇଁ କଡ଼ା ପଦକ୍ଷେପ

ଐତିହାସିକ ଖଣ୍ଡଗିରି ମେଳା। ଦୀର୍ଘ ୨ବର୍ଷ ପରେ ଏହି ମେଳା ହୋଇଥିବାରୁ ଦିନକୁ ଦିନ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ତେବେ ମେଳାରେ ଲୋକଙ୍କ ସୁରକ୍ଷା ଓ ସ୍ୱଚ୍ଛତା ଉପରେ ନଜର ରଖିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଏଥିପାଇଁ ସମସ୍ତ ପ୍ରକାରର କାର୍ଯ୍ୟକୁ ଗୁରୁତ୍ୱର ସହିତ ନେଇ ସୁଗମ କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ମେଳା ପ୍ରସ୍ତୁତି ପାଇଁ ମେୟର ସୁଲୋଚନା ଦାସ ଏବଂ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ବୈଠକ ହେବା ପରେ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଅନୁସରଣ କରାଯାଇଛି। ପରିମଳ ପରିଚାଳନାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ବିଏମ୍‌ସି ଏବଂ ସହଭାଗୀ ଅନୁଷ୍ଠାନ ଜାଗୃତି ଦ୍ୱାରା ୬ଟି ପର୍ଯ୍ୟାୟରେ ଦିନରାତି ପରିମଳ ସେବା ଯୋଗାଇ ଦିଆଯାଉଛି। ଏଥିସହ ସେବା ମଧ୍ୟରେ ସ୍ୱଚ୍ଛସାଥିମାନେ ବୁଲି ବୁଲି ବିଭିନ୍ନ ଦୋକାନୀଙ୍କୁ ସଚେତନ କରାଉଛନ୍ତି। ଏକକ ପ୍ଲାଷ୍ଟିକ୍ ବ୍ୟବହାର ବିଶେଷ କରି ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସେହିପରି ସାଧୁସନ୍ଥଙ୍କ ରହଣିସ୍ଥଳକୁ ଜଳଯୋଗାଣ ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବାରମ୍ବାର ଶୌଚାଳୟକୁ ପରିଷ୍କାର କରାଇ ଦେୟମୁକ୍ତ ସେବା ଯୋଗାଇବା, ଭ୍ରାମ୍ୟମାଣ ଶୌଚାଳୟର ସୁବିଧା ମଧ୍ୟ ଯୋଗାଇ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ସେବା ରହିଛି।

ଚଳିତ ବର୍ଷ ୩୨୨ଟି ଅସ୍ଥାୟୀ ଦୋକାନ କରାଯାଇ ସେମାନଙ୍କୁ ସ୍ୱତନ୍ତ୍ର ପ୍ରମାଣପତ୍ର ଦିଆଯାଇଛି। ମୋବାଇଲ୍ ଭେଣ୍ଡରଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପରିଚୟ ପତ୍ର ବ୍ୟବସ୍ଥା କରାଯାଇଛି। ଧାର୍ଯ୍ୟ ଦେୟ ଏବଂ ପ୍ରମାଣପତ୍ର ଦେଇ ସେମାନେ ପରିଚୟ ପତ୍ର ବା ଆଇ କାର୍ଡ ପାଇଛନ୍ତି। ଅଦ୍ୟାବଧି ପ୍ରାୟ ୩୫୦ ଜଣ ମୋବାଇଲ୍ ଭେଣ୍ଡର ପରିଚୟ ପତ୍ର ଦେଇ ବ୍ୟବସାୟ କରୁଛନ୍ତି। ପ୍ରମାଣ ପତ୍ର ନ ଥାଇ ମେଳା ମଧ୍ୟରେ ବ୍ୟବସାୟ ନ କରିବାକୁ ଟିମ୍ ପ୍ରାଇଡ୍ ମାଧ୍ୟମରେ ସଚେତନ କରାଯାଉଛି। ମେଳା ମଧ୍ୟରେ ରହି ବିଏମ୍‌ସି ପକ୍ଷରୁ କୌଣସି ବ୍ୟବସ୍ଥା କରାଇବା କିମ୍ବା ତୁରନ୍ତ ପଦକ୍ଷେପ ନେବାପାଇଁ ଆସିଷ୍ଟାଣ୍ଟ କମିଶନର ମତ୍ୟୁଞ୍ଜୟ ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ସ୍ୱାସ୍ଥ୍ୟ ଶିବିର ଏବଂ ପ୍ରାଥମିକ ପ୍ରତିବିଧାନ କଣ୍ଟ୍ରୋଲ୍ ରୁମ୍‌ରେ ନିୟମିତ ଭାବେ ଜଣେ ଡାକ୍ତର, ଜଣେ ଫାର୍ମାଶିଷ୍ଟ, ନର୍ସିଂ/ ସହାୟକ, ଆମ୍ବୁଲାନ୍ସ ସେବା ଏବଂ ପ୍ରାଥମିକ ଚିକିତ୍ସା ଔଷଧ ଇତ୍ୟାଦି ଉପଲବ୍ଧ ରହିଛି। ସାଧାରଣ ଚିକିତ୍ସା ବ୍ୟତୀତ ଏଠାରେ ବିଶେଷ ଚିକିତ୍ସା ଆବଶ୍ୟକ କରୁଥିବା ପ୍ରାୟ ୭ଜଣ ରୋଗୀଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ସମସ୍ତ ରୋଗୀ ସୁସ୍ଥ ଥିବା ଜଣାପଡ଼ିଛି। ଅପରପକ୍ଷେ ମେଳାକୁ ଆସୁଥିବା ଲୋକମାନେ ସୁବିଧାରେ ଗାଡ଼ି ପାର୍କିଂ କରିବା ପାଇଁ ବିଏମ୍‌ସି ପକ୍ଷରୁ ୫ଟି ପାର୍କିଂ ସ୍ଥଳ ପ୍ରସ୍ତୁତ କରାଯାଇଛି। ତନ୍ମଧ୍ୟରୁ ଏକ ପାର୍କିଂସ୍ଥଳର ପ୍ରାଚୀରକୁ କେହିଜଣେ ଭାଙ୍ଗି ଦେଇଛନ୍ତି। ଏହି ଘଟଣା ନଜରକୁ ଆସିବା ପରେ ଦୋଷୀକୁ ଧରିବା ପାଇଁ ବିଏମ୍‌ସି ପକ୍ଷରୁ କମିଶନରେଟ୍ ପୋଲିସ୍ ନିକଟରେ ଏତଲା ଦିଆଯାଇଛି। ଏଥିସହ ବିଏମ୍‌ସି ବ୍ୟତୀତ ଅନ୍ୟ କାହାରିକୁ ଦେୟ ନ ଦେବାକୁ ଲୋକମାନଙ୍କୁ ସଚେତନ କରାଯାଉଛି। କେହି ଯଦି ବେଆଇନ ଭାବେ ପାର୍କିଂ ଫି ଆଦାୟ କରୁଛି, ତେବେ ସେମାନଙ୍କ ପ୍ରତି କଡ଼ା ପଦକ୍ଷେପ ନିଆଯିବ ।

# ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ବାଲିପାଟଣା,୩।୨(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁରଠାରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଇରିପୁର ଗ୍ରାମର ଅଶୋକ କୁମାର ବେହେରା। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ଣରେ ବନମାଳିପୁର ଠାରେ ଅଶୋକଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆଲବମ୍ 'ଗୀତି ଗଜରା' ଲୋକାର୍ପିତ



ଅତିଥିମାନେ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୩।୨(ବ୍ୟୁରୋ)

ସୁମିତ୍ରା ଫାଉଣ୍ଡେଶନ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗୀତିକବି ନାଟ୍ୟ ନିର୍ଦ୍ଦେଶକ ତଥା ଆକାଶବାଣୀର ପୂର୍ବତନ ପ୍ରଶାସନିକ ଅଧିକାରୀ ଗୌର ପଟ୍ଟନାୟକ ଏବଂ ବିଶିଷ୍ଟ ଶିକ୍ଷାବିତ୍ ତଥା କମଳା ନେହେରୁ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ସ୍ୱପ୍ନା ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ଏକ ମଧୁର ଗୀତର ଆଲ୍‌ବମ 'ଗୀତି ଗଜରା'ର ଲୋକାର୍ପଣ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ବିଶିଷ୍ଟ ଗୀତିକବିମାନେ ଏଥିରେ କଣ୍ଠଦାନ କରିଛନ୍ତି। ଉତ୍ସବରେ କମଳା ନେହେରୁ ମହିଳା ମହାବିଦ୍ୟାଳୟର କୃତୀ ଛାତ୍ରୀ ସ୍ୱାତୀ ସମାପିକା, ନିତି ଗୁପ୍ତା, ୱିନୋନା ଦାସ, ଉଷଶ୍ରୀ ବେହେରା ଏବଂ ରିକି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯିବ ସହିତ ସୁମିତ୍ରା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

# ଫେରାର ଅଭିଯୁକ୍ତଙ୍କୁ ୨ବର୍ଷ ପରେ ଧରିଲା ପୋଲିସ

**ଚିକିତ୍ସିତ ସମୟରେ ହସ୍ପିଟାଲରୁ ଚମ୍ପଟ ମାରିଥିଲେ**

ଭୁବନେଶ୍ୱର,୩।୨(ବ୍ୟୁରୋ): ଖଣ୍ଡଗିରି ଥାନା ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଦୁଇବର୍ଷ ପରେ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଡୁମୁଡୁମା ସତ୍ୟନଗରର କାହ୍ନା ଦାସ। ସେହିପରି ପୂର୍ବରୁ ତାଙ୍କର ୨ ସହଯୋଗୀଙ୍କୁ କୋର୍ଟଚାଲାଣ କରିସାରିଛି ପୋଲିସ। ସୂଚନାନୁସାରେ, ୨୦୨୧ରେ ଅଭିଯୁକ୍ତ କାହ୍ନା ଏବଂ ସହଯୋଗୀ ସଞ୍ଜୟ ନାୟକଙ୍କୁ ଚୋରି ଅଭିଯୋଗରେ ଗିରଫ କରି ସେମାନଙ୍କଠାରୁ ୮ଟି ମୋବାଇଲ ଜବତ କରିଥିଲା। ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରିଥିବାବେଳେ କାହ୍ନା କରୋନାରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ କୋଭିଡ-୧୯ ସେଣ୍ଟର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ତଦାରଖ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅଜାଣତରେ ଅଭିଯୁକ୍ତ କାହ୍ନା ହସ୍ପିଟାଲରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ହେଲେ ୨ବର୍ଷ ପରେ କାହ୍ନା ଡୁମୁଡୁମା ଅଞ୍ଚଳରେ ଥିବା ପୋଲିସ ବିଶେଷ ସୂତ୍ରରୁ ଜାଣିବା ପରେ ଚଢ଼ାଉ କରି ତାଙ୍କୁ କାବୁ କରିଛି।


ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଦିନରେ ସର୍ବସମ୍ମୁଖରେ ଜଣେ ପୋଲିସ ଅଧିକାରୀ ଗୁଳିକରି ହତ୍ୟା କରିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଡିଜିପିଙ୍କୁ ବହିଷ୍କାର ଲାଗି ଭୁବନେଶ୍ୱର ସୂଚନା ଭବନ ସମ୍ମୁଖରେ ନ୍ୟାୟ ପାଇଁ ଲଢ଼େଇ ପରିବାରର କର୍ମକର୍ତ୍ତାମାନେ ଦାବି କରୁଛି।

# 'ଭିଭିଡ୍ ହିୟୁଜ୍'ରେ ଓଡ଼ିଶାରୁ ଶିଳ୍ପୀ ପଞ୍ଚାନନ, ଚନ୍ଦନ

**ଜାତୀୟ ଚିତ୍ରକଳା ପ୍ରଦର୍ଶନୀ**

ଭୁବନେଶ୍ୱର,୩।୨(ବ୍ୟୁରୋ)

ଜାତୀୟ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ 'ଭିଭିଡ ହିୟୁଜ' ଦିଲ୍ଲୀ ଗୁରୁଗାଓଁର 'ଆର୍ଟ ଇଷ୍ଟ ଏନ୍ ଆର୍ଟ ଏବଡ' ଆର୍ଟ ଗ୍ୟାଲେରରେ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ସ୍ଥାନରୁ ଚିତ୍ରଶିଳ୍ପୀ, ଭାସ୍କର୍ଯ୍ୟ ଶିଳ୍ପୀ ଓ ମୁଦ୍ରଣ ଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। ସେହିପରି ଓଡ଼ିଶାରୁ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲଙ୍କ ୪ଟି ସମସାମୟିକ ଚିତ୍ରକଳା ଏଥିରେ ସ୍ଥାନ ପାଇଛି। ଯାହାକି ଭାରତୀୟ ସଂସ୍କୃତିର ଗାରିମା, ଆମ ସଂସ୍କୃତିରେ ବୃଷଭ ଓ ମଣିଷର ଅବଚେତନ ମନର ଅଭିବ୍ୟକ୍ତିକୁ ନିଜସ୍ୱ ଶୈଳୀରେ ଚିତ୍ରଣ କରାଯାଇଛି। ଏଥିସହ ଓଡ଼ିଶାରୁ ଚନ୍ଦନ ସାମଲଙ୍କ ୨ଟି ପ୍ରସ୍ତର ଭାସ୍କର୍ଯ୍ୟ ଯାହାକି ମହାପ୍ରଳୟ ଓ ପ୍ରକୃତି ବିଷୟବସ୍ତୁ ଉପରେ ଗଠିତ ତାହା ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନୀରେ ହାଇଦ୍ରାବାଦରୁ ଚନ୍ଦ୍ରବାବୁ ଜେ, ଏମ୍ ରମେଶ, ମନିର ମଇ, ଗୁରୁଗାଓଁରୁ ମିନା ସିଂ ଓ ଅଞ୍ଜନୀ, ଗୁଜରାଟରୁ ହେମାଳୀ ପରମାର ଓ ପୂର୍ବୀ ସୋଲାଙ୍କି, ତାମିଲନାଡୁରୁ ଏସ୍.ରାଣୀ, ଏସ୍ ମନୋହର, ଆନ୍ଧ୍ର ପ୍ରଦେଶରୁ ଏନ.ଲକ୍ଷ୍ମୀ ଓ ହରିୟାନାରୁ ଡ. ହେମି ମୋନଜ ପ୍ରମୁଖ ଶିଳ୍ପୀଙ୍କ ୫୦ଟି ଚିତ୍ରକଳା ଓ ୧୦ଟି ଭାସ୍କର୍ଯ୍ୟ ପ୍ରଦର୍ଶିତ ହୋଇଛି। ଏହି ଶିଳ୍ପୀମାନେ ପ୍ରକୃତି, ଭୂଦୃଶ୍ୟ, ମାନସଦୃଶ୍ୟ ଓ ଆଧ୍ୟାତ୍ମିକତା ଉପରେ ନିଜ ସୃଜନ ଚିତ୍ର ଓ ଭାସ୍କର୍ଯ୍ୟ ପ୍ରଦର୍ଶନ କରିଥିଲେ। ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୭ ତାରିଖ ପର୍ଯ୍ୟନ୍ତ ଦିନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ। ପ୍ରଦର୍ଶନୀ ଜରିଆରେ ଲୋକମାନଙ୍କୁ ପ୍ରତି ରାଜ୍ୟର କଳା ଓ ସଂସ୍କୃତିରେ ଭାବ ବିନିମୟ ହେବା ସହ ଭିନ୍ନ ରୁଚିର କଳାକୃତି ଦେଖିବାର ସୁଯୋଗ ମିଳିପାରୁଛି।




**ତୋଷାଳି ମେଳାର ତୃତୀୟ ସନ୍ଧ୍ୟା**

# ମନ ମୋହିଲେ ଓଲିଉଡ୍ କଣ୍ଠଶିଳ୍ପୀ

ଭୁବନେଶ୍ୱର,୩।୨ (ବ୍ୟୁରୋ) – ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ଓଲିଉଡ୍ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି, ସୋହିନୀ ମିଶ୍ର, ଶଶାଙ୍କ ଶେଖର ସାହୁ ଓ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ସଙ୍ଗୀତର ତାଳେ ତାଳେ ଦର୍ଶକମାନେ ଝୁମୁଥିବା ଦେଖିବାକୁ ମିଳିଥିଲା। ତୃତୀୟ ସନ୍ଧ୍ୟାକୁ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ହସ୍ତତନ୍ତ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ ପଟେଲ, ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ ଏବଂ ସିଡାକର ସଦସ୍ୟ ସଚିବ ଶିଶିର କୁମାର ରଥ ଉଦ୍‌ଘାଟନ କରିଥିଲେ। ପୂର୍ବାପେକ୍ଷା ମେଳାରେ ଦର୍ଶକ ଓ ଗ୍ରାହକଙ୍କ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ଘରକରଣା ତଥା ଘର ସଜା ସାମଗ୍ରୀ, ପୋଷାକ, ଜୋତା, ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରୁଛି।


ତୋଷାଳୀ ମେଳାରେ ଶିଳ୍ପୀମାନେ ହସ୍ତଶିଳ୍ପୀ ସାମଗ୍ରୀର ଲାଇଭ୍ ପ୍ରଦର୍ଶନ କରୁଛନ୍ତି।

**ବେଆଇନ କଫ୍ ସିରପ ବିକ୍ରି: ଜଣେ ଗିରଫ**

ପୁରୀ ଅଫିସ: ବେଆଇନ ଭାବେ କଫ୍ ସିରଫ ବିକ୍ରି ଅଭିଯୋଗରେ ବାସେଲିସାହି ଥାନା ପୋଲିସ ବାଲି ସ୍କୁଲ ଛକ ଅଞ୍ଚଳର ଗଣେଶ ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ଏକ କେସ୍ (ନଂ. ୩୪/୨୩) ରୁଜୁ ହୋଇଛି। ପୋଲିସ ତାଙ୍କଠାରୁ ୫୫ଟି କଫ୍ ସିରଫ ବୋତଲ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।




୩।୨।୨୦୨୩

| | |
|---|---|
| ୪,୨୮,୨୫୬ ଟଙ୍କା | |
| ସୁନା | ୨୨.୬୦୦ ଗ୍ରାମ |
| ରୁପା | ୨୪.୧୦୦ ଗ୍ରାମ |

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ପିଟି ହେଲା ଟ୍ରକ୍

**ଡେଲାଙ୍ଗ,୩।୨(ଡି.ଏନ୍.ଏ.):** ଡେଲାଙ୍ଗ -ଖୋର୍ଦ୍ଧା ରାସ୍ତାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୧୧ କେଭି ବିଦ୍ୟୁତ ଖୁଣ୍ଟରେ ଏକ ଟ୍ରକ୍ ପିଟି ହୋଇଛି। ଟ୍ରକ୍‌ଟି ଅସାବଧାନତାବଶତଃ ବିଦ୍ୟୁତ୍ ଖୁଣ୍ଟକୁ ପିଟିବା ପରେ ଖୁଣ୍ଟଟି ଭାଙ୍ଗିଯାଇଛି। ଖବରପାଇ ବିଦ୍ୟୁତ୍ ବିଭାଗ ଓ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଖୁଣ୍ଟ ଭାଙ୍ଗିବା ଯୋଗୁ ଘୋରଡିଆ ଫିଡର ନିୟନ୍ତ୍ରଣରେ ଥିବା ଗ୍ରାମପୁଞ୍ଜର ଜନସାଧାରଣ ୩ ଘଣ୍ଟା ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିଲେ। ପରେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ଅନ୍ୟପଟେ ଟ୍ରକ୍ ଡାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଥାନାରୁ ସୂଚନା ମିଳିଛି।

### ମା’ମଙ୍ଗଳାଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

**ଡେଲାଙ୍ଗ,୩।୨(ଡି.ଏନ୍.ଏ.):** ଅଭୟମୁଖୀ ପଞ୍ଚାୟତର ଇନ୍ଦିପୁର ବଡ଼ ସାହି ୬ ନଂ. ୱାର୍ଡରେ ମା’ ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଜକୁ ୨ଶହ ବର୍ଷ ପୂର୍ବେ ରତ୍ନଚିରା ନଦୀରୁ ମା’ଙ୍କ ମୂର୍ତ୍ତି ଉଦ୍ଧାର କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା। ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ସ୍ଥାନୀୟ ସରପଞ୍ଚ ପ୍ରମିଳା ସେନାପତି, ଆମ୍ବା ଅଧକ୍ଷ ମୀନତି ସେନାପତି, ପୂର୍ବତନ ସରପଞ୍ଚ ପ୍ରସନ୍ନ ପରିଡ଼ା ପ୍ରମୁଖ ଧାର୍ମିକ କାର୍ଯ୍ୟରେ ଉପସ୍ଥିତ ରହି ମା’ଙ୍କ କୃପାଲାଭ କରିଥିଲେ। ଏହି ଧାର୍ମିକ କାର୍ଯ୍ୟରେ ଗ୍ରାମବାସୀ ସହଯୋଗ କରିଥିଲେ।

### ପାହାଡ଼ ବିଶ୍ୱନାଥ ଦେବଙ୍କ ପୀଠରେ ପୂର୍ଣ୍ଣାହୁତି

**ଡେଲାଙ୍ଗ,୩।୨(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ବିଶ୍ୱନାଥ ପାହାଡ଼ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱନାଥ ଦେବଙ୍କ ୪୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨୮ ତାରିଖରେ ଯଜ୍ଞ ଆରମ୍ଭ ହୋଇ ଜଳଯାତ୍ରା, ଶାଳାପୂଜା, ଦେବତା ଆବାହନ, ଅଗ୍ନିପୂଜା ଆଦି କରାଯାଇଥିଲା। ଶୁକ୍ରବାର ହୋମଯଜ୍ଞ ସହିତ ପୂର୍ଣ୍ଣାହୁତି କରାଯାଇଥିଲା। ପୂର୍ଣ୍ଣାହୁତିରେ ଭକ୍ତମାନେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ବିଶ୍ୱନାଥ ଦେବଙ୍କ କୃପାଲାଭ କରିଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ପିପିଲି,୩।୨(ସ୍ୱ.ପ୍ର./ଡି.ଏନ୍.ଏ.):** ପିପିଲି ବ୍ଲକ ଅଞ୍ଚଳର ଅନନ୍ତପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କୁ ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପିପିଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜୟପ୍ରକାଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନନ୍ଦ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ମହାସଚିବ ବିକ୍ରମ ରଥ, ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ ସଭାପତି ସୁକାନ୍ତ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ପୀତବାସ ମହାନ୍ତି, ହୃଦାନନ୍ଦ ସ୍ୱାଇଁ, କଳ୍ପତରୁ ମହାନ୍ତି, ପଦ୍ମଲୋଚନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଦାୟୀ ଶିକ୍ଷୟିତ୍ରୀ ଗୀତାଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ମୀତାଞ୍ଜଳି ପ୍ରଧାନ, ଅଲେଖ ମହାନ୍ତି, ଦୁର୍ଯ୍ୟୋଧନ ଦଳାଇ, କାଳୁଚରଣ ସ୍ୱାଇଁ, କୃଷ୍ଣଚନ୍ଦ୍ର ପ୍ରଧାନ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସାଧୁଚରଣ ମହାନ୍ତି ଓ ଉକ୍ତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

## ନାଗପୁରରେ ପାଇଖାନା ନିର୍ମାଣ ଦୁର୍ନୀତି

**ଗୋପ,୩।୨(ଡି.ଏନ୍.ଏ.)**

ଗୋପ ବ୍ଲକ ନାଗପୁର ପଞ୍ଚାୟତରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁଇଜଣିଆ ଟିମ୍ ଉକ୍ତ ପଞ୍ଚାୟତର ନାରୁଅ, ତେଲିପଡା ଗ୍ରାମରେ ପହଞ୍ଚି ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ହିତାଧିକାରୀମାନଙ୍କୁ ମିଳିଥିବା ପାଇଖାନାଗୁଡ଼ିକ ତଦନ୍ତ କରିଛନ୍ତି। ମାତ୍ର ତଦନ୍ତ ବେଳେ ଅଧିକାଂଶ ପାଇଖାନା ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ନାଗପୁର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ୧୨ହଜାର ଟଙ୍କାରେ ହିତାଧିକାରୀମାନଙ୍କୁ ପାଇଖାନା କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ଅଧିକାଂଶ ହିତାଧିକାରୀ ଅନ୍ୟ ପାଇଖାନା ଦେଖାଇ ଅର୍ଥ ନେଇଥିବା ସହିତ ଆଉ କେତେକ ହିତାଧିକାରୀ ପାଇଖାନା ନିର୍ମାଣ କରି ନ ଥିଲେ। ଏପରି ଘଟଣାକୁ ନେଇ ନାଗପୁର ଅଞ୍ଚଳର ପ୍ରଦୀପ ସ୍ୱାଇଁ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ହେବାରେ ପୂର୍ବରୁ ଭିଜିଲାନ୍ସ ବିଭାଗ ୨ଥର ତଦନ୍ତ କରି ଫେରିଥିଲା। କିନ୍ତୁ ଏ ସମ୍ପର୍କରେ କୌଣସି ଅଭିଯୋଗ ପତ୍ର ପଞ୍ଚାୟତିରାଜ ବିଭାଗକୁ ଦିଆଯାଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରି ନ ଥିଲା। ପ୍ରାୟ ଦୁଇ ବର୍ଷ ପରେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଦୁଇ ଜଣିଆ ଟିମ୍ ନାଗପୁରର ନାରୁଅ, ତେଲିପଡା ଗ୍ରାମରେ ପହଞ୍ଚି ପୁଣି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁସାରେ ୩୫ଟି ପାଇଖାନା ନିର୍ମାଣ ହୋଇ ଥିବାବେଳେ ଦର୍ଶାଯାଇଥିବା ବେଳେ ୧୨ଟି ଥିବା ଜଣାପଡିଛି। ଏ ନେଇ ତଦନ୍ତ କରୁଥିବା ଭିଜିଲାନ୍ସ ଅଧିକାରିଣୀ କହିଛନ୍ତି, ପାଇଖାନା ନିର୍ମାଣ ଅଳ୍ପ କିଛି ହୋଇଛି। ତେଣୁ ଅଧିକ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ନାରୁଅ ଗାଁରେ ତଦନ୍ତ କରାଯାଉଛି।

# ସିଜେଏମ୍ କୋର୍ଟ କମ୍ପ୍ଲେକ୍ସରେ ଭର୍ଚୁଆଲ୍ ହାଇକୋର୍ଟ




ଭର୍ଚୁଆଲ ହାଇକୋର୍ଟକୁ ଉଦ୍‌ଘାଟନ କରାଯାଉଛି।

**ପୁରୀ ଅଫିସ, ୩।୨**

ପୁରୀ ସିଜେଏମ୍ କୋର୍ଟ କମ୍ପ୍ଲେକ୍ସ ପରିସରରେ ନବନିର୍ମିତ ଭର୍ଚୁଆଲ୍ ହାଇକୋର୍ଟକୁ ଶୁକ୍ରବାର ଭାରତର ପ୍ରଧାନ ବିଚାରପତି ଡ. ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଭର୍ଚୁଆଲ ମୋଡ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଜଷ୍ଟିସ୍ ଏସ୍. ମୁରଲୀଧର, ପୁରୀ ଜିଲାର ପ୍ରଶାସନିକ ବିଚାରପତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଏଣିକି ଓକିଲ ଓ ମହକିଲମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବେଞ୍ଚରେ ଶାରୀରିକ ଭାବେ ହାଜର ନ ହୋଇ ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଭର୍ଚୁଆଲ୍ ହାଇକୋର୍ଟରେ ମାମଲା ଦାଖଲ, ଶୁଣାଣି ଏବଂ ପରିଚାଳନା କରିପାରିବେ। ଭାରତର ପ୍ରଧାନ ବିଚାରପତି ତାଙ୍କ ଉଦ୍‌ବୋଧନରେ ଭର୍ଚୁଆଲ୍ ହାଇକୋର୍ଟ ନିର୍ମାଣ କରିବାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଭୂମିକାକୁ ପ୍ରଶଂସା କରିବା ସହିତ ଏହି ପଦକ୍ଷେପ ଅନ୍ୟ ରାଜ୍ୟ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି କହିଛନ୍ତି। ଜିଲା ତଥା ଦୌରାଜଜ୍ ଶିତିକଣ୍ଠ ସାମଲ, ପୁରୀ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ନିଖିଳ ଭାରତ ମହାନ୍ତି ଏବଂ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# କେଲୁଣୀ ଦେବୀ ପୀଠର ଉନ୍ନତୀକରଣ ଦାବି

**ଅସ୍ତରଙ୍ଗ,୩।୨(ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକର ଶିଶୁଅ ଗ୍ରାମପଞ୍ଚାୟତରେ ଥିବା କେଲୁଣୀ ଦେବୀ ପୀଠର ଉନ୍ନତୀକରଣ ପାଇଁ ଦାବି ହେଉଛି। ପ୍ରାଚୀ ନଦୀର ସଙ୍ଗମସ୍ଥଳ କେଲୁଣୀ ମୁହାଣରେ ମା’ କେଲୁଣୀ ଦେବୀଙ୍କ ମନ୍ଦିର ନିର୍ମିତ। ପୀଠର ଅଧିଷ୍ଠାତ୍ରୀ ଦେବୀ ମା’ କେଲୁଣୀଙ୍କୁ ପୂଜା ଆରାଧନା କରି ଉତ୍କଳର ସାଧବ ପୁଅମାନେ ଜଳ ପଥରେ ନୌବାଣିଜ୍ୟ କରି ଅର୍ଥନୀତିରେ ଉନ୍ନତି କରୁଥିଲେ। ସମୟକ୍ରମେ ନଦୀ ବନ୍ଧବାଡ଼ ହୋଇଯିବା ଫଳରେ ସୁନାବ୍ୟା ପ୍ରାଚୀ ନଦୀ ତା’ର ପୂର୍ବ ଗୌରବ ହରାଇ ମୃତବତ୍ ପଡ଼ି ରହିଛି। କେବଳ ବର୍ଷାଦିନେ ବର୍ଷା ଜଳ ନିଷ୍କାସନ ପାଇଁ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ପଇସା ଖଟାଇ ମୁହାଣ ଖୋଲାଯାଏ। ଫଳରେ ଏ ଅଞ୍ଚଳର ବାସିନ୍ଦାମାନେ ବ୍ୟବସାୟ ବାଣିଜ୍ୟ ହରାଇ ଦିନମଜୁରିଆ ହୋଇ କାଳାତିପାତ କରୁଛନ୍ତି। କିନ୍ତୁ ଏଠିକାର ପ୍ରାକୃତିକ ପରିବେଶ ଓ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ପରିବେଶବିତ୍ ଓ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ରାସ୍ତାଘାଟର ଅସୁବିଧା ଓ ରାତ୍ରିଯାପନର ସୁବିଧା ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସିବାକୁ ଉଚିତ ମଣୁନାହାନ୍ତି।

ଚନ୍ଦ୍ରଭାଗାଠାରୁ ମାତ୍ର ୧୦କି.ମି. ସମୁଦ୍ରକୂଳରେ ବେଳାଭୂମି ରାସ୍ତା ନିର୍ମାଣ କରାଗଲେ, ଏଠାରେ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ଗଢିଉଠି ଏଠାକାର ବେକାର ଯୁବକଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି ହୋଇପାରନ୍ତା। ଏନେଇ କେଲୁଣୀଦେବୀ ପୀଠ ଉନ୍ନତୀକରଣ କମିଟି ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ଖୁଣ୍ଟିଆ, ଜଗନ୍ନାଥ ସେବକ ସିଦ୍ଧେଶ୍ୱର ଦାସ ମହାପାତ୍ର, ଦଇତାପତି ରବୀନ୍ଦ୍ର ପ୍ରସାଦ, ଶିଶୁଅ ସରପଞ୍ଚ ରୋହିତ ପରିଡ଼ା, ହରମୋହନ ପ୍ରଧାନ, ରାଜନୀତି ବିଜ୍ଞାନ ମଙ୍ଗଳା ମହାବିଦ୍ୟାଳୟ ଅଧାପକ ଲଲାଟେନ୍ଦୁ ସ୍ୱାଇଁଙ୍କ ସମେତ ସ୍ଥାନୀୟ ଜନସାଧାରଣ ଓ ଚିନ୍ତାଶୀଳ ବ୍ୟକ୍ତି ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

# ୧୨ରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ପୁରୀ ଅଫିସ, ୩।୨**

ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୧୨ତାରିଖରେ ତିଆଡ଼ିସାହିସ୍ଥିତ ଅଡଙ୍ଗ ତିଆଡ଼ି କଲ୍ୟାଣ ମଣ୍ଡପରେ ୬୧ତମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ସର୍କିଟ ହାଉସରେ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧକ୍ଷତା କରି ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୧୨ତାରିଖ ଅପରାହ୍ଣ ୫ଟାରେ ୧୦ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୁରକ୍ଷା, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ବ୍ୟବସ୍ଥା ଇତ୍ୟାଦି ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାମାୟଣୀ ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଜିଲା ବଡି ବିଲ୍ଡିଂ ଆସୋସିଏଶନ ସମ୍ପାଦକ ଡ. ବି.କେ.ବ୍ରହ୍ମା, ପରାମର୍ଶଦାତା ମନୋଜ କୁମାର ରଥ, ବିଜୟ କୁମାର ବ୍ରହ୍ମା, ରାମାୟଣୀ ଯୁବ ସାଂସ୍କୃତିକ ସଂସଦର ସଭାପତି ଶିଶିର ପ୍ରତିହାରୀ, ସମ୍ପାଦକ ଗୋପିକୃଷ୍ଣ ପଣ୍ଡା, ସଦସ୍ୟ ଦେବୀ ପ୍ରକାଶ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ନିଉ ଷ୍ଟାରକୁ ହରାଇ ସୁପର କିଙ୍ଗ୍ ବିଜୟୀ

## ମୂଳବସନ୍ତ ପ୍ରିମିୟମ ଲିଗ୍ ଉଦ୍‌ଘାଟିତ

**କଣାସ,୩।୨(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମପଞ୍ଚାୟତ ମୂଳବସନ୍ତ ଗ୍ରାମ ଖେଳ ପଡ଼ିଆରେ ଶୁକ୍ରବାର ୩ୟ ବାର୍ଷିକ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହେଙ୍ଗୁଳାଇ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୈତାରି ବେହେରା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସୁପର କିଙ୍ଗ୍ ଓ ନିଉ ଷ୍ଟାର ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୁପର କିଙ୍ଗ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୪୯ ରନ୍ କରିଥିଲା। ପ୍ରତିପକ୍ଷ ନିଉ ଷ୍ଟାର ୭ ଉଇକେଟ ହରାଇ ୪୯ ରନ୍ କରିଥିଲେ। ପରେ ସୁପର ଓଭର ଖେଳରେ ସୁପର କିଙ୍ଗ୍ ବିଜୟୀ ହୋଇଥିଲା। ସୁରେନ୍ଦ୍ର ସାହୁ ଓ ଜୟନ୍ତ ପ୍ରଧାନ ଖେଳ ପରିଚାଳନା କରିଥିବାବେଳେ ମିଥୁନ ବିଶ୍ୱାଳ, ଟୁଲୁ ଜେନା, ଟୁକୁ ବେହେରା, ବାବୁ ଜେନା, ଓଙ୍କାର ପ୍ରଧାନ ସହଯାଗ କରିଥିଲେ। ମୋଟ ୮ଟି ଦଳ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି।

# ୧୦ରୁ ୭ମ ସତ୍ୟବାଦୀ ମହୋତ୍ସବ



ସତ୍ୟବାଦୀ ମହୋତ୍ସବ ପାଇଁ ବ୍ଲକରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ସାକ୍ଷୀଗୋପାଳ, ୩।୨ (ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ବ୍ଲକରେ ସପ୍ତମ ସତ୍ୟବାଦୀ ମହୋତ୍ସବ ଉତ୍ସବ ନିମନ୍ତେ ପ୍ରଶାସନିକ ସ୍ତରରେ ଏକ ବୈଠକ ଶୁକ୍ରବାର ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ ମହୋତ୍ସବ କମିଟିର ସଦସ୍ୟଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା ସଭାପତି ଭାବେ ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ। ବିଡିଓ ଲୋଚନ ଦାଶ, ତହସିଲଦାର ଜୟନ୍ତ କୁମାର ଜୟ ସିଂ, ସତ୍ୟବାଦୀ ଥାନା ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ମହୋତ୍ସବ କମିଟି ସଭାପତି ଜାନକୀ ବଲ୍ଲଭ ମିଶ୍ର, ସମ୍ପାଦକ ଜାନକୀ ବଲ୍ଲଭ ବରାଳ, ଆବାହକ ପ୍ରଦୀପ ଶତପଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

କୋଭିଡ୍ କଟକଣା ଯୋଗୁ ଦୀର୍ଘ ଦୁଇ ବର୍ଷ ମହୋତ୍ସବ ବନ୍ଦ ରହିଥିବା ଚଳିତବର୍ଷ ଆସନ୍ତା ୧୦ରୁ ଉତ୍ସବକୁ ବେଶ୍ ଧୁମ୍‌ଧାମରେ ଆରମ୍ଭ କରାଯିବ। ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବ ଜ୍ୟୋତି ଯାତ୍ରା। ଏହା ୩ଦିନ ଧରି ହେବାକୁ ଥିବାବେଳେ ତିନି ଦିନ ବ୍ୟାପି ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବ ବୋଲି ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା ପ୍ରକାଶ କରିଥିଲେ। କମିଟି ସମ୍ପାଦକ ଜାନକୀ ବଲ୍ଲଭ ବରାଳ ଧନ୍ୟବାଦ ଦେଇଥିଲେ। ମହୋତ୍ସବକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯିବ ବୋଲି ପ୍ରସ୍ତାବ ରହିଥିଲା। ଏଥିରେ ଓଡ଼ିଶା ସମେତ ବାହାର ରାଜ୍ୟର କଣ୍ଠ ଶିଳ୍ପୀ ଓ ଅଭିନେତା ଅଭିନେତ୍ରୀମାନେ ଯୋଗ ଦେବେ ବୋଲି ସଭାପତି ମିଶ୍ର ପ୍ରକାଶ କରିଛନ୍ତି।

# ବିକାଶ ପରିଷଦର ନୂତନ କର୍ମକର୍ତ୍ତା ଚୟନ

**ଡେଲାଙ୍ଗ,୩।୨(ଡି.ଏନ୍.ଏ.)**

ଡେଲାଙ୍ଗ ହାଟ ବଜାରସ୍ଥିତ ବିକାଶ ପରିଷଦ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ୪୭ ଜଣ ସଭ୍ୟଙ୍କୁ ନେଇ ବିକାଶ ପରିଷଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ କଲ୍ୟାଣପୁର ଗ୍ରାମର ପ୍ରମୋଦ କିଶୋର ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଥିବାବେଳେ ଶୁଶୀଲ ରାୟଙ୍କୁ ସମ୍ପାଦକ, ଅଭିନାନନ୍ଦ ପ୍ରଧାନଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଅନ୍ୟ ସଦସ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

# କାୟାକଳ୍ପ ଟିମ୍‌ର ବିଭିନ୍ନ ଡାକ୍ତରଖାନା ପରିଦର୍ଶନ

**କଣାସ,୩।୨(ସ୍ୱ.ପ୍ର.)**

ଜିଲାସ୍ତରୀୟ କାୟାକଳ୍ପ ଟିମ୍ ଶୁକ୍ରବାର କଣାସ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛି। ଜିଲା ଆକାଉଣ୍ଟ ମ୍ୟାନେଜର ବିଜୟ ନାୟକଙ୍କ ନେତୃତ୍ୱରେ ପ୍ରଶାନ୍ତ ପରିଡ଼ା ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ହରଚଣ୍ଡୀ ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ବକୁ, ଗଡବଳଭଦ୍ରପୁର, ବିନ୍ଧଣ ଏବଂ ଗଡ଼ଖାରଦ ଓ ଉପ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ବିଭାଗ ବୁଲି ଅନୁଧ୍ୟାନ କରିଥିଲେ। ଡାକ୍ତରଖାନାର ରକ୍ଷଣାବେକ୍ଷଣ, ପରିଷ୍କାର, ପରିଚ୍ଛନ୍ନତା, ସ୍ୱଚ୍ଛତା, ପ୍ରୋତ୍ସାହନ, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ପ୍ରତିରୋଧ, ରୋଗୀ ସହ ଯୋଗ ସେବା ଆଦି ୭ ଗୋଟି ବିଭାଗୀୟ ମାନଦଣ୍ଡକୁ ଅନୁଧ୍ୟାନ କରିଥିଲେ। ବିପିଏମ୍ ଧନେଶ୍ୱର ସ୍ୱାଇଁ ସେମାନଙ୍କୁ ବିଭିନ୍ନ କେନ୍ଦ୍ର ବୁଲାଇ ଦେଖାଇଥିଲେ। ଡାକ୍ତର ସମ୍ମିତ ରଞ୍ଜନ ଜେନା, ଡାକ୍ତର ସୁଭଦ୍ରା ସୁବୁଦ୍ଧି, ଡାକ୍ତର ସୀମାଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଟିମ ସଦସ୍ୟଙ୍କୁ ସହଯୋଗ କରିଥିଲେ। ଚଳିତବର୍ଷ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୫ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୮ ଗୋଟି ଉପ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପାଇଁ ଅନୁଧ୍ୟାନ କରାଯାଇଛି।




କଣାସ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍।

# ‘ମାନକ’ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ

**ପୁରୀ ଅଫିସ, ୩।୨**

ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୁରୀ ଜିଲା ପ୍ରଶାସନ ସହାୟତାରେ ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର ଶାଖା ତରଫରୁ ‘ମାନକ’ ବା ‘ଷ୍ଟାଣ୍ଡାର୍ଡ’ ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ଭାରତୀୟ ମାନକ ବ୍ୟୁରୋର ସହକାରୀ ନିର୍ଦ୍ଦେଶକ ସୌରଭ କୁମାର ଯୋଗଦେଇ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ବିଭିନ୍ନ ଦ୍ରବ୍ୟ ନିମନ୍ତେ ଆବଶ୍ୟକ ବା ଧାର୍ଯ୍ୟ ହୋଇଥିବା ମାନକ ସମ୍ପର୍କରେ ବୁଝାଇଥିଲେ। ପୂର୍ବରୁ ଆଇଏସ୍ଆଇ ନାମରେ ପରିଚିତ ଏହି ଅନୁଷ୍ଠାନ ଦ୍ୱାରା କିପରି ମାନ ନିୟନ୍ତ୍ରଣ କରାଯାଏ ଏବଂ ଖାଉଟି କିପରି ସଚେତନ ହେଲେ ଉପଯୁକ୍ତ ମାନର ଦ୍ରବ୍ୟ ପାଇପାରିବେ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଭାରତୀୟ ମାନକ ବ୍ୟୁରୋ ପରିଚାଳିତ ବିଆଇଏସ୍ କେୟାର ଆପ୍ ଡାଉନଲୋଡ୍ କରି ଖାଉଟି ବିସ୍ତୃତ ବିବରଣୀ ପାଇପାରିବେ ବୋଲି ବିଆଇଏସ୍‌ର ପଦାଧିକାରୀ କହିଥିଲେ। ସୁନା ଅଳଙ୍କାର ନିମନ୍ତେ ‘ହଲମାର୍କ’ ମାନଦଣ୍ଡ ବିଷୟରେ ମଧ ସେ ଆଲୋଚନା କରିଥିଲେ। ଅଭିଯୋଗ ଦାଖଲ ନିମନ୍ତେ କାର୍ଯ୍ୟାଳୟର ଫୋନ ନମ୍ବର (୦୬୭୪-୨୩୯୦୮୪୭ / ୨୩୯୧୭୨୭) ଉପଯୋଗ କରିପାରିବେ ବୋଲି ବିଆଇଏସ୍ ଅଧିକାରୀ କହିଥିଲେ। ବିଆଇଏସ୍ ପକ୍ଷରୁ ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ଅନ୍ୟତମ ଅଧିକାରୀ ରୂପେ ଯୋଗଦେଇଥିଲେ। ବୈଠକରେ କଣାସ ଓ ଡେଲାଙ୍ଗ ବ୍ଲକର ବିଡିଓ, ଆର୍‌ଟିଓ, ସିଏସ୍‌ଓ, ଡିଏଓଡବ୍ଲ୍ୟୁଓ, ଡିଏସ୍ଏସ୍‌ଓ, ଡିସିଏଲ୍ଏମ୍, ଡିଇଓ ଇତ୍ୟାଦି ଅଧିକାରୀ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା ଘଟଣା: ୩ୟ ଅଭିଯୁକ୍ତ ଗିରଫ

- ପୂର୍ବରୁ ମହିଳା ସମେତ ୨ ଗିରଫ ହୋଇଥିଲେ
- ହତ୍ୟାକାଣ୍ଡରେ ୯ ଅଭିଯୁକ୍ତ ସାମିଲ

**ସାକ୍ଷୀଗୋପାଳ,୩।୨(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ଷୋଳହଳ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଇନ୍ଦ୍ରମଣି ପଣ୍ଡା(୪୬)ଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ତୃତୀୟ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଅଜୟ କୁମାର ପଣ୍ଡା ଓରଫ ଗେଡୁ। ତେବେ ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ ଆହୁରି ୬ଜଣ ଫେରାର ଥିବା ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଇନ୍ଦ୍ରମଣି ଓ ଅଜୟଙ୍କ ପରିବାର ମଧ୍ୟରେ ପୂର୍ବରୁ ବିଭିନ୍ନ କାରଣକୁ ନେଇ ଶତ୍ରୁତା ଲାଗିରହିଥିଲା। ତେବେ ଗତ ଡିସେମ୍ବର ୩ ଦିନ ସକାଳ ୬ଟାରେ ଇନ୍ଦ୍ରମଣି ଗ୍ରାମ ନିକଟ କେନାଲ ବ୍ରିଜକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛପି ରହିଥିବା ଅଜୟ କୁମାର ପଣ୍ଡା ଓ ଅନ୍ୟମାନେ କଟୁରି, ଶାବଳ, ଠେଙ୍ଗା ଆଦି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଇନ୍ଦ୍ରମଣିଙ୍କ ପତ୍ନୀ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଇନ୍ଦ୍ରମଣିଙ୍କୁ ଉଦ୍ଧାର କରି ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନା ପରେ ପୁରୀ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଇନ୍ଦ୍ରମଣିଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଇନ୍ଦ୍ରମଣିଙ୍କ ସ୍ତ୍ରୀ ସୁକାନ୍ତି ଅଜୟଙ୍କ ସମେତ ୯ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୩୫୫/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରାଙ୍କ ନେତୃତ୍ୱରେ ଏକ ସତନ୍ତ୍ର ସ୍କ୍ୱାଡ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ରବି ନାରାୟଣ ପଣ୍ଡା ଓ ପ୍ରମିଳା ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା ଓ ଆକ୍ରମଣରେ ବ୍ୟବହୃତ ସମସ୍ତ ମାରଣାସ୍ତ୍ର ଜବତ କରାଯାଇଥିଲା। ମାତ୍ର ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପ୍ରାୟ ଦୁଇ ମାସ ଧରି ପୋଲିସର ତନାଘନା ପରେ ଅଜୟ ଗାଁରେ ଥିବା ବିଶେଷ ସୂତ୍ରରୁ ଖବର ପାଇ ଶୁକ୍ରବାର ପୋଲିସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ଅଜୟ କୁମାର ପଣ୍ଡା।

## ଭାଗବତ ଟୁଙ୍ଗି ଉଦ୍‌ଘାଟିତ

ବାଲିପାଟଣା,(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ ରାଜସଠାରେ ବିଧାୟକଙ୍କ ପାଣ୍ଠିରୁ ୨ ଲକ୍ଷ ଟଙ୍କାରେ ନିର୍ମିତ ଭାଗବତ ଟୁଙ୍ଗି ଉଦ୍‌ଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ପ୍ରତି ଗାଁରେ ଉନ୍ନୟନ କାର୍ଯ୍ୟ ଜାରି ରହିବ ବୋଲି ଢାଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜସ ଗ୍ରାମ ପଞ୍ଚାୟତ ସରପଞ୍ଚ ବାସନ୍ତୀ ନାୟକ, ସମିତିସଭ୍ୟା ସ୍ୱାଗତିକା ନାୟକଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ମାସକରେ ୧୮ ନିଶା ବେପାରୀ ଗିରଫ

ଭୁବନେଶ୍ୱର,୩।୨ (ବ୍ୟୁରୋ)
ନିଶା ଦ୍ରବ୍ୟର ବିକ୍ରୟ ଓ ସେବନକୁ ପ୍ରତିହତ କରିବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ଗଠିତ ହ୍ୱାଇଟ ସ୍ୱାଇଡର, ପିଓପିଡି ଓ ଟିମ-୬୦ର ମିଳିତ ଉଦ୍ୟମରେ ଚଢ଼ାଉ ଜୋରଦାର କରାଯାଉଛି। ଚଳିତ ବର୍ଷ ଜାନୁୟାରୀରେ ୫ଟି ନିଶା କାରବାର ମାମଲାରେ ମୋଟ ୧୨ଜଣ ନିଶା ବ୍ୟବସାୟୀଙ୍କୁ ଧରିଛି। ସେମାନଙ୍କ ନିକଟରୁ ୯୪ଗ୍ରାମ ବ୍ରାଉନସୁଗାର ଓ ସେଥିରୁ ବିକ୍ରୟ ଜନିତ ୧୦ ହଜାର ୯୬୫ ଟଙ୍କା ଜବତ କରାଯାଇଥିବା ବେଳେ ୯ ମୋବାଇଲ ୫ ବାଇକ୍ ଜବତ କରାଯାଇଛି। ସେହିପରି ଉକ୍ତ ମାସରେ ବିଭିନ୍ନ ଥାନାରେ ୩ଟି ଗଞ୍ଜେଇ ବିକ୍ରି ଜନିତ ମାମଲା ରୁଜୁ କରାଯାଇ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କଠାରୁ ମୋଟ ୧ କୁଇଣ୍ଟାଲ ୪୩ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାସହ ସେଥିରୁ ବିକ୍ରୟ ଜନିତ ୨୪୫୦ ଟଙ୍କା ୨ ଟି ଦୁଇ/ଚାରି ଚକିଆ ଯାନ ଜବତ କରାଯାଇଛି।

## କଟକଚଣ୍ଡୀ ମନ୍ଦିରରେ ବିଦେଶୀ ପର୍ଯ୍ୟଟକ ପ୍ରବେଶର ତଦନ୍ତ ଦାବି

କଟକ ଅଫିସ, ୩।୨- କଟକ ଚଣ୍ଡୀ ମନ୍ଦିରରେ ବିଦେଶୀ ପର୍ଯ୍ୟଟକଙ୍କ ପ୍ରବେଶକୁ ହିନ୍ଦୁ ସେନା ପକ୍ଷରୁ ବିରୋଧ କରାଯାଇଛି। ଏନେଇ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ନିକଟରେ କଟକ ଚଣ୍ଡୀ ମନ୍ଦିରରେ କେତେଜଣ ବିଦେଶୀ ପର୍ଯ୍ୟଟକ ପ୍ରବେଶ କରିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦେଶୀ ପର୍ଯ୍ୟଟକଙ୍କୁ ମନ୍ଦିର ପରିସରରେ ପ୍ରବେଶ କରିବାକୁ କିଏ ଅନୁମତି ଦେଇଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ସଞ୍ଜିତ ସାମଲ, ରାଜ୍ୟ ସଭାପତି ଦେବାଶିଷ ରାଉତ, ଜିଲା ସଭାପତି ଆଶିଷ ମହାପାତ୍ର, ଦୀପ୍ତିରଞ୍ଜନ ସ୍ୱାଇଁ, ଅଶୋକ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।



# ଧମାଲକଲା ତମନ୍ନାଙ୍କ ନାଚ, ଅବିନାଶଙ୍କ ଗୀତ

### ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୩।୨ (ବ୍ୟୁରୋ)
କୁମ୍ଭମେଳା ଅବସରରେ ଖଣ୍ଡଗିରି ଓଟିଡିସି ପାର୍କିଂରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଓ କଲ୍ୟାଣ ଅନୁଷ୍ଠାନ ପକ୍ଷରୁ ତିନିଦିନ ଧରି ଚାଲିଥିବା ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଓଲିଉଡ୍ ଅଭିନେତ୍ରୀ ତପନ୍ନା ବ୍ୟାସଙ୍କ ଠୁମ୍‌କା ଧମାଲ୍ କରିଥିବାବେଳେ ଲୋକପ୍ରିୟ କଣ୍ଠଶିଳ୍ପୀ ଅବିନାଶ ଦାସ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଦର୍ଶକଙ୍କ କରତାଳି ସାଉଣ୍ଟିଥିଲେ। ସେହିପରି କଣ୍ଠଶିଳ୍ପ କୁଳଦୀପ ପଟ୍ଟନାୟକ ଓ ଚେଲସୀ ବେଉରାଙ୍କ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ। ତୃତୀୟ ଦିନରେ ମଧ୍ୟ ରାଉରକେଲାର ଆରଡିଏକ୍ସ ଗ୍ରୁପ୍ ଦର୍ଶକଙ୍କୁ ନଚାଇଥିଲେ। ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସମ୍ପାଦିକା କସ୍ତୁରୀ ମହାପାତ୍ର, ଓଡ଼ିଶା କୃଷି ଓ ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ. ସନ୍ତୋଷ ବେଜ୍ ପ୍ରମୁଖ ଯୋଗଦେଇଥିଲେ।





# ଖଣ୍ଡଗିରି ମେଳା ପାଇଁ ତତ୍ପର ବିଏମ୍‌ସି



- ୬ ପର୍ଯ୍ୟାୟରେ ସଫେଇ
- ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ସେବା
- ବେଆଇନ ପାର୍କିଂ ପାଇଁ କଡ଼ା ପଦକ୍ଷେପ

ଭୁବନେଶ୍ୱର,୩।୨(ବ୍ୟୁରୋ)
ଐତିହାସିକ ଖଣ୍ଡଗିରି ମେଳା। ଦୀର୍ଘ ୨ବର୍ଷ ପରେ ଏହି ମେଳା ହୋଇଥିବାରୁ ଦିନକୁ ଦିନ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ତେବେ ମେଳାରେ ଲୋକଙ୍କ ସୁରକ୍ଷା ଓ ସ୍ୱଚ୍ଛତା ଉପରେ ନଜର ରଖିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଏଥିପାଇଁ ସମସ୍ତ ପ୍ରକାରର କାର୍ଯ୍ୟକୁ ଗୁରୁତ୍ୱର ସହିତ ନେଇ ସୁଗମ କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ମେଳା ପ୍ରସ୍ତୁତି ପାଇଁ ମେୟର ସୁଲୋଚନା ଦାସ ଏବଂ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ବୈଠକ ହେବା ପରେ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଅନୁସରଣ କରାଯାଇଛି। ପରିମଳ ପରିଚାଳନାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ବିଏମ୍‌ସି ଏବଂ ସହଭାଗୀ ଅନୁଷ୍ଠାନ ଜାଗୃତି ଦ୍ୱାରା ୬ଟି ପର୍ଯ୍ୟାୟରେ ଦିନରାତି ପରିମଳ ସେବା ଯୋଗାଇ ଦିଆଯାଉଛି। ଏଥିସହ ସେବା ମଧ୍ୟରେ ସ୍ୱଚ୍ଛସାଥିମାନେ ବୁଲି ବୁଲି ବିଭିନ୍ନ ଦୋକାନୀଙ୍କୁ ସଚେତନ କରାଉଛନ୍ତି। ଏକକ ପ୍ଲାଷ୍ଟିକ୍ ବ୍ୟବହାର ବିଶେଷ କରି ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସେହିପରି ସାଧୁସନ୍ଥଙ୍କ ରହଣିସ୍ଥଳକୁ ଜଳଯୋଗାଣ ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବାରମ୍ବାର ଶୌଚାଳୟକୁ ପରିଷ୍କାର କରାଇ ଦେୟମୁକ୍ତ ସେବା ଯୋଗାଇବା, ଭ୍ରାମ୍ୟମାଣ ଶୌଚାଳୟର ସୁବିଧା ମଧ୍ୟ ଯୋଗାଇ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ସେବା ରହିଛି।

ଚଳିତ ବର୍ଷ ୩୨୨ଟି ଅସ୍ଥାୟୀ ଦୋକାନ କରାଯାଇ ସେମାନଙ୍କୁ ସ୍ୱତନ୍ତ୍ର ପ୍ରମାଣପତ୍ର ଦିଆଯାଇଛି। ମୋବାଇଲ୍ ଭେଣ୍ଡରଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପରିଚୟ ପତ୍ର ବ୍ୟବସ୍ଥା କରାଯାଇଛି। ଧାର୍ଯ୍ୟ ଦେୟ ଏବଂ ପ୍ରମାଣପତ୍ର ଦେଇ ସେମାନେ ପରିଚୟ ପତ୍ର ବା ଆଇ କାର୍ଡ ପାଇଛନ୍ତି। ଅଦ୍ୟାବଧି ପ୍ରାୟ ୩୫୦ ଜଣ ମୋବାଇଲ୍ ଭେଣ୍ଡର ପରିଚୟ ପତ୍ର ଦେଇ ବ୍ୟବସାୟ କରୁଛନ୍ତି। ପ୍ରମାଣ ପତ୍ର ନ ଥାଇ ମେଳା ମଧ୍ୟରେ ବ୍ୟବସାୟ ନ କରିବାକୁ ଟିମ୍ ପ୍ରାଇଡ୍ ମାଧ୍ୟମରେ ସଚେତନ କରାଯାଉଛି। ମେଳା ମଧ୍ୟରେ ରହି ବିଏମ୍‌ସି ପକ୍ଷରୁ କୌଣସି ବ୍ୟବସ୍ଥା କରାଇବା କିମ୍ବା ତୁରନ୍ତ ପଦକ୍ଷେପ ନେବାପାଇଁ ଆସିଷ୍ଟାଣ୍ଟ କମିଶନର ମତ୍ୟୁଞ୍ଜୟ ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ସ୍ୱାସ୍ଥ୍ୟ ଶିବିର ଏବଂ ପ୍ରାଥମିକ ପ୍ରତିବିଧାନ କଣ୍ଟ୍ରୋଲ୍ ରୁମ୍‌ରେ ନିୟମିତ ଭାବେ ଜଣେ ଡାକ୍ତର, ଜଣେ ଫାର୍ମାଶିଷ୍ଟ, ନର୍ସିଂ/ ସହାୟକ, ଆମ୍ବୁଲାନ୍ସ ସେବା ଏବଂ ପ୍ରାଥମିକ ଚିକିତ୍ସା ଔଷଧ ଇତ୍ୟାଦି ଉପଲବ୍ଧ ରହିଛି। ସାଧାରଣ ଚିକିତ୍ସା ବ୍ୟତୀତ ଏଠାରେ ବିଶେଷ ଚିକିତ୍ସା ଆବଶ୍ୟକ କରୁଥିବା ପ୍ରାୟ ୭ଜଣ ରୋଗୀଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ସମସ୍ତ ରୋଗୀ ସୁସ୍ଥ ଥିବା ଜଣାପଡ଼ିଛି। ଅପରପକ୍ଷେ ମେଳାକୁ ଆସୁଥିବା ଲୋକମାନେ ସୁବିଧାରେ ଗାଡ଼ି ପାର୍କିଂ କରିବା ପାଇଁ ବିଏମ୍‌ସି ପକ୍ଷରୁ ୫ଟି ପାର୍କିଂ ସ୍ଥଳ ପ୍ରସ୍ତୁତ କରାଯାଇଛି। ତନ୍ମଧ୍ୟରୁ ଏକ ପାର୍କିଂସ୍ଥଳର ପ୍ରାଚୀରକୁ କେହିଜଣେ ଭାଙ୍ଗି ଦେଇଛନ୍ତି। ଏହି ଘଟଣା ନଜରକୁ ଆସିବା ପରେ ଦୋଷୀଙ୍କୁ ଧରିବା ପାଇଁ ବିଏମ୍‌ସି ପକ୍ଷରୁ କମିଶନରେଟ୍ ପୋଲିସ୍ ନିକଟରେ ଏତଲା ଦିଆଯାଇଛି। ଏଥିସହ ବିଏମ୍‌ସି ବ୍ୟତୀତ ଅନ୍ୟ କାହାରିକୁ ଦେୟ ନ ଦେବାକୁ ଲୋକମାନଙ୍କୁ ସଚେତନ କରାଯାଉଛି। କେହି ଯଦି ବେଆଇନ ଭାବେ ପାର୍କିଂ ଫି ଆଦାୟ କରୁଛି, ତେବେ ସେମାନଙ୍କ ପ୍ରତି କଡ଼ା ପଦକ୍ଷେପ ନିଆଯିବ ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ବାଲିପାଟଣା,୩।୨(ଡି.ଏନ୍.ଏ.)
ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁରଠାରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଇରିପୁର ଗ୍ରାମର ଅଶୋକ କୁମାର ବେହେରା। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନରେ ବନମାଳିପୁର ଠାରେ ଅଶୋକଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଫେରାର ଅଭିଯୁକ୍ତଙ୍କୁ ୨ବର୍ଷ ପରେ ଧରିଲା ପୋଲିସ

### ଚିକିତ୍ସିତ ସମୟରେ ହସ୍ପିଟାଲରୁ ଚମ୍ପଟ ମାରିଥିଲେ

ଭୁବନେଶ୍ୱର,୩।୨(ବ୍ୟୁରୋ): ଖଣ୍ଡଗିରି ଥାନା ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଦୁଇବର୍ଷ ପରେ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଡୁମୁଡୁମା ସତ୍ୟନଗରର କାହ୍ନା ଦାସ। ସେହିପରି ପୂର୍ବରୁ ତାଙ୍କର ୨ ସହଯୋଗୀଙ୍କୁ କୋର୍ଟଚାଲାଣ କରିସାରିଛି ପୋଲିସ। ସୂଚନାନୁସାରେ, ୨୦୨୧ରେ ଅଭିଯୁକ୍ତ କାହ୍ନା ଏବଂ ସହଯୋଗୀ ସଞ୍ଜୟ ନାୟକଙ୍କୁ ଚୋରି ଅଭିଯୋଗରେ ଗିରଫ କରି ସେମାନଙ୍କଠାରୁ ୮ଟି ମୋବାଇଲ ଜବତ କରିଥିଲା। ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରିଥିବାବେଳେ କାହ୍ନା କରୋନାରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ କୋଭିଡ-୧୯ ସେଣ୍ଟର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ତଦାରଖ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅଜାଣତରେ ଅଭିଯୁକ୍ତ କାହ୍ନା ହସ୍ପିଟାଲରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ହେଲେ ୨ବର୍ଷ ପରେ କାହ୍ନା ଡୁମୁଡୁମା ଅଞ୍ଚଳରେ ଥିବା ପୋଲିସ ବିଶେଷ ସୂତ୍ରରୁ ଜାଣିବା ପରେ ଚଢ଼ାଉ କରି ତାଙ୍କୁ କାବୁ କରିଛି।

## ଆଲବମ୍ 'ଗୀତି ଗଜରା' ଲୋକାର୍ପିତ



ଅତିଥିମାନେ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୩।୨(ବ୍ୟୁରୋ)
ସୁମିତ୍ରା ଫାଉଣ୍ଡେଶନ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗୀତିକବି ନାଟ୍ୟ ନିର୍ଦ୍ଦେଶକ ତଥା ଆକାଶବାଣୀର ପୂର୍ବତନ ପ୍ରଶାସନିକ ଅଧିକାରୀ ଗୌର ପଟ୍ଟନାୟକ ଏବଂ ବିଶିଷ୍ଟ ଶିକ୍ଷାବିତ୍ ତଥା କମଳା ନେହେରୁ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ସ୍ୱପ୍ନା ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ଏକ ମଧୁର ଗୀତର ଆଲ୍‌ବମ 'ଗୀତି ଗଜରା'ର ଲୋକାର୍ପଣ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ବିଶିଷ୍ଟ ଗୀତିକବିମାନେ ଏଥିରେ କଣ୍ଠଦାନ କରିଛନ୍ତି। ଉତ୍ସବରେ କମଳା ନେହେରୁ ମହିଳା ମହାବିଦ୍ୟାଳୟର କୃତୀ ଛାତ୍ରୀ ସ୍ୱାତୀ ସମାପିକା, ନିତି ଗୁପ୍ତା, ଓିନୋନା ଦାସ, ଉଷଶ୍ରୀ ବେହେରା ଏବଂ ରିକି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯିବ ସହିତ ସୁମିତ୍ରା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଦିନରେ ସର୍ବସମ୍ମୁଖରେ ଜଣେ ପୋଲିସ ଅଧିକାରୀ ଗୁଳିକରି ହତ୍ୟା କରିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଡିଜିପିଙ୍କୁ ବହିଷ୍କାର ଲାଗି ଭୁବନେଶ୍ୱର ସୂଚନା ଭବନ ସମ୍ମୁଖରେ ନ୍ୟାୟ ପାଇଁ ଲଢ଼େଇ ପରିବାରର କର୍ମକର୍ତ୍ତାମାନେ ଦାବି କରୁଛି।

# 'ଭିଭିଡ୍ ହିୟୁଜ୍'ରେ ଓଡ଼ିଶାରୁ ଶିଳ୍ପୀ ପଞ୍ଚାନନ, ଚନ୍ଦନ

### ଜାତୀୟ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୩।୨(ବ୍ୟୁରୋ)
ଜାତୀୟ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ 'ଭିଭିଡ ହିୟୁଜ' ଦିଲ୍ଲୀ ଗୁରୁଗାଓଁର 'ଆର୍ଟ ଇଷ୍ଟ ଏନ୍ ଆର୍ଟ ଏବଡ' ଆର୍ଟ ଗ୍ୟାଲେରରେ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ସ୍ଥାନରୁ ଚିତ୍ରଶିଳ୍ପୀ, ଭାସ୍କର୍ଯ୍ୟ ଶିଳ୍ପୀ ଓ ମୁଦ୍ରଣ ଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। ସେହିପରି ଓଡ଼ିଶାରୁ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲଙ୍କ ୪ଟି ସମସାମୟିକ ଚିତ୍ରକଳା ଏଥିରେ ସ୍ଥାନ ପାଇଛି। ଯାହାକି ଭାରତୀୟ ସଂସ୍କୃତିର ଗାରିମା, ଆମ ସଂସ୍କୃତିରେ ବୃଷଭ ଓ ମଣିଷର ଅବଚେତନ ମନର ଅଭିବ୍ୟକ୍ତିକୁ ନିଜସ୍ୱ ଶୈଳୀରେ ଚିତ୍ରଣ କରାଯାଇଛି। ଏଥିସହ ଓଡ଼ିଶାରୁ ଚନ୍ଦନ ସାମଲଙ୍କ ୨ଟି ପ୍ରସ୍ତର ଭାସ୍କର୍ଯ୍ୟ ଯାହାକି ମହାପ୍ରଳୟ ଓ ପ୍ରକୃତି ବିଷୟବସ୍ତୁ ଉପରେ ଗଠିତ ତାହା ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନୀରେ ହାଇଦ୍ରାବାଦରୁ ଚନ୍ଦ୍ରବାବୁ ଜେ, ଏମ୍ ରମେଶ, ମନିର ମଇ, ଗୁରୁଗାଓଁରୁ ମିନା ସିଂ ଓ ଅଞ୍ଜନୀ, ଗୁଜରାଟରୁ ହେମାଳୀ ପରମାର ଓ ପୂର୍ବୀ ସୋଲାଙ୍କି, ତାମିଲନାଡୁରୁ ଏସ୍.ରାଣୀ, ଏସ୍ ମନୋହର, ଆନ୍ଧ୍ର ପ୍ରଦେଶରୁ ଏନ.ଲକ୍ଷ୍ମୀ ଓ ହରିୟାନାରୁ ଡ. ହେମି ମୋନଜ ପ୍ରମୁଖ ଶିଳ୍ପୀଙ୍କ ୫୦ଟି ଚିତ୍ରକଳା ଓ ୧୦ଟି ଭାସ୍କର୍ଯ୍ୟ ପ୍ରଦର୍ଶିତ ହୋଇଛି। ଏହି ଶିଳ୍ପୀମାନେ ପ୍ରକୃତି, ଭୂଦୃଶ୍ୟ, ମାନସଦୃଶ୍ୟ ଓ ଆଧ୍ୟାତ୍ମିକତା ଉପରେ ନିଜ ସୃଜନ ଚିତ୍ର ଓ ଭାସ୍କର୍ଯ୍ୟ ପ୍ରଦର୍ଶନ କରିଥିଲେ। ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୭ ତାରିଖ ପର୍ଯ୍ୟନ୍ତ ଦିନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ। ପ୍ରଦର୍ଶନୀ ଜରିଆରେ ଲୋକମାନଙ୍କୁ ପ୍ରତି ରାଜ୍ୟର କଳା ଓ ସଂସ୍କୃତିର ଭାବ ବିନିମୟ ହେବା ସହ ଭିନ୍ନ ରୁଚିର କଳାକୃତି ଦେଖିବାର ସୁଯୋଗ ମିଳିପାରୁଛି।




### ତୋଷାଳି ମେଳାର ତୃତୀୟ ସନ୍ଧ୍ୟା

## ମନ ମୋହିଲେ ଓଲିଉଡ୍ କଣ୍ଠଶିଳ୍ପୀ

ଭୁବନେଶ୍ୱର,୩।୨ (ବ୍ୟୁରୋ) - ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ଓଲିଉଡ୍ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି, ସୋହିନୀ ମିଶ୍ର, ଶଶାଙ୍କ ଶେଖର ସାହୁ ଓ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ସଙ୍ଗୀତର ତାଳେ ତାଳେ ଦର୍ଶକମାନେ ଝୁମୁଥିବା ଦେଖିବାକୁ ମିଳିଥିଲା। ତୃତୀୟ ସନ୍ଧ୍ୟାକୁ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ହସ୍ତତନ୍ତ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ ପଟେଲ, ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ ଏବଂ ସିଡାକର ସଦସ୍ୟ ସଚିବ ଶିଶିର କୁମାର ରଥ ଉଦ୍‌ଘାଟନ କରିଥିଲେ। ପୂର୍ବାପେକ୍ଷା ମେଳାରେ ଦର୍ଶକ ଓ ଗ୍ରାହକଙ୍କ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ଘରକରଣା ତଥା ଘର ସଜା ସାମଗ୍ରୀ, ପୋଷାକ, ଜୋତା, ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରୁଛି।



ତୋଷାଳୀ ମେଳାରେ ଶିଳ୍ପୀମାନେ ହସ୍ତଶିଳ୍ପୀ ସାମଗ୍ରୀର ଲାଇଭ୍ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ତାଲା ଭାଙ୍ଗି ଦୋକାନରୁ ଚୋରି

**ଯାଁଲା,୩।୨(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ପିତାପଲ୍ଲୀ ଛକ ନିକଟରେ ଥିବା ଏକ ତେଜରାତି ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ଦୋକାନୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପିତାପଲୀ ଛକ ନିକଟରେ ପ୍ରଶାନ୍ତଙ୍କ ଏକ ତେଜରାତି ଦୋକାନ ରହିଛି। ସବୁ ଦିନ ପରି ଗୁରୁବାର ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନ ତାଲା ବାହାରେ ପଡ଼ିଥିବା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଦୁର୍ବୃତ୍ତ ନେଇଯାଇଥିବା ଶୁକ୍ରବାର ସକାଳେ ପ୍ରଶାନ୍ତ ଦେଖିବାକୁ ପାଇଥିଲେ।

### ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୩।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିଛିଣି ଗ୍ରାମର ବୃନ୍ଦାବତୀଙ୍କ ପୀଠରେ ତ୍ରିନାଥ ଦେବଙ୍କ ୬୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗତ କଲ୍ୟାଣ ନିମନ୍ତେ ହୋମଯଜ୍ଞ କରାଯାଇଥିଲା। ଏହି ଅବସରରେ ମା' ମଙ୍ଗଳା ରାମନାଟ୍ୟ ପରିଷଦ ପକ୍ଷରୁ ଦୁଇଦିନ ଧରି ରାମ ନାଟକ ପରିବେଷଣ କରାଯାଇଥିଲା। ନାଟ୍ୟ ଉତ୍ସବକୁ ଅଲଣ୍ଡା ପଞ୍ଚାୟତ ସମିତିସଭ୍ୟା ମାନସୀ ସାହୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ କୃଷ୍ଣପ୍ରସାଦ ଭାଜପା ମଣ୍ଡଳ ସଭାପତି ଦୀନବନ୍ଧୁ ଜେନା, ସମ୍ମାନିତ ଅତିଥି ତିଛିଣି ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ଜେନା, ସମ୍ପାଦକ ବିଦେଶ କୁମାର ପଲେଇ, ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଶ୍ରୀଧର ପଲେଇ, ଅର୍ଜୁନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟ ପରିଷଦର ମାର୍ଗଦର୍ଶକ ମାଗୁଣି ଚରଣ ଜେନା, ପାଣ୍ଡବ ଜେନା, ପ୍ରମୋଦ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବାଣପୁର/ଗମ୍ଭାରୀମୁଣ୍ଡା,୩।୨(ଡି.ଏନ୍.ଏ.):** ବାଣପୁର ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୁଲ୍‌ବୁଲ୍ ବେହେରା, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସମସ୍ତ ପଞ୍ଚାୟତ ଅଞ୍ଚଳର ଶତାଧିକ ଦିବ୍ୟାଙ୍ଗ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରକାଶ ଯେ, ପୂର୍ବରୁ ଭିନ୍ନକ୍ଷମ ଶିବିରରେ ଯେଉଁମାନେ ଆସିଥିଲେ ପୁଣି ସେମାନେ ନାମାଙ୍କନ ପତ୍ର ଦାଖଲ କରିଥିବା ଚର୍ଚ୍ଚା ହେଉଛି।

### ଜଗନ୍ନାଥ ମନ୍ଦିରର ନୀଳଚକ୍ର ଓ ପାର୍ଶ୍ୱ ଦେବଦେବୀଙ୍କ ପ୍ରତିଷ୍ଠା ଉତ୍ସବ

**ବୋଲଗଡ଼,୩।୨(ଡି.ଏନ୍.ଏ.):** ବୋଲଗଡ଼ ତୃତୀୟାଦେବ ଜଗନ୍ନାଥ ମନ୍ଦିରର ନୀଳଚକ୍ର ଓ ପାର୍ଶ୍ୱ ଦେବଦେବୀଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ମନ୍ଦିର ପରିସରରେ ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଶୁକ୍ରବାର କଳସଯାତ୍ରା, ସୂର୍ଯ୍ୟପୂଜା, ନୀଳଚକ୍ର ପୁଜା ଆଦି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ଭବାନୀ ଶଙ୍କର ମିଶ୍ର, ରମେଶ ଚନ୍ଦ୍ର କର, ଅମୃତ କୁମାର କର ଓ ବିଶ୍ୱରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ କର୍ତ୍ତା ଭାବେ ରଘୁନାଥ ଦଳବେହେରା ଉପବିଷ୍ଟ ଥିଲେ। ବହୁ ପ୍ରବଚକ ଯୋଗଦେଇଥିଲେ।

### ଶ୍ରମିକ କଂଗ୍ରେସ ନେତାଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**ଜଟଣୀ,୩।୨(ଡି.ଏନ୍.ଏ.):** ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳରେ ସିନିଅର ୟାର୍ଡ ମାଷ୍ଟର ଭାବେ କାର୍ଯ୍ୟରତ ରେଳ କର୍ମଚାରୀ ତଥା ରେଳ ଶ୍ରମିକ କଂଗ୍ରେସ ନେତା ପ୍ରମୋଦ କୁମାର ସାହାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀସ୍ଥିତ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ମଣ୍ଡଳ କାର୍ମିକ ଅଧିକାରୀ ରଞ୍ଜନ ମହାନ୍ତି, ରମେଶ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ୍.ଡି.ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାହାଣୀଙ୍କ ସହ ଶୋଭାଯାତ୍ରାରେ ଯାଇ ସୀତାରାମ ଛକରେ ପହଞ୍ଚିଥିଲେ। କେନ୍ଦ୍ରୀୟ ପଦାଧିକାରୀ ଆଶୁତୋଷ ବ୍ରହ୍ମାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏହି ଅବସାରେ ମଣ୍ଡଳର ବିଭିନ୍ନ ଶାଖାର ନେତା ଓ କର୍ମୀ ସାହାଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସୁଧୁରୁନି ସମସ୍ୟା, ହନ୍ତସନ୍ତ ସହରବାସୀ

**ଖୋର୍ଦ୍ଧା ଅଫିସ,୩।୨**


ରାସ୍ତା ପାର୍ଶ୍ୱରେ ପଡିରହିଥିବା ଅଳିଆ ଆବର୍ଜନା।


ସଫେଇ ହୋଇ ନ ଥିବା ଡ୍ରେନ୍।

■ ସଫେଇ ହେଉନି ଡ୍ରେନ୍
■ ବଢୁଛି ମଶାଙ୍କ ପ୍ରାଦୁର୍ଭାବ

ଖୋର୍ଦ୍ଧା ସହରର ବିପର୍ଯ୍ୟସ୍ତ ଡ୍ରେନ୍ ଏବଂ ରାସ୍ତାଘାଟ ଦୁରବସ୍ଥା ଯୋଗୁ ସହରବାସୀ ଅତିଷ୍ଠ ହୋଇପଡ଼ିଲେଣି। ଡ୍ରେନ୍ ସଫା ହେଉ ନ ଥିବାରୁ ଅଳିଆ ଆବର୍ଜନା ପଚିଶଢ଼ି ଗନ୍ଧ ହେଉଛି। ଉକ୍ତ ରାସ୍ତାରେ ଲୋକେ ନାକରେ କପଡ଼ା ଢାଙ୍କି ଯାତାୟାତ କରୁଛନ୍ତି। ସହରରେ ଅଳିଆ ଆବର୍ଜନା ପଡି ରହିବାରୁ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ଡ୍ରେନ୍ ଠିକ୍ ସମୟରେ ସଫେଇ ହେଉନାହିଁ। ଏପରି କି ଅଧିକାଂଶ ଡ୍ରେନ୍ ଭାଙ୍ଗି ମାଟିରେ ମିଶିଗଲାଣି। ପ୍ରସ୍ତାବ ଦିଆଯାଇଛି, ଅନୁଦାନ ଆସିଲେ କାର୍ଯ୍ୟ କରାଯିବ ବୋଲି ପୌର କର୍ତ୍ତୃପକ୍ଷ, ଜନପ୍ରତିନିଧିମାନେ କହି ନିଜ ଉପରୁ ଦାୟିତ୍ୱ ଖସାଇ ଦେଉଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନ ଖାଲଖମାରେ ପରିଣତ ହୋଇଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଡକ୍ଟର୍ସ ଲେନ୍‌ଠାରୁ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଗୁରୁଜଙ୍ଗ ପଟୁ ସହରକୁ ପ୍ରବେଶ ଲାଗି ଏକମୁହାଁ ରାସ୍ତା ରହିଛି। ହଳଦିଆ, କେରଙ୍ଗ, ମହୁଲ, ମାଜଣା ଆଦି ଗ୍ରାମକୁ ଯିବା ଲାଗି ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଫଳରେ ସବୁ ସମୟରେ ଏହି ରାସ୍ତା ଭିଡ଼ ରହୁଛି। ରାସ୍ତା ଦୁରବସ୍ଥା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ପୋଷ୍ଟ ଅଫିସ ଛକ ସହରର ଏକ ଜନବହୁଳ ଛକ। ନୟାଗଡ଼ ରୋଡ୍, ପୁରୁଣା ବସ୍‌ଷ୍ଟାଣ୍ଡ ପୁଣି ଗୁରୁଜଙ୍ଗ ଆଡ଼କୁ ଯିବା ଲାଗି ମୁଖ୍ୟ ସଂଯୋଗ ଛକ ହୋଇଥିବା ବେଳେ ରାସ୍ତା ଖାଲଖମା ରହିଛି। ଯାନବାହନ ଚଳାଚଳ ବେଳେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଆର୍ ଆଣ୍ଡ ବି ପକ୍ଷରୁ ବାରମ୍ବାର ରାସ୍ତା ନିର୍ମାଣ ହେଉଛି। ତେବେ ନିମ୍ନମାନର କାମ ଯୋଗୁ ରାସ୍ତାସାରା ଖାଲଖମାରେ ପରିଣତ ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ରାସ୍ତା ଉପରେ ନିମ୍ନମାନର ପିଚୁ ଢଳେଇ କରି ଛାଡି ଦିଆଯାଉଛି। ଫଳରେ ରାସ୍ତା ମରାମତି ହେବାର କିଛି ମାସ ପରେ ପୁଣି ସେହି ସ୍ଥାନରେ ଗର୍ତ୍ତ ସୃଷ୍ଟି ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ ରହିଛି। ସେମାନେ ରାସ୍ତା ମରାମତି କରିବେ। ଏଥିରେ ପୌର ପ୍ରଶାସନ କିଛି କରିପାରିବ ନାହିଁ କହି ନିଜ ଉପରୁ ଦୋଷ ଖସାଇ ଦେଉଛି। ସୂଚନାଯୋଗ୍ୟ, ମୁକୁନ୍ଦପ୍ରସାଦଠାରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିଣତ ହେବା ସହ ବଡ଼ ଗର୍ତ୍ତ ରହିଛି। ଅନ୍ୟପଟେ ନୟାଗଡ଼ ରୋଡ୍ ପେଟ୍ରୋଲ ପମ୍ପଠାରୁ ମେଡିକାଲ ପର୍ଯ୍ୟନ୍ତ ଏକ କିମି ରାସ୍ତାର ଉଭୟ ପାର୍ଶ୍ୱରେ ପୌର ପ୍ରଶାସନ ପକ୍ଷରୁ ଫେବର ବ୍ଲକ ପକାଯାଇଛି। ଯଦି ରାସ୍ତା ମରାମତି ଏନ୍‌ଏଚ୍‌ର କାମ, ତେବେ ଏନ୍‌ଏଚ୍ ରାସ୍ତାପାର୍ଶ୍ୱରେ ପୌର ପ୍ରଶାସନ କାହା ନିର୍ଦ୍ଦେଶରେ ଫେବର ବ୍ଲକ ପକାଇଲା, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପିସିସି ସଭ୍ୟ ଶିଶିର ପରିଡ଼ା କୁହନ୍ତି, ଖୋର୍ଦ୍ଧାର ଅବସ୍ଥା ନ କହିଲେ ଭଲ। ରାଜଧାନୀ ଜିଲା ସତ୍ତ୍ୱେ ଏହାର ବିକାଶ ସ୍ଥାଣୁ। ନାହିଁ ନାହିଁରେ ଚାଲିଛି ଖୋର୍ଦ୍ଧା ପୌର ପ୍ରଶାସନ। ସାଧାରଣ ଲୋକଙ୍କ ପାଇଁ ଶୌଚାଳୟଟିଏ ନାହିଁ। ଲକ୍ଷାଧିକ ଟଙ୍କାର ପରିସ୍ରାଗାର କରାଯାଇଛି, ସେଥିରେ ତାଲା ଝୁଲୁଛି। ଫଳରେ ଯିଏ ଯେଉଁଠି ପାଇଲା ପରିସ୍ରା କରୁଛି। ଚାରିଆଡ଼େ ଖାଲି ଗନ୍ଧ ଆଉ ଗନ୍ଧ। ସେହିପରି ଖୋର୍ଦ୍ଧା ଜିଲା ନାଗରିକ ମଞ୍ଚ ଆବାହକ ଶୋଭନ ଘୋଷ କହିଛନ୍ତି, ସହରର ପରିମଳ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରବାସୀଙ୍କ ଟିକସରେ ଠିକାଦାରଙ୍କୁ ପୋଷା ଚାଲିଛି। ମିଳିମିଶି ଅର୍ଥ ହରିଲୁଟ କରୁଛନ୍ତି। କଂଗ୍ରେସ ନେତା ରଣଜିତ ମହାପାତ୍ର କୁହନ୍ତି, ମଶାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସଞ୍ଜ ନଇଁଲେ ଘରୁ ବାହାରି ହେଉନି। ଡ୍ରେନ୍ ସଫା ନ ହେବାରୁ ଅଳିଆ ପଡି ଗନ୍ଧମୟ ହେଲାଣି। ଘର ପିଣ୍ଡାରେ ଠିଆ ହୋଇ ହେଉନି। ଅନ୍ୟପକ୍ଷରେ ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି କହିଛନ୍ତି, ସହରର ଡ୍ରେନ୍ ଓ ପରିମଳରେ ସୁଧାର ଆଣିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଏଥିରେ ସମସ୍ତଙ୍କ ସହଯୋଗ ଜରୁରୀ।

## 'ସ୍ୱାସ୍ଥ୍ୟକୁ ସମ୍ପଦ ଭାବି ଯତ୍ନ ନେବା ଆବଶ୍ୟକ'

**ନିରାକାରପୁର,୩।୨(ଡି.ଏନ୍.ଏ.)**

ନିରାକାରପୁର ଗଣେଶ ପଢ଼ିଆରେ ଉଦୟନାଥ ଆଚାର୍ଯ୍ୟଙ୍କ ପୁଣ୍ୟତିଥିରେ ସ୍ମାରକୀ ବକ୍ତୃତା ପ୍ରଦାନ ସହ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡା.ଅଶୋକ କୁମାର ମହାପାତ୍ର ଯୋଗଦେଇ ସ୍ୱାସ୍ଥ୍ୟକୁ ସମ୍ପଦ ମନେକଲେ, ବ୍ୟକ୍ତି ସ୍ୱାସ୍ଥ୍ୟ ସଚେତନ ହୋଇପାରିବ। ତାହା ହିଁ ଜୀବନକୁ ଦୀର୍ଘ ଓ ନିରାମୟ କରିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ମହାପାତ୍ର ଓ ପ୍ରମୁଖ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ଉଦୟ ନାଥଙ୍କ ସ୍ମୃତିଚାରଣ କରିଥିଲେ। ସର୍ବେ ସନ୍ତୁ ନିରାମୟା ଶୀର୍ଷକ ପ୍ରସଙ୍ଗରେ ସୁସ୍ଥତାର ରହସ୍ୟ ଉପରେ ଆଲୋଚନା ହୋଇଥିଲା। ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୂର୍ବତନ ଏମ୍‌ପି ପାଟ୍ଟଶାଣୀଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସଭାପତି ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ଆବାହକ ଲକ୍ଷ୍ମୀଧର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ବିଜୟ ପାଲଟାସିଂହ ବିବରଣୀ ଉପସ୍ଥାପନା, ପ୍ରଣେଶ୍ୱର ଜୟସିଂହ ଧନ୍ୟବାଦ ଦେଇଥିଲେ। ବିଭୂତି ଭୂଷଣ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଶାନ୍ତିଲତା ଦାଶ, ରାଜେନ୍ଦ୍ର ଆଚାର୍ଯ୍ୟ ଓ ଯଶସ୍ୱୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**ନିରାକାରପୁର:** ଓଲସିଂହ ଉପରସାହିସ୍ଥିତ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ କଲ୍ୟାଣ ବିଷ୍ଣୁ ମହାଯଜ୍ଞ ଉପଲକ୍ଷେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

## ବିଶ୍ୱ କଲ୍ୟାଣ ବିଷ୍ଣୁ ମହାଯଜ୍ଞ

**ନିରାକାରପୁର,୩।୨(ଡି.ଏନ୍.ଏ.)**

ଓଲସିଂହ ପଞ୍ଚାୟତ ଓଲସିଂହ ଉପରସାହିଠାରେ ଥିବା ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ କଲ୍ୟାଣ ବିଷ୍ଣୁ ମହାଯଜ୍ଞ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୁଷ୍କରିଣୀରୁ ମାନସିକଧାରୀ ଜଳ ଉଠାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପ୍ରତ୍ୟହ ସୂର୍ଯ୍ୟପୂଜା, ପୀଠ ଠାକୁରାଣୀଙ୍କ ମହତି ପୂଜା ଓ ଆହୁତି ପ୍ରଦାନ କାର୍ଯ୍ୟକ୍ରମ ରହିଛି। ଏଥିସହ ପୀଠାଧିଶ୍ୱର ଗିରିଧାରୀ ଦେବ, ବାଲୁଙ୍କେଶ୍ୱର ଦେବ, ପୀଠାଧିଶ୍ୱରୀ ଶିଦ୍ଧବରାହୀ ଦେବୀ ଏବଂ ଗ୍ରାମର ସର୍ବଦେବଦେବୀଙ୍କ ସହିତ ଯଜ୍ଞସ୍ଥଳେ ବିରାଜମାନ ଓ ଅଗ୍ନି ସ୍ଥାପନା କରାଯାଇଥିଲା। ପ୍ରତ୍ୟେକ ଦିନ ସଂକୀର୍ତ୍ତନ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନର ଦେବରାଜ ବରିଶଲ, ସୁନୀଲ ମହାନ୍ତି, ବ୍ରହ୍ମାନନ୍ଦ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ସୁଧାକର ବରିଶଲ, ଗୋଲଖ ବିହାରୀ ପଟ୍ଟନାୟକ, ପୁନିଲ ବିହାରୀ ପଟ୍ଟନାୟକ, ପ୍ରେମାନନ୍ଦ ପରିଡ଼ା, ଜନ୍ମେଶ୍ୱର ବୈରିଗଞ୍ଜନ, ସାନୁଜ ବରାଳ, ସଂସାରୀ ବୈରିଗଞ୍ଜନ ପ୍ରମୁଖ କହିଛନ୍ତି।

## ବାଲି ମାଫିଆଙ୍କ କବ୍‌ଜାରେ ରାମେଶ୍ୱର ଡ୍ୟାମ୍



ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଭାରତୀୟ କିଷାନ୍ ସଂଘର କର୍ମକର୍ତ୍ତା।

**ଖୋର୍ଦ୍ଧା ଅଫିସ,୩।୨**

**ଜିଲାପାଳଙ୍କ ନିକଟରେ ଅଭିଯୋଗ**

ଚାଷୀ ଓ ଚାଷର ବିକାଶ ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ଚାଷ କାର୍ଯ୍ୟରେ ଜଳସେଚନର ସୁଷମ ବଣ୍ଟନ, ସୁପରିଚାଳନ ଉପରେ ଜଳସେଚନ ବିଭାଗ ପକ୍ଷରୁ ଚାଲିଛି ପାଣି ପଞ୍ଚାୟତ ପକ୍ଷ। ତେବେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରେଜ ଜଳ ଚାଷ କାର୍ଯ୍ୟ ପରିବର୍ତ୍ତେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଙ୍ଗୀ ବ୍ଲକ ଅଧୀନ ରାମେଶ୍ୱର ଡ୍ୟାମ ଉପରେ ନିର୍ଭରଶୀଳ ଚାଷୀ ଏନେଇ ହଇରାଣ ହେଉଛନ୍ତି। ଶୁକ୍ରବାର ଏନେଇ ଭାରତୀୟ କିଷାନ ସଂଘ(ବିକେଏସ) ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ଡ୍ୟାମ ଉପରେ ୩ ନିର୍ବାଚନମଣ୍ଡଳୀର ଏକାଧିକ ଗ୍ରାମର ଶତାଧିକ ଚାଷୀ ରବି ଫସଲ ପାଇଁ ନିର୍ଭରଶୀଳ। ତେବେ ଡ୍ୟାମ ପାଣି ବ୍ୟାରେଜରେ ଅଟକ ରଖିବା ପରିବର୍ତ୍ତେ ଛାଡି ଦିଆଯାଉଛି। କେତେଜଣ ମାଫିଆ ବାଲି ଚୋରାଚାଲାଣ ଲାଗି କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତକରି ଉପରମୁଣ୍ଡରୁ ପାଣି ଛାଡି ଦେଉଛନ୍ତି। ବ୍ୟାରେଜରେ ପାଣି ନ ରହିବା ଫଳରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଗୁରୁତ୍ୱ ଦେବା ଲାଗି ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲା ସଭାପତି ଗୁରୁ ପ୍ରସାଦ ଦାସ, ମଧୁସୂଦନ ମିଶ୍ର, ମଧୁସୂଦନ ଦାସ, ସୁଦର୍ଶନ ରଥ, ଗଗନ ବିହାରୀ ପ୍ରତିହାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସେମିରେ ଭୁଆସୁଣୀ କ୍ଲବ କଟକ

**ଖୋର୍ଦ୍ଧା ଅଫିସ,୩।୨**

**ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଭୁବନେଶ୍ୱର ସାନ୍ କ୍ଲବ ଓ କଟକର ମା'ଭୁଆସୁଣୀ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ୧୭ତମ ମିନିଟ୍‌ରେ ଭୁଆସୁଣୀ କ୍ଲବର ୧୮ନଂ. ଖେଳାଳି ସମ୍ବିତ୍ ଦାସ ଓ ୨୧ତମ ମିନିଟ୍‌ରେ ୧୦ନଂ. ଖେଳାଳି ରାଜେଶ ନାୟକ ମୋଟ୍ ୨ଟି ଗୋଲ ଦେଇଥିଲେ। ତେବେ ସାନ୍ କ୍ଲବ ଆକ୍ରମଣାତ୍ମକ ଢଙ୍ଗରେ ଖେଳିଥିଲେ ମଧ୍ୟ ମ୍ୟାଚ୍ ଶେଷସୁଦ୍ଧା ଗୋଲ୍ ଦେଇ ନ ପାରି ପରାଜିତ ହୋଇଥିଲା। ଭୁଆସୁଣୀ କ୍ଲବ ୨-୦ ଗୋଲରେ ବିଜୟୀ ହେବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ାବିତ୍ ଚିତ୍ତରଞ୍ଜନ ବେଉରା ମୁଖ୍ୟ ଅତିଥି, ପ୍ରସନ୍ନ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି, ଶେଖାୱତ୍ ଖାଁ, ପ୍ରଫୁଲ୍ଲ କୁମାର ବେହେରା ଓ ମନୋରଞ୍ଜନ ଖୁଣ୍ଟିଆ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ଢେଙ୍କାନାଳର ପପୁଲାର କ୍ଲବ ଓ ପଶ୍ଚିମବଙ୍ଗର ବର୍ଦ୍ଧମାନ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

## ମନ୍ଦିରରୁ ଚୋରି ଘଟଣା: ୨ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

**ଟାଙ୍ଗୀ(ଖୋର୍ଦ୍ଧା),୩।୨(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡି ଗ୍ରାମସ୍ଥିତ ମା' ବଳୀ ମାଝୀଙ୍କ ମନ୍ଦିରରୁ ଚୋରି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ୪ ମାସ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଟାଙ୍ଗୀ ନ୍ୟାୟାଳୟର ନ୍ୟାୟାଧୀଶ। ସୂଚନାଥାଉ କି, ୨୦୨୦ ମସିହା ସେପ୍ଟେମ୍ବର ୧୯ ରାତିରେ ମନ୍ଦିରରେ ଲାଗିଥିବା ସୋଲାର ଲାଇଟର ବ୍ୟାଟେରି ଚୋରି ହୋଇଥିବା ନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ବଡ଼ପାରୀ ଗ୍ରାମର ସୀତାରାମ ନାୟକ ଓ ସତ୍ୟବାଦୀ ନାୟକଙ୍କୁ ଗିରଫ କରିଥିଲା।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ: ୩ ଗିରଫ

**ନିରାକାରପୁର,୩।୨(ଡି.ଏନ୍.ଏ.)**

ନିରାକାରପୁର ପୋଲିସ ଯାଞ୍ଚ ବେଳେ ନକଲି ୱାଇ ଫର୍ମ ସହ ଚୋରାଚାଲାଣ ହେଉଥିବା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଶୁକ୍ରବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ବେଣ୍ଟ ଗ୍ରାମର କେଦାର ଦାସ(ଟ୍ରକ୍ ମାଲିକ), ଜଙ୍କିଆ ଥାନା ଦୁଧିଆଝର ଗ୍ରାମର ବଳରାମ ବେହେରା(ଚାଳକ), କଟକ ଜିଲାର ଓାଇ ଫର୍ମ ଛାପିଥିବା ପ୍ରିଣ୍ଟିଂ ପ୍ରେସ୍ ମାଲିକ ସୁଶାନ୍ତ ପ୍ରଧାନ। ଏମାନଙ୍କ ନାମରେ ଏକ ମାମଲା (ନଂ.୩୦/୨୩) ରୁଜୁ କରାଯାଇଛି। ସୂଚନା ମୁତାବକ, ଗୁରୁବାର ରାତିରେ ଏକ ପଥର ବୋଝେଇ ଟ୍ରକ୍ (ଓଆର ୦୯ ଏଫ୍ ୯୨୨୯) ନୂଆ ଜଗନ୍ନାଥ ସଡ଼କରେ ଆସୁଥିବା ବେଳେ ପୋଲିସ ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବ୍ୟବହୃତ ୱାଇ ଫର୍ମଟିରେ ତହସିଲଦାରଙ୍କ ଦସ୍ତଖତ ନକଲି ଥିବା ଜଣାପଡ଼ିଥିଲା। ଏହାର ସତ୍ୟତା ଜଣାପଡ଼ିବା ପରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

## ଖୋର୍ଦ୍ଧାରେ ହେବ ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ

**ଖୋର୍ଦ୍ଧା ଅଫିସ,୩।୨**

ଆସନ୍ତା ଫେବୃୟାରୀ ୫ ତାରିଖରେ ଓଡ଼ିଶାର ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଏକଦିବସୀୟ ମନ୍ଥନ ଶିବିର ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗଆପଡାସ୍ଥିତ ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜିରେ ଅନୁଷ୍ଠିତ ହେବ। ଷଷ୍ଠରୁ ଏକାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ଗତ ନଭେମ୍ବର ୩୦ରେ ଏକ ବିଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏଥିରେ ୪୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ୧୨୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୫ ତାରିଖରେ ଶେଷ ପର୍ଯ୍ୟାୟର ପରୀକ୍ଷା ଅନୁଷ୍ଠିତ ହେବ। ପିଲାମାନେ ଲିଖିତ ପରୀକ୍ଷା ସହ ମୌଖିକ ଏବଂ ପ୍ରାକ୍ଟିକାଲ ପରୀକ୍ଷା ମଧ୍ୟ ଦେବେ। ସେମାନଙ୍କ ମଧ୍ୟରୁ ୧୮ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରଥମ ୬ଜଣଙ୍କୁ ୫ହଜାର ଟଙ୍କା ଲେଖାଏ ଏବଂ ଦ୍ୱିତୀୟ ୬ଜଣଙ୍କୁ ୩ହଜାର ଟଙ୍କା ଲେଖାଏ ଏବଂ ତୃତୀୟ ୬ଜଣଙ୍କୁ ୨ହଜାରଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଏବଂ ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜିର ସହଯୋଗରେ ବିଜ୍ଞାନ ଭାରତୀର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ରାଜ୍ୟ ସଂଯୋଜକ ଦିବ୍ୟ କିଶୋର ପଣ୍ଡା ଏବଂ ସହସଂଯୋଜକ ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବେ। ବିଜ୍ଞାନ ମଣ୍ଡଳର ସମ୍ପାଦକ ଡ.ବିକାଶ ଜେନା ଏବଂ ସଙ୍ଗଠନ ସମ୍ପାଦକ ଇଂ.ଅରୁଣ କୁମାର ସାହୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ.ଧୀରେନ୍ଦ୍ର ନନ୍ଦ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

# ପିଲାଙ୍କ ବିକାଶରେ କ୍ରୀଡ଼ା ଅପରିହାର୍ଯ୍ୟ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ,୩।୨(ଡି.ଏନ୍.ଏ.)**


ଅତିଥିଙ୍କ ଗହଣରେ ପୁରସ୍କୃତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସର ଚିଲିକା ଷ୍ଟାଡିୟମରେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ନେଇ ମଣ୍ଡଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସାବିତ୍ରୀ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯମୁନାମଣି ହେମ୍ବ୍ରମ୍, ବଳରାମଦେବ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲେଇ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି କହିଥିଲେ। ସାଧାରଣ ଶିଶୁଙ୍କ ପରି ଦିବ୍ୟାଙ୍ଗ ଶିଶୁମାନେ ମଧ୍ୟ କ୍ରୀଡ଼ାକ୍ଷେତ୍ରରେ ଦେଶ ବିଦେଶରେ କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିପାରିଛନ୍ତି। ବିକାଶ କ୍ଷେତ୍ରରେ ଗୁରୁତ୍ୱ ଦେଲେ ସେମାନେ ମଧ୍ୟ ଆଗକୁ ବଢ଼ିପାରିବେ। ଏହା ସମସ୍ତଙ୍କ ଦାୟିତ୍ୱ ବୋଲି ମତପ୍ରକାଶ ପାଇଥିଲା। ବିଆର୍‌ସି ରୋଜାଲିନ୍ ମିଶ୍ର, ହୃଷୀକେଶ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ାଶିକ୍ଷକ ଦିଲୀପ ମୁଦି କ୍ରୀଡ଼ା ପରିଚାଳନା କରିଥିଲେ। ଟାଙ୍ଗୀ ମଣ୍ଡଳର ବିଭିନ୍ନ ସରକାରୀ ବିଦ୍ୟାଳୟରୁ ଆସିଥିବା ଦିବ୍ୟାଙ୍ଗ ଶିଶୁମାନେ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଈପ୍‌ସିତା ବେହେରା, ରଶ୍ମିତା ମହାରଣା, ଶଙ୍କର ସାହୁ, ସୌମ୍ୟରଞ୍ଜନ ଦୋରା, ଅଞ୍ଜଳି ଦାସ, ପପୁ ରାଉଳ, ବର୍ଷାରାଣୀ ରାଉଳ, ମଧୁସ୍ମିତା ପ୍ରଧାନ, ପ୍ରମୋଦ ବେହେରା ପ୍ରମୁଖଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିବା ବେଳେ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପାଠ୍ୟ ଉପକରଣ ଦେଇ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି କାହ୍ନୁ ବେହେରା, ପ୍ରସନ୍ନ ପାଇକରାୟ, ବଳଭଦ୍ର ସେଠୀ, ପ୍ରଶାନ୍ତ ମହାପାତ୍ର, ଦୁଃଶାସନ ପ୍ରଧାନ, ଭାସ୍କର ତରାଇ, ଶୁଭେନ୍ଦୁ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ୨ ସାଇକେଲ ଜବତ, ୨ ଗିରଫ

କଟକ ଅଫିସ: ସାଇକେଲ ଚୋରି ଅଭିଯୋଗରେ ବିଡ଼ାନାସୀ ପୋଲିସ ୨ ଜଣ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତୁଳସୀପୁରର ଶଙ୍କର ନାୟକ ଓ ଟିକନ ଓରଫ ପ୍ରକାଶ ନାୟକ। ଏ ନେଇ ଥାନାରେ ଏକ ମାମଲା(ନଂ.୨୩/୨୦୨୩) ରୁଜୁ ହୋଇଛି। ଏହି ଥାନା ଅଧୀନ ମଧୁସୂଦନ ନଗର ତାଳଚେର କଲୋନୀର ସୁବାଶିଷ ଦାସଙ୍କ ସାଇକେଲ ଚୋରି ହୋଇଯାଇଥିଲା। ଏ ନେଇ ସେ ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା।

**ସଂକ୍ଷେପରେ**

### ୨ ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

**ମଙ୍ଗୁଳି-ଜଗତପୁର,୩।୨(ଡି.ଏନ.ଏ.):** ମୋବାଇଲ ଚୋରି ଘଟଣାରେ ଜଗତ୍ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଗୋଲେଇଛକ ନିକଟ ବଞ୍ଜାରା ସାହିରେ ରହୁଥିବା ପଶ୍ଚିମବଙ୍ଗ ରାଜ୍ୟର ତିଲକ ସିଂ। ତାଙ୍କଠାରୁ ଦୁଇଟି ମୋବାଇଲ ଜବତ କରାଯାଇଛି। ଜଗତପୁର ଥାନା ଅଧୀନ ତୋରଳ ଗ୍ରାମର ଦିଲ୍ଲୀପ କୁମାର ବିଶ୍ୱାଳ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ବଜାରରୁ ରାଶନ ସାମଗ୍ରୀ କିଣିବା ପରେ ଚାଲି ଚାଲି ଘରକୁ ଫେରୁଥିଲେ। ଏହି ସମୟରେ ନିମପୁର ଖେଳପଡିଆ ନିକଟରେ ଜଣେ ଯୁବକ ତାଙ୍କ ହାତରୁ ମୋବାଇଲ ଫୋନ୍ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୦/୨୩)ରୁଜୁ କରିଥିଲା।

### ଭାଜପା ଜିଲା ଉପ ସଭାପତିଙ୍କୁ ହତ୍ୟା ଧମକ

**କଟକ ସଦର,୩।୨(ଡି.ଏନ୍.ଏ.):** କଟକ ଜିଲା ଭାଜପା ଉପ ସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନଙ୍କୁ କେତେଜଣ ଲୋକ ଫୋନ୍‌ରେ ହତ୍ୟା ଧମକ ଦେଇଥିବା ଶୁକ୍ରବାର ଡିଜିପିଙ୍କ ନିକଟରେ ଅଭିଯୋଗ ହୋଇଛି। ପୋଲିସ ମୁଖ୍ୟାଳୟକୁ ଯାଇ ପ୍ରଧାନ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କର ଦଳୀୟ କାର୍ଯ୍ୟକ୍ଷେତ୍ର କନ୍ଦରପୁର, କିଶୋର ନଗର, ନେମାଳ, ୪୨ ମୌଜା, କଟକ ସଦର, ଓଲଟପୁର, ନିଆଳି, ସିଆର୍‌ଆର୍‌ଆଇ ଓ ଚାଉଳିଆଗଞ୍ଜ ଥାନା ଅଞ୍ଚଳ ହୋଇଥିବାରୁ ଉପଯୁକ୍ତ ପଦକ୍ଷେପ ନେବା ଲାଗି ସେ ଅନୁରୋଧ କରିଛନ୍ତି। ବିଶେଷକରି ଆବାସ ଯୋଜନା ଉପରେ ମୁଣ୍ଡ ନ ଖେଳାଇବା ପାଇଁ ତାଙ୍କୁ ତାଗିଦ୍ କରାଯାଇଛି। ଏନେଇ କିଛି ସନ୍ଦିଗ୍ଧଙ୍କ ଫୋନ୍ ନମ୍ବର ମଧ ଦିଆଯାଇଛି। ଡିଜିପିଙ୍କ ଅନୁପସ୍ଥିତିରେ ଜଣେ ବରିଷ୍ଠ ଅଧିକାରୀ ଦାବିପତ୍ର ଗ୍ରହଣ କରିଥିବା ପ୍ରଧାନ କହିଛନ୍ତି।

### ଅଭୟାନନ୍ଦ ରଥ ପାଇବେ ଚେଲିତୋଳ ପୁରସ୍କାର

**କଟକ ଅଫିସ, ୩।୨:** ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଭୟାନନ୍ଦ ରଥ ଚଳିତବର୍ଷର ମର୍ଯ୍ୟାଦାଜନକ ଚେଲିତୋଳ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୭ ତାରିଖରେ କଟକ ସାରଳା ଭବନରେ ଚେଲିତୋଳ କଲଚରାଲ ଏକାଡେମୀ ପକ୍ଷରୁ ରଥଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିସହ ଡା. ରମେଶ ଚନ୍ଦ୍ର ଦାସ, ପ୍ରଫେସର



ସୁରେଖା ସୁନ୍ଦରୀ ସ୍ୱାଇଁ, ପ୍ରେମାନନ୍ଦ ପରିଡ଼ା, ବସନ୍ତ କୁମାର ମହାପାତ୍ର, ସୂର୍ଯ୍ୟ ରଞ୍ଜନ ଦାଶ, ଅଧାପକ ନିର୍ମଳ ଚନ୍ଦ୍ର ପହି, ରୋଜି ରାୟ ଏବଂ ସୁକାନ୍ତି ମହାନ୍ତିଙ୍କୁ ବିଭିନ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରଥ ଗୁଜୁରାଟ ଏବଂ ଓଡ଼ିଶା ସରକାରଙ୍କ ବହୁ ଉଚ୍ଚପଦବୀରେ ଅଧିଷ୍ଠିତ ହୋଇଥିଲେ। ଶେଷରେ ସେ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ନିର୍ବାଚନ ଆୟୋଗର ଅଧକ୍ଷ ପଦରୁ ଅବସର ଗ୍ରହଣ କରିଛନ୍ତି। ୧୯୪୦ ଅଗଷ୍ଟ ୧୦ରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାରଙ୍ଗ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ।

# ଘର ସମ୍ମୁଖରେ ନର୍ଦ୍ଦମା ପାଣି



ରାସ୍ତାପାର୍ଶ୍ୱରେ ଜମା ହୋଇଥିବା ନର୍ଦ୍ଦମା ପାଣି।



ଘଟଣାସ୍ଥଳରେ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଳ ପଓ୍ୱନ କଲ୍ୟାଣ ପରିଦର୍ଶନ କରୁଛନ୍ତି।

**କଟକ ଅଫିସ,୩।୨**

- ଅଞ୍ଚଳ ପରିଦର୍ଶନ କଲେ ମେୟର, କମିଶନର
- ଖୁବ୍‌ଶୀଘ୍ର ସ୍ଥାୟୀ ସମାଧାନ କରାଯିବ

ଅଭିନବ ବିଡାନାସୀ ଅଞ୍ଚଳର ଲୋକଙ୍କ ଘର ସମ୍ମୁଖରେ ଦୀର୍ଘଦିନ ହେବ ସ୍ୱେରଜର ନର୍ଦ୍ଦମା ପାଣି ଜମି ରହିଛି। ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଘରୁ ବାହାରକୁ ଯିବା ପାଇଁ ଲୋକମାନେ ଅନିଚ୍ଛା ପ୍ରକାଶ କରୁଛନ୍ତି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୮୪ରେ ଅଭିନବ ବିଡାନାସୀ ବା ସିଡିଏ ସାଟେଲାଇଟ ସିଟିର ପରିକଳ୍ପନା କରାଯାଇଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଓ ବସନ୍ତ ବିଶ୍ୱାଳ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଥିବାବେଳେ ଏଥିପାଇଁ ଉଦ୍ୟମ ଆରମ୍ଭ ହେଇଥିଲା। ଫଳରେ ଜନସାଧାରଣ ବେଶ୍ ଖୁସି ହୋଇ ସିଡିଏରେ ଜାଗା କିଣି ଘର କରିଥିଲେ। ହେଲେ ଏବେ ସେମାନଙ୍କ ଘର ସମ୍ମୁଖରେ ନର୍ଦ୍ଦମା ପାଣି ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଏହି ସମସ୍ୟାରେ ସିଡିଏ ସେକ୍ଟର-୮ ବାସିନ୍ଦା ଘାଣ୍ଟି ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁ ନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅପରପକ୍ଷରେ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଳ ପଓ୍ୱନ କଲ୍ୟାଣ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ନେଇ ମେୟର ସିଂ କହିଛନ୍ତି, ଜନସଂଖ୍ୟା ଆଧାରରେ ଗତବର୍ଷ ତୁଳନାରେ ସିଡିଏରେ ଜନସଂଖ୍ୟା ବଢ଼ିଛି। ସେଥିପାଇଁ ଏହି ଅସୁବିଧା ଉପୁଜିଛି। ଏହାର ସ୍ଥାୟୀ ସମାଧାନ ପାଇଁ ସମସ୍ତ ଦିଗକୁ ସମୀକ୍ଷା କରଯାଇଛି। ପେଟାନାଳର ଉନ୍ନତୀକରଣ କାର୍ଯ୍ୟ ପାଇଁ ସ୍ୱରେଜ ଜଳ ଓଭରଫ୍ଲୋ ହୋଇ ରାସ୍ତା ଉପରେ ଜମିଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ସ୍ମାର୍ଟ ମୋବାଇଲ ଶିକ୍ଷା କର୍ମଶାଳା

**କଟକ ଅଫିସ, ୩।୨**

କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ବରିଷ୍ଠଙ୍କୁ ମୋବାଇଲ ଶିକ୍ଷା କର୍ମଶାଳା କେଶରପୁରସ୍ଥିତ ମହାସଭାର ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ଯୋଗଦେଇ କହିଛନ୍ତି, ସ୍ମାର୍ଟ ଫୋନ୍‌ର ଉପଯୁକ୍ତ ବ୍ୟବହାର ପ୍ରଣାଳୀ ଗ୍ରହଣ କଲେ ସାଇବର ଅପରାଧୀଙ୍କ କବଳରେ କେହି ପଡିବେ ନାହିଁ। ଏଣୁ ଏହାର ଠିକ୍ ଶିକ୍ଷା ସମସ୍ତ ବରିଷ୍ଠଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। କାରଣ ସାଇବର ଅପରାଧୀମାନେ ବରିଷ୍ଠମାନଙ୍କୁ ଟାର୍ଗେଟ କରୁଛନ୍ତି। ଆଗାମୀ ଦିନରେ ମୋବାଇଲ ଶିକ୍ଷା କର୍ମଶାଳା କଟକ ଜିଲାର ସମସ୍ତ ବରିଷ୍ଠ ନାଗରିକ ସଂଘରେ ଆୟୋଜନ କରାଯିବ ବୋଲି ଦାସସାମନ୍ତ କହିଛନ୍ତି। ଏହି କର୍ମଶାଳାରେ ଦେବଶ୍ରୀ ବ୍ରହ୍ମା ଓ ତାଙ୍କର ଦୁଇ ଜଣିଆ ଟିମ୍ ଉପସ୍ଥିତ ଥିବା ୪୦ ଜଣ ବରିଷ୍ଠ ନାଗରିକଙ୍କୁ ସ୍ମାର୍ଟ ଫୋନ୍‌ର ବିଭିନ୍ନ ଆପ୍ଲିକେଶନ ଓ ସତର୍କତା ସମ୍ପର୍କରେ ଭିଡିଓ ସୋ' ଜରିଆରେ ବୁଝାଇଥିଲେ। ଏଥିରେ ବ୍ରଜବନ୍ଧୁ ସାହୁ, ଗିରିଶ ଚନ୍ଦ୍ର ମିଶ୍ର, ଶରତ କୁମାର ଖୁଣ୍ଟିଆ, ସୁଶାନ୍ତ କୁମାର ସାହୁ, ଧୀରେନ୍ଦ୍ର କୁମାର ସାମଲ, ଭାଗୀରଥି ସାମଲ, ଅଗଣି ଚରଣ ନାୟକ, ସମରେନ୍ଦ୍ର ଘୋଷ, ରାଜକିଶୋର ମୁଦୁଲି, ଗଦାଧର ସାହୁଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ବାବୁଲି ଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକ ଚଣ୍ଡୀ ମନ୍ଦିରରେ ବିଦେଶୀ ପର୍ଯ୍ୟଟକ ପ୍ରବେଶର ତଦନ୍ତ ଦାବି

**କଟକ ଅଫିସ, ୩।୨**

କଟକ ଚଣ୍ଡୀ ମନ୍ଦିରରେ ବିଦେଶୀ ପର୍ଯ୍ୟଟକଙ୍କ ପ୍ରବେଶକୁ ହିନ୍ଦୁ ସେନା ପକ୍ଷରୁ ବିରୋଧ କରାଯାଇଛି। ଏନେଇ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ନିକଟରେ କଟକ ଚଣ୍ଡୀ ମନ୍ଦିରରେ କେତେଜଣ ବିଦେଶୀ ପର୍ଯ୍ୟଟକ ପ୍ରବେଶ କରିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦେଶୀ ପର୍ଯ୍ୟଟକଙ୍କୁ ମନ୍ଦିର ପରିସରରେ ପ୍ରବେଶ କରିବାକୁ କିଏ ଅନୁମତି ଦେଇଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ସଞ୍ଜିତ ସାମଲ, ରାଜ୍ୟ ସଭାପତି ଦେବାଶିଷ ରାଉତ, ଜିଲା ସଭାପତି ଆଶିଷ ମହାପାତ୍ର, ଦୀପ୍ତିରଞ୍ଜନ ସ୍ୱାଇଁ, ଅଶୋକ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।




ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବ୍ୟାପକ ଅନିୟମିତତା ବିରୋଧରେ ଭାଜପା କଟକ ସଦର ପକ୍ଷରୁ ଶୁକ୍ରବାର ନୂଆବଜାରସ୍ଥିତ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ଆବାସ ଦୁର୍ନୀତି ବିରୋଧରେ ବ୍ଲକ କାର୍ଯ୍ୟାଳୟ ଘେରାଉ

**କଟକ ସଦର,୩।୨(ଡି.ଏନ୍.ଏ.)**

ଆବାସ ଦୁର୍ନୀତି ବିରୋଧରେ ଶୁକ୍ରବାର କଟକ ସଦର ଭାଜପା ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ସ୍ଥାନୀୟ ନେତୃମଣ୍ଡଳୀ ଯୋଗଦେଇ ଅର୍ଥ ନେଇ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ କରିବା ପାଇଁ ଚାଲିଥିବା ଉଦ୍ୟମକୁ ବିରୋଧ କରିଥିଲେ। ଉକ୍ତ ବ୍ଲକ ଅଧୀନ ପ୍ରହରାଜପୁର ପଞ୍ଚାୟତରେ ଇନ୍ଦିରା ଆବାସ ତାଲିକା ରେଜିଷ୍ଟର ୨୦୦୦-୨୦୧୪ରୁ ଗାଏବ ହୋଇଯିବା ଘଟଣାକୁ ଜିଲା ଉପ ସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ ନିନ୍ଦା କରିଥିଲେ। ଏହାଛଡା କିଶୋର ନଗର, ଧରିଣା, ସୋମପୁର, ଯଶପଡ଼ା, ଅରିଲୋ, ନିମେଇଶାପୁର, ପରମହଂସ, କଳପଡା, କୂଳସରିଚୁଆଁ, ଦଧିବାମନପୁର, ବ୍ରହ୍ମପୁର, ଝାରକଟା, ଉରାଳୀ ପଞ୍ଚାୟତରେ ବହୁ ଅଯୋଗ୍ୟଙ୍କୁ କୋହଳ ମନୋଭାବ ପୋଷଣ କରାଯାଇଛି। ଜିଓ ଟ୍ୟାଗ୍‌ବେଳେ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଧରି ସରକାରୀ କର୍ମଚାରୀ ବୁଲିବାକୁ ଭାଜପା ନେତା ଦିଲୀପ ମଲ୍ଲିକ ନିନ୍ଦା କରିଥିଲେ। କେନ୍ଦ୍ରୀୟ ଗାଇଡ୍‌ଲାଇନ୍ ନ ମାନି ହିତାଧିକାରୀ ମନୋନୟନ କରାଗଲେ ତାହାକୁ ବିରୋଧ କରାଯିବ ବୋଲି ରାଜ୍ୟ କୃଷକ ମୋର୍ଚ୍ଚାର ଉପ ସଭାପତି ହୃଷୀକେଶ ଜେନା କହିଛନ୍ତି। ଏହି ଘେରାଉରେ ପୀୟୁଷ ରଞ୍ଜନ ପରିଡ଼ା, ଅଭୟ ସ୍ୱାଇଁ, ଚିତ୍ତରଞ୍ଜନ ସାହୁ, ଆଲୋକ ମହାନ୍ତି, ନିର୍ମଳ ଦାସ, କର୍ପୋରେଟର ରାକେଶ ସ୍ୱାଇଁ, ମାମିନା ମହାନ୍ତି, ଶୁଭନ୍ୟାସ ମହାନ୍ତି ଓ ପ୍ରଦୀପ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରେ ବିଡ଼ିଓଙ୍କୁ ସାକ୍ଷାତ କରାଯାଇ ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା କାର୍ଯ୍ୟାଦେଶ ଦେବା ପୂର୍ବରୁ ସାର୍ବଜନୀନ କରିବା ପାଇଁ ଦାବି କରାଯାଇଥିଲା।

## ସମସ୍ୟା ସମାଧାନ କରାଯାଉ

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଆଇନ ଛାତ୍ର**

**କଟକ ଅଫିସ,୩।୨**

ବିଭିନ୍ନ ସମସ୍ୟା ନେଇ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ର ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ୩ ବର୍ଷୀୟ ଏଲ୍‌ଏଲ୍‌ବିର ପଞ୍ଚମ ସେମିଷ୍ଟର ପରୀକ୍ଷା କେନ୍ଦ୍ରରେ ଅନିୟମିତା, ଉକ୍ତ ପରୀକ୍ଷାବେଳେ ଛାତ୍ରମାନଙ୍କୁ ମହିଳା ନିରୀକ୍ଷକ ଯାଞ୍ଚ କରିବା, ପରୀକ୍ଷାର୍ଥୀଙ୍କୁ କର୍ତ୍ତୃପକ୍ଷଙ୍କ ଅସଦାଚରଣ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର କହି ଏଡାଇ ଦେବା, ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନ ରଖାଯାଇ ଅତିଥି ଅଧ୍ୟାପକଙ୍କ ଦ୍ୱାରା ପରିଚାଳିତ କରାଯାଉଥିବା ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି ଅଧ୍ୟାପକଙ୍କ ସ୍ଥାୟୀ ନିଯୁକ୍ତି, ଛାତ୍ରମାନଙ୍କୁ କୋର୍ଟ ପରିଦର୍ଶନରେ ନିଆଯାଉ ନାହିଁ, ପାଠପଢାର ମାନ ହ୍ରାସ, କେତେଜଣ କର୍ତ୍ତୃପକ୍ଷ କ୍ଷମତାର ଅପବ୍ୟବହାର କରୁଥିବା ସହ ବିଶ୍ୱବିଦ୍ୟାଳୟ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ଚିଠିରେ ଦର୍ଶାଯାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଛାତ୍ରମାନେ ଚିଠି ମାଧ୍ୟମରେ ଜଣାଇଛନ୍ତି।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ମଣିପୁରର କଦମପୋକ୍‌ପି ଡ୍ରାମାଟିକ ୟୁନିୟନ ପକ୍ଷରୁ ଶୁକ୍ରବାର ପରିବେଷିତ ନାଟକ 'ଲିକ୍ଷାନ୍‌ଗୁ ସଫାବି'ର ଏକ ଦୃଶ୍ୟ।

## ୧୪୯ ପେଟି ମଦ ଜବତ, ଜଣେ ଗିରଫ



ଜବତ ମଦ, ଗାଡ଼ି ଓ ଗିରଫ ଅଭିଯୁକ୍ତ।

**କଟକ ଅଫିସ,୩।୨**

ବିଡ଼ାନାସୀ ପୋଲିସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ଚହଟା ଛକ ନିକଟରୁ ୧୪୯ ପେଟି ମଦ ସହ ଏକ ଟାଟା ମ୍ୟାଜିକ (ନଂ.ଓଡ଼ି ୦୨-ବିଏସ୍-୨୮୮୩) ଜବତ କରାଯାଇଛି। ବେଆଇନ ମଦ କାରବାର ସହ ଜଡ଼ିତ ଗାଡ଼ି ଚାଳକ କଟକ ଜିଲା ତଇଳା ଗ୍ରାମର ଆନନ୍ଦ ନାଇକ(୩୦)ଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୫/୨୦୨୩) ରୁଜୁ ହୋଇଛି।

# ୪୦ ପ୍ରତିଶତ କର୍କଟ ରୋଗର କାରଣ ଗୁଟ୍‌ଖା

**କଟକ ଅଫିସ, ୩।୨**

ଦେଶ ତଥା ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେବଳ ତମାଖୁ ନୁହେଁ, ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ସେବନ ଦ୍ୱାରା କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିଛି। ୪୦ ପ୍ରତିଶତ କର୍କଟ ତମାଖୁ ସେବନରୁ ହେଉଛି। ବର୍ତ୍ତମାନ ଏହି ରୋଗ ୨୦ରୁ ୨୫ ବର୍ଷର ଯୁବକମାନଙ୍କ ମଧରେ ଅଧିକ ଦେଖାଯାଉଛି ବୋଲି ମେଡିକାଲ ଅଙ୍କୋଲୋଜିଷ୍ଟ ଡା. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି। ବିଶ୍ୱ କର୍କଟ ଦିବସ ଉପଲକ୍ଷେ ସାମାଜିକ ସଙ୍ଗଠନ ଶୋଭା ପକ୍ଷରୁ ସ୍ଥାନୀୟ ଗାନ୍ଧୀଭବନଠାରେ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡା. ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏସିଆ ମହାଦେଶରେ




କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମରେ ଡା. ପ୍ରଶାନ୍ତ କୁମାର ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।

ମହିଳାମାନଙ୍କ ମଧ୍ୟରେ ଫୁସ୍‌ଫୁସ୍ କର୍କଟଜନିତ ରୋଗ ସର୍ବାଧିକ ବୃଦ୍ଧି ପାଇଛି। ଗ୍ଲୋବାଲ ବର୍ଡେନ ଅଫ ଡିଜିଜ୍‌ର ଷ୍ଟଡି ମୁତାବକ ଭାରତରେ ମହିଳାଙ୍କୁ ସର୍ବାଧିକ ସ୍ତନ କର୍କଟ ରୋଗ ହେଉଛି। ସେହିପରି ସେମାନଙ୍କଠାରେ ଗର୍ଭାଶୟ କର୍କଟ, କୋଲେନ କର୍କଟ, କୋଲନ ଏବଂ ରେକ୍ଟମ ସମସ୍ୟା ମଧ ବୃଦ୍ଧି ପାଇଛି। ୨୦୨୫ ସୁଦ୍ଧା ଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ୧୫.୬୯ ଲକ୍ଷ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଥିବା ଡା. ପରିଡ଼ା କହିଥିଲେ। ସେହିପରି ସମ୍ମାନିତ

**କର୍କଟ ରୋଗ ସଚେତନତା**

ଅତିଥି ଭାବେ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ଜ୍ୟୋତିରଞ୍ଜନ ସ୍ୱାଇଁ ଯୋଗଦେଇ କହିଥିଲେ, ଲୋକଙ୍କ ମଧ୍ୟରେ କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଉଛି। ଠିକ୍ ସମୟରେ ଖାଦ୍ୟ ଗ୍ରହଣ ନ କରିବା ଏବଂ ଉପଯୁକ୍ତ ଶାରୀରିକ ପରିଶ୍ରମ ନ କରିବା ଦ୍ୱାରା କର୍କଟ ରୋଗ ଅଧିକ ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା କରାଯାଇପାରିଲେ ରୋଗୀ ସୁସ୍ଥ ଜୀବନଯାପନ କରିପାରିବେ ବୋଲି ସେ କହିଥିଲେ। ଅନୁପମା ଦାସ ଧନ୍ୟବାଦ ଦେଇଥିଲେ।




କଟକ ସହର ମଧରେ ଜାଗା ମିଶନ ଚିହ୍ନିତ ବସ୍ତିର ହିତାଧିକାରୀଙ୍କୁ ପ୍ରମାଣପତ୍ର ଯୋଗାଣ ଦାବିରେ ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ଶୁକ୍ରବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।




କଟକ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ପୁରୁଷୋତ୍ତମ କାମିକାଙ୍କ ପୁସ୍ତକ 'ନବ ଭାରତର ରୂପକାର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ଡେଲାଙ୍ଗ (ଡି.ଏନ୍.ଏ.) : ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଇନ୍ଦିପୁରସ୍ଥିତ ଆଚାର୍ଯ୍ୟ ହରିହର ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. କାହ୍ନୁଚରଣ ଦାସଙ୍କ ସଭାପତିତ୍ୱରେ ଶାରୀରିକ ଶିକ୍ଷକ ବୈକୁଣ୍ଠ ବିହାରୀ ସାହୁ, ଅଧ୍ୟାପକ ତ୍ରିନାଥ ସାହୁ, ପ୍ରମୋଦ ଜେନା, ଶୈଳେନ୍ଦ୍ର ସେନାପତି, ନିରଞ୍ଜନ ସେନାପତି ବାଳିକାଙ୍କ ଆତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ଭାବେ ଦେବସ୍ମିତା ନାୟକ ଉପସ୍ଥିତ ଥିଲେ। ସମସ୍ତ ବାଳିକାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ପ୍ରଦର୍ଶିକା ରଞ୍ଜୁକ୍ତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କ୍ରୀଡ଼ା ଓ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ପ୍ରତିନିଧି ନିଯୁକ୍ତ

ଅସ୍ତରଙ୍ଗ,୩।୨(ଡି.ଏନ୍.ଏ.): ରାଜ୍ୟ କ୍ରୀଡ଼ା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା



ଅସ୍ତରଙ୍ଗ ବ୍ଲକ ପାଇଁ ତାଙ୍କର ପ୍ରତିନିଧି ଭାବେ ଭୀମସେନ ସାଇଁଙ୍କୁ ମନୋନୀତ କରିଛନ୍ତି। ସ୍ୱାଇଁ ବିଜେଡର ଜଣେ ଦକ୍ଷ ଯୁବ ନେତା ଓ ଆଳଙ୍ଗପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ। ମନ୍ତ୍ରୀ ବେହେରାଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ ଅସ୍ତରଙ୍ଗ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସରକାରୀ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ପୁରୀ ଜିଲାପାଳଙ୍କୁ ମନ୍ତ୍ରୀ ବେହେରାଙ୍କ ଡି ଓ/ ଚିଠି ନଂ.୧୩୬ /୦୧।୦୨।୨୦୨୩ ରେ ଅବଗତ କରାଇଛନ୍ତି। ନିଯୁକ୍ତି ମିଳିବା ପରେ ପ୍ରତିନିଧି ସ୍ୱାଇଁ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବିଜେଡି ବ୍ଲକ ସଭାପତି କେଦାରନାଥ ବେହେରା, ସମବାୟ ସମିତି ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ମନ୍ତ୍ରୀ ପ୍ରତିନିଧି ଭୀମସେନ ସାଇଁଙ୍କୁ ନବନିର୍ବାଚିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଦୁଇ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ଯୁବ ଆଡଭୋକେଟ ଦିବ୍ୟଦର୍ଶୀ ବିଶ୍ୱାଳ, ବିଜେଡି ନେତା ରତୁରାଜ ରାଉତ, ପୁରନ୍ଦର ମହାନ୍ତି, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଜଗତ୍‌ସିଂହପୁର ଏମ୍‌ପିଙ୍କ କୋଣାର୍କ ପ୍ରତିନିଧି ହେଲେ ପଦ୍ମଚରଣ

କୋଣାର୍କ,୩।୨(ଡି.ଏନ୍.ଏ.): କୋଣାର୍କ ଏନ୍‌ଏସି ନିମନ୍ତେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ନିଜ ପ୍ରତିନିଧି ଭାବେ କୋଣାର୍କ ଏନଏସିର ପୂର୍ବତନ କାଉନସିଲର ପଦ୍ମଚରଣ ବେଉରାଙ୍କୁ ମନୋନୀତ କରିଛନ୍ତି। ଦୀର୍ଘ ଦିନ ଧରି ଏମ୍‌ପି ମଲ୍ଲିକଙ୍କ କୋଣାର୍କ ପ୍ରତିନିଧି ପଦବୀ ଖାଲି ପଡ଼ିଥିଲା। ତେବେ ଏମ୍‌ପି ପାଣ୍ଠିର ସୁବିନିଯୋଗ ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରିବା ଉଦ୍ଦେଶ୍ୟରେ ଜାନୁୟାରୀ ୯, ଚିଠି ନଂ-୪୮୯ ଅନୁଯାୟୀ କୋଣାର୍କ ଏନଏସିର ପୂର୍ବତନ କାଉନସିଲର ପଦ୍ମଚରଣଙ୍କୁ ଜଗତ୍‌ସିଂହପୁର ଏମ୍‌ପି ମଲ୍ଲିକ କୋଣାର୍କ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ଏ ନେଇ ଏମ୍‌ପି ମଲ୍ଲିକ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲାପାଳ, କୋଣାର୍କ ଏନ୍‌ଏସି ଅଧକ୍ଷା, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଜଗତସିଂହପୁର ଏମ୍‌ପିଙ୍କ କୋଣାର୍କ ପ୍ରତିନିଧି ଭାବେ ପଦ୍ମଚରଣ ମନୋନୀତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଗତ୍‌ସିଂହପୁର ଏମ୍‌ପି ମଲ୍ଲିକ, କ୍ରୀଡ଼ା ମନ୍ତ୍ରୀ ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ତଥା ବିଜେଡି ସମ୍ପାଦକ ସ୍ୱାଧୀନ ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଅଭୁଲା ସ୍ମୃତି ସାଉଁଟିଲେ ୧୯୯୭ ମାଟ୍ରିକ ବ୍ୟାଚ୍

କଣାସ,୩।୨(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତ ଓହ୍ଲାଣ ଗ୍ରାମର ଗ୍ରାମେଶ୍ୱର ବିଶ୍ୱନାଥ ନୋଡ଼ାଲ ବିଦ୍ୟାପୀଠରେ ୧୯୯୭ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉକ୍ତ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ର ସମସ୍ତ ଗୁରୁମା ଗୁରୁଜୀଙ୍କୁ ପ୍ରଣାମ କରି ବିଦ୍ୟାଳୟକୁ ପାଛୋଟି ନେଇଥିଲେ। ଅନେକ ବର୍ଷ ପରେ ଭେଟ ହୋଇ ସମସ୍ତେ ଅଭୁଲା ସ୍ମୃତିକୁ ପୁଣି ସାଉଁଟିଥିଲେ। ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବ୍ୟସିଂହ ରାଉତରାୟ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାବିତ୍ ରାମଚନ୍ଦ୍ର ପ୍ରଧାନ, ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ, କ୍ରୀଡ଼ା ଶିକ୍ଷକ ରାଜକିଶୋର ଦାସ, ଜ୍ୟୋତ୍ସ୍ନାରାଣୀ ପ୍ରହରାଜ, ଚକ୍ରଧର ମହାପାତ୍ର, ବିଜୟ ମହାପାତ୍ର, କୈଳାସ ଚନ୍ଦ୍ର ମାର୍ଥା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ଆଧୁନିକ ଯୁଗରେ ପିଲାଙ୍କୁ ମୋବାଇଲ,ଟିଭିଠାରୁ ଦୂରେଇ ରଖିବା ସହ ଉଚିତ ମାର୍ଗଦର୍ଶନ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଶିକ୍ଷାବିତ୍ କମଳଲୋଚନ ପ୍ରଧାନଙ୍କ ସଂଯୋଜନାରେ ହୋଇଥିବାବେଳେ ପୁରାତନ ଛାତ୍ର ପ୍ରଭାକର ସ୍ୱାଇଁ, ଧ୍ରୁବ ସୁନ୍ଦରାୟ, ଅଜୟ ସାମନ୍ତରାୟ, ମାନସ ସାହୁ, ମାନସ ଗଜେନ୍ଦ୍ର, ପ୍ରଶାନ୍ତ ସାହୁ, ସଂଗ୍ରାମ କେଶରୀ ମାର୍ଥାଙ୍କ ସମେତ ୭୦ ଜଣ ଏହି ବନ୍ଧୁ ମିଳନରେ ଉପସ୍ଥିତ ଥିଲେ।

# ପ୍ରଶାସନ ଆଢୁଆଳରେ ଗୋଚାଲାଣ

- ରୋକା ନ ଗଲେ ଗୋ ସମ୍ପଦ ଶୂନ୍ୟ ଆଶଙ୍କା
- ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ

ନିମାପଡ଼ା,୩।୨(ଡି.ଏନ୍.ଏ.)



ଗୋରୁଙ୍କୁ ବିକ୍ରି ପାଇଁ ଟ୍ରକ୍ ଯୋଗେ ନିଆଯାଉଛି।

ପୁରୀ ଜିଲା ଚାରିଛକ ଥାନା ଅନ୍ତର୍ଗତ ଚାରିଛକ ତୁଳସୀପୁର, କୁସୁମାଠେଙ୍ଗ ଆଦି ଅଞ୍ଚଳ ଏବେ ଚୋରା ଗୋରୁ ବେପାରୀ ଓ ଚୋରା ଚାଲାଣକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଦେଖାଯାଉଛି। ଦୈନିକ ତୁଳସୀପୁର, କୁସୁମାଠେଙ୍ଗ ଅଞ୍ଚଳରୁ ବେଆଇନ ଭାବେ ଶହଶହ ସଂଖ୍ୟାରେ ଗୋ-ସମ୍ପଦ କୋଲକାତା, ମେଦିନାପୁର, ବାଲେଶ୍ୱର, ଭଦ୍ରକ ଅଞ୍ଚଳରୁ ବଡ଼ ଟ୍ରକ ଓ କଣ୍ଟେନରରେ କଂସେଇଖାନାକୁ ଚାଲାଣ କରାଯାଉଛି। ପ୍ରଶାସନର ଆଢୁଆଳରେ ଏହି ଗୋ-ଚାଲାଣ ହେଉଥିବା ନେଇ ପଶୁପ୍ରେମୀ, ଆଧ୍ୟାତ୍ମିକବାଦୀ, ବରିଷ୍ଠ ନାଗରିକମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ବାହାରୁ ଓ ବିଭିନ୍ନ ଜିଲାରୁ ଗୋ-ଚାଲାଣକାରୀ ଚାରିଛକ, ତୁଳସୀପୁର ଅଞ୍ଚଳରେ ଡେରା ପକାଇ ସ୍ଥାନୀୟ ଅଞ୍ଚଳର ଗୋସମ୍ପଦ ଦଲାଲଙ୍କୁ ହାତବାରିସି କରି ଶହଶହ ସଂଖ୍ୟାରେ ଗୋରୁଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି। ହେଲେ ଏ ଦିଗରେ ଜିଲା ପ୍ରଶାସନ କି ଚାରିଛକ ଥାନା ପୋଲିସ ପ୍ରଶାସନର ସାମାନ୍ୟତମ ଦୃଷ୍ଟି ନାହିଁ। ଯଦି ଚାରିଛକ ଥାନା ଅଞ୍ଚଳରୁ ବେଧଡ଼କ ଭାବେ ଏଭଳି ଗୋଚାଲାଣକୁ ରୋକା ନ ଯାଏ, ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗା ନ ଯାଏ, ତେବେ ଆଗାମୀ କିଛି ମାସ ମଧ୍ୟରେ ନିମାପଡ଼ା ଓ ଚାରିଛକ ଥାନା ଅଞ୍ଚଳରୁ ଗୋ-ସମ୍ପଦ ଶୂନ୍ୟ ହୋଇଯିବାର ଆଶଙ୍କା ଦେଖାଦେବ।

ଅନ୍ୟପକ୍ଷରେ ଚୋରା ଗୋରୁ ବେପାରୀ, ବାହାର ଅଞ୍ଚଳର ଗୋଚାଲାଣକାରୀଙ୍କଠାରୁ ସ୍ଥାନୀୟ ଥାନା ପୋଲିସ କର୍ମଚାରୀ ମୋଟା ଅଙ୍କର ପାଉଣା ନେଇ ଏଭଳି ବେଆଇନ ଘଟଣାକୁ ପରୋକ୍ଷ ଭାବେ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ହିନ୍ଦୁଧର୍ମରେ ଗୋ ମାତା, ଗାଈଙ୍କୁ ଲୋକେ ଦେବୀ ଭାବେ ପୂଜା କରି ଆସୁଥିବାବେଳେ ସ୍ଥାନୀୟ ଅଞ୍ଚଳରୁ ଗୋସମ୍ପଦକୁ ରାଜ୍ୟ ବାହାରର କଂସେଇଖାନାକୁ ପଠାଯିବା ଘଟଣା ଆମ ଧାର୍ମିକ ଭାବଧାରକୁ ଖୋଲାଖୋଲି କ୍ଷୁଣ୍ଣ କରୁଥିବା ସ୍ଥାନୀୟ ବିଶ୍ୱ ହିନ୍ଦୁ ପରିଷଦ, ଗୋସୁରକ୍ଷା ସମିତି କର୍ମକର୍ତ୍ତା, ପଶୁପ୍ରେମୀମାନେ କହିଛନ୍ତି। ଗୋରୁଙ୍କ ଗୋଡ଼ ବାନ୍ଧି ଟ୍ରକ ଓ କଣ୍ଟେନରରେ ପକାଇ ନିର୍ଯାତନା ଦିଆଯାଇ ଅତି ନିର୍ଦ୍ଦୟ ଭାବେ ଚାଲାଣ ହେଉଛି। ନିମାପଡ଼ା ଓ ଚାରିଛକ ଥାନା ଅଞ୍ଚଳରେ ସରକାରଙ୍କ ପଶୁ ନିର୍ଯାତନା ଆଇନ ପ୍ରହସନ ପାଲଟିଛି। ଜିଲା ପ୍ରଶାସନ ଓ ଚାରିଛକ ଥାନା ପୋଲିସ ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଢ଼ ଦୃଷ୍ଟି ଦିଆଯାଇ ଗୋରୁ ବେପାରୀ ଓ ଗୋଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଗୋ-ଚାଲାଣ ବନ୍ଦ କରାଯିବା ସହ ପ୍ରାଣୀ ସୁରକ୍ଷା ଆଇନକୁ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ଭାବେ ପାଳନ କରାଯିବାକୁ ନିମାପଡ଼ା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ରଞ୍ଜନ ନାୟକ, ସଞ୍ଜୟ ବାରିକ, ଶରତ ସେନାପତି, ନୀହାର ରଞ୍ଜନ ମହାରଣା, ରଞ୍ଜନ ବେହେରା ପ୍ରମୁଖ ରାଜ୍ୟ ପଶୁ ସମ୍ପଦ ମନ୍ତ୍ରୀ, ସଚିବ, ପୁରୀ ଜିଲାପାଳ, ଏସ୍‌ପି, ମୁଖ୍ୟ ଶାସନ ସଚିବ ପ୍ରମୁଖଙ୍କ ନିକଟରେ ଦାବି କରିଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଗଣଆନ୍ଦୋଳନ କରାଯିବ ବୋଲି କାର୍ଯ୍ୟକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଚାରିଛକ ଫାଣ୍ଡି ଅଧିକାରୀ ମମତା ବିଶ୍ୱାଳଙ୍କୁ ପଚାରିବାରେ କିଛି ଜାଗାରେ ଗୋରୁ ଚାଲାଣକାରୀଙ୍କୁ ଧରିବା ସହ ଗୋରୁଙ୍କୁ ଉଦ୍ଧାର କରାଯାଉଛି। ତେବେ ସେମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଢେଙ୍କାନାଳରେ ଅନୁଷ୍ଠିତ ରାଜ୍ୟ ବିଦ୍ୟାଳୟସ୍ତରୀୟ ଥ୍ରୋ-ବଲ୍ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଥିବା ପୁରୀ ମହିଳା ଓ ପୁରୁଷ ଦଳକୁ ସମ୍ବର୍ଦ୍ଧିତ କରାଯାଉଛି।

# ଦୃଷ୍ଟିହୀନ ଦମ୍ପତିଙ୍କୁ ସହଯୋଗ କଲେ ବିଧାୟକ

ପିପିଲି,୩।୨(ଡି.ଏନ୍.ଏ.)

ଦୃଷ୍ଟିହୀନ ଦମ୍ପତିଙ୍କୁ ସହଯୋଗର ହାତ ବଢ଼ାଇଲେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ। ସୂଚନା ଯେ, ଦମ୍ପତି ମଙ୍ଗଳପୁରର ଏକ ଭଡ଼ା ଘରେ ରୁହନ୍ତି। ତାଙ୍କର ସାଢେ ୩ ବର୍ଷର ଝିଅ ଆଖି ଚିକିତ୍ସା ନିମନ୍ତେ ଅର୍ଥର ଆବଶ୍ୟକତା ନେଇ ଗଣମାଧ୍ୟମରେ ସାହାଯ୍ୟ ମାଗିଥିଲେ। ଏହାପରେ ବିଧାୟକ ଉକ୍ତ ଦୃଷ୍ଟିହୀନ ପରିବାରକୁ ଶୁକ୍ରବାର ୨୦ ହଜାର ଟଙ୍କା ଝିଅର ଚିକିତ୍ସା ପାଇଁ ଅର୍ଥ ପ୍ରଦାନ କରିଛନ୍ତି। ଏଥିସହ ଚଳିବା ପାଇଁ ଗ୍ରୋସରି, ପନିପରିବା ମଧ୍ୟ ଯୋଗାଇ ଦେଇଛନ୍ତି। ବିଶେଷକରି ସେମାନଙ୍କୁ ଖାଉଟି କଲ୍ୟାଣ ଯୋଜନାରେ ସାମିଲ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଯୋଗାଇ ଦେବା ସହିତ ଝିଅର ଚିକିତ୍ସା ପାଇଁ ସହଯୋଗ ଜାରି ରହିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସାହାଯ୍ୟ ସହଯୋଗ ପାଇଁ ଦୃଷ୍ଟିହୀନ ଦମ୍ପତି ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଧାୟକଙ୍କ ଏହି ସାକ୍ଷାତ ସମୟରେ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।



ଦୃଷ୍ଟିହୀନ ପରିବାରଙ୍କୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଭେଟୁଛନ୍ତି।

# ମୋବାଇଲ ଲୁଟ: ୩ ଗିରଫ

ପୁରୀ ଅଫିସ, ୩।୨

ପୃଥକ ମୋବାଇଲ ଫୋନ ଲୁଟ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ପୁରୀ ପୋଲିସ ଗିରଫ କରିଛି। କୁମ୍ଭାରପଡ଼ା ଥାନା ପୋଲିସ ଶୁକ୍ରବାର ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଜମ୍ପାଲି ଗ୍ରାମର ବି.ଶିବଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଲୁଟ ମୋବାଇଲ ଫୋନ ଓ ନଗଦ ୫ଶହ ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ (ନଂ.୩୨/୨୩) ରୁଜୁ ହୋଇଛି। ଗୁରୁବାର ସକାଳେ ବଡ଼ଶଙ୍ଖ ପରିବା ବଜାରରେ ସିଦ୍ଧମହାବୀର ପାଟଣାର ଦିବ୍ୟସିଂହ ଦାସଙ୍କଠାରୁ ଶିବ ଲୁଟ୍ କରିଥିଲେ। ସେହିପରି ଦୀପକ ଜେନାଙ୍କ ଅଭିଯୋଗ କ୍ରମେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଙ୍କିମୁହାଣର ବିନୟ ମାଝି ଓ ପ୍ରତାପ ପଟ୍ଟନାୟକଙ୍କୁ ପୋଲିସ ଗିରଫ କରିବା ସହ ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ କେସ୍ ନଂ. ୩୮/୨୩ ରୁଜୁ ହୋଇଛି।

## ଟାଏକୋଣ୍ଡୋ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୩।୨

ଧାନବାଦସ୍ଥିତ ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ଉତ୍ତରପ୍ରଦେଶ ଟାଏକୋଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ଗତ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ବରେଲିରେ ୩୯ତମ ଜାତୀୟ ଜୁନିୟର କିରୋଗୀ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଦଳ ଭାଗ ନେଇଥିଲା। ଖେଳାଳୀମାନେ ଭଲ ପ୍ରଦର୍ଶନ କରି ପଦକ ଜିତିଥିଲେ। ଜୁନିୟର ଟାଏକୋଣ୍ଡୋ କିରୋଗୀ ଖେଳାଳି ଅଣ୍ଡର ୬୮ କିଗ୍ରା ବର୍ଗରେ ସୁମନ ସୁଆର ସ୍ୱର୍ଣ୍ଣ ଏବଂ ଅଣ୍ଡର ୫୨ କିଗ୍ରା ବର୍ଗରେ ପ୍ରିୟଙ୍କା ବଡ଼ଜେନା ରୌପ୍ୟ ପଦକ ହାସଲ କରିଥିବାରୁ ଜିଲାପାଳ ସମର୍ଥ ବର୍ମା ଗୁରୁବାର ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ପୁରୀ ଜିଲାରୁ ସୁମନ ଓ ପ୍ରିୟଙ୍କା ଓଡ଼ିଶା ଜୁନିୟର ଟାଏକୋଣ୍ଡୋ ଟିମ୍ ପାଇଁ ମନୋନୀତ ହୋଇ ଏହି ସଫଳତା ପାଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଉଭୟ ଖେଳାଳୀଙ୍କ ପ୍ରଶିକ୍ଷକ ଅଶୋକ ସେଠୀ, ମିଥୁନ କୁମାର ସାହୁ ଓ ମିଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଟାଇକୋଣ୍ଡା ସଂଘ ସମ୍ପାଦକ ତଥା ଜିଲା ସମ୍ପାଦକ ମନମୋହନ ଭଞ୍ଜ ସଂଯୋଜନା କରିଥିଲେ।

# ପୁଣ୍ୟତୋୟା ପ୍ରାଚୀ ପୁନରୁଦ୍ଧାରକୁ ଗୁରୁତ୍ୱ

**୧୦ରୁ ପ୍ରାଚୀ ନଦୀ ପରିକ୍ରମା**

ପୁରୀ ଅଫିସ, ୩।୨

ପୁଣ୍ୟତୋୟା ପ୍ରାଚୀ ଏକ ପବିତ୍ର ନଦୀ। ଏହାର ପୌରାଣିକ ଓ ଐତିହ୍ୟ ଉପାଖ୍ୟାନ ଅତି ସମୃଦ୍ଧ। ତେଣୁ ପ୍ରାଚୀ ନଦୀର ସୁରକ୍ଷା ଓ ପରିଚ୍ଛନ୍ନତା ପାଇଁ ପ୍ରତ୍ୟେକେ ସଂକଳ୍ପବଦ୍ଧ ହେବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ସର୍କିଟ ହାଉସରେ ପ୍ରାଚୀ ନଦୀ ପରିକ୍ରମାର ୧୨ତମ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସାହୁ ସୂଚନା ଦେଇ କହିଛନ୍ତି, ଗଙ୍ଗା ଭଳି ପ୍ରାଚୀ ନଦୀକୁ ପବିତ୍ର ନଦୀ ବିବେଚନା କରାଯାଏ। ଏହା ଜୀବନଧାରା ସହ ସଂଶ୍ଳିଷ୍ଟ। କୃଷି, ଗୋପାଳନ, ଧର୍ମ, ଶିକ୍ଷା, ସଂସ୍କୃତି, ଆଧ୍ୟାତ୍ମିକ, କଳା,ସାହିତ୍ୟ ଇତ୍ୟାଦି ସହ ଜଡ଼ିତ। କାଳକ୍ରମେ ପ୍ରାଚୀର ଜଳଧାରା ପ୍ରଭାବିତ ଓ ପ୍ରଦୂଷିତ ହେଉଥିବାରୁ ଏହାର ପୁନରୁଦ୍ଧାର ଏବଂ ସଚେତନତା ଜରୁରୀ। ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହାର ଆୟୋଜନ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବ। ଏହାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଅତିରିକ୍ତ ଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

ପ୍ରାଚୀ ନଦୀର ମାହାତ୍ମ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରଜ୍ଞାନନ୍ଦଜୀ ମହାରାଜ ୨୦୧୨ ମସିହାରୁ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ଚଳିତ ବର୍ଷ ୧୨ ବର୍ଷରେ ପଦାର୍ପଣ କରୁଛି। ପୂର୍ବରୁ ପ୍ରାଚୀ ନଦୀ ନୌବାଣିଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ପୌରାଣିକ ତଥ୍ୟ ଅନୁଯାୟୀ ଏହି ନଦୀରେ ବୁଡ଼ ପକାଇଲେ ଅଶେଷ ପୂଣ୍ୟ ମିଳିଥାଏ। ତେଣୁ ନଦୀର ପୌରାଣିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ପୋତି ହୋଇପଡ଼ିଥିବା ପ୍ରାଚୀର ପୁନରୁଦ୍ଧାର ପାଇଁ ସେ ଏଭଳି ଉତ୍ସବର ଆୟୋଜନ କରୁଛନ୍ତି। ପ୍ରଶାସନ ଏଥିପାଇଁ ସମସ୍ତ ସହଯୋଗ ଯୋଗାଇ ଦେଉଛି। ଏନେଇ ଅତିରିକ୍ତ ଜିଲାପାଳ ସାହୁଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍‌ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପରିକ୍ରମା ଯାତ୍ରୀଙ୍କ ରାତ୍ରିରହଣି, ପାନୀୟଜଳ, ପରିମଳ, ସୁରକ୍ଷା, ସ୍ୱାସ୍ଥ୍ୟ, ଜନ ସଚେତନତା ସୃଷ୍ଟି ଓ ପ୍ରାଚୀ ନଦୀର ଐତିହ୍ୟ ସମ୍ପର୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗମାନଙ୍କୁ ପରାମର୍ଶ ଦିଆଯାଇଛି। ମୁଖ୍ୟ ସଂଯୋଜକ ରାଜ କିଶୋର ନନ୍ଦ ଓ ବରିଷ୍ଠ ସଦସ୍ୟ ପ୍ରିୟବ୍ରତ କର ପରିକ୍ରମା ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ନିମାପଡ଼ା ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, କାକଟପୁର ତହସିଲଦାର ବିରଞ୍ଚି ନାରାୟଣ କର, ଗୋପ ବିଡିଓ ଦିପ୍ତୀମୟୀ ଦାସ, ନିମାପଡ଼ା ବିଡିଓ ବସନ୍ତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ



ଶିବିରରେ ଅତିଥିଙ୍କ ଗହଣରେ ସାର୍ଟିଫିକେଟ ସହ ପ୍ରଶିକ୍ଷାର୍ଥୀମାନେ।

ଅସ୍ତରଙ୍ଗ ,୩।୨(ଡି.ଏନ୍.ଏ.)

**୧୫ ପ୍ରଶିକ୍ଷାର୍ଥୀ ପାଇଲେ ସାର୍ଟିଫିକେଟ**

କାକଟପୁର ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥପୁରସ୍ଥିତ ହସ୍ତଶିଳ୍ପ କେନ୍ଦ୍ର, ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଟେରାକୋଟା ଶିଳ୍ପର ଏକ ଦକ୍ଷତା ବିକାଶ ତାଲିମ ଶିବିର ୬ମାସ ଧରି ଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ ପରେ ଏବେ ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ହସ୍ତଶିଳ୍ପ ସମିତି ସଭାପତି ତଥା ରାଜ୍ୟର ପୂର୍ବତନ ହସ୍ତଶିଳ୍ପ ନିର୍ଦ୍ଦେଶକ ଡ. ଜଗବନ୍ଧୁ ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ୧୫ଜଣ ଶିକ୍ଷାର୍ଥୀଙ୍କୁ ଯୋଗ୍ୟତା ସାର୍ଟିଫିକେଟ ପ୍ରଦାନ କରିଥିଲେ। ଟେରାକୋଟା ତାଲିମ ସମୟରେ ଶିକ୍ଷାର୍ଥୀମାନେ ଟେରାକୋଟା (ମୃଣ୍ମୟ ଶିଳ୍ପ) ରେ ଅନେକ ଆକର୍ଷଣୀୟ ବସ୍ତୁମାନ ନିର୍ମାଣ କରିଥିବାରୁ ଡ. ଷଡ଼ଙ୍ଗୀ ସନ୍ତୋଷ ପ୍ରକାଶ କରିଥିଲେ ଓ ତାଲିମ ପ୍ରଦାନ କରିଥିବା ରାୟଗଡାରୁ ଆସିଥିବା (ଏମ ସି ଏମ) ସଦା କୁମ୍ଭାର, ପୁରୀ ହସ୍ତଶିଳ୍ପ ସମିତିର ସହକାରୀ ନିର୍ଦ୍ଦେଶକ ଓ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥପୁର ହସ୍ତଶିଳ୍ପର ଉପ ସଭାପତି ମମତା ମିଶ୍ର, ସମ୍ପାଦକ ତପନ ମିଶ୍ର ଓ କେନ୍ଦ୍ରର ବିଶିଷ୍ଟ ଟେରାକୋଟା ଶିଳ୍ପୀ ସୁରେନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।ଏହି ଶିବିରରେ ଶିକ୍ଷାର୍ଥୀମାନେ ତିଆରି କରିଥିବା ଟେରାକୋଟା ପଦାର୍ଥ ଗଣେଶ, ଜଗନ୍ନାଥ ମୂର୍ତ୍ତି, ଚଉରା, ଘର ସାଜସଜ୍ଜା ଉପକରଣ, ଫୁଲକୁଣ୍ଡ, ଫୁଲଦାନି ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା। ଏହି ଉପକରଣଗୁଡ଼ିକର ପ୍ରସ୍ତୁତି ଆଗାମୀ ଦିନରେ ଚାଲୁ ରହିବ ବୋଲି ହସ୍ତଶିଳ୍ପ କେନ୍ଦ୍ରର ସଭାପତି ଡ. ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ।

# ବିବେକାନନ୍ଦ ଯୁବଶକ୍ତି ସଂଗଠନର ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ,୩।୨

ପୁରୀ ସ୍ୱାମୀ ବିବେକାନନ୍ଦ ଯୁବଶକ୍ତି ସଂଗଠନ ପକ୍ଷରୁ ଯୁବ ସଶକ୍ତୀକରଣ ନିମିତ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଯୁକ୍ତ୨ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ସମୟରେ ମାନସିକ ସନ୍ତୁଳନ ଓ ଉପଯୁକ୍ତ ପ୍ରସ୍ତୁତି ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରଶାସକ ଓ ଆଲୋଚକ ଲକ୍ଷ୍ମୀ ନାରାୟଣ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳ ଜୀବନ ପାଇଁ ସ୍ୱପ୍ନ ଦେଖି ତା'ର ବାସ୍ତବ ରୂପାୟନ ଉଦ୍ଦେଶ୍ୟରେ ପ୍ରୟାସରତ ହେବାକୁ ପ୍ରେରଣା ଦେଇଥିଲେ। ପରୀକ୍ଷାର୍ଥୀ ଭାବେ ସମୟାନୁବର୍ତ୍ତୀ, ଅଧ୍ୟବସାୟୀ, ଆଗ୍ରହୀ, ଜିଜ୍ଞାସୁ, ଶୃଙ୍ଖଳିତ ହେବାପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ ପ୍ରାଧ୍ୟାପକ ବାସୁଦେବ ଛାଟୋଇ ପରୀକ୍ଷାର୍ଥୀମାନଙ୍କୁ ଲେଖାପଢ଼ାର ନିୟମିତ ଅଭ୍ୟାସ, ଭୟମୁକ୍ତ ହୋଇ ପରୀକ୍ଷା ପ୍ରସ୍ତୁତି ସମ୍ବନ୍ଧରେ ଗଭୀର ଆଲୋକପାତ କରିଥିଲେ। ଅଧ୍ୟାପକ ସୁକାନ୍ତ ମହାନ୍ତି ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରୀଛାତ୍ରଙ୍କୁ ଆଦର୍ଶ ନାଗରିକ ଭାବେ ଗଠନ ହେବାକୁ ଅନୁପ୍ରାଣିତ କରିଥିଲେ। ସଙ୍ଗଠନର ଆବାହକ ଅଧ୍ୟାପକ ସୁକାନ୍ତ ମହାନ୍ତି ଆଗକୁ ଏଭଳି ବହୁ କାର୍ଯ୍ୟକ୍ରମ ହେବ ବୋଲି ଯୁବଗୋଷ୍ଠୀ ପାଇଁ ଗ୍ରହଣ କରାଯିବାର ଯୋଜନା ରହିଛି ବୋଲି ସୂଚନା ଦେଇଥିଲେ।



ଅତିଥିଙ୍କ ଗହଣରେ ଶିବିରାର୍ଥୀମାନେ।

# ଭାଜପା ପକ୍ଷରୁ ବ୍ଲକ ଅଫିସ ଘେରାଉ

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା**

ପିପିଲି/ନିମାପଡ଼ା,୩।୨(ଡି.ଏନ୍.ଏ./ସ୍ୱ.ପ୍ର.)



ଭାଜପା ପକ୍ଷରୁ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଉଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନରେ ଅନିୟମିତତା ଅଭିଯୋଗରେ ପିପିଲି ଭାଜପା ପକ୍ଷରୁ ଶୁକ୍ରବାର ପିପିଲି ବ୍ଲକ ଅଫିସ ଘେରାଉ କରାଯାଇଛି। ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷ ପିପିଲି ଏନ୍‌ଏସି ଭାଜପା କାର୍ଯ୍ୟାଳୟଠାରୁ ପିପିଲି ବ୍ଲକ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରାରେ ଯାଇଥିଲେ। ବ୍ଲକ ସମ୍ମୁଖରେ ଧାରଣା ଦେଇ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିବାଦ ସଭାରେ ପୁରୀ ଜିଲା ଭାଜପା ସଭାପତି ପଟ୍ଟନାୟକ, ପୁରୀ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ସମିତିସଭ୍ୟ ଗଦାଧର ପରିଡ଼ା, କୁଳଶିଖରପାଟଣା ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ଦୁର୍ଗାଦାସପୁର ସରପଞ୍ଚ ଟୁକୁନା ନାଥ, ପିପିଲି ବିଧାନସଭା ସଂଯୋଜକ ଅଭୟ ନାଥ ପ୍ରମୁଖ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ନାରାବାଜି ଦେଇଥିଲେ। ତେବେ ଫନୀ କ୍ଷତିଗ୍ରସ୍ତଙ୍କୁ ଅଗ୍ରାଧିକାର, ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରି ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ସଭାରେ ଦାବି ହୋଇଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପିପିଲି ବିଡିଓଙ୍କୁ ପ୍ରଦାନ କରାଯାଇଛି। ସେହିପରି ନିମାପଡ଼ା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା କର୍ମୀ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକକୁ ଓ କାର୍ଯ୍ୟାଳୟ ଭିତରେ ଧସେଇ ପଶିବାକୁ ଉଦ୍ୟମ କରିଥିବାବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। କେତେକ ମହିଳା କର୍ମୀ ମୁଖ୍ୟ ଫାଟକ ଡେଇଁ ଅଫିସ୍ ଭିତରେ ପଶିବାକୁ ସକ୍ଷମ ହୋଇଥିଲେ। ଏନେଇ ଆନ୍ଦୋଳନ ସ୍ଥଳରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭାଜପା ଉପସଭାପତି ପ୍ରଭାତୀ ପରିଡ଼ା, ବରିଷ୍ଠ ନେତା ଦିଲୀପ ନାୟକ, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଜିଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ, ନିରଞ୍ଜନ ମହାପାତ୍ର, ମାନସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଓଝା, ବିଜୟ ପଣ୍ଡା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏକଚ୍ଛତ୍ରବାଦ ଶାସନକୁ ତୀବ୍ର ସମାଲୋଚନା କରିଥିଲେ। ୧ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରଶାସନ ଯଦି ଏ ଦିଗରେ ଦୃଢ଼ ପଦକ୍ଷେପ ନ ନିଏ, ତେବେ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ସହ ବ୍ଲକ ଓ ବିଧାନସଭା ଘେରିବ। ଏନେଇ ଜିଲା ସଭାପତି ପଟ୍ଟନାୟକ, ଭାଜପା ଉପସଭାପତି ପରିଡ଼ା, ଦିଲୀପ ନାୟକ ଚେତାବନୀ ଦେଇଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଫିଲ୍ମ 'ଡେଲିଭରି ବୟ୍'ର ଟ୍ରେଲର ଲଞ୍ଚ, କେଶରୀ ସିନେମା ହଲ୍, ସକାଳ ୭ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ରାଜଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- ଖଣ୍ଡଗିରି ମେଳାର ୬ଷ୍ଠ ଦିନ, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ତୋଶାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ବିଶ୍ୱ କ୍ୟାନ୍ସର ସଚେତନତା ଦିବସ ପାଳନ, ଆଇଜି ପାର୍କ ସମ୍ମୁଖ, ଅପରାହ୍ନ ୫ଟା।
- ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବ ରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞର ସୂର୍ଯ୍ୟପୂଜା ଓ ଗୋ ପୂଜା, ଭୁବନପୁର, ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଶିବ ଓ ଗ୍ରହପୂଜା ଆହୁତି, ଡାମରାର ମଙ୍ଗଳା ପୀଠ, ସକାଳ ୮ଟା।
- ଭାଜପା ପକ୍ଷରୁ ଘେରାଉ ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ, ସନ୍ଧ୍ୟା ୭ଟା।

କଟକ
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ଗୋରାକବର, ସକାଳ ୮ଟା ୩୦।
- ମଧୁ ସ୍ମୃତି ସୁରକ୍ଷା ସଂସ୍ଥାନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୯ତମ ଶ୍ରାଦ୍ଧୋତ୍ସବ, ମଧୁସ୍ମୃତି ସଂଗ୍ରହାଳୟ, ଚଣ୍ଡିଛକ, ସକାଳ ୯ଟା।
- ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୨ତମ ଅଧିବେଶନ, ଉପର ବାଲିଯାତ୍ରା ପଡ଼ିଆ, ସକାଳ ୯ଟା ୩୦।
- କ୍ୟାନ୍ସର ପୀଡ଼ିତ ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ, ଆଚାର୍ଯ୍ୟ ହରିହର କ୍ୟାନ୍ସର ସ୍ନାତକୋତ୍ତର ପ୍ରତିଷ୍ଠାନ, ପୂର୍ବାହ୍ନ ୧୦ଟା ୩୦।
- ଡିଏନ୍ ପବ୍ଲିକ ସ୍କୁଲର ୨୫ତମ ବାର୍ଷିକ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୫ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଉଦ୍‌ଯାପନୀ ଉତ୍ସବ, କଳା ବିକାଶ କେନ୍ଦ୍ର, ଅପରାହ୍ନ ୫ଟା ୩୦।

# ଚିକିତ୍ସା ପାଇଁ ଦିଲ୍ଲୀ ଯିବେ ଅଭିନେତା ପିଣ୍ଟୁ ନନ୍ଦ

ଭୁବନେଶ୍ୱର,୩।୨ (ବ୍ୟୁରୋ)



ଓଲିଉଡ୍ ଅଭିନେତା ପିଣ୍ଟୁ ନନ୍ଦ ଦୀର୍ଘଦିନ ହେଲା ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଅଛନ୍ତି। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ନିଆଯିବ ବୋଲି ଜଣାପଡ଼ିଛି। ଆବଶ୍ୟକ ପଡ଼ିଲେ ସେଠାରେ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ବା ପ୍ରତିରୋପଣର ଆବଶ୍ୟକତା ପଡିପାରେ। ଏହି ଚିକିତ୍ସା ପାଇଁ ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ପିଣ୍ଟୁ ନନ୍ଦଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ସିନେ ଆର୍ଟିଷ୍ଟ ଆସୋସିଏଶନ ଅନୁରୋଧ କରିଛି। ସିନେ କଳାକାର ସଂଘ ସମ୍ପାଦକ ଶ୍ରୀତମ ଦାସ କହିଛନ୍ତି, ଗୁରୁତର ଅସୁସ୍ଥ ଥିବା ପିଣ୍ଟୁଙ୍କ ଚିକିତ୍ସା ପାଇଁ ଦିଲ୍ଲୀ ନେବାକୁ ଏକ ପ୍ରକାର ସ୍ଥିର ହୋଇଛି। ଖୁବ୍‌ଶୀଘ୍ର ଦିଲ୍ଲୀରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ୍ ବିଲିଆରି ସାଇନ୍ସେସ(ଆଇଏଲବିଏସ୍)ରେ ତାଙ୍କୁ ଭର୍ତ୍ତିକରାଯିବ। ଏ ନେଇ ଆଇଏଲ୍‌ବିଏସ୍‌ର ଡାକ୍ତର ଅଶୋକ ଚୌଧୁରୀଙ୍କ ସହିତ କଥାବାର୍ତ୍ତା କରାଯାଇଛି।

### ଆର୍ଥିକ ସହାୟତା ପାଇଁ ସିନେ କଳାକାର ସଂଘର ଅନୁରୋଧ

ଲିଭର ସିରୋସିସ୍‌ରୁ ଆରୋଗ୍ୟ ହେବା ପାଇଁ ଲିଭର ଟ୍ରାନ୍ସପ୍ଲାଣ୍ଟ କରିବାକୁ ପଡ଼ିବ। ଏହା ପୂର୍ବରୁ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ମଧ ଷ୍ଟେବ୍‌ଲ ରହିବା ଦରକାର। ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଇଛି। ଏବେ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ପିଣ୍ଟୁ। କେବଳ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ୫୦ ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ ଥିବାବେଳେ ଟ୍ରାନ୍ସପ୍ଲାଣ୍ଟ ପରବର୍ତ୍ତୀ ଚିକିତ୍ସା ପାଇଁ ମଧ ଅର୍ଥର ଆବଶ୍ୟକତା ରହିଛି। ସିନେ କଳାକାର ସଂଘର କୋଷାଧ୍ୟକ୍ଷ ବରିଷ୍ଠ ଅଭିନେତା ସୁରେଶ ମିଶ୍ର ଓ ସମ୍ପାଦକ ଶ୍ରୀତମ ଦାସ ଇତିମଧ୍ୟରେ ପିଣ୍ଟୁଙ୍କ ଘରକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପରିବାର ଲୋକେ ମଧ କ୍ରାଉଡ୍ ଫଣ୍ଡିଂ କରୁଛନ୍ତି। ଏହାସହିତ ପିଣ୍ଟୁଙ୍କୁ ସାହାଯ୍ୟ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଶ୍ରୀତମ ଦାସ। ପିଣ୍ଟୁଙ୍କ ପାଇଁ ସିନେ କଳାକାର ସଂଘ ତରଫରୁ ଏକ ବଡ଼ ନିଷ୍ପତ୍ତି ନିଆଯିବ ବୋଲି କୁନା ତ୍ରିପାଠୀ ମଧ କହିଛନ୍ତି।

# 'ଆରେ ମାୟାବୀ ସରୋବର'ରେ ନାରୀ-ପୁରୁଷ ସମାନ

### 'ପୂର୍ବରଙ୍ଗ'ର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର,୩।୨ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, କୋଲକାତାର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବରଙ୍ଗ'ର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ନୂଆଦିଲ୍ଲୀର ନାଟ୍ୟସଂସ୍ଥା ସୂତ୍ରଧର ପକ୍ଷରୁ ହିନ୍ଦୀ ନାଟକ 'ଆରେ ମାୟାବୀ ସରୋବର' ମଞ୍ଚସ୍ଥ ହୋଇଥିଲା। ପୌରାଣିକ ଗ୍ରନ୍ଥ ମହାଭାରତରୁ ଉଦ୍ଧୃତ ବିଷୟ ବସ୍ତୁକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଛି। ନିଜ ସନ୍ତାନଙ୍କ ଲାଳନ ପାଳନରେ ବ୍ୟସ୍ତ ରହୁଥିବା ରାଣୀ ନିଜ ରାଜା ଇଲଭଲ୍ଲଙ୍କୁ ସମୟ ଦେଇପାରନ୍ତି ନାହିଁ। ଏଥିପାଇଁ ରାଜା କ୍ଷୋଭ ପ୍ରକାଶ କରନ୍ତି। ଦିନେ ରାଜା ମାୟା ସରୋବରରେ ସ୍ନାନ କରିବା ପରେ ଜଣେ ନାରୀରେ ପରିଣତ ହୁଅନ୍ତି। ସମୟକ୍ରମେ ରାଜ୍ୟ ଭାର ସମ୍ଭାଳିବା ପାଇଁ ନାରୀ ରୂପି ରାଜା ଓ ରାଣୀଙ୍କ ମଧ୍ୟରେ ମୁକାବିଲା ହୋଇଛି। ଶେଷରେ କିଏ ରାଜା ହେବ ତାହା ଅସମାହିତ ରହିଥିବାବେଳେ ଉଭୟ ପୁରୁଷ ଏବଂ ନାରୀ ସମାନ ଓ ପରସ୍ପର ପରିପୂରକ ବୋଲି ନାଟକଟି ବାର୍ତ୍ତା ଦେଇଛି। ନାଟ୍ୟକାର ଡ. ଶଙ୍କର ଶେଷଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଚିତ୍ତରଞ୍ଜନ ତ୍ରିପାଠୀ।

ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ସୁବୋଧ ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ, ନାଟ୍ୟକାର ଶଙ୍କର ତ୍ରିପାଠୀ, ନାଟ୍ୟକାର ବିଜୟ ଶତପଥୀ ଓ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ନିବେଦିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ଏହି ନାଟ୍ୟ ମହୋତ୍ସବ ଉଦ୍‌ଯାପିତ ହେବାକୁ ଥିବାବେଳେ ଶେଷ ସନ୍ଧ୍ୟାରେ ବଙ୍ଗଳା ନାଟକ 'ମେଡିଆ' ମଞ୍ଚସ୍ଥ ହେବ।



ହିନ୍ଦୀ ନାଟକ 'ଆରେ ମାୟାବୀ ସରୋବର'ର ଏକ ଦୃଶ୍ୟ।

# ଆଜି ଓଡ଼ିଶା ଆସିବେ ଅରୁଣ ଗୋଭିଲ୍

### 'ଶୁଣ ଶ୍ରୀରାମ କାହାଣୀ'ର ଶୁଭାରମ୍ଭ କରିବେ

ଭୁବନେଶ୍ୱର,୩।୨ (ବ୍ୟୁରୋ)

ଲୋକପ୍ରିୟ ହିନ୍ଦୀ ଧାରାବାହିକ 'ରାମାୟଣ'ରେ ରାମ ଭୂମିକାରେ ଦର୍ଶକଙ୍କ ହୃଦୟ ଜିତିଥିବା ଅରୁଣ ଗୋଭିଲ୍ ରାମ ନାମ ପ୍ରଚାର ପାଇଁ ଓଡ଼ିଶା ଆସୁଛନ୍ତି। ଶନିବାର ୪ ତାରିଖରେ ଗୋଭିଲ୍ ଓଡ଼ିଶାରେ ପହଞ୍ଚି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବେ। ୫ ତାରିଖରେ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ହେବାକୁ ଥିବା ସାରସ୍ୱତ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସେ ଯୋଗଦେଇ 'ଶୁଣ ଶ୍ରୀରାମ କାହାଣୀ'ର ଶୁଭାରମ୍ଭ କରିବେ। ନିଲମ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ଅନୁଷ୍ଠାନର ଟ୍ରଷ୍ଟି ଗୌରବ ରାଲହନ୍, ବାସୁଦେବ ଭଟ୍ଟ, ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ସଞ୍ଜୟ ମହାନ୍ତି ଓ ରନି ଦାଶ ପ୍ରମୁଖ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ୧୪ଜଣରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ। ଏଥିରେ ରାମାୟଣର ବିଭିନ୍ନ କଥାବସ୍ତୁକୁ ଅଭିନୟ, ସଙ୍ଗୀତ ଓ ଚରିତ୍ର ଚିତ୍ରଣ ମାଧ୍ୟମରେ ପରିବେଷଣ କରାଯିବ। ଏଥିରେ ୩ ହଜାରରୁ ଅଧିକ ନିମନ୍ତ୍ରିତ ଅତିଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ସାମାଜିକ ଗଣ ମାଧ୍ୟମରେ ସିଧାପ୍ରସାରଣ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦେଇଛନ୍ତି।

# ୬ରେ 'ଲତା ନାଇଟ୍'

ଭୁବନେଶ୍ୱର,୩।୨ (ବ୍ୟୁରୋ)

ଆସନ୍ତା ୬ ତାରିଖରେ ରବୀନ୍ଦ୍ର ମଣ୍ଡପରେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଲତା ନାଇଟ୍' ଅନୁଷ୍ଠିତ ହେବ। ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ୍ ଏବଂ ସଂସ୍କୃତି ଓ ସଂସ୍କୃତି ପରିଷଦ ପକ୍ଷରୁ ଭାରତରତ୍ନ ସଙ୍ଗୀତଜ୍ଞ ଲତା ମଙ୍ଗେସକରଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଅସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଲତାଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ଗାନ କରିବେ ବୋଲି ଆସୋସିଏଶନ ସଭାପତି ପ୍ରଦୋଷ ପଟ୍ଟନାୟକ ଏବଂ ସମ୍ପାଦକ ଦିଲୀପ ହାଲି ସୂଚନା ଦେଇଛନ୍ତି।

# ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ରାଶି ବୃଦ୍ଧି ଦାବିକଲା ଓସିସିଏ

**ଭୁବନେଶ୍ୱର,୩।୨ (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମସ୍ତ ଏକାଡେମୀର ସର୍ବୋଚ୍ଚ ପୁରସ୍କାର ପରିମାଣ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଉଥିବା ବେଳେ ଓଡ଼ିଆ ଚଳଚ୍ଚିତ୍ରର ସର୍ବୋଚ୍ଚ ପୁରସ୍କାର 'ଜୟଦେବ ପୁରସ୍କାର' ପରିମାଣ ଏବେ ବି ୨ ଲକ୍ଷ ଟଙ୍କାରେ ସୀମିତ ରହିଛି। ସେହିପରି ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରଯୋଜନା ନିମନ୍ତେ ପ୍ରଦାନ କରାଯାଉଥିବା 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ପରିମାଣ ମାତ୍ର ୧ ଲକ୍ଷ ଟଙ୍କା ରହିଛି। ଏହି ପୁରସ୍କାର ରାଶିକୁ ବୃଦ୍ଧି କରିବା ପାଇଁ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ (ଓସିସିଏ) ପକ୍ଷରୁ ଦାବି କରାଯାଇଛି। ପୂର୍ବରୁ ଆସୋସିଏସନର ଅନୁରୋଧ କ୍ରମେ ସରକାର 'ଜୟଦେବ ପୁରସ୍କାର' ପରିମାଣ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବାବେଳେ ବର୍ତ୍ତମାନ ସର୍ବୋଚ୍ଚ ପୁରସ୍କାର ପ୍ରଦାନ କ୍ଷେତ୍ରରେ ରହିଥିବା ବୈଷମ୍ୟ ଦୂର କରି 'ଜୟଦେବ ପୁରସ୍କାର' ପରିମାଣ ୫ ଲକ୍ଷ ଟଙ୍କା ଏବଂ 'ମୋହନ ସୁନ୍ଦର ଦେବ ପୁରସ୍କାର' ରାଶି ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଆସୋସିଏସନର ସମ୍ପାଦକ ଦିଲୀପ ହାଲି କହିଛନ୍ତି। ସେହିପରି ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ରାଶି ପରିମାଣ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଲାଗି ଆସୋସିଏସନ ପକ୍ଷରୁ କୁହାଯାଇଛି।

# ଭାରତୀୟ ଇଂଲିଶ ସାହିତ୍ୟରେ ଐତିହ୍ୟ, ପରମ୍ପରା ପ୍ରତିଫଳିତ

ଭୁବନେଶ୍ୱର, ୩।୨ (ବ୍ୟୁରୋ)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଭାରତୀୟ ଇଂଲିଶ ସାହିତ୍ୟକୁ ନେଇ ଜାତୀୟ ସମ୍ମାନ 'ରିଇନ୍‌ଭେଣ୍ଟିଂ ଇଣ୍ଡିଆନ୍ ଇଂଲିଶ ଲିଟରେଚର ଆକ୍ରୋଶ ଦି ପୋଷ୍ଟ-ଇଣ୍ଡିପେଣ୍ଡେନ୍ସ ଏରା' ଅନୁଷ୍ଠିତ ହୋଇଯାଇଛି। ଫାସିସ୍ ଓ ଶ୍ରୀଜନ ପକ୍ଷରୁ ଆୟୋଜିତ ଏହି ସମ୍ମାନରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଲେଖକ ହର ପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ମହାନ୍ ଐତିହ୍ୟ, ସଂସ୍କୃତି ଓ ପରମ୍ପରା କିଭଳି ଭାରତୀୟ ଇଂଲିଶ ସାହିତ୍ୟରେ ପ୍ରତିଫଳିତ ହୋଇ ବିଶ୍ୱ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛି ସେ ସମ୍ପର୍କରେ ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ଆର୍. ଶର୍ମା ଏହାକୁ ଉଦ୍‌ଘାଟନ କରିଥିବାବେଳେ ପରିଚାଳନା ନିର୍ଦ୍ଦେଶକ ଗୌରବ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଫାସିସ୍ ବିଭାଗ ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ମାନ ନିର୍ଦ୍ଦେଶକ ପ୍ରଫେସର କମଳା ପ୍ରସାଦ ମହାପାତ୍ର ସେମିନାର ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ମଧୁମିତା ଦାସ, ଶିଳ୍ପା ସାହୁ, ଡ. ରାକେଶ ତ୍ରିପାଠୀ, ଡ. ନାରାୟଣ ଜେନା, ଅରୂପା ଗାୟତ୍ରୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀଜନ ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ ଓ ଓଡ଼ିଶୀ ସଙ୍ଗୀତ ପରିବେଷଣ କରାଯାଇଥିଲା।




ଜାତୀୟ ସମ୍ମାନରେ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ଓ ଅନ୍ୟ ଅତିଥିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୋଜି



@ ସରିତ୍



@ ଅମିତ



@ ପୂଜା



@ ଦେବଦତ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୮ମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୩।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ପୋଲସ ନିମାପଡ଼ା ମେଡିକାଲରୁ ଜଣେ ନାବାଳିକାଙ୍କ ମୃତଦେହ ଶୁକ୍ରବାର ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ପ୍ରିୟଙ୍କା ଭୋଇ(୧୪)। ପ୍ରିୟଙ୍କା ୮ମ ଶ୍ରେଣୀର ଛାତ୍ରୀ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୩) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା କହିଛି। ସୂଚନା ମୁତାବକ, ପରିବାର ଲୋକ ଘରେ କେହି ନ ଥିବାବେଳେ କୌଣସି କାରଣରୁ ପ୍ରିୟଙ୍କା ଘରେ ଭିତର ପଟୁ କବାଟ ଦେଇ ବେକରେ ରଶି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକେ ଘରକୁ ଫେରି କବାଟ ବାଡେଇବାରୁ ସେ କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଦେଇଥିଲେ। ପ୍ରିୟଙ୍କା ଝୁଲୁଥିବା ଦେଖି ସଙ୍ଗେ ସଙ୍ଗେ ଓହ୍ଲାଇ ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପ୍ରିୟଙ୍କାଙ୍କ ବାପା ଯଜ୍ଞେଶ୍ୱର ଭୋଇ ଥାନାରେ ଅଭିଯୋଗ କରିଛନ୍ତି।



ପୁରୀ ପୌରସଦନ ପରିସରରେ ଚାଲିଥିବା ରୂପକ ମହୋତ୍ସବରେ କଳାକାରମାନେ ଉତ୍ତର ରାମାୟଣ ବିଷୟବସ୍ତୁ ସମ୍ପର୍କିତ ନାଟକ ପରିବେଷଣ କରୁଛନ୍ତି।

# ରୂପକ ମହୋତ୍ସବରେ ମନ ମୋହିଲା ନାଟକ

ପୁରୀ ଅଫିସ, ୩।୨

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ ପୁରୀସ୍ଥିତ ଶ୍ରୀସଦାଶିବ ପରିସର ଦ୍ୱାରା ସ୍ଥାନୀୟ ପୌରସଦନରେ ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ ଆୟୋଜନ ହେଉଛି। ମହୋତ୍ସବର ଦ୍ୱିତୀୟ ଦିବସରେ ଶୁକ୍ରବାର ପଶ୍ଚିମବଙ୍ଗର ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ଦ୍ୱାରା ଲଳିତାମାଧବମ୍, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଲକ୍ଷ୍ନୌ ପରିସର ପକ୍ଷରୁ ବେଣୀ ସଂହାରମ୍, ଜୟପୁର ପରିସର ଦ୍ୱାରା ବାଲ୍‌ଚରିତମ୍, ବେଦବ୍ୟାସ ପରିସର ହିମାଚଳପ୍ରଦେଶ ପକ୍ଷରୁ କ୍ରିଷ୍ଣଭକ୍ତି ଚନ୍ଦ୍ରିକା, ଶ୍ରୀରଣବୀର ପରିସର ଜମ୍ମୁ ପକ୍ଷରୁ ଉତ୍ତର ରାମଚରିତମ୍ ଏବଂ ଗୁରୁଭେିର ପରିସର କେରଳ ତରଫରୁ ସୁଭଦ୍ରା ଧନଞ୍ଜୟମ୍ ନାଟକ ପରିବେଷିତ ହୋଇଯାଇଛି। ଏହି ମହୋତ୍ସବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ତଥା ଅଖିଳ ଭାରତୀୟ ରୂପକ ମହୋତ୍ସବର ସମନ୍ୱୟକ ପ୍ରଫେସର ଶ୍ରୀନିବାସ ବରଖେଡ଼ି, ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ତଥା ଅଖିଳ ଭାରତୀୟ ରୂପକ ମହୋତ୍ସବର ସଂଯୋଜକ ପ୍ରଫେସର ଖଗେଶ୍ୱର ମିଶ୍ରଙ୍କ ସମେତ ପ୍ରଫେସର ଅତୁଲ କୁମାର ନନ୍ଦ, ପ୍ରଫେସର ବଳଦେବାନନ୍ଦ ସାଗର, ପ୍ରଫେସର ଲୋକମାନ୍ୟ ମିଶ୍ର, ପ୍ରଫେସର ସର୍ବନାରାୟଣ ଝା, ପ୍ରଫେସର ୱାଇ.ଏସ୍. ରମେଶ, ପ୍ରଫେସର ଏସ୍.କେ. ସେନାପତି, ପ୍ରଫେସର ଅଭିରାଜ ରାଜେନ୍ଦ୍ର ମିଶ୍ର, ପ୍ରଫେସର ବନମାଳି ବିଶ୍ୱାଳ, ବିଚାରକ ମଣ୍ଡଳୀ, ମାନ୍ୟଗଣ୍ୟ ବିଦ୍ୱାନ ଏବଂ ସଦାଶିବ ପରିସରର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଧ୍ୟାୟୀମାନେ ଉପସ୍ଥିତ ଥିଲେ। ଏହି ଉତ୍ସବକୁ ଡ. ମଧୁକେଶ୍ୱର ଭଟ୍ଟ ସଂଯୋଜନା କରିଥିଲେ।

**୧୩% ବୃଦ୍ଧି ପାଇଛି କୋଇଲା ଉତ୍ପାଦନ**

ନୂଆଦିଲ୍ଲୀ: ପୂର୍ବବର୍ଷ ତୁଳନାରେ ଦେଶରେ ସାମଗ୍ରିକ କୋଇଲା ଉତ୍ପାଦନ ୧୨.୯୪ ପ୍ରତିଶତ ବୃଦ୍ଧି ହୋଇ ୮୯.୯୬ ମିଲିୟନ୍ ଟନ୍‌ରେ ପହଞ୍ଚିଛି ବୋଲି କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, କୋଲ୍ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ୧୧.୪୪ ପ୍ରତିଶତ କୋଇଲା ଉତ୍ପାଦନ ହୋଇଥିବା ପଞ୍ଜିକୃତ ହୋଇଥିବା ବେଳେ ଦେଶରେ ବନ୍ଦ ହୋଇପଡ଼ିରହିଥିବା ଖଣି ଗୁଡ଼ିକରୁ କୋଇଲା ଉତ୍ପାଦନ ଯଥାକ୍ରମେ ୧୩.୯୩ ପ୍ରତିଶତ ଏବଂ ୨୨.୮୯ ପ୍ରତିଶତ ହୋଇଛି।

# ଅଟୋମୋବାଇଲ ରପ୍ତାନିରେ ଅଭିବୃଦ୍ଧି

ନୂଆଦିଲ୍ଲୀ, ୩।୨:



ଦେଶର ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଦେଖାଦେଇଛି ଏପରିକି ଅଟୋମୋବାଇଲ ରପ୍ତାନି ହାର ୨୦୨୧-୨୨ରେ ପ୍ରାୟ ୩୬(୩୫.୯)% ବୃଦ୍ଧି ଘଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୪୧,୩୪,୦୪୭ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିବା ବେଳେ ୨୦୨୧-୨୨ରେ ଏହି ସଂଖ୍ୟା ୫୬,୧୭,୨୪୬ ୟୁନିଟ୍‌ରେ ପହଞ୍ଚିଛି ବୋଲି ଶୁକ୍ରବାର କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ବିଭାଗର ମନ୍ତ୍ରୀ ଅନୁପ୍ରିୟା ପଟେଲ ସଂସଦରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ସେହିଭଳି ଦେଶରେ ଯାତ୍ରୀବାହୀ ଗାଡ଼ି ରପ୍ତାନି ହାର ୨୦୨୦-୨୧ ଆର୍ଥିକ ବର୍ଷରେ ୪,୦୪,୩୯୭ ୟୁନିଟ୍ ଗାଡ଼ି ରପ୍ତାନି କରିଥିବା ବେଳେ ୨୦୨୧-୨୨ ରେ ୫,୭୭,୮୭୫ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି। ତେବେ ଦେଶରେ ବାଣିଜ୍ୟକ ଗାଡ଼ି ୨୦୨୦-୨୧ରେ ୫୦,୩୩୪ ୟୁନିଟ୍ ଗାଡ଼ିରୁ ୯୨,୨୯୭ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି। ଫଳରେ ରପ୍ତାନି ହାର ୮୩.୩୬% ବୃଦ୍ଧି ହୋଇଛି। ତେବେ ଦେଶରେ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ବୈଦେଶିକ ବାଣିଜ୍ୟ ନୀତିରେ ସମୟ ବୃଦ୍ଧି କରିଛନ୍ତି। ସେହିପରି ଦେଶରେ ପ୍ରି ଏବଂ ପୋଷ୍ଟ ରପ୍ତାନି ଉପରେ କ୍ରେଡିଟ ଉପରେ ସୁଧ ହାର ଯୋଜନାକୁ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ, ଦେଶରେ ୨୦୨୦-୨୧ରେ ଯାତ୍ରୀବାହୀ ଗାଡ଼ି ୪,୦୪,୩୯୭ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିବା ବେଳେ ୨୦୨୧-୨୨ରେ ୫,୭୭,୮୭୫ ୟୁନିଟ୍ ଗାଡ଼ି, ସେହିପରି ବାଣିଜ୍ୟକ ଗାଡ଼ି ୨୦୨୦-୨୧ରେ ୫୦,୩୩୪ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିବା ବେଳେ ୨୦୨୧-୨୨ରେ ୯୨,୨୯୭ ୟୁନିଟ୍ ଗାଡ଼ି, ସେହିପରି ୩ ଚକିଆ ଗାଡ଼ି ୨୦୨୦-୨୧ରେ ୩,୯୩,୦୦୧ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିବା ବେଳେ ୨୦୨୧-୨୨ରେ ୪,୯୯,୭୩୦ ୟୁନିଟ୍ ଗାଡ଼ି, ୨୦୨୦-୨୧ରେ ୨ ଚକିଆ ଗାଡ଼ି ୩୨,୮୨,୭୮୬ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିବା ବେଳେ ୨୦୨୧-୨୨ରେ ୪୪,୪୩,୦୧୮ ୟୁନିଟ୍ ଗାଡ଼ି ରପ୍ତାନୀ ହୋଇଅଛି ବୋଲି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଏସ୍‌ବିଆଇର ୩ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ, ୩।୨:

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ନେଟ୍ ଲାଭ ୬୮.୫% ବୃଦ୍ଧି ଘଟିଛି। ବିଶେଷକରି ବ୍ୟାଙ୍କର ନେଟ୍ ଲାଭ ୧୪,୨୦୫ କୋଟି ଟଙ୍କା ହୋଇଛି। ପୂର୍ବବର୍ଷର ୮,୪୩୨ କୋଟି ଟଙ୍କାର ନେଟ୍ ଲାଭ ହୋଇଥିଲା। ସେହିପରି ବ୍ୟାଙ୍କର ମାସକୁ ମାସ ଚଳିତ ଆର୍ଥିକ ବର୍ଷରେ ସେପ୍ଟେମ୍ବର ୩ୟ ତ୍ରୈମାସିକରେ ୧୩,୨୬୫ କୋଟି ଟଙ୍କା ହୋଇଥିଲା ଏବଂ ପ୍ୟାଟ୍‌ରୁ ୭ ପ୍ରତିଶତ ବୃଦ୍ଧି ପାଇଛି। ଏପରିକି ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ଅପରେଟିଂ ନେଟ୍ ଲାଭ ୨୫,୨୧୯ କୋଟି ଟଙ୍କା ରହିବା ସହିତ ୩୬.୧୬ ପ୍ରତିଶତ ବୃଦ୍ଧି ପାଇଛି।

# ବେଦାନ୍ତ ଲାଞ୍ଜିଗଡ଼କୁ ଗୋଲ୍‌ଡେନ୍ ପିକକ୍ ପୁରସ୍କାର



ଭୁବନେଶ୍ୱର,୩।୨

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ସହଯୋଗୀ କମ୍ପାନୀ ବେଦାନ୍ତ ଆଲୁମିନାର ଲାଞ୍ଜିଗଡ଼ ଓଡ଼ିଶା ୟୁନିଟ୍‌କୁ ନିକଟରେ ଏକ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ବିଶେଷକରି ବେଦାନ୍ତ ଲିମିଟେଡ୍‌ର ଲାଞ୍ଜିଗଡ଼ ୟୁନିଟ୍ ଦେଶର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ଭାବେ ବେଶ୍ ପରିଚିତ। ଏପରିକି କମ୍ପାନୀ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ ପଦକ୍ଷେପକୁ ସ୍ୱୀକୃତି ଦେଇଥାଏ। ଫଳରେ କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ମାନଜନକ ଗୋଲ୍‌ଡେନ୍ ପିକକ୍ ପୁରସ୍କାର ଲାଭ କରିଛି। ମହିଳା ଏବଂ ଶିଶୁ ବିକାଶ ଉପରେ ବିଶେଷ ଧ୍ୟାନ ଦେଇ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, କ୍ରୀଡ଼ା ଏବଂ କଳା ଓ ସଂସ୍କୃତି କ୍ଷେତ୍ରରେ କମ୍ପାନୀର ସାମଗ୍ରିକ ବିକାଶ ପ୍ରୟାସର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି ଭାବେ ଲାଭ କରିଛି। ଦେଶରେ ଏହା ଏକ ସମ୍ମାନଜନକ ପୁରସ୍କାର ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ସେହିଭଳି କର୍ପୋରେଟ୍ ସାମାଜିକ ଦାୟିତ୍ୱ ପାଇଁ ବେଦାନ୍ତ ଲାଞ୍ଜିଗଡ଼କୁ ଗୋଲ୍‌ଡେନ୍ ପିକକ୍ ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ବ୍ୟବସାୟ ଲକ୍ଷ୍ୟ ବ୍ୟତୀତ ସାମାଜିକ ଚିନ୍ତାଧାରା ଉପରେ ଧ୍ୟାନ ଦେଉଥିବା କମ୍ପାନୀଗୁଡିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରଦାନ କରେ। ଆର୍ଥିକ ଲାଭ, ଆର୍ଥିକ ମୂଲ୍ୟ ବୃଦ୍ଧି ଏବଂ ଅଧିକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରେ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଡେପୁଟି ସିଇଓ (ଆଲୁମିନା ବିଜ୍‌ନେସ୍) ଜି.ଜି. ପଲ୍ କହିଛନ୍ତି, କମ୍ପାନୀର ଲାଞ୍ଜିଗଡ଼ ୟୁନିଟ କାର୍ଯ୍ୟକଳାପରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ହୋଇଛି। ବିଶେଷ କରି ସାମାଜିକ ପରିବର୍ତ୍ତନ ହାସଲ କରିବା ଉପରେ ୟୁନିଟ୍ ପକ୍ଷରୁ ଗୁରୁତ୍ୱାରୋପ କରାଯାଉଛି। ଏପରିକି ଗୁଣାତ୍ମକ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, ଶୂନ୍ୟ ଦାରିଦ୍ର, ସ୍ଥାୟୀ ସମ୍ପ୍ରଦାୟ ଏବଂ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ସହିତ ଉପଯୁକ୍ତ କାର୍ଯ୍ୟ ଏବଂ ଆର୍ଥିକ ଅଭିବୃଦ୍ଧି ଇତ୍ୟାଦି। ଉକ୍ତ ଉଦ୍ଦେଶ୍ୟରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ତୃଣମୂଳ କ୍ରୀଡା ଏବଂ କଳା ଓ ସଂସ୍କୃତି କ୍ଷେତ୍ରରେ ଆମର ହସ୍ତକ୍ଷେପ ମାଧ୍ୟମରେ ମହିଳା ଏବଂ ଶିଶୁ ବିକାଶ ଉପରେ ଧ୍ୟାନଦେଇ ସମାଜକୁ ସକାରାତ୍ମକ ପରିବର୍ତ୍ତନ ପାଇଁ ଅନେକ ଉପାୟ ପ୍ରଦାନ କରିବାରେ ବିଶ୍ୱାସକରୁ। ଏହି ପୁରସ୍କାର ଆମର ପ୍ରୟାସ ପାଇଁ ଅତିରିକ୍ତ ପ୍ରେରଣାଦାତା ଭାବେ ଏବଂ ସକାରାତ୍ମକ ସାମାଜିକ ତଥା ଆର୍ଥିକ ପ୍ରଭାବ ସୃଷ୍ଟି କରିବାକୁ ଆମର ପ୍ରୟାସରେ ଆମକୁ ଆଗକୁ ବଢ଼ାଇଥାଏ।

# ପ୍ଲାଟିନମ୍ ଇଭାରାର ଆକର୍ଷଣୀୟ ଜୁଏଲେରି କଲେକ୍ସନ

ନୂଆଦିଲ୍ଲୀ,୩।୨

ଚଳିତ ବର୍ଷର ଭାଲେଣ୍ଟାଇନ୍ ଡେ' ପରିପ୍ରେକ୍ଷୀରେ ପ୍ଲାଟିନମ୍ ଇଭାରାର ଆକର୍ଷଣୀୟ ଜୁଏଲେରି କଲେକ୍ସନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉକ୍ତ ଉତ୍ସବକୁ ସେଲିବ୍ରେଟ୍ କରିବା ପାଇଁ ପ୍ଲାଟିନମ୍ ଇଭାରା ବାଏ ପିଜିଆଇ ଇଣ୍ଡିଆ ୯୫%ଶୁଦ୍ଧ ପ୍ଲାଟିନମ୍‌ରୁ ସୁନ୍ଦର ଭାବେ ନିର୍ମିତ ପ୍ଲାଟିନମ୍ ଜୁଏଲେରିର ଏକ କ୍ୟୁରେଟେଡ୍ କଲେକ୍ସନ ଗ୍ରାହକଙ୍କ ପାଇଁ ଅଣାଯାଇଛି। ବିଶେଷକରି କାଜୁଆଲ ୱେର ହେଉ କିମ୍ବା ପାର୍ଟି ୱେର, ୱର୍କୱେର ଓ ଇଣ୍ଡିଆନ୍ ୱେର, ପ୍ଲାଟିନମ୍ ଇଭାରାର ଚମତ୍କାର କଲେକ୍ସନ ବିଭିନ୍ନ ଅବସରରେ ଭିନ୍ନ ଭିନ୍ନ ଲୁକ୍‌ଗୁଡିକୁ ଉନ୍ନତ ଓ ପରିପୂର୍ଣ୍ଣ କରୁଥିବା ଡିଜାଇନ୍ ପ୍ରଦାନ କରି ଆପଣଙ୍କ ଷ୍ଟାଇଲକୁ ଗୋଟିଏ ସ୍ତର ଉପରକୁ ନେଇଥାଏ। ଏହି ବହୁମୁଖୀ ରେଞ୍ଜରେ ଆକର୍ଷଣୀୟ ନେକ୍‌ଲେସ୍‌ଠାରୁ ଆରମ୍ଭ କରି ସୁନ୍ଦର ରିଷ୍ଟୱେର, ସୂକ୍ଷ୍ମ ରୂପେ ନିର୍ମିତ ଇୟରିଂ ଓ ଚମତ୍କାର ରିଂଗୁଡିକ ପର୍ଯ୍ୟନ୍ତ ଡିଜାଇନଗୁଡିକର ଏକ ଶୃଙ୍ଖଳା ସାମିଲ ରହିଛି। ସୂକ୍ଷ୍ମ ତଥାପି ବାଧାହୀନ ଆକାର, ଆକର୍ଷଣୀୟ ଡାଇମଣ୍ଡକଟ୍ ସହ ମିଳିତ ହୋଇ ପ୍ରଥମ ଧରଣର ପିସ୍ ନିର୍ମାଣ କରିବା ପାଇଁ ଏକତ୍ରିତ ହୋଇଛନ୍ତି, ଯାହା ଏକ ଅନନ୍ୟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ସୃଷ୍ଟି କରିବା ସହ ଆପଣଙ୍କର ପୋଷାକକୁ ପରିପୂର୍ଣ୍ଣ କରିଥାଏ। ତେଣୁ ଏହି ଭାଲେଣ୍ଟାଇନ୍ସ ଡେ'ରେ ପ୍ଲାଟିନମ୍ ଇଭାରାର ଆକର୍ଷଣୀୟ ରେଞ୍ଜ୍‌ର ପ୍ଲାଟିନମ୍ ଜୁଏଲେରି ପିସ୍‌ଗୁଡିକରୁ ନିଜ ପାଇଁ ଏକ ପିସ୍ ଚୟନ କରି ଆତ୍ମ-ପ୍ରେମକୁ ସେଲିବ୍ରେଟ୍ କରନ୍ତୁ। ବିରଳ ପ୍ଲାଟିନମ୍‌ରେ ନିର୍ମିତ ଏହି ସୁନ୍ଦର ଚେନ୍‌ରେ ଅସମତଳ ଲମ୍ବର ସିଲିଣ୍ଡ୍ରିକାଲ ପ୍ଲାଟିନମ୍ ଆକାର ରହିଛି। ଏହାର ଇଣ୍ଟରଲିଙ୍କ୍‌ଡ ବ୍ରେସ୍‌ଲେଟ୍‌କୁ ବହୁମୁଖୀ ଡିଜାଇନ୍‌ରେ ଉପସ୍ଥାପନ କରାଯାଇଛି।




ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ବ୍ୟୟବରାଦ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ଟିକେଏମ୍‌ର 'ନ୍ୟୁ ଇନୋଭା କ୍ରାଏଷ୍ଟା' ପୁନଃ ପ୍ରଚଳନ

ନୂଆଦିଲ୍ଲୀ,୩।୨




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍)ର ନ୍ୟୁ ଇନୋଭା କ୍ରାଏଷ୍ଟା ପୁନଃ ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ ଦିନର ବ୍ୟବଧାନ ପରେ ଭାରତୀୟ ଅଟୋ ବଜାରରେ କମ୍ପାନୀ ତା'ର ପ୍ରିମିୟର ମଡେଲ 'ଇନୋଭା କ୍ରାଏଷ୍ଟା'ର ପୁନଃ ପ୍ରଚଳନ କରାଇଛି। ବିଶେଷ କରି କମ୍ପାନୀର ଲୋକପ୍ରିୟ ଏମ୍‌ପିଭି ଡିଜାଇନ ବର୍ତ୍ତମାନ ଡିଜେଲ ମଡେଲ ଭାବେରେ ବଜାରକୁ ଆସିଥିବା ଜଣାପଡ଼ିଛି। ସେହିଭଳି କମ୍ପାନୀର ଉକ୍ତ ମଡେଲ ବଜାରର ଏକ ବୃହତ୍ ଗୋଷ୍ଠୀ ତଥା ପରିବାର ପାଇଁ ଏମ୍‌ପିଭି ସର୍ବଦା ପସନ୍ଦର ବୋଲି କୁହାଯାଉଥିବା ବେଳେ ଏହାର ଡିଜାଇନ ଓ ଅନେକ ବୈଶିଷ୍ଟ୍ୟ ଅନ୍ୟ ଇନୋଭା ଓ ଏସ୍‌ୟୁଭି ବର୍ଗଠାରୁ ବେଶ୍ ଭିନ୍ନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଗ୍ରାହକଙ୍କୁ ଏହା ଏକ ନିର୍ଭରଯୋଗ୍ୟ ଡିଜେଲ ଇଞ୍ଜିନ ପ୍ରଦାନ କରିଥାଏ। ଏପରିକି ଏହାର ବଜାର ପ୍ରବେଶଠାରୁ ଭାରତୀୟ ବଜାରରେ ଏକ ବିଶ୍ୱସନୀୟତା, ଆରାମଦାୟକ, ସୁରକ୍ଷିତ, ବିଳାସପୂର୍ଣ୍ଣ ଏବଂ ଶକ୍ତିଶାଳୀ ଯାନ ଭାବେ ପରିଚିତି ହାସଲ କରିଛି। ଏହା ଭାରତୀୟ ପରିବାର, ବିଜ୍‌ନେସମ୍ୟାନ, କର୍ପୋରେଟ ଏବଂ ଫ୍ଲିଟ୍ ମାଲିକ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି। ଏପରିକି ନିକଟରେ ନ୍ୟୁ ଇନୋଭା କ୍ରାଏଷ୍ଟାର ବୁକିଂ ପାଇଁ ମଧ୍ୟ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟିକେଏମ୍‌ର ସେଲ୍‌ସ ଏବଂ ରଣନୀତିକ ଉପସଭାପତି ଅତୁଲ ସୁଦ୍ କହିଛନ୍ତି, ୨୦୦୫ଠାରୁ ଭାରତ ବଜାରରେ ଏହାର ଯାତ୍ରା ଆରମ୍ଭ ହୋଇଥିଲା। ବିଶେଷକରି ଏହାର ଗୁଣବତ୍ତା, ସ୍ଥାୟିତ୍ୱ ଏବଂ ବିଶ୍ୱସନୀୟତା ଭାରତୀୟ ବଜାରରେ ବଢ଼ିବାରେ ଲାଗିଛି। ଏପରିକି ନ୍ୟୁ କ୍ରାଏଷ୍ଟାର ଡିଜେଲ ଭାରିଆଣ୍ଟ ଏମ୍‌ପିଭି ୪ଟି ଗ୍ରେଡ୍‌ରେ ଉପଲବ୍ଧ। ଏହା ଗ୍ରାହକଙ୍କୁ ଆରାମ ଏବଂ ସୁରକ୍ଷା ଦେବାକୁ ସକ୍ଷମ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ନ୍ୟୁ ଇନୋଭା କ୍ରାଏଷ୍ଟାର ବୁକିଂ ଅନ୍‌ଲାଇନ ଏବଂ ଡିଲର ପଏଣ୍ଟରେ ଉପଲବ୍ଧ। ସେହିପରି ନ୍ୟୁ ଇନୋଭା କ୍ରାଏଷ୍ଟା ଜି, ଜିଏକ୍ସ,ଭିଏକ୍ସ ଏବଂ ଜେଡଏକ୍ସ ଭଳି ୪ଟି ଗ୍ରେଡ୍ ସହ ୫ଟି କଲର ଯଥା ହ୍ୱାଇଟ ପର୍ଲ କ୍ରିଷ୍ଟାଲ ଶାଇନ, ସୁପର ହ୍ୱାଇଟ, ସିଲ୍‌ଭର ଆଟିଚ୍ୟୁଡ ବ୍ଲାକ୍ ଏବଂ ଆଭଣ୍ଟ ଗ୍ରେଡ୍ ବ୍ରୋଞ୍ଜ୍ ଭଳି ରଙ୍ଗରେ ଉପଲବ୍ଧ।

# ଏମ୍‌ଟିଏଲ୍ ପରିଚାଳନାର ନେତୃତ୍ୱ ନେଲେ ମହିଳା ଏକ୍‌ଜିକ୍ୟୁଟିଭ ଦଳ

ଭୁବନେଶ୍ୱର,୩।୨



କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟନେଇ ମିଟର ଟେଷ୍ଟିଂ ଲାବ୍(ଏମ୍‌ଟିଏଲ)ର ପରିଚାଳନା କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ମହିଳା ଏକ୍‌ଜିକ୍ୟୁଟିଭମାନଙ୍କର ଏକ ଟିମ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପରିକି ଅଭିଜ୍ଞ ତନୁଜା ବେହେରାଙ୍କ ନେତୃତ୍ୱରେ ନମିତାରାଣୀ ମୁଦୁଲି, ସୁନନ୍ଦାରାଣୀ ଦଳାଇ ଓ ଶୁଭଶ୍ରୀ ସସ୍ମିତା ଉକ୍ତ ଟିମ୍‌ରେ ରହିଛନ୍ତି। ଯେଉଁମାନେ ସିଙ୍ଗଲ ଫେଜ୍ ଏବଂ ତିନି ଫେଜ୍ ମିଟରକୁ ଚାରୋଟି ସ୍ୱୟଂକ୍ରିୟ ଟେଷ୍ଟ ବେଞ୍ଚ୍‌ରେ ପରୀକ୍ଷା କରୁଛନ୍ତି। ପ୍ରତି ଟେଷ୍ଟ ବେଞ୍ଚରେ ଏକକାଳୀନ ୨୦ଟି ମିଟରର ପରୀକ୍ଷା କରାଯାଇପାରିବ ଓ ଏହାର ଦୈନିକ ମୋଟ କ୍ଷମତା ହେଉଛି ୩୦୦ ମିଟର ପର୍ଯ୍ୟନ୍ତ। ମିଟରର ସଠିକତାକୁ ଯାଞ୍ଚ କରିବା ଲାଗି ମହିଳା ଏକ୍‌ଜିକ୍ୟୁଟିଭମାନେ ଏଠାରେ ପ୍ରଯୁକ୍ତି ଦ୍ୱାରା ପ୍ରେରିତ ପ୍ରକ୍ରିୟାକୁ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ପରୀକ୍ଷାରେ ସ୍ୱଚ୍ଛତାର ଗ୍ୟାରେଣ୍ଟି ରହୁଥିବା ବେଳେ ମାନବ ହସ୍ତକ୍ଷେପ ଯୋଗୁ ହେଉଥିବା ତ୍ରୁଟି ସମ୍ପୂର୍ଣ୍ଣ ଦୂର ହୋଇପାରିବ ଏବଂ ଗ୍ରାହକଙ୍କୁ ଉଚ୍ଚ ସଠିକତାର ମିଟର ମିଳିବ। ଏହି ଲାବ୍ ଶୁଭାରମ୍ଭ ହେବା ପରଠାରୁ ଏହି ଟିମ୍ ତରଫରୁ ୪୦,୦୦୦ରୁ ଅଧିକ ମିଟରର ପରୀକ୍ଷଣ କରାଯାଇଛି।

# ଭୁବନେଶ୍ୱରରେ ଆସସ୍‌ର ସ୍ୱତନ୍ତ୍ର ଷ୍ଟୋର୍

ଭୁବନେଶ୍ୱର,୩।୨

ଅନ୍ତଃରାଷ୍ଟ୍ରୀୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ କମ୍ପାନୀ ଆସସ୍ ଇଣ୍ଡିଆ ପକ୍ଷରୁ ନିକଟରେ ଆଉ ଏକ ଫାସିଲିଟ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏପରିକି ସମଗ୍ର ଦେଶରେ ବ୍ରାଣ୍ଡର ରିଟେଲ ଉପସ୍ଥିତିକୁ ମଜଭୁତ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ କମ୍ପାନୀ ଭୁବନେଶ୍ୱରର ଶହୀଦନଗରଠାରେ ବ୍ରାଣ୍ଡର ୬ଷ୍ଠ ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୨୪୨ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ସ୍ୱତନ୍ତ୍ର ଷ୍ଟୋର୍‌ରେ ବ୍ୟାପକ ରେଞ୍ଜର ଇଲେକ୍ଟ୍ରୋନିକ ଏବଂ କମ୍ପ୍ୟୁଟର ହାର୍ଡୱେର ସମେତ ଆସସ୍‌ର ଫ୍ଲାଗ୍‌ଶିପ ଉତ୍ପାଦ ଯଥା ଭିଭୋବୁକ, ଜେନ୍‌ବୁକ, ଜେନ୍‌ବୁକ-ଫ୍ଲିପ୍, ରିପବ୍ଲିକ ଅଫ୍ ଗେମର୍ସ(ଆର୍‌ଓଜି) ଲାପ୍‌ଟପ୍ ଏବଂ ଆସେସୋରିଜ ଉପଲବ୍ଧ। ଏ ସମ୍ପର୍କରେ ଆସସ୍ ଇଣ୍ଡିଆର ସିଷ୍ଟମ ବିଜ୍‌ନେସ ଗ୍ରୁପ୍ କଞ୍ଜ୍ୟୁମର ଏବଂ ଗେମିଙ୍ଗ ପିସି ବ୍ୟବସାୟ ମୁଖ୍ୟ ଆର୍ନୋଲ୍ଡ ସୁ କହିଛନ୍ତି, ଭାରତରେ ଆମର ରିଟେଲ ସମ୍ପ୍ରସାରଣ କରି ବେଶ ଆନନ୍ଦିତ ଅଛୁ। ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥବାରୁ ଭୁବନେଶ୍ୱରରେ ଏହି ନୂତନ ବ୍ରାଣ୍ଡ ଷ୍ଟୋର୍‌ର ଶୁଭାରମ୍ଭ ଦେଶର ବିଭିନ୍ନ ଅଞ୍ଚଳରେ ଥିବା ଉପଭୋକ୍ତାମାନଙ୍କୁ ସଶକ୍ତୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏହା ଆମର ନୂଆ ଉଦ୍ଭାବନଗୁଡ଼ିକର ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିବ। ଏକ ରଣନୀତିକ ରିଟେଲ ସମ୍ପ୍ରସାରଣ ଆଭିମୁଖ୍ୟ ସହିତ ଆମେ ଆମର ବ୍ୟବହାରକାରୀଙ୍କ ପାଇଁ ଅଧିକ ପାରସ୍ପରିକ କ୍ରିୟା ଏବଂ ନୂଆ ଟଚ୍ ପଏଣ୍ଟ ସୃଷ୍ଟି କରିବା ଜାରି ରଖିବୁ।

ଉପଭୋକ୍ତାମାନଙ୍କୁ ଏକ ପ୍ରିମିୟମ ଅନୁଭୂତି ଏବଂ ସେବା ପ୍ରଦାନ କରିବା ଲାଗି ଏହି ଷ୍ଟୋରରେ ଅଭିନବ ଡେମୋ ଜୋନ୍ ରହିବ। ଏଠାରେ ଉପଭୋକ୍ତାମାନେ ପିସିରୁ ଡେସ୍କଟପ୍ ପର୍ଯ୍ୟନ୍ତ ବ୍ରାଣ୍ଡର ନୂଆ ଗେମିଂ ଏବଂ ଲାଇଫଷ୍ଟାଇଲ ଓ କେତେକ ଅତ୍ୟାଧୁନିକ ଉତ୍ପାଦ ଓ ଏକ ବ୍ୟାପକ ରେଞ୍ଜର ଆସେସୋରିଜଗୁଡ଼ିକୁ ପ୍ରଥମ କରି ଅନୁଭବ କରିବାର ସୁଯୋଗ ପାଇପାରିବେ।

# ଖୁସି କାପେଲାର ଏକ୍ସପେରିଏନ୍ସ ସେଣ୍ଟର ଉଦ୍‌ଘାଟିତ

**ଆଜିଠାରୁ ବୁକିଂ ଆରମ୍ଭ**

ଭୁବନେଶ୍ୱର,୩।୨

ରାଜ୍ୟର ପ୍ରମୁଖ ଗୃହନିର୍ମାଣକାରୀ ସଂସ୍ଥା ଖୁସି ରିଅଲକନ୍ ପ୍ରାଇଭେଟ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଏକ୍ସପେରିଏନ୍ସ ସେଣ୍ଟର ଶୁକ୍ରବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଭୁବନେଶ୍ୱରର ପାହାଳ ନିକଟରେ ଦ୍ରୁତଗତିରେ ନିର୍ମିତ ତଥା ନୂତନ ଭାବେ ପରିକଳ୍ପିତ ଏବଂ ଅତି ସୁନ୍ଦର ଓ ସୁଉଚ୍ଚ ଟାୱାର ଆପାର୍ଟମେଣ୍ଟ 'ଖୁସି କାପେଲା'ର ବୁକିଂ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ଫେବୃୟାରୀ ୩ରୁ ସାଧାରଣ ଜନତାଙ୍କ ପାଇଁ ଏହାର ବୁକିଂ ଆରମ୍ଭ ହୋଇଯାଇଛି। ସେହିଭଳି ଗୁଣାତ୍ମକ ଓ ସମସ୍ତ ଆଧୁନିକ ସୁବିଧା ସହ ସହର ଅତି ନିକଟରେ ନୂତନ ଜ୍ଞାନକୌଶଳରେ ନିର୍ମିତ 'ଖୁସି କାପେଲା'ର ଚାହିଦା ବଜାରରେ ବହୁତ ଭଲ ରହିଛି।

ଏ ସମ୍ପର୍କରେ ଖୁସି ରିଅଲକନ୍‌ର ନିର୍ଦ୍ଦେଶକ ଗୌରବ ଅଗ୍ରୱାଲ କହିଛନ୍ତି, ଆମର ଏହି ସମ୍ମାନଜନକ ପ୍ରକଳ୍ପ ପାଇଁ ବୁକିଂ ଆରମ୍ଭ ହୋଇ ଯାଇଥିବାରୁ ଆମେମାନେ ବହୁ ଉତ୍ସାହିତ। ଏପରିକି ଉତ୍କୃଷ୍ଟ ସୁବିଧା ସୁଯୋଗ, ୟୁନିଟ୍ ଲେ ଆଉଟ୍, ସୁଇମିଂ ପୁଲ୍, ସ୍ପା, ଜିମ୍ ଓ କାଫେଟାରିଆ ଆଦି ସୁବିଧା ସହ ସମସ୍ତ ଘରକୁ ଉତ୍ତମ ସୂର୍ଯ୍ୟାଲୋକ, ପବନ ଓ ପ୍ରକଳ୍ପର ଉପସ୍ଥିତି 'ଖୁସି କାପେଲା'ର ପ୍ରମୁଖ ବିଶେଷତ୍ୱ ରହିଛି। ସେହିଭଳି ୨୪୨ପରିବାର ପାଇଁ ଏହି ପ୍ରକଳ୍ପ ବହୁତ ଭଲ। କାରଣ ଏହା ଅତ୍ୟନ୍ତ ଛୋଟ କି ଅଧିକ ବଡ଼ ନୁହେଁ। ଆମେ ଆମର ଗ୍ରାହକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏବଂ ଗତ ଏକ ଦଶନ୍ଧିର ସମସ୍ତ ଶିଳ୍ପ-ପର୍ଯ୍ୟବେକ୍ଷକମାନଙ୍କ ଦ୍ୱାରା ପୁରସ୍କୃତ ହୋଇଆସୁଛି। ସେହିଭଳି ଗୌରବ ଅଗ୍ରୱାଲ,ସଞ୍ଜୟ ବନ୍‌ସଲ ଏବଂ ପ୍ରଦୀପ ଠକର ହେଉଛନ୍ତି ଖୁସି ରିଅଲକନ୍‌ର ମୂଳ ପ୍ରତିଷ୍ଠାତା, ଯାହାର ଲୁହା ଏବଂ ଇସ୍ପାତ, ନିର୍ମାଣ ଏବଂ ଖଣି ଶିଳ୍ପରେ ପୃଷ୍ଠଭୂମି ରହିଛି। ଏପରିକି ଖୁସି ରିଅଲକନ୍ ନିରନ୍ତର ଭାବେ ତା'ର ଗ୍ରାହକମାନଙ୍କୁ ଉତ୍ତମ ସେବା ସହ ଉନ୍ନତ ମାନର ଘର ଯୋଗାଇ ଆସିଛି ଏବଂ ଆଗକୁ ମଧ୍ୟ ଜାରି ରଖିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



# ରିଲାଏନ୍ସ ଜୁଏଲ୍ସର ଡ୍ରିମ୍ ଡାଇମଣ୍ଡ ଟୁର୍ ଅଫ୍ ଓଡ଼ିଶା

ଭୁବନେଶ୍ୱର,୩।୨




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି 'ଏଲିନାଙ୍କ ଡ୍ରିମ୍ ଡାଇମଣ୍ଡ ଟୁର୍ ଅଫ୍ ଓଡ଼ିଶା' ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି। ଓଡ଼ିଶାର ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ସହ ଏକ ସ୍ୱତନ୍ତ୍ର ମିଟ୍ ଆଣ୍ଡ ଗ୍ରିଟ୍ ଏବଂ ଆକର୍ଷଣୀୟ କାର୍ଯ୍ୟକ୍ରମର ଅଂଶ ହେବା ଲାଗି ଆମନ୍ତ୍ରଣ କରାଯାଇଛି। ସେହିଭଳି ରିଲାଏନ୍ସ ଜୁଏଲ୍ସ ଗହଣା ଡିଜାଇନ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଥିବା ବେଳେ ତ୍ରୁଟିହୀନ ଗୁଣବତ୍ତା ଓ ସୁଲଭ ମୂଲ୍ୟ ସହ ଗ୍ରାହକଙ୍କୁ ବ୍ୟାପକ ବର୍ଗମାଳାର ବିଆଇଏସ୍ ହଲମାର୍କ ସୁନା ଏବଂ ଅନ୍ତର୍ଜାତୀୟ ସାର୍ଟିଫାଏଡ୍ ହୀରା ଗହଣା ସହ ରୁପା ଏବଂ ପ୍ଲାଟିନମ୍ ପ୍ରଦାନ କରୁଛି। ଏପରିକି ପ୍ରତିଷ୍ଠାନରେ ବ୍ୟାପକ ଡାଇମଣ୍ଡ ସମ୍ଭାର ଉପଲବ୍ଧ ରହିଛି। ବିଶେଷ କରି ବ୍ୟାପକ ବର୍ଗର ନେକ୍‌ଲେସ୍, ନେକ୍‌ଲେସ୍ ସେଟ୍, ଇୟରରିଙ୍ଗ୍, ରିଙ୍ଗ୍, ପେଣ୍ଡାଣ୍ଟ, ଚୁଡ଼ି ଓ ପ୍ରତି ଅବସର, ବୟସ ବର୍ଗ ଏବଂ ବଜେଟ ପାଇଁ ସୁନ୍ଦର ହୀରା ସହ ବ୍ରେସ୍‌ଲେଟ୍ ଇତ୍ୟାଦି ବିବାହଠାରୁ ଆରମ୍ଭ କରି ପାର୍ଟି, ଉତ୍ସବରୁ ଜନ୍ମଦିନ ଏବଂ ବାର୍ଷିକୀ ପାଳନ ଭଳି ବିଭିନ୍ନ ଅବସର, ଉପହାର ବିକଳ୍ପରୁ ଶିଶୁଙ୍କ ଡିଜାଇନ ପର୍ଯ୍ୟନ୍ତ, ପୁରୁଷଙ୍କ ପାଇଁ ଆକର୍ଷଣୀୟ ଗହଣାଠାରୁ ମହିଳାଙ୍କ ପାଇଁ ହାଲୁକା ଏବଂ ୱାର୍କ ଓୟାର ଗହଣା ଆଦି ଆବଶ୍ୟକତା ପୂରଣ କରିବା ଲାଗି ହୀରା ସମ୍ଭାରରେ ଡିଜାଇନ ଗହଣା ରହିଛି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ରିଲାଏନ୍ସ ଜୁଏଲ୍ସର ୧୫ବର୍ଷ ପାଳନ କରୁଥିବା ବେଳେ ମୁଁ ଗର୍ବର ସହ ଜଣାଉଛି ଯେ ଓଡ଼ିଶାର ୧୨ଟି ସହରରେ ୧୭ଟି ଷ୍ଟୋର ଯାହା ଗହଣା ରିଟେଲରଙ୍କ ମଧ୍ୟରେ ଅନ୍ୟତମ ସର୍ବବୃହତ୍ ନେଟ୍‌ୱର୍କ ବୋଲି କୁହାଯାଉଛି। ଏପରିକି ହୀରାର ଜଣେ ଉତ୍ସାହୀ ପ୍ରଶଂସକ ଥିବା ଏଲିନା ରିଲାଏନ୍ସ ଜୁଏଲ୍ସରେ ଆକର୍ଷଣୀୟ ସୁନା ଓ ହୀରା ଗହଣା ଡିଜାଇନ ଦେଖି ବିମୋହିତ ହୋଇପଡ଼ିଛନ୍ତି। ସେହିଭଳି ଏଲିନା ସାମନ୍ତରାୟ କହିଛନ୍ତି,ଭୁବନେଶ୍ୱରରେ ରିଲାଏନ୍ସ ଜୁଏଲ୍ସ ଷ୍ଟୋରରେ ପାଦଦେବା କ୍ଷଣି ପ୍ରଦର୍ଶନ କରାଯାଇଥିବା ଆକର୍ଷଣୀୟ ଗହଣାଗୁଡ଼ିକ ଦେଖି ମୁଁ ବିମୋହିତ ହୋଇଯାଇଥିଲି। ରିଲାଏନ୍ସ ଜୁଏଲ୍ସ ସହ ଡ୍ରିମ୍ ଡାଇମଣ୍ଡ ଟୁର୍ ବାସ୍ତବରେ ଏକ ସ୍ୱପ୍ନ ସାକାର ହେବା ଭଳି। ଓଡ଼ିଶାର ଲୋକମାନଙ୍କ ସହ ଯୋଡ଼ିହେବା ଓ ହୀରା ପ୍ରତି ମୋର ଥିବା ଭଲପାଇବାକୁ ସେମାନଙ୍କ ସହ ବାଣ୍ଟିବା ଲାଗି ଏହା ଏକ ସୁଯୋଗ ହୋଇଥିବା ବେଳେ ଏହି ଅତୁଲ୍ୟ ଯାତ୍ରାର ଅଂଶ ହୋଇଥିବାରୁ ମୁଁ ଗର୍ବିତ। ସୂଚନାଯୋଗ୍ୟ, ଏଲିନାଙ୍କ ଡ୍ରିମ୍ ଡାଇମଣ୍ଡ ଟୁର୍ ଅଫ୍ ଓଡ଼ିଶା ରାଜ୍ୟର ୫ଟି ସହରରେ ଅନୁଷ୍ଠିତ ହେବ। ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, କଟକ, ଅନୁଗୋଳ, ବ୍ରହ୍ମପୁର ଓ ରାଉରକେଲାଠାରେ ରିଲାଏନ୍ସ ଜୁଏଲ୍ସ ଷ୍ଟୋରକୁ ଯଥାକ୍ରମେ ଚଳିତ ବର୍ଷ ଫେବୃୟାରୀ ୪, ୫, ୧୦ ଓ ୧୨ ତାରିଖରେ ପରିଦର୍ଶନ କରିବେ। ଏହି ପରିପ୍ରେକ୍ଷୀରେ ଏଲିନା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏକ ମିଟ୍ ଆଣ୍ଡ ଗ୍ରିଟ୍‌ରେ ଭେଟିବେ। ୱାକ୍ ଦି ର୍ୟାମ୍ପ ୱିଥ୍ ଏଲିନା, ଏଲିନାଙ୍କ ଡ୍ରିମ୍ ଡାଇମଣ୍ଡ ଲୁକ୍ ଉପରେ ଆଲୋଚନା କରି କଫି ପିଇବା ସହ ବାର୍ତ୍ତାଳାପ କରିବେ।

# ଆହ୍ଲିକର ଉତ୍ତର

**ବିଶେଷ ଗଳ୍ପ**

**ମଣୀନ୍ଦ୍ର କୁମାର ମେହେର**

ମୁଁ ତା'ର ଫୋନ୍ କଲ୍ ରିସିଭ୍ କଲି ନାହିଁ ଜାଣି ଜାଣି। କାହିଁକି ବା କରିଥା'ନ୍ତି? ଏତେ ବଡ଼ ବିପଦର ସମ୍ମୁଖୀନ ହେବାକୁ ପଡ଼ିଲା ମୋତେ ଓ କିପରି ସେଥିରୁ ରକ୍ଷା ପାଇଲି ତାହା ଜାଣନ୍ତି ସମସ୍ତେ। ସେହି ସମୟରେ କିମ୍ବା ତା'ପରେ ମଧ୍ୟ ସୌଜନ୍ୟ ଦୃଷ୍ଟିରୁ ମୋତେ କ'ଣ ସେ ଫୋନ୍ କରିପାରି ନ ଥା'ନ୍ତା? କେତେ ଯେ ଶୁଭେଚ୍ଛୁ ମୋ' ପାଇଁ ସାରା ଓଡ଼ିଶାରେ ପ୍ରାର୍ଥନା କରିଥିଲେ, ତାହାର ହିସାବ ରଖିବା ସମ୍ଭବ ନୁହେଁ।

ବିଗତ ବର୍ଷର କରୋନା କାଳ କିଏ କ'ଣ ଭୁଲିଯାଇ ପାରିବ? ସେହି ଭୟଙ୍କର ଭୂତାଣୁ ଦ୍ୱାରା ମୁଁ ଯେ କବଳିତ ହେବି- ଏପରି ଆଶଙ୍କା ମୋ' ମନରେ କେବେ ବି ଜାତ ହେଉ ନ ଥିଲା। ମୁଁ ତ ଧଳା କାର୍ ଭିତରେ ସୁରକ୍ଷିତ ଭାବରେ ବସି ଯାଉଥିଲି ପ୍ରତିଦିନ ଆମ ବିଶ୍ୱବିଦ୍ୟାଳୟ, ଅର୍ଥାତ୍ ମୋ' କର୍ମସ୍ଥଳୀକୁ। ବିଭାଗ ମୁଖ୍ୟ ଭାବରେ ଯଦିଓ ଅନେକ ଭଦ୍ରବ୍ୟକ୍ତିଙ୍କ ସହିତ କରୁଥିଲି କଥାବାର୍ତ୍ତା, ମିଶୁଥିଲି ମୋର ପ୍ରିୟ ସହକର୍ମୀ ଓ ଛାତ୍ରୀଛାତ୍ରଙ୍କ ସହିତ; ତଥାପି ଏସବୁ ନିରାପଦ ଦୂରତ୍ୱ ବଜାୟ ରଖି ଚାଲିଥିଲା। ଗୋଟିଏ ମୁହୂର୍ତ୍ତ ବି ନିଜକୁ ଅସୁରକ୍ଷିତ ମନେ କରୁ ନ ଥିଲି। କିନ୍ତୁ ସବୁ ସତର୍କତା ସତ୍ତ୍ୱେ ଏହି ଭୂତାଣୁ କିପରି ସଂକ୍ରମିତ ହୋଇ ଆସିଲା ମୋ' ଦେହକୁ, ତାହା ଏବେ ବି କଳ୍ପନା କରିପାରେ ନାହିଁ ମୁଁ।

ଯେଉଁଦିନ ପରୀକ୍ଷାରୁ ଜଣାପଡ଼ିଲା ଯେ ମୁଁ ହୋଇଛି ସଂକ୍ରମିତ, ଭାବୁଥିଲି କିଛିଦିନ ଆଇସୋଲେସନରେ ରହି ମେଡିସିନ ନେଲେ କମିଯିବ ଜ୍ୱରର ପ୍ରଭାବ। କିନ୍ତୁ ତାହା ହେଲା ନାହିଁ ଓ ମୁଁ ଆହୁରି ଗମ୍ଭୀର ଭାବରେ ଅସୁସ୍ଥ ହୋଇପଡ଼ିଲି। ପ୍ରଥମେ ବାଲେଶ୍ୱରର ସରକାରୀ ହସ୍ପିଟାଲ, ତା' ପରେ ମଧ୍ୟରାତ୍ରିରେ କଟକ ଯାତ୍ରା, ଆଉ ଶେଷରେ ପୁଣି କିମ୍ସ ହସ୍ପିଟାଲ ଭୁବନେଶ୍ୱରରେ ମୋର ଆଡମିଟ୍ ହେବା କଥା ଭାବିଲେ ଏବେ ବି ଦେହ ଶୀତେଇ ଉଠେ। ଆଇସିୟୁରେ କଟିଲା କେତେଦିନ ଅକଥନୀୟ ଯନ୍ତ୍ରଣା ମଧ୍ୟରେ। ସେ ଯେଉଁ ଅସହ୍ୟ ରୋଗର ଉପଦ୍ରବ ତାକୁ ଭୁଲିହେବ ନାହିଁ ସାରା ଜୀବନ। ଏହି ଦୁଃଖଦ ଖବର ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଏବଂ ଖବରକାଗଜ ଜରିଆରେ ବ୍ୟାପିଯାଇଥିଲା ସବୁ ଆତ୍ମୀୟସ୍ୱଜନ, ଗୁରୁଜନ ଓ ମୋର ପ୍ରିୟ ଛାତ୍ରୀଛାତ୍ରଙ୍କ ନିକଟକୁ। ମୁଁ ତ ମୋବାଇଲ୍ ଦେଖିବା ଅବସ୍ଥାରେ ମଧ୍ୟ ନ ଥିଲି। ମୋବାଇଲ୍ ମଧ୍ୟ ମୋ' ପାଖରେ ନ ଥିଲା। ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଯେତେବେଳେ ରହିବାକୁ ପଡ଼ିଲା ଏକ ହୋଟେଲରେ ପ୍ରାୟ ମାସେ କାଳ, ସେତେବେଳେ ହିଁ ଏସବୁ କଥା ଜାଣିବାର ସୁଯୋଗ ପାଇଲି ପତ୍ନୀ ଓ ପୁଅଙ୍କଠାରୁ। ସମସ୍ତଙ୍କ ପ୍ରତି କୃତଜ୍ଞତାରେ ଭରିଯାଇଥିଲା ମୋର ହୃଦୟ।

ଏସବୁ ଘଟଣା କ'ଣ ତାହା ନଜରରେ ପଡ଼ିଲା ନାହିଁ? ଥରୁଟିଏ ଫୋନ୍ ତ କରିପାରିଥା'ନ୍ତା। କିଛି ନ ହେଲେ ସଂକ୍ଷିପ୍ତ ମେସେଜଟିଏ ତ ପଠାଇ ପାରିଥା'ନ୍ତା। ହଁ, ଏକଥା ମୁଁ ମାନୁଛି ଯେ ସିଏ ଅବୋଧ ବାଳକଟିଏ। ତଥାପି ମୁଁ ଯେ ତାକୁ ଏତେ ଭଲପାଉଥିଲି ତା' ବଦଳରେ ସାମାନ୍ୟ ପ୍ରାର୍ଥନା ମୋ' ପାଇଁ କରିପାରିଲା ନାହିଁ ସେ। ଏହି ଅଭିମାନ ଦ୍ୱାରା ପୀଡ଼ିତ ହୋଇ ମୁଁ ରିସିଭ୍ କରି ନ ଥିଲି ତା'ର କଲ୍।

ଯେତେବେଳେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିଲି କାର୍ଯ୍ୟରତ, ସେତେବେଳେ ତା' ସହିତ ମୋର ପରିଚୟ। ଏକ ଡିବେଟ୍ କମ୍ପିଟେଶନରେ ଜଜ୍ ଭାବରେ ଆମନ୍ତ୍ରିତ ହୋଇଥିଲି ମୁଁ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ। ପିଲାମାନଙ୍କୁ ଦିଆଯାଇଥିଲା ଯେଉଁ ବିଷୟ, ତାହା ହେଲା ଚିକାଗୋ ଧର୍ମ ମହାସମ୍ମିଳନୀରେ ବିବେକାନନ୍ଦଙ୍କ ବକ୍ତୃତା। ବିବେକାନନ୍ଦ ସେତେବେଳେ ସ୍ୱଳ୍ପ ସମୟ ମଧ୍ୟରେ ଆତ୍ମାକୁ ସ୍ପନ୍ଦିତ କରିଦେବା ପରି ଯେଉଁ ବକ୍ତୃତା ପ୍ରଦାନ କରିଥିଲେ, ଛାତ୍ରୀଛାତ୍ରମାନେ ତାହା ହିଁ ବ୍ୟକ୍ତ କରୁଥିଲେ ନିଜ ନିଜ ଶୈଳୀରେ। ପ୍ରତିଟି ପିଲାଙ୍କ ଭାଷଣ ଶୁଣୁଥିଲି ମୁଁ ଧ୍ୟାନପୂର୍ବକ। ସପ୍ତମ ଶ୍ରେଣୀର ଶ୍ୟାମଳ ବର୍ଣ୍ଣ ଅଥଚ ତେଜୋଦୀପ୍ତ ଦୁଇ ଆଖି ଓ ଭାବପୂର୍ଣ୍ଣ ମୁଖମଣ୍ଡଳ ନେଇ ଯେଉଁ ପିଲାଟି ଆସି ଉଭା ହେଲା, ତା' ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷିତ ହେଲା ମୋର। ତା'ର ବକ୍ତୃତା ଶୁଣି ମୁଁ ହୋଇଗଲି ଅଭିଭୂତ। ପିଲାଟି ବିବେକାନନ୍ଦଙ୍କ ଆତ୍ମାକୁ ପ୍ରବେଶ କରିଛି ନା ବିବେକାନନ୍ଦ ଏ ପିଲାଟିର ହୃଦୟ ମଧ୍ୟରେ ହୋଇଛନ୍ତି ଆବିର୍ଭୂତ, ତାହା ସ୍ଥିର କରିବା ମୋ' ପକ୍ଷରେ ଥିଲା ଅସମ୍ଭବ। ଏହା କହିବା ନିଷ୍ପ୍ରୟୋଜନ ଯେ, ସେ ହିଁ ଉକ୍ତ ପ୍ରତିଯୋଗିତାରେ ହେଲା ପ୍ରଥମ। ଫଳାଫଳ ଘୋଷିତ ହେବା ପରେ ପିଲାଟି ଆସି ମୋ' ପାଦସ୍ପର୍ଶ କରି ହେଲା ଆଶୀର୍ବାଦ ପ୍ରାର୍ଥୀ। ଅତି ବିନମ୍ର ଭଙ୍ଗୀରେ ସେ ଛିଡ଼ା ହେଲା ମୋ' ସମ୍ମୁଖରେ। ମୁଁ ପଚାରିଲି, ତୁମ ନାମ କ'ଣ? ସେ ହସି ହସି ଉତ୍ତର ଦେଲା- 'ଆହ୍ଲିକ'। ଅତି ସହଜରେ ମନେରହିଯିବା ଭଳି ଅନୁପମ ସୁନାମର ଅଧିକାରୀ ସେ। ବଢ଼ାଇଦେଲା ମୋ' ହାତକୁ ତା'ର ଛୋଟିଆ ଅଟୋଗ୍ରାଫ୍ ଖାତାଟି। ମୁଁ ସେଥିରେ ଲେଖିଲି ଏକମାତ୍ର ବାକ୍ୟ- ''ଆହ୍ଲିକ, ତୁମେ ଜଣେ ଛୋଟ ବିବେକାନନ୍ଦ।'' ଏହି ଗୋଟିଏ ବାକ୍ୟ ତା' ଭିତରେ ଏବଂ ତା' ସହିତ ଆସିଥିବା ତା'ର ମାଆଙ୍କ ହୃଦୟରେ ସୃଷ୍ଟି କରିଥିଲା ଅପୂର୍ବ କମ୍ପନ। ମୋର ମୋବାଇଲ୍ ନମ୍ବର ସେ ନେଲା। ମୁଁ ବି ଆଣିଲି ନମ୍ବର ତା'ଠାରୁ। ସେହିଦିନଠାରୁ ଏକ ଅନାବିଳ ଆବେଗସ୍ନାତ ସମ୍ପର୍କ ଗଢ଼ିଉଠିଥିଲା ତା' ସହିତ। ଯେଉଁ ପ୍ରତିଯୋଗିତାକୁ ଗଲେ ସେ ମୋର ପରାମର୍ଶ ନିଏ। ଏପରିକି ତା'ର ପରୀକ୍ଷାର ଭଲମନ୍ଦ କଥା କହେ ସଂକ୍ଷେପରେ, ଅଥଚ ଗଭୀର ଆନ୍ତରିକତା ସହକାରେ। ସତେ ଯେମିତି ମୁଁ ତା'ର ଜଣେ ଅଭିଭାବକ!

ଏତେ ଅନ୍ତରଙ୍ଗତା ଥାଉଁ ଥାଉଁ ମୁଁ ଯେତେବେଳେ ଗମ୍ଭୀର ପୀଡ଼ାଗ୍ରସ୍ତ, ସେତେବେଳେ ସେ ଖବର ଟିକିଏ ନେଇପାରିଲା ନାହିଁ ମୋର! ସେହି ଅଭିମାନ- ଆକ୍ରାନ୍ତ ହୋଇ ତା'ର ଫୋନ୍ କଲ୍ ରିସିଭ୍ କଲି ନାହିଁ ତତ୍‌କ୍ଷଣାତ୍। ଦେଖିଲି କିଛି ସମୟ ପରେ ପୁଣି ସେ କଲ୍ କରୁଛି। ଅନିଚ୍ଛା ସତ୍ତ୍ୱେ ରିସିଭ୍ କଲି ତା'ର କଲ୍, ତା'ର ନମସ୍କାରର ପ୍ରତି ନମସ୍କାର କଲି। ସେ ମୋତେ କ'ଣ ପଚାରିବ, ଏ ଆଶା ଆଉ କରି ନ ଥିଲି। ତେଣୁ ମୋ' ଆଡ଼ୁ ତାକୁ ପ୍ରଥମେ ପଚାରିଲି- 'ଆହ୍ଲିକ, ତୁମେ ଭଲ ଅଛ ତ?' କ୍ଷଣଟିଏ ନୀରବ ରହିଥିଲା ସେ। ତା' ପରେ ଯେଉଁ ଗୋଟିଏ ବାକ୍ୟ ଉଚ୍ଚାରଣ କଲା, ତାହା ମୁଁ ଏଠି ଉଦ୍ଧାର କରୁଛି ଏଥିପାଇଁ ଯେ ମୋ'ଠାରୁ ନିଷ୍ଠୁର ଆଉ କେହି ନାହିଁ। ଆହ୍ଲିକ ଅତି ସ୍ୱାଭାବିକ ଗଳାରେ କହିଲା- 'ସାର୍, କରୋନାରେ ପାପା ଚାଲିଗଲେ।'

ସବୁ ଅଭିମାନ ଚୂର୍ଣ୍ଣୀଭୂତ ହୋଇଯିବା ତ ଥିଲା ସ୍ୱାଭାବିକ। ଛୋଟପିଲାଟିଏ ଜୀବନର କେତେବଡ଼ ଧକ୍କାକୁ କେତେ ସାଧାରଣ ଭାବରେ କହିଦେଲା! ନା କାନ୍ଦିବାର ଶକ୍ତି ଥିଲା ମୋର! ନା ସାନ୍ତ୍ୱନା ଦେବା ପାଇଁ ସ୍ଫୁରିଲା ଶବ୍ଦ! ନିର୍ବାକ୍ ନିସ୍ପନ୍ଦ ପ୍ରସ୍ତର ମୂର୍ତ୍ତିରେ ମୋତେ ପରିଣତ କରିଦେଲା ମୋ' ଆହ୍ଲିକ। ତା' ପରେ ଯାହା ବି କହିଲି ଆଉ ତା'ର ଅସହାୟତା ସମ୍ପର୍କରେ ଯାହା ବି ଜାଣିଲି ତାକୁ ବର୍ଣ୍ଣନା କରିବାର ପ୍ରୟୋଜନ ନାହିଁ। ସାମର୍ଥ୍ୟ ବି ନାହିଁ।

ମତେ ଆହ୍ଲିକ ତା'ର ଅଭିଭାବକ ପରି ସ୍ନେହ ଓ ସମ୍ମାନ ଦେଇ ମୋ' ପରାମର୍ଶ ନେଉଥିଲା ବାରମ୍ବାର। ଏବେ ତା'ର ଉତ୍ତର ଫୋନ୍‌ରେ ଶୁଣିବା ପରେ ଆଉ ନିଷ୍ପ୍ରାଣ ମୂର୍ତ୍ତିରେ ପରିଣତ ହୋଇଯାଇ ପାପବୋଧରେ ଜର୍ଜରିତ ମୋ' ପରି ହୃଦୟହୀନ ଅପାରଗ ବ୍ୟକ୍ତି ଏବେ ହୋଇପାରିବ କି ଆହ୍ଲିକର ଅଭିଭାବକ? ନେଇପାରିବ କି ତା'ର ସକଳ ଦାୟିତ୍ୱ? ମୋ' ଆହ୍ଲିକ ବୋଲି କହିଲେ ଯେଉଁ ଅନ୍ତର ମୋର ଉତ୍‌ଫୁଲ୍ଲିତ ହୋଇଉଠୁଥିଲା, ସେ ଏବେ ଆହ୍ଲିକ ହୃଦୟର ବେଦନାକୁ ବହନ କରିବା ପାଇଁ ସମର୍ଥ ତ?

ସେ ଦିନଠାରୁ ମୋର କଣ୍ଠ ହୋଇଯାଇଛି ବାଷ୍ପରୁଦ୍ଧ। ଆହ୍ଲିକର ଉତ୍ତର ମୋତେ କରିଦେଇଛି ନିରୁତ୍ତର।

ମୋ: ୮୮୯୫୮୮୧୫୮୯



## କବିତା

### ଫେରିଆ

**ପ୍ରବୋଧ ରାଉତ**

ମୋ ପଞ୍ଜରାକୁ ଟପି
ଯେତେ ଥର ପାଦରଖେ
ମୁଲାୟମ କଳିଜାରେ
ବାମପାଦ ବୁଢ଼ା ଆଙ୍ଗୁଠିରେ
ଉଖୁରେଇବା ପରି ନଖଗାର
କଳିଜା ସନ୍ଧିରେ।
ମାଟି ବି ଫୁଲେଇ ହୁଏ
ଫଳିବା ଫଳିବା ପରି
ଅଳ୍ପ ଲାଜ, ନତଜାନୁ
ପ୍ରଥମ ଦେଖାରେ।

ନଖରେ ଗାର ଟାଣିଲେ
ଦାଗ ରହିଯାଏ ନୁଖୁରା ଦିହରେ,
ବେଳେବେଳେ ଦାଗ ମହୁପରି
କୋଇଲିର କୁହୁ ପରି
କ୍ଷଣକ୍ଷଣ ପୋଡୁଥାଏ ନହୁଲି ମନରେ।

କହିପାରିନି ଏଯାଏ
ମୁଁ କାଇଁ ପାତିଦିଏ କଳିଜା,
ତୋ' ପାଦ ଛୁଆଁରେ
କି ମୋକ୍ଷ ମୋର?
ମନ ବଉଳୁଥାଏ
କ୍ଷତ ଗଣିବାରେ।

ଗପ ମହୁ ନୁହେଁ ମହୁଲି
ଫୁଲ ତମ ପରି ବାସେ
ଅଧରାତିରେ ନିଜକୁ ଉଜେଇଁ ଦେଇ
ପଞ୍ଜରା ଲୋଡୁଥାଏ ଡାହାଣ ପାଦକୁ।

କୋଉ ପରୀକ୍ଷା ନବ ଯେ?
ଲେଉଟ ସୁଅରେ ତ ଜୀବନ
ଛାତି ବି ଚୂନ୍‌ଭୂତ
ଲଙ୍ଗଳା, ଫୁଙ୍ଗୁଳା କଳିଜାଟା
ବାହୁନୁଛି, ନେହୁରା ହେଇ
ବାଟେନି ଦେଇଛି,
ଯେତେ ଜନ୍ମ ନେବି
ପଞ୍ଜରା ବିହୀନ ଛାତି
ନିଦ ମୁକୁଳା ରାତି
ସବୁ ଫୁଁ' କରି ସାରିଲେଣି
ଫେରିଆ ଥରେ।

ମୋ: ୮୨୮୦୦୭୯୯୮୨

ମୋ' ଘରେ
ନାଚନ୍ତା ନାହିଁ
ଭୋକ ଆଉ ବିଲୁଆ,
ଅଧା ପେଟ ଖାଇ
ଶୁଅନ୍ତା ନାହିଁ ମୋ' ମାଆ
ଆଉ ମୋ' କଅଁଳିଆ ଛୁଆ।

କବିତା ଆସରେ କବିତା ଗାଇ
ବାହା ବାହାରେ
ମୋ' ପେଟ ପୂରିଯାଏ,
ପେଟେ ତୋରାଣି ପିଇ
ଝିଅଟା ମୋ' ଘରେ
ପାଠ ପଢୁଥାଏ।

ଦିନେ
ସ୍ତ୍ରୀ ମୋ' ଧରାଇଦେଲା
ଲମ୍ବା ରାସନର ଚିଠା
ଏବଂ କବିତାର ଖାତା
କହିଲା:
ଯାଅ ଆଣିବ ହାଟ ସଉଦା
ବିକାବିକି କରି ତୁମର ଏ କବିତା।

ମୋ: ୯୪୩୭୩୫୨୫୬୦

### ନଗ୍ନ ସତ୍ୟ

**ଡା. ସନ୍ନ୍ୟାସୀ ନାୟକ**

କବିତା ବିକି କି
ଯଦି ପଇସା ମିଳନ୍ତା,
ମୁଁ ଦରିଦ୍ର ନ ଥା'ନ୍ତି,
ମୋ' ସ୍ତ୍ରୀ ଲାଗି
ଦଶଭରି ସୁନା
ଶହେ ପାଟଶାଢ଼ି କିଣନ୍ତି।

### ଫେରିବାକୁ ହେବ

**ସାଗରିକା ପଟ୍ଟନାୟକ**

ଅତୀତ ବେଳାରୁ
ସ୍ମୃତି ସାଉଁଟିଲି
ଆଜିକୁ ଚଉତି ଦେଇ
କଅଁଳ ସକାଳେ
ଆଶା ମୋ ସରିଲା
ଜୀବନକୁ ଦ୍ୱାହି ଦେଇ...

କାଲିରେ ବଞ୍ଚିଲି
କାଲିକୁ ଖୋଜିଲି
କାଲି କଥା ହାଏ
ଚିନ୍ତା ଯେ ନ କରି
ଶେଷ ଜୀବନରେ
ଖାଲି ଅବସୋସ ରହିଗଲା।

ବ୍ୟଥିତ ହୃଦୟ ଯାଏ
ପୀଡ଼ାରେ ଭରି...
ହାତପାହାନ୍ତାରେ ଥିଲା
ସ୍ୱପ୍ନ ଅସୁମାରି
ସକାଳୁ ସଞ୍ଜଯାଏ
ଖାଲି ଯା
କୁହୁଡ଼ି ପହଁରିଲି...

ଫେରିବାକୁ ହେବ
ବାଟ ସରିଲାଣି
ଅମା ଅନ୍ଧାର ଆସୁଛି ପାଖେଇ
ହେଇ ଦେଖ ବେଳ ବୁଡ଼ିଲାଣି...

ମୋ: ୯୮୬୧୭୫୦୨୯୨

## ପୁସ୍ତକ ପରିଚୟ

### ଜୀବନର କେତେ ରଙ୍ଗ



**ଲେଖିକା:** ସୁଷମା ଚୌଧୁରୀ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୯୯/-

ମୋଟ ୧୩ଟି ଗଳ୍ପ ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। ଗ୍ରନ୍ଥାରମ୍ଭରେ 'ନିଜ କଥା ପଦେ' ଶୀର୍ଷକରେ ଲେଖିକା କହନ୍ତି: ''ମୋ' ଗଳ୍ପଗୁଡ଼ିକର ଚରିତ୍ରସବୁ ବାସ୍ତବ ଦୁନିଆରେ ନିଜନିଜ ଭୂମିକାରେ ନିରନ୍ତର ଅଭିନୟରତ। ଆଖିଟିଏ ବା ମୁହଁଟିଏ ଦେଖିଲେ ତା' ପଛରୁ କାହାଣୀଟିଏ ଖୋଜିବା ମୋର ଏକ ଅଦମ୍ୟ ପ୍ରାକୃତିକ ପ୍ରବୃତ୍ତି। ସେଇ କାହାଣୀଗୁଡ଼ିକୁ ସାଉଁଟି, ସଜେଇ, ଓଡ଼ିଆ ଭାଷାରେ ମୋର ସୀମିତ ଦକ୍ଷତାକୁ ଭିତ୍ତିକରି ଗଳ୍ପ ଆକାରରେ ଉପସ୍ଥାପନା କରିଛି।'' ଗଳ୍ପଗୁଡ଼ିକ ଆକସ୍ମିକ ଆରମ୍ଭ ହୁଅନ୍ତି ଓ ପାଠକର ଆଶା ମେଣ୍ଟିବା ଆଗରୁ ଚୁପ୍ ହେଇଯାଆନ୍ତି। ସୁଷମାଙ୍କ ଗଳ୍ପର ସବୁଠୁଁ ବଡ଼ ବିଶେଷତ୍ୱ ହେଉଛି ତାଙ୍କ ଗଳ୍ପ ସଚରାଚର ଘଟୁଥିବା ଘଟଣାର କେବଳ ବିବରଣୀ ଦିଏ ନାହିଁ, କୁଢ଼କୁଢ଼ ସମସ୍ୟାରେ ପାଠକଙ୍କୁ ପୋତିପକାଏ ନାହିଁ; ସମାଜରେ, ପରିବାରରେ ଘଟିତ ସମସ୍ୟା ସବୁର ଗୋଟେ ସମାଧାନ ସଜାଡ଼ି ରଖିଥାଏ। ଉଦାହରଣ ଭାବେ ବହିର ନବମ ଗଳ୍ପ 'ବୋଉ ଉପାଖ୍ୟାନ'କୁ ଆମେ ନେଇପାରିବା। କୌଶଲ୍ୟା ଦେବୀଙ୍କୁ ତାଙ୍କ ପୁଅ ଓ ବୋହୂ ଆଦର, ଯତ୍ନ ଦେଇପାରି ନାହାନ୍ତି; କିନ୍ତୁ ନାତି ସୋମ୍ ଜେଜେମା'ଙ୍କ କାହାଣୀ ପିଇସୀ ରୋମାଠୁଁ ଶୁଣି ପଶ୍ଚାତ୍ତାପ କରିଛି ଓ ସମାଜର ଅବହେଳିତା ବୋଉମାନଙ୍କ ପାଇଁ ଏକ ଆଶ୍ରମ କରିଛି। 'ଆଶ୍ରମ' ନୁହେଁ 'ଧାମ'; ଯେଉଁଠି କେତେକେତେ ବୋଉ ଆସି ନିଜନିଜର ଅମେଣ୍ଟା ସ୍ୱପ୍ନକୁ ଚରିତାର୍ଥ କରନ୍ତି। 'ଜୀବନର କେତେ ରଙ୍ଗ' ଶୀର୍ଷକଟି ମଧ୍ୟ ଖୁବ୍ ଚମତ୍କାର।

### ପୁରାଣ ଚରିତ ସାରସଂଗ୍ରହ




**ଲେଖକ:** ହୃଦାନନ୍ଦ ବେହେରା, ବିନୟ କୁମାର ଖିଲାର
**ପ୍ରକାଶକ:** ଲିଜାଶ୍ରୀ ବିଶୋଇ, ପବ୍ଲିଶିଂ ହାଉସ୍, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୫୪୦/-

ପାଠକଙ୍କ ପାଇଁ ଉପାଦେୟ ବିବେଚିତ ହେବାର ଆଶା ରଖି ଲେଖକଦ୍ୱୟ ଏ ବହିଟି ପ୍ରକାଶ କରିଛନ୍ତି। ପୁରାଣର ଚରିତ୍ରଗୁଡ଼ିକ ସମ୍ପର୍କରେ ସଂକ୍ଷିପ୍ତ ବ୍ୟାଖ୍ୟାନ ପ୍ରଦାନ ବହିଟିର ଉଦ୍ଦେଶ୍ୟ। ମହାଭାରତ, ରାମାୟଣ, ଅଷ୍ଟାଦଶ ପୁରାଣ, ଭାଗବତର ବିବିଧ ଚରିତ୍ରର ଏକ ମନୋରମ ଚିତ୍ରଶାଳା ଗ୍ରନ୍ଥଟି। ପୁରାଣ ସମ୍ପର୍କରେ ଅନଭିଜ୍ଞ ବା ବିଜ୍ଞ ବ୍ୟକ୍ତିବିଶେଷଙ୍କ ପାଇଁ ଗ୍ରନ୍ଥ ନିହିତ ଚରିତ୍ରଗୁଡ଼ିକର ମନନ କେବଳ ଆନନ୍ଦଦାୟୀ ହେବ ନାହିଁ, ଅଧିକନ୍ତୁ ଶିକ୍ଷଣୀୟ ହେବ। 'ପୌରାଣିକ ସୂଚନା'ରେ ସଂକ୍ଷେପରେ ପୁରାଣ ନିହିତ ଚରିତ୍ର ସମୂହର ସୂଚନା ଉଲ୍ଲେଖ କରାଯାଇଛି। ଏପରି ଏକ ଗ୍ରନ୍ଥ କଳ୍ପନା ଲେଖକଦ୍ୱୟଙ୍କ ପୁରାଣମନସ୍କତାକୁ କେବଳ ଦର୍ଶାଏ ନାହିଁ, ବରଂ ଲୋକଶିକ୍ଷା ଦିଗରେ ତାଙ୍କ ଉତ୍ସୁକତାକୁ ଉଜାଗର କରେ।

### ରେବତୀ




**ଜାନୁୟାରୀ- ୨୦୨୩**
**ସମ୍ପାଦିକା-** ସୁବାସିନୀ ଜେନା

ସୁବାସିନୀ ଜେନାଙ୍କ ସମ୍ପାଦନାରେ ଏହି ପତ୍ରିକାଟି ନିୟମିତ କେବଳ ପ୍ରକାଶ ପାଉନାହିଁ, ବିଭିନ୍ନ ସଂଖ୍ୟାରେ ନାନା ଉପାଦେୟ ଲେଖାକୁ ପାଠିକାପାଠକଙ୍କ ଦୃଷ୍ଟିକୁ ଆଣିବାରେ ଯେପରି ଯତ୍ନବାନ ହେଉଛି- ତାହା ଖୁବ୍ ପ୍ରଶଂସନୀୟ। ଆଲୋଚ୍ୟ ସଂଖ୍ୟାରେ ପ୍ରଫୁଲ୍ଲ ମହାନ୍ତିଙ୍କ ଧାରାବାହିକ କାବ୍ୟ 'ଦ୍ରୌପଦୀ', କବିତାରେ ପ୍ରବୀଣ କୁମାର କବି, ରଞ୍ଜିତା ପଣ୍ଡା, ହରିଶ୍ଚନ୍ଦ୍ର ବେହେରା, ରବି ଶତପଥୀ, ତ୍ରିଲୋଚନ ମହାନ୍ତି, ସତ୍ୟ ସାହୁ, ତପନ କୁମାର ପଣ୍ଡା ଓ ଐଶ୍ୱର୍ଯ୍ୟା ରାଉତ, ନବ ପ୍ରଜନ୍ମର ସୃଜନ-ସ୍ୱାକ୍ଷରରେ କମଳ କୁମାର ମହାନ୍ତି, ଶାନ୍ତନୁ କୁମାର ନାୟକ, ମାଧବାନନ୍ଦ ପାତ୍ର ଓ ସୁମିତ୍ ପଣ୍ଡା; ମୋ' ପସନ୍ଦର ନୂଆ ମୁହଁରେ ଗାଳ୍ପିକା ଲୋପାମୁଦ୍ରା ମିଶ୍ର ଓ କ୍ଷେତ୍ରବାସୀ ନାୟକଙ୍କ ଲେଖାଚର୍ଚ୍ଚା ଆଦି ପାଠକୀୟ ଆଗ୍ରହକୁ ଉଦ୍ଦୀପିତ ରଖିବ ବୋଲି ଆଶା।

## ଲୋକଦେଖାଣିଆ

**ମିନି ଗଳ୍ପ**

**ମନୀଷା ପଣ୍ଡା**

ନୂଆ ଭାଉଜ ଆସିବାର ଦୁଇ ବର୍ଷ ହୋଇଗଲାଣି। ମାସେ ଦୁଇମାସ ହୋଇଗଲେ ଫୋନ୍ କରି ଡାକ ପକାଏ, 'ଘରକୁ ଆସି ବୁଲି ଦେଇଯାଅ ମିତୁ'। ଯେତେ ଯାହା ହେଲେ ସିପୁନ ଭାଇର ସାନ ଭଉଣୀ ଓ ବାପା ବୋଉଙ୍କ ଗେହ୍ଲା ଝିଅ ମୁଁ। ଆଉ ଖୁବ୍ ଅଭିମାନୀ ବୋଲି ବୋଉ ଆଉ ଭାଇଙ୍କଠାରୁ ଶୁଣିବା ପରେ କାଳେ ଅଭିମାନ କରିବି, ଏଣୁ ଭାଉଜ ସର୍ବଦା ସତର୍କ ବୋଧେ।

ସେଦିନ ଭାଉଜଙ୍କ ଦେହଟା ଭଲ ନ ଥାଏ, ଘୋଳାବିନ୍ଧା ହୋଇ ଜରଜର ଲାଗୁଥାଏ। ମୁଁ ପହଞ୍ଚିଯାଇଥାଏ ଆମଘରେ ଠିକ୍ ଦିନ ଏଗାରଟା ବେଳେ। ଭାଉଜ ଆଉ ମୁଁ ସାଙ୍ଗ ହୋଇ ଖାଇବା ପାଇଁ ବସିଲୁ। ଭାଉଜଙ୍କ ଦେହ କଷ୍ଟ ହେତୁ ମୁହଁଟି ଶୁଖିଥାଏ ସେଦିନ। ମନରେ ହରଷ ନାହିଁ। ବୋଉ ପାଖରେ ବସିଥାଏ ଆମେ ନଣନ୍ଦ ଭାଉଜ ଖାଇବା ବେଳେ। ଭାଉଜଙ୍କ କଷ୍ଟ ଦେଖି ସାହାଯ୍ୟ ଟିକେ କରିଦେବି ଭାବି ଖାଇ ସାରିବା ପରେ ବାସନ ଉଠେଇବା ଉଦ୍ଦେଶ୍ୟରେ ବାହାରିଲି। ବୋଉ ଆଗେ ଧୀର ଗଳାରେ କହିଲା, 'ଆଲୋ ମିତୁ! ତୁ ଟିକେ ବିଶ୍ରାମ ନେ।' ଭାଉଜ ମଧ୍ୟ ବୋଉ କଥା ଶୁଣି କହିଲା, 'ହଁ... ତୁମେ ଯାଅ ହାତ ଧୋଇ ବିଶ୍ରାମ ନିଅ।' ତଥାପି ଅମାନିଆ ହୋଇ ମୁଁ ବାସନ ଉଠେଇଲି। ଏଥର ବୋଉ ହାତ ଧରି ଟାଣିଆଣିଲା ଆଉ ତାଗିଦାଭରା ଗଳାରେ କହିଲା, ''ଭାଉଜ ଉଠେଇବ ବାସନ। ତୋତେ କରିବାକୁ କିଏ କହୁଛି?''

ମୁଁ ମୋ' ବୋଉ ମୁହଁକୁ ଦେଖି ଭାବୁଥିଲି ଇଏ ସେଇ ବୋଉ, ଯିଏ ନିଇତି ଫୋନ୍‌ରେ କହେ, 'ଦେହ ଜଗି ରଖି କାମ କରୁଥିବୁ ମିତୁ!' ଆଜି କିନ୍ତୁ ଭାଉଜ ପାଇଁ ବିପରୀତ ନିୟମ ତା'ର! ଭାଉଜ ଉଦ୍ଦେଶ୍ୟରେ ଝିଅ ଡାକଟା ବୋଉର କେବଳ ଲୋକଦେଖାଣିଆ ମୁଁ ବୁଝି ପାରୁଥିଲି। ଜଳଜଳ ଦେଖୁଥିଲି ବୋଉ ଭିତରର ଶାଶୁକୁ।

ମୋ: ୮୨୪୯୬୮୬୦୯୩

## କାଳକାଳକୁ



''ଏକ ଖରାପ ବହି ପଢ଼ିବା ପାଇଁ ଜୀବନ ଖୁବ୍ ନିଅଣ୍ଟିଆ।''
**- ଜେମ୍‌ସ ଜଏସ୍**

**ଜେମ୍‌ସ ଜଏସ୍‌ଙ୍କ** ଜନ୍ମ ୨ ଫେବୃୟାରୀ ୧୮୮୨ରେ, ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଓ ପରଲୋକ ୧୩ ଜାନୁୟାରୀ ୧୯୪୧ରେ, ସୁଇଜରଲାଣ୍ଡର ଜୁରିକ୍‌ରେ। ସେ ଏକାଧାରରେ କବି, ଔପନ୍ୟାସିକ ଓ ସାହିତ୍ୟ-ସମାଲୋଚକ। ଆଇରିସ୍ ଭାଷାର ଏହି ପ୍ରଖ୍ୟାତ ଲେଖକଙ୍କର ଦୁଇଟି ବହୁଜନବିଦିତ ପୁସ୍ତକ ହେଉଛି- ଉପନ୍ୟାସ 'ୟୁଲିସେସ୍' (୧୯୨୨) ଓ ଗଳ୍ପଗ୍ରନ୍ଥ 'ଏ ପୋର୍ଟ୍ରେଟ୍ ଅଫ୍ ଦ ଆର୍ଟିଷ୍ଟ୍ ଆଜ୍ ଏ ୟଙ୍ଗ୍‌ମ୍ୟାନ୍' (୧୯୧୬)। ତାଙ୍କର ତିନୋଟି କବିତାଗ୍ରନ୍ଥ, ଗୋଟିଏ ନାଟକ ଓ ଚିଠିପତ୍ର ପ୍ରକାଶିତ। ସାମୟିକ ପତ୍ରକାରିତାରେ ସେ ରୁଚି ରଖନ୍ତି। ବିଶ୍ୱ-ସାହିତ୍ୟରେ 'ଚେତନାପ୍ରବାହ ଧାରା'ର ସେ ଅନ୍ୟତମ ପ୍ରମୁଖ ଉଦ୍‌ଗାତା। ସେ କହନ୍ତି: ''ମୋ' ଦେହ ଏକ ବୀଣା, ଶବ୍ଦ ସେଇ ବୀଣାର ତାର ଉପରେ ଚଳମାନ ଅଙ୍ଗୁଳି।''

## କୁନି ଫୁଲର ଦିନଟିଏ

**ଲଘୁ ଗଳ୍ପ**

**ଦେବେନ୍ଦ୍ର କର**

ନୂଆ ସକାଳରୁ ନୂଆ ଦିନଟିଏ ଆରମ୍ଭ। ସୂର୍ଯ୍ୟଦେବଙ୍କ ସୁନେଲି କିରଣ ଏପର୍ଯ୍ୟନ୍ତ ଧରାପୃଷ୍ଠକୁ ଛୁଇଁନାହିଁ। ଅନେକ ଦିନ ପରେ ରାସ୍ତା କଡ଼ ସେଇ କାମିନୀ ଗଛରେ ଆଜି ଗୋଟିଏ କୁନି ଫୁଲ ଫୁଟିଚି। ଆଉ ଅଳ୍ପ କେଇଟା କଢ଼ି ଦିନ କେଇଟା ପରେ ଫୁଲର ରୂପ ନେବେ। କୁନି ଫୁଲଟି ମନେମନେ ହସୁଛି, ଗୁଣୁଗୁଣୁ ହେଇ ଗୀତଗାଉଛି। ଶାଖାପ୍ରଶାଖାରୁ ନିଗିଡ଼ିପଡୁଛି କାକରବୁନ୍ଦା। କୁନି ଫୁଲଟି ହସହସ ମୁହଁରେ ନୂଆ ଦିନଟିକୁ କହିଲା ଶୁଭ ସକାଳ ବନ୍ଧୁ। ନୂଆ ଦିନଟି ଖୁବ୍ ଗମ୍ଭୀର ହୋଇଉଠିଲା। ବଡ଼ବଡ଼ ଆଖି କରି ମୁହଁ ଛିଞ୍ଚାଡ଼ିଲା। ବୋଧହୁଏ ଫୁଲ ସହିତ କଥା ହେବାକୁ ସେ ପସନ୍ଦ କରୁ ନ ଥିଲା। ଫୁଲଟି ପୁଣି କହିଲା, ବନ୍ଧୁ ତୁମର ମୋର ଆଜି ଖୁବ୍ ଜମିବ। ଆମେ ସାଥି ହୋଇ ଖୁବ୍ ଦୁଃଖସୁଖ ହେବା। ରାଗ ତମତମ ହେଇ ନୂଆ ଦିନଟି କହିଲା, ଆରେ ତୁ ହେଲୁ ସାମାନ୍ୟ ଫୁଲ। ଗଛରେ ଫୁଟିବୁ ଆଉ ଝଡ଼ିବୁ। ମୁଁ ଆଲୋକମୟ ସକାଳରୁ ସୃଷ୍ଟି। ସୂର୍ଯ୍ୟଙ୍କ ଆଗମନରେ ମୋର ହୁଏ ଶୁଭାରମ୍ଭ। ତୁ କଦାପି ମୋ' ସମତୁଲ୍ୟ ହେଇପାରିବୁ ନାହିଁ। ମୁଁ ନଥିଲେ ତୋର କୌଣସି ଅସ୍ତିତ୍ୱ ନଥାନ୍ତା। ସାରା ଦୁନିଆ ଆଜି ମତେ ସ୍ୱାଗତ କରୁଛି। ସବୁ କଥା ଶୁଣି ଫୁଲ କହିଲା, ବନ୍ଧୁ ରାଗୁଛ କାହିଁକି? ଆସ ହସିବା, ଗାଇବା, ମଜା କରିବା। ଏ ଧରାପୃଷ୍ଠାର ନିୟମ ପା ଗୋଟିଏ, ହସିବା ଆଉ ହସାଇବା। ପରମେଶ୍ୱରଙ୍କୁ ଧନ୍ୟବାଦ ଦେବା, ଯାହାଙ୍କ ଲାଗି ଆଜି ଆମେ ଏ ଧରାପୃଷ୍ଠରେ ପାଦ ଥାପିପାରିଲୁ। ପ୍ରତିଟି ମୁହୂର୍ତ୍ତ ବହୁତ ମୂଲ୍ୟବାନ୍ ଆମ ପାଇଁ। ବେଳବୁଡ଼ିଲେ ନା ତୁମେ ଥିବ ନା ମୁଁ। ଆସ ରାଗ ଅହଙ୍କାର ଘୃଣା ଭାବ ପରିତ୍ୟାଗ କରି ସ୍ନେହ ଶ୍ରଦ୍ଧାର ଡୋରିରେ ସଭିଙ୍କୁ ଆଦରି ନେବା। ସଭିଙ୍କୁ ନିଜର କରିନେଲେ ସାରା ଦୁନିଆ ହୋଇଯିବ ଆନନ୍ଦମୟ। ନୂଆ ଦିନଟି ଆଉ କିଛି ନ କହି ଚୁପ୍ ରହିଲା।

କୁନି ଫୁଲଟିକୁ ସାନ କଢ଼ିଟି ପ୍ରଶଂସା କରି କହିଲା, ତୁ ସତରେ ଖୁବ୍ ସୁନ୍ଦର ଦିଶୁଚୁ ଆଉ ତୁ ବଡ଼ ଭାଗ୍ୟବାନ୍ ବି। ଆମେ ଫୁଟିବୁ କି ନାହିଁ ସନ୍ଦେହ। କୁନି ଫୁଲଟି ସାହସ ଦେଇ କହିଲା, ଆରେ ଧୈର୍ଯ୍ୟ ନ ଥିଲେ ଜୀବନ ଅସାର। ଧୈର୍ଯ୍ୟ ଧର ସବୁ ଭଲ ହିଁ ହେବ। ମୋର ବିଶ୍ୱାସ କାଲିକି ତୁମେମାନେ ନିଶ୍ଚୟ ଫୁଟିବ। କୁନିକୁନି କଢ଼ିମାନଙ୍କ ସହିତ କାମିନୀ ଫୁଲଟି ମନଭରି ଦୁଃଖସୁଖ ହେଲା। ନୂଆ ଦିନଟି ଏସବୁ ସହଜରେ ହଜମ କରିପାରୁ ନଥାଏ। ସୂର୍ଯ୍ୟାଲୋକ ଛୁଇଁଲାବେଳକୁ ଫୁଲର ରଙ୍ଗ ଆହୁରି ଆକର୍ଷଣୀୟ ଦିଶିଲା। ଫୁଲର ସୁଗନ୍ଧ ଆଖପାଖରେ ଭରି ଦେଉଥାଏ ମନ ମହକିଆ ବାସ୍ନା। କେତେ କୁଆଡ଼ୁ ଭ୍ରମର, କୀଟ ପତଙ୍ଗ ଫୁଲ ପାଖକୁ ଛୁଟି ଆସୁଥା'ନ୍ତି।

ଧୀରେ ଧୀରେ ସୂର୍ଯ୍ୟଦେବ ମୁଣ୍ଡ ଉପରେ ଉଠିଲେ। ଦିନ ଢଳିବାକୁ ଲାଗିଲା। ସୂର୍ଯ୍ୟଙ୍କ ତେଜ ଧୀରେ ଧୀରେ କମିଆସିଲା। କାମିନୀ ଫୁଲ ନୂଆଦିନକୁ କହିଲା, ବନ୍ଧୁ ଆମ ଦୁହିଁଙ୍କର ଏବେ ବିଦାୟର ବେଳ। ନୂଆ ଦିନର ଆଉ ସେଭଳି ଦମ୍ଭ ନ ଥିଲା। ମୁହଁ ଶୁଖାଇ କହିଲା, ତୁମେ ଠିକ୍ କହିଥିଲ ବନ୍ଧୁ ଆମେ ସଭିଏଁ ଏଠି ସ୍ୱଳ୍ପ ସମୟର ଅତିଥି। ଏ ଧରାପୃଷ୍ଠରେ କିଛି ବି ଚିରସ୍ଥାୟୀ ନୁହେଁ। ସମସ୍ତଙ୍କର ସଞ୍ଚାଳକ ଜଣେ ସେଇ ପରମେଶ୍ୱର। ସୂର୍ଯ୍ୟଙ୍କ ରକ୍ତିମା ଆଭା ଅନ୍ଧକାରକୁ ନିମନ୍ତ୍ରଣ ଦେଉଥାଏ। ଫୁଲଟି ଧୀରେ ଧୀରେ ଝାଉଁଳି ପଡ଼ିଲା। ଏବେ ସେ ଖୁବ୍ ଦୁର୍ବଳ ଆଉ ଅସହାୟ। ଥିଲା ଥିଲା ଦଲକାଏ ପବନ ଛୁଟି ଆସିଲା, ଫୁଲଟି ସାମ୍ନା କରିପାରିଲା ନାହିଁ ପବନକୁ। ଧୀରେକି ଲୋଟିପଡ଼ିଲା ଭୂମି ଉପରେ। ନୂଆ ଦିନଟି ବିଦାୟ ନେଇ ସାରିଥାଏ। ଚାରିଆଡ଼େ ଅନ୍ଧାର ଘୋଟି ଆସିଲା। ଆକାଶରେ ଜହ୍ନ, ତାରାଙ୍କ ଶୁଭ୍ର ଆଲୋକ ବିଛୁରି ପଡ଼ିଲା।

ମୋ: ୯୯୩୭୯୬୩୯୧୦



# ଜୟରାମ, ସବିତାଙ୍କୁ ସ୍ୱର୍ଣ୍ଣ ପଦକ


ଡି.ଏମ୍. ଜୟରାମ


ସବିତା ଟପ୍ପୋ

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ଭୁବନେଶ୍ୱର, ୩।୨ (କ୍ରୀଡ଼ା ପ୍ରତିନିଧି)**

ମଧ୍ୟପ୍ରଦେଶର ବିଭିନ୍ନ ସହରରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ଏହା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଥଲେଟିକ୍ସ ଇଭେଣ୍ଟର ପ୍ରଥମ ଦିବସରେ ଓଡ଼ିଶାକୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ବାଳକ ୧୦୦ ମିଟର ଇଭେଣ୍ଟରେ ଡି.ଏମ. ଜୟରାମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେବଳ ସେତିକି ନୁହେଁ ସେ ୧୦.୫୩ ସେକେଣ୍ଡ ସମୟ ନେଇ ନୂଆ ଜାତୀୟ ରେକର୍ଡର ମଧ୍ୟ ଅଧିକାରୀ ହୋଇଛନ୍ତି। ପୂର୍ବରୁ ୧୦୦ ମିଟର ଜାତୀୟ ରେକର୍ଡ ରିତିକ୍ ମଲିକଙ୍କ ନାମରେ ଥିଲା। ୨୦୧୯ରେ ସେ ୧୦.୬୫ ସେକେଣ୍ଡ ସମୟ ନେଇ ଏପର୍ଯ୍ୟନ୍ତ ରେକର୍ଡର ଅଧିକାରୀ ଥିଲେ। ଓଡ଼ିଶା ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ସବିତା ଟପ୍ପୋ। ସେ ବାଳିକା ଲଙ୍ଗଜମ୍ପ ଇଭେଣ୍ଟରୁ ଏହି ସଫଳତା ପାଇଛନ୍ତି। ସବିତା ୫.୭୩ ମିଟର କ୍ଲିୟର କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଜି.ଏସ୍. ପଟ୍ଟନାୟକ ପଦକ ବିଜେତା ଦୁଇ ଆଥଲେଟ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ବାଳିକା ଖୋ ଖୋ ଦଳକୁ ସ୍ୱର୍ଣ୍ଣ, ବାଳକଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୩।୨ (କ୍ରୀଡ଼ା ପ୍ରତିନିଧି)**

ମଧ୍ୟପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଖୋ ଖୋ ଇଭେଣ୍ଟରେ ଓଡ଼ିଶା ବାଳିକା ଦଳ ସ୍ୱର୍ଣ୍ଣ ଏବଂ ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ବାଳିକା ଦଳ ଫାଇନାଲରେ ମହାରାଷ୍ଟ୍ରକୁ ୩୨-୨୬ରେ ପରାସ୍ତ କରିଛି। ଅନ୍ୟପକ୍ଷରେ ବାଳକ ଦଳ ବ୍ରୋଞ୍ଜ ପଦକ ମ୍ୟାଚରେ ପଶ୍ଚିମବଙ୍ଗକୁ ୧୪-୧୨ରେ ପରାସ୍ତ କରିଛି। ପ୍ରଥମଥର ପାଇଁ ୟୁଥ୍ ଗେମ୍ସରେ ସାମିଲ ହୋଇଥିବା କାୟାକିଂ ଓ କାନୋଇଂ ଇଭେଣ୍ଟରେ ମଧ୍ୟ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରି ୧୧ଟି ପଦକ ହାସଲ କରିଥିଲା। "ଖୋ ଖୋରେ ଆମ ପିଲାମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏଥିପାଇଁ ଖେଳାଳିଙ୍କ ସହ କୋଚ୍‌ଙ୍କୁ ମଧ୍ୟ ଶ୍ରେୟ ଦେବାକୁ ପଡ଼ିବ। ଉତ୍ତମ କୋଚ୍ ଥିବାରୁ ରାଜ୍ୟ ଦଳ ପଦକ ଜିତିବା ସମ୍ଭବ ହୋଇପାରୁଛି" ବୋଲି ଓଡ଼ିଶା ଖୋ ଖୋ ଦଳର ମ୍ୟାନେଜର ଶାନ୍ତିଲତା ପ୍ରଧାନ ପ୍ରକାଶ କରିଛନ୍ତି।


ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ବାଳିକା ଖୋ ଖୋ ଦଳ।


ଗୁଆହାଟୀଠାରେ ଚାଲିଥିବା ଜାତୀୟ ସିନିୟର ଭଲିବଲରେ ଶୁକ୍ରବାର ପୁଡୁଚେରୀକୁ ହରାଇଥିବା ଓଡ଼ିଶା ମହିଳା ଦଳ।

# ଓଡ଼ିଶା ପୁରୁଷ ଦଳର କ୍ରମାଗତ ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୩।୨ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ଚାଲିଥିବା ୭୧ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ)ରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ନିଜର ପ୍ରଥମ ମ୍ୟାଚରେ ମଣିପୁରକୁ ୩:୧ (୨୫-୨୧, ୨୭-୨୯, ୨୫-୧୧, ୨୫-୧୪)ରେ ହରାଇଥିବା ଓଡ଼ିଶା ଦଳ ଶୁକ୍ରବାର ତ୍ରିପୁରାକୁ ୩:୦ (୨୫-୯, ୨୫-୧୫, ୨୫-୯)ରେ ପରାସ୍ତ କରିଛି।

### ମହିଳା ଦଳ ବିଜୟୀ

ଅନ୍ୟପକ୍ଷରେ ବିଜୟ ସହ ଓଡ଼ିଶା ମହିଳା ଦଳର ଅଭିଯାନ ଆରମ୍ଭ ହୋଇଛି। ନିଜର ପ୍ରଥମ ମ୍ୟାଚରେ ମହିଳା ଦଳ ପୁଡୁଚେରୀକୁ ୩:୦ (୨୫-୧୭, ୨୫-୭, ୨୫-୮) ସେଟ୍‌ରେ ହରାଇ ଦେଇଛି। ଶନିବାର ଓଡ଼ିଶା ପୁରୁଷ ଦଳ ଗୁଜରାଟ ଓ ଜମ୍ମୁ-କଶ୍ମୀରକୁ ଏବଂ ମହିଳା ଦଳ ଲଦାଖ ଓ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଓଡ଼ିଶା ପୁରୁଷ ଦଳ ପୁଲ୍ 'ଇ'ରେ ଗୁଜରାଟ, ତ୍ରିପୁରା, ମଣିପୁର, ଜମ୍ମୁ-କଶ୍ମୀର ଓ ପୁଡୁଚେରୀ ସହିତ ସ୍ଥାନ ପାଇଛି। ସେହିପରି ମହିଳା ଦଳ ପୁଲ୍ 'ଇ'ରେ ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଉତ୍ତରାଖଣ୍ଡ ଓ ଲଦାଖ ସହିତ ସ୍ଥାନିତ ହୋଇଛି।

# ପୁରୀରେ ଜାତୀୟ ସିନିୟର ସଫ୍ଟବଲ


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସୂଚନା ଦେଉଛନ୍ତି।

**ପୁରୀ ଅଫିସ, ୩।୨**

ପୁରୀ ସ୍ପୋର୍ଟ କମ୍ପ୍ଲେକ୍ସରେ ଚଳିତମାସ ୫ରୁ ୯ତାରିଖ ପର୍ଯ୍ୟନ୍ତ ୪୪ତମ ସିନିୟର ଜାତୀୟ ସଫ୍ଟବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟରୁ ୨୬ଟି ବାଳକ ଓ ୨୪ଟି ବାଳିକା ଦଳ ଭାଗନେବେ। ଏଥିସହ ୧୦୦ ଜଣ ଅଫିସିଆଲ ଯୋଗଦେବେ। ପୁରୀ ଜିଲା ପ୍ରଶାସନ ଓ ରାଜ୍ୟ ସଫ୍ଟବଲ ସଂଘର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ ହେବ ବୋଲି ଶୁକ୍ରବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ଖାଦ୍ୟ, ପରିମଳ, ଗମନାଗମନ, କ୍ରୀଡ଼ାବିତ୍‌ଙ୍କ ସୁରକ୍ଷିତ ରହଣି, ଅଗ୍ନି ନିର୍ବାପକ ଓ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗରେ ପଦକ୍ଷେପ ନିଆଯାଇଛି ବୋଲି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ସଫ୍ଟବଲ ସଂଘର ସଭାପତି ଦୀପକ ଗୌଡ଼, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ ଓ ସୌମିତ୍ର ହରିଚନ୍ଦନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ଓଡ଼ିଶା ମୋ' ପରିବାର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଦୃଷ୍ଟିବାଧିତ ମହିଳା କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ତାଲିମ ଶିବିର


କ୍ରିକେଟ ପ୍ରଶିକ୍ଷଣ ଶିବିର ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଦୃଷ୍ଟିବାଧିତ ଛାତ୍ରୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩।୨ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି ଓଡ଼ିଶା) ଓ ସମର୍ଥନମ୍ ଟ୍ରଷ୍ଟ ଫର୍ ଦି ଡିସାବୁଲ୍‌ର ସହଯୋଗରେ ଦୃଷ୍ଟିବାଧିତ ମହିଳାମାନଙ୍କ ନିମନ୍ତେ ୫ ଦିନିଆ କ୍ରିକେଟ୍ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଖୋର୍ଦ୍ଧାର ବାଣପୁରସ୍ଥିତ ନେହେରୁ ସେବାସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନେହେରୁ ସେବା ସଂଘ ଦୃଷ୍ଟିହୀନ ବିଦ୍ୟାଳୟର ୩୦ ଜଣ ଦୃଷ୍ଟିବାଧିତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବାଣପୁର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ମୁଖ୍ୟ ଅତିଥି, ନେହେରୁ ସେବା ସଂଘର ସମ୍ପାଦକ ସରୋଜିନୀ ଦାସ, ନେହେରୁ ସେବା ସଂଘର କୋଷାଧକ୍ଷ ଓମ୍ ପ୍ରକାଶ ଅଗ୍ରୱାଲ, ଖୋର୍ଦ୍ଧା କରାଟେ ଆସୋସିଏଶନ୍‌ର ସମ୍ପାଦକ ଦୀପକ ସାମନ୍ତରାୟ, ନେହେରୁ ସେବା ସଂଘ ପରିସରରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅଧକ୍ଷ ବୀରେନ୍ଦ୍ର ତ୍ରିପାଠୀ, ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘର ସଭାପତି ତଥା ଆନ୍ତର୍ଜାତିକ କ୍ରିକେଟ୍ ତାରକା ମହମ୍ମଦ ଜାଫର ଇକବାଲ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ୍ ଖେଳାଳି ସୁଖରାମ ମାଝି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାଭି ପକ୍ଷରୁ ସମସ୍ତ ଅତିଥିଙ୍କୁ ଉପଢୌକନ ଏବଂ ଦୃଷ୍ଟିବାଧିତଙ୍କ ପାଇଁ ଉଦ୍ଦିଷ୍ଟ କ୍ରିକେଟ୍ ବଲ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ କାଭି ଓଡ଼ିଶାର ପ୍ରଶିକ୍ଷକ ତଥା ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ଖେଳାଳି ଶୁକଦେବ ସରେନ୍ ପ୍ରଶିକ୍ଷଣ ଦେଇଥିଲେ। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘର କର୍ମଚାରୀ ଚିନ୍ମୟ କୁମାର ସାହୁ, ଅଙ୍କିତା ପାଣି ଏବଂ ଶିଲ୍ପା ଷଡ଼ଙ୍ଗୀ ସହଯୋଗ କରିଥିଲେ। ଶେଷରେ ନେହେରୁ ସେବା ସଂଘ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା କୁମାରୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ୧୨-୦ରେ ଭୁଟାନକୁ ହରାଇଲା

**ଢାକା, ୩।୨ (ପି.ଟି.)**

ବଦଳ ଖେଳାଳିଭାବେ ଆସିଥିବା ତିନି ଖେଳାଳିଙ୍କ ହ୍ୟାଟ୍ରିକ ସହାୟତାରେ ଭାରତ ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଭୁଟାନକୁ ୧୨-୦ ଗୋଲରେ ପରାସ୍ତ କରିଛି। ଭାରତର ଏହା ପ୍ରଥମ ମ୍ୟାଚ ଥିଲା। ଖେଳ ଆରମ୍ଭ ସମୟରେ ରିଜର୍ଭ ଖେଳାଳିଭାବେ ବେଞ୍ଚରେ ଥିବା ନେହା (୪୫+୨, ୫୫ ଓ ୯୦ତମ), ଅନିତା କୁମାରୀ (୫୦, ୬୯ ଓ ୭୮ତମ) ଏବଂ ଲିନ୍ଡା କୋମ୍ (୬୧, ୬୩ ଓ ୭୫ତମ) ତିନୋଟି ଲେଖାଏ ଗୋଲ ଦେଇ ଭାରତକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅପୂର୍ଣ୍ଣା ନାର୍ଜି ୨୯ ଓ ୩୬ତମ ମିନିଟରେ ୨ଟି ଏବଂ ନିତୁ ଲିନ୍ଡା ୪୩ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ବାଂଲାଦେଶକୁ ଭେଟିବ।

# ଦଣ୍ଡରୁ ବର୍ତ୍ତିଗଲେ କିର୍ଗିଓସ

**କାନବେରା, ୩।୨**

ଅଷ୍ଟ୍ରେଲିଆର ଟେନିସ ଷ୍ଟାର ତଥା ୨୦୨୨ ୱିମ୍ବେଲଡନ ରନର୍ସଅପ୍ ନିକ୍ କିର୍ଗିଓସ୍ ତାଙ୍କର ଜଣେ ପୂର୍ବତନ ପ୍ରେମିକାଙ୍କୁ ଧକ୍କାମାରି ତଳେ ପକାଇଥିବା ସ୍ୱୀକାର କରିଥିଲେ ମଧ୍ୟ ଦଣ୍ଡରୁ ବର୍ତ୍ତିଯାଇଛନ୍ତି। ଘଟଣାଟି ୨୦୨୧ ଜାନୁୟାରୀ ୧୦ରେ କିର୍ଗିଓସ୍‌ଙ୍କ ପୂର୍ବତନ ପ୍ରେମିକା ଚିଆରା ପାସାରିଙ୍କ ଆପାର୍ଟମେଣ୍ଟ ବାହାରେ ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ବେଳେ ଘଟିଥିଲା। କାନବେରାସ୍ଥିତ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର ହୋଇ ଏହି ୨୭ବର୍ଷୀୟ ଖେଳାଳି ତାଙ୍କ ଦୋଷକୁ ମାନିଯାଇଥିଲେ। କୋର୍ଟରେ କିର୍ଗିଓସଙ୍କ ତରଫରୁ ଜଣେ ମନସ୍ତତ୍ତ୍ୱବିତ୍ କୋର୍ଟରେ କହିଥିଲେ ଘଟଣାଟି ଘଟିଥିବା ସମୟରେ ଟେନିସ୍ ଖେଳାଳି ଜଣକ ଉଦାସୀନତା, ଆତ୍ମହତ୍ୟାମୂଳକ ଓ ନିଦ୍ରାହୀନତା ଆଦି ସମସ୍ୟା ଦେଇ ଗତି କରୁଥିଲେ। ତାଙ୍କ ମାନସିକ ଅବସ୍ଥା ସେତେବେଳେ ଠିକ୍ ନ ଥିଲା। ମାଜିଷ୍ଟ୍ରେଟ୍ ବେଥ୍ କ୍ୟାମ୍ପବେଲ ଶୁଣାଣି ବେଳେ କହିଥିଲେ, ଘଟଣାଟି ଯୋଜନାବଦ୍ଧ ନ ଥିଲା। ଅପରାଧ ସେତେଟା ଗୁରୁତର ନୁହେଁ। ଏହା ମୂର୍ଖତା ଓ ନିରାଶାର ପ୍ରତିଫଳନ ବୋଲି ସେ କହିଥିଲେ। ସେ କୌଣସି ଦଣ୍ଡବିଧାନ କରି ନ ଥିଲେ। କିର୍ଗିଓସଙ୍କର ନିକଟରେ ଆଣ୍ଠୁରେ ଅସ୍ତ୍ରୋପଚାର ହୋଇଛି। କୋର୍ଟକୁ ସେ ଆଶାବାଡ଼ି ସହାୟତାରେ ଆସିଥିଲେ।

# କ୍ରିକେଟରୁ ଯୋଗୀନ୍ଦର ଶର୍ମାଙ୍କ ଅବସର

**ନୂଆଦିଲ୍ଲୀ,୩।୨(ପି.ଟି.)**


ଯୋଗୀନ୍ଦର ଶର୍ମା (ଡାହାଣ)।

ଭାରତର ପୂର୍ବତନ ମିଡିୟମ ପେସ୍ ବୋଲର ଯୋଗୀନ୍ଦର ଶର୍ମା ଶୁକ୍ରବାର କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଟି୨୦ କ୍ରିକେଟ ବିଶ୍ୱକପ୍ ୨୦୦୭ ଫାଇନାଲରେ ସେ ମ୍ୟାଚ ବିଜୟୀ ବୋଲିଂ କରିଥିଲେ। ୩୯ ବର୍ଷୀୟ ଏହି କ୍ରିକେଟର ୨୦୦୪ରୁ ୨୦୦୭ ମଧ୍ୟରେ ଭାରତ ତରଫରୁ ୪ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଖେଳିଥିଲେ। ସେ ୫ଟି ଉଇକେଟ ନେଇଥିଲେ। ଘରୋଇ କ୍ରିକେଟରେ ସେ ହରିୟାଣା ତରଫରୁ ଖେଳିଥାନ୍ତି। ଉଦ୍‌ଘାଟନୀ ଟି୨୦ ବିଶ୍ୱକପ୍ ଫାଇନାଲରେ ତତ୍କାଳୀନ ଅଧିନାୟକ ଏମ୍.ଏସ୍. ଧୋନୀ ଅନଭିଜ୍ଞ ଶର୍ମାଙ୍କୁ ବୋଲିଂ କରିବା ଲାଗି ଦେଇଥିଲେ। ମିସ୍‌ବା ଉଲ ହକ୍‌ଙ୍କ ନେତୃତ୍ୱରେ ପାକିସ୍ତାନ ସେତେବେଳେ ବିଜୟ ପାଇଁ ଅଗ୍ରସର ହେଉଥିଲା। ଦଳ ମ୍ୟାଚ ଜିତିବା ଲାଗି ଶେଷ ୪ ବଲ୍‌ରେ ୬ରନ ଆବଶ୍ୟକ କରୁଥିଲା। ମାତ୍ର ମିସ୍‌ବା ଉଲ୍ ଯୋଗୀନ୍ଦରଙ୍କ ବଲ୍‌ରେ ଏକ ସ୍କୁପ୍ ଶଟ ଖେଳିବାକୁ ଯାଇ ଶର୍ଟ ଫାଇନ୍-ଲେଗ୍‌ରେ ଫିଲ୍ଡିଂ କରୁଥିବା ଶ୍ରୀସନ୍ତଙ୍କୁ ଏକ ସହଜ କ୍ୟାଚ ଦେଇଥିଲେ। ଫଳରେ ପାକିସ୍ତାନ ଅଲ୍ ଆଉଟ ହୋଇଯାଇଥିବା ବେଳେ ଭାରତ ବିଜୟ ସହ ଟ୍ରଫି ହାସଲ କରିଥିଲା। ତେବେ ଭାରତ ପାଇଁ ଯୋଗୀନ୍ଦରଙ୍କ ଏହା ଶେଷ ମ୍ୟାଚ ଥିଲା। ପୋଲିସ ଚାକିରିରେ ଯୋଗ ଦେବା ପୂର୍ବରୁ ସେ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଖେଳୁଥିଲେ। ସେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀରେ କାର୍ଯ୍ୟରତ। ଗତ ବର୍ଷ ସେପ୍ଟେମ୍ବରରେ ସେ ଲିଜେଣ୍ଡ୍ସ ଲିଗ୍‌ରେ ଅଂଶଗ୍ରହଣ କରିଥିଲେ।

# ମାର୍ଚ୍ଚ ୧୮ରେ ହେବ ଆଇଏସ୍ଏଲ୍ ଫାଇନାଲ

**ନୂଆଦିଲ୍ଲୀ,୩।୨(ପି.ଟି.):** ଚଳିତ ସିଜନ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇଏସ୍ଏଲ୍)ର ଫାଇନାଲ ମ୍ୟାଚ ମାର୍ଚ୍ଚ ୧୮ରେ ଖେଳାଯିବ ବୋଲି ଆୟୋଜକ ଗଣ ଶୁକ୍ରବାର ଘୋଷଣା କରିଛନ୍ତି। ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଚତୁର୍ଥ ଓ ପଞ୍ଚମ ଦଳ ଏବଂ ତୃତୀୟ ଓ ଷଷ୍ଠ ଦଳ ମଧ୍ୟରେ ଦୁଇଟି ୱାନ ଲେଗ୍ ବିଶିଷ୍ଟ ପ୍ଲେ-ଅଫ୍ ମ୍ୟାଚ ଯଥାକ୍ରମେ ମାର୍ଚ୍ଚ ୩ ଓ ୪ରେ ଖେଳାଯିବ। ୪ ହୋମ୍ ଓ ଆୱେ ସେମିଫାଇନାଲ ମ୍ୟାଚଗୁଡ଼ିକ ମାର୍ଚ୍ଚ ୭, ୯, ୧୨ ଓ ୧୩ରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଦୁଇ ଶ୍ରେଷ୍ଠ ଦଳ ଆପେ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଫାଇନାଲ ଭେନ୍ୟୁ ପରେ ଘୋଷଣା କରାଯିବ। ମୁମ୍ବାଇ ସିଟି ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇସାରିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ